

ଭୁଲ୍‌ଭୁଲେୟା ୪ରେ ଅନନ୍ୟା

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-130 ♦THURSDAY ♦6 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୦ ♦ଗୁରୁବାର ♦୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଜୋହରାନ୍ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ

■ **ଭୁବନେଶ୍ୱର/ନ୍ୟୁୟର୍କ, ୫ା୧୧ (ସମିସ):** ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ନ୍ୟୁୟର୍କ ମେୟର ଭାବେ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି । ଗତକାଲି ଅନୁଷ୍ଠିତ ନିର୍ବାଚନରେ ସେ ନ୍ୟୁୟର୍କର ପୂର୍ବତନ ଗଭର୍ଣ୍ଣର ତଥା ନିର୍ଦ୍ଦଳୀୟ ପ୍ରାର୍ଥୀ ଆଣ୍ଡ୍ରୁ କୁଓମୋଙ୍କୁ ପରାସ୍ତ କରିଛନ୍ତି । ତାଙ୍କୁ ୫୦.୪ ପ୍ରତିଶତ ମତଦାନ ମିଳିଥିଲା ବେଳେ କୁଓମୋ ୪୧ ପ୍ରତିଶତ ମତଦାନ (୮.୫ ଲକ୍ଷ ଭୋଟ୍) ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଡେମୋକ୍ରାଟିକ ପ୍ରାର୍ଥୀ ମମ୍‌ଦାନୀଙ୍କୁ ହରାଇବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଛି । କେବଳ ଏତିକି ନୁହେଁ; ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ କର୍ଟିସ୍ ସ୍ଲିୱା ତୃତୀୟ ସ୍ଥାନକୁ ଖସିଯାଇଛନ୍ତି । ରିପବ୍ଲିକାନ ପ୍ରାର୍ଥୀ କର୍ଟିସ ସିଲୱା ମାତ୍ର ୭.୧ ପ୍ରତିଶତ ଭୋଟ (୧.୪୫ ଲକ୍ଷ) ପାଇଛନ୍ତି । ଏହାକୁ ଟ୍ରମ୍ପଙ୍କ ପାଇଁ ଝଟ୍‌କା ବୋଲି କୁହାଯାଉଛି । ଏହି ବିଜୟ ସହିତ ମମ୍‌ଦାନୀ ହେଉଛନ୍ତି ନ୍ୟୁୟର୍କର ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ-ଆମେରିକୀୟ ମୁସ୍‌ଲିମ୍ ମେୟର ।

**ଓଡ଼ିଶା ସଂପର୍କ**

**ରାଉରକେଲାରେ ଜନ୍ମ ହୋଇଥିଲେ ମମ୍‌ଦାନୀଙ୍କ ମାଆ ମୀରା ନାୟାର**

**ଅଜା ଅମୃତଲାଲ୍ ନାୟାର ଥିଲେ ସୁନ୍ଦରଗଡ଼ର ଜିଲ୍ଲାପାଳ**

**ଶୁଭେଚ୍ଛା ଜଣାଇଲେ ନବୀନ**



ମମ୍‌ଦାନୀ ମେୟର ନିର୍ବାଚିତ ହେବାପରେ ଓଡ଼ିଶା ସହିତ ତାଙ୍କ ପରିବାରର ସଂପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ୩୪ବର୍ଷୀୟ ଜୋହରାନ୍ ମମ୍‌ଦାନୀ ହେଉଛନ୍ତି ସୁନ୍ଦରଗଡ଼ର ପୂର୍ବତନ ▶ପୃଷ୍ଠା-୭

# ମହାକାଶରେ ଡାଟା ସେଣ୍ଟର ନିର୍ମାଣ କରିବ ଗୁଗଲ୍

■ **ୱାଶିଂଟନ୍, ୫ା୧୧(ଏଜେନ୍ସି):** ଟେକ୍ ଜାଏଣ୍ଟ ଗୁଗଲ୍ ଏବେ ମହାକାଶରେ ଏକ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯୋଜନା କରୁଛି । ଏହି ପ୍ରୋଜେକ୍ଟକୁ 'ସନ୍ କ୍ୟାଚର୍' ' ନାମ ଦିଆଯାଇଛି । ଗୁଗଲ୍ ସିଇଓ ସୁନ୍ଦର ପିଚାଇ ଏକ୍ସ' ରେ ଏକ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି । ଏହି ପ୍ରୋଜେକ୍ଟ ଅନ୍ତର୍ଗତ, ଗୁଗଲ୍ ସୌର ପ୍ୟାନେଲ୍ ସହିତ ସଜ୍ଜିତ ସାଟେଲାଇଟ୍ ମହାକାଶକୁ ପଠାଇବ । ଏହାର ଅର୍ଥ ହେଉଛି ସେମାନେ ଶକ୍ତି ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିବେ । କାରଣ ପୃଥିବୀରେ ଥିବା ଡାଟା ସେଣ୍ଟରଗୁଡ଼ିକ ବିଦ୍ୟୁତ୍, ପାଣି ଏବଂ ସ୍ଥାନ ସହିତ ବଢୁଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସାଟେଲାଇଟ୍‌ଗୁଡିକ ଏଆଇ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଗୁଗଲ୍‌ର ସର୍ବଶେଷ ଏଆଇ ଚିପ୍ସ, ଟ୍ରିଲିୟମ୍‌ଟିପିୟୁଏସ୍ ସହିତ ସଜ୍ଜିତ ହେବ । ଏହି ସାଟେଲାଇଟ୍ ଗୁଡିକ ଫ୍ରି-ସ୍ପେସ୍ ଅପ୍ଟିକାଲ୍ ଲିଙ୍କ୍ ନାମକ ଏକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରସ୍ପର ସହିତ ସଂଯୋଗ ହେବେ । ଗୁଗୁଲ୍ କହିଛି ଯେ ୮୧ ଟି ଉପଗ୍ରହର କ୍ଲଷ୍ଟର ମାତ୍ର ୧ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଉଡ଼ିବ, ଯାହା ଡାଟା ସ୍ଥାନାନ୍ତରକୁ ସହଜ କରିବ । ଏହାର ଅର୍ଥ ହେଉଛି ସେମାନେ ଲେଜର ଆଲୋକ ବ୍ୟବହାର କରି କୌଣସି ଓ୍ୱାୟର ବିନା ହାଇ-ସ୍ପିଡ୍ ଡାଟା ସେୟାର କରିବେ । ସରଳ ଭାଷାରେ, ପୃଥିବୀରେ ବିଦ୍ୟୁତ୍ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଏଡାଇବା ପାଇଁ ଗୁଗଲ୍ ମହାକାଶରେ ସୂର୍ଯ୍ୟର ମୁକ୍ତ ଶକ୍ତିକୁ ବ୍ୟବହାର କରି ଏଆଇକୁ ସୁପରଫାଷ୍ଟ କରିବାକୁ ଚାହୁଁଛି ।

ଏ ସମ୍ପର୍କରେ ଗୁଗଲ୍ ର ବରିଷ୍ଠ ନିର୍ଦ୍ଦେଶକ ଟ୍ରାଭିସ୍ ବିଲ୍ସ କହିଛନ୍ତି ଯେ ସୂର୍ଯ୍ୟ ହେଉଛି ଆମର ସୌରମଣ୍ଡଳ ପାଇଁ ସର୍ବୋତ୍ତମ ଶକ୍ତି ଉତ୍ସ, ଯାହା ବିଶ୍ୱର ମୋଟ ▶ପୃଷ୍ଠା-୭



**ପ୍ରୋଜେକ୍ଟ 'ସନ୍ କ୍ୟାଚର୍' ଘୋଷଣା**

**୨୦୨୭ରେ ଲଞ୍ଚ୍ ହେବ ୨ ପ୍ରୋଟୋଟାଇପ୍ ସାଟେଲାଇଟ୍**

# 'ବ୍ଲାକ୍‌ଲିଷ୍ଟ' ସଂସ୍ଥାକୁ ଆଦର

## ଗାଡ଼ିରେ ଭିଏଲ୍‌ଟିଡି ଲଗାଇବ ସିଡିଏସି



**ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ କୋହଳ ହୋଇଛି ସବୁ ସରକାରୀ ନିୟମ**

**ବିଏସ୍‌ଏନ୍‌ଏଲ୍‌କୁ ଛାଡ଼ି ଘରୋଇ ସଂସ୍ଥା ସହ ଚୁକ୍ତି ଯୋଜନାକୁ ନେଇ ଉଠିଲା ପ୍ରଶ୍ନ**

■ **ଭୁବନେଶ୍ୱର, ୫ା୧୧ (ସମିସ):** ଦେଶକୁ ଦୋହଲାଇ ଦେଇଥିବା ନିର୍ଭୟା ଘଟଣା ପରେ ସୁପ୍ରିମକୋର୍ଟ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବିଭିନ୍ନ ରାଜ୍ୟ ସରକାର ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ଭିଏଲ୍‌ଟିଡି ଲଗାଉଛନ୍ତି । ଓଡ଼ିଶାରେ ଏଯାଏ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ହୋଇ ସାରିଛି ଓ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିରେ ଏହି ଯନ୍ତ୍ରାଂଶ ଲଗାଯିବାକୁ ବାକିଅଛି । ସମ୍ପ୍ରତି ଏହି ଯନ୍ତ୍ରାଂଶ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ସିଡ଼ିଏସି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛି ଓ ଦିନେ ଦୁଇଦିନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ସୂଚନା ମିଳିଛି । ମାତ୍ର ପଞ୍ଜାବରେ କଳାତାଲିକାଭୁକ୍ତ ହୋଇଥିବା ଓ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପଶ୍ଚିମବଙ୍ଗରେ ଜୋରିମାନା ଦେଇଥିବା ଏହି ସଂସ୍ଥାପ୍ରତି ରାଜ୍ୟ ପରିବହନ ବିଭାଗର ଅହେତୁକ ଆଦର ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ରାଜ୍ୟରେ ଭିଏଲ୍‌ଟିଡ଼ି ବ୍ୟବସ୍ଥାରେ ସହଭାଗୀ ହେବା ନିମନ୍ତେ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) ଏବଂ ଟିସିଆଇଏଲ୍ ଭଳି ଦୁଇଟି ରାଷ୍ଟ୍ରାୟତ୍ତ ସଂସ୍ଥା ଆଗ୍ରହ ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ । ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜୀକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି ପଞ୍ଜୀକରଣ କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ହେଲେ ସିଡିଏସି କ୍ଷେତ୍ର ।।ରେଏହାରବ୍ୟତିକ୍ରମହୋଇଛି ।କାରଣ 'ସିଡିଏସି' ଟ୍ରଷ୍ଟ ଆଇନ୍ ଅନୁସାରେ ଓ ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା । ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି । ସେହିପରି ପଞ୍ଜାବ ସରକାର ମଧ୍ୟ ଏହି ସଂସ୍ଥାକୁ ପ୍ରଶ୍ନପତ୍ର ଲିକ୍ ମାମଲାରେ କଳାତାଲିକା ଭୁକ୍ତ କରିଛନ୍ତି । ସେହିପରି ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ଦିଆଯାଇଥିବା କୋଟେସନ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସ ।।ତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିନାମା କରିବ । ସମସ୍ତ ଯୋଗ୍ୟତା ସ ।।ତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ ସିଡିଏସି କାର୍ଯ୍ୟଭାର ଦିଆଯିବାକୁ ନେଇ ଏକ ବଡ଼ ହେରଫେର ▶ପୃଷ୍ଠା-୭




# ୭ରେ ପୁଣି ନୂଆପଡ଼ା ଯିବେ ନବୀନ

■ **ଭୁବନେଶ୍ୱର, ୫ା୧୧ (ସମିସ):** ଆସନ୍ତା ୭ ତାରିଖରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ୱିତୀୟଥର ପାଇଁ ନୂଆପଡ଼ା ଗସ୍ତରେ ଯିବେ । ବୁଧବାର ନବୀନ ଏ ନେଇ ନିଜେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି । ନୂଆପଡ଼ାବାସୀଙ୍କୁ ଜୁହାର ଜଣାଇ ନବୀନ କହିଛନ୍ତି ଯେ କୋମନାର ସଭା ଲାଗି ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ । ମୁଁ ପୁଣିଥରେ ୭ ତାରିଖ ନୂଆପଡ଼ା ଆସୁଛି । ନୂଆପଡ଼ା ଆଉ ଖରିଆର ରୋଡ ଯିବି । ଆପଣମାନଙ୍କ ସହ ଦୁଇପଦ କଥା ହେବି । ଆଉ ଆଶୀର୍ବାଦ ମାଗିବି ବୋଲି ନବୀନ କହିଛନ୍ତି । ସୂଚନା ଅନୁଯାୟୀ ନବୀନ ୭ ତାରିଖରେ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବାର କାର୍ଯ୍ୟକ୍ରମ ରହିଛି ।

**ଆଜି ପ୍ରଚାର କରିବେ ମୋହନ-ବିଷ୍ଣୁଦେବ**

ଗତ ୩ ତାରିଖରେ ନବୀନ ନୂଆପଡ଼ା କୋମନା ବ୍ଲକ ଅନ୍ତର୍ଗତ ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ । ସମାବେଶ ।।ରେନବୀନରାଜ୍ୟ ▶ପୃଷ୍ଠା-୭

### ୭ରେ ଆସିବେନି ରେବନ୍ତ!

**ସନ୍ଦେହରେ ସଚିନ ପାଇଲଟ୍ ଓ କହ୍ନେୟାଙ୍କ ଗସ୍ତ**

■ **ଭୁବନେଶ୍ୱର, ୫ା୧୧ (ସମିସ):** ଆସନ୍ତା ୭ ତାରିଖରେ ନୂଆପଡ଼ା ଗସ୍ତରେ ଆସି ନ ପାରନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ । ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ୍ ଭିକ୍ଷା କରିବା ନେଇ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା; ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଗସ୍ତ ସମ୍ପର୍କରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ▶ପୃଷ୍ଠା-୭

# ରାଜ୍ୟରେ ପହିଲି ଶୀତ

■ **ଭୁବନେଶ୍ୱର, ୫ା୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ । ଗତ ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିଛି । ଏହାଦ୍ୱାରା ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି । ଗତ ୨୪ ଘଣ୍ଟାରେ ଫୁଲବାଣୀ ୧୨.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି ଏଠାରେ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ପ୍ରାୟ ୨.୫ ଡିଗ୍ରୀ ଖସିଛି । ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୧୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୩.୩ ଡିଗ୍ରୀ ତାପମାତ୍ରା କମି ୧୪.୫ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତତୀ ଅନୁଗୁଳ, ରାଉରକେଲା, କେନ୍ଦୁଝର ଓ ଢେଙ୍କାନାଳରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି । ବଡ଼ କଥା ହେଉଛି ଯେ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳରେ ୬.୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି । ଏହା ବ୍ୟତୀତ ଦେଶର ରାଜଧାନୀ ନୂଆଦିଲ୍ଲୀଠାରୁ ରାଜ୍ୟର ରାଜଧାନୀରେ ଅଧିକ ଥଣ୍ଡା ଅନୁଭୂତ ହୋଇଛି । ଆଜି ରାଜଧାନୀ ଦିଲ୍ଲୀରେ (ସଫଦରଜଙ୍ଗ) ▶ପୃଷ୍ଠା-୭

**୧୨ ଡିଗ୍ରୀକୁ ଖସିଲା ତାପମାତ୍ରା**

# ଆଜି ବିହାରରେ ଭୋଟ୍

## ପ୍ରଥମ ପର୍ଯ୍ୟାୟରେ ୧୨୧ ଆସନରେ ହେବ ମତଦାନ

■ **ପାଟନା, ୫ ା୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ଆସନ୍ତାକାଲି ଗୁରୁବାର ଦିନ ହେବାକୁ ଯାଉଛି ପ୍ରଥମ ପର୍ଯ୍ୟାୟ ମତଦାନ । ରାଜ୍ୟର ୧୮ଟି ଜିଲ୍ଲାର ୧୨୧ଟି ନିର୍ବାଚନମଣ୍ଡଳୀରେ ମତଦାନ ହେବ । ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ୧୧ତାରିଖରେ ଅବଶିଷ୍ଟ ଆସନରେ ଭୋଟ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩ କୋଟି ୭୫ ଲକ୍ଷ ଭୋଟର । ଆସନ୍ତାକାଲି ଯେଉଁ ନେତାମାନଙ୍କର ଭାଗ୍ୟ ନିର୍ଦ୍ଧାରିତ ହେବ ସେମାନଙ୍କ ମଧ୍ୟରେ ଅଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ, ତାଙ୍କ ଭାଇ ତେଜପ୍ରତାପ ଯାଦବ, ବିଜେପି ନେତା ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା ଓ ଅନନ୍ତ ସିଂହ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସାମିଲ ଥିବା ୧୮ଟି ଜିଲ୍ଲା ହେଲା ପାଟନା, ଭୋଜପୁର, ବକ୍ସର, ଗୋପାଳଗଞ୍ଜ, ସିବାନ, ସାରନ, ମୁଜାଫରପୁର, ବୈଶାଳୀ, ସମଷ୍ଟିପୁର, ମାଧେପୁରା, ସହର୍ଷା, ଖାଗାରିଆ, ବେଗୁସରାଇ, ମୁଙ୍ଗେର, ଲକ୍ଷିସରାଇ, ଶେଖପୁରା ଓ ନାଳନ୍ଦା । ଏହି ନିର୍ବାଚନରେ ଦରଭଙ୍ଗା, ମୁଙ୍ଗେର ଓ ପାଟନା ଡିଭିଜନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି । ଶାସକ ଏନ୍‌ଡିଏରୁ ଜେଡିୟୁ ୫୭, ବିଜେପି ୪୮, ଏଜେପି (ରାମ ବିଳାଶ) ୧୩, ଆରଏଲ୍‌ଏମ୍ ୨, ହାମ୍ ଗୋଟିଏ ଆସନରେ ପ୍ରାର୍ଥୀ ଦେଇଛନ୍ତି । ସେହିପରି ଇଣ୍ଡିଆ ମହାମେଣ୍ଟ ପକ୍ଷରୁ ଆରଜେଡି ୭୨, କଂଗ୍ରେସ ୨୪, ସିପିଆଇ(ଏମ୍‌ଏଲ) ୧୪ ଓ ଭିଆଇପି ଏବଂ ସିପିଆଇ ୬ଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି ।



**ତେଜସ୍ୱୀ, ତେଜପ୍ରତାପଙ୍କ ସମେତ ୧, ୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**

### ଓପିଏସ୍ ନିଯୁକ୍ତି ଆଶାୟୀ ନିରାଶ

# କେବଳ ପଦୋନ୍ନତିରେ ୮୯% ପଦ ପୂରଣ

■ **ଭୁବନେଶ୍ୱର, ୫ା୧୧ (ସମିସ):** ରାଜ୍ୟରେ ଖାଲି ପଡ଼ିଛି ଶତାଧିକ ଓଡ଼ିଶା ପୁଲିସ ସେବା (ଓପିଏସ୍) ପଦ । ହେଲେ ନୂତନ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । କେବଳ ପଦୋନ୍ନତି ମାଧ୍ୟମରେ ଓପିଏସ୍ ଅର୍ଦ୍ଧାଧିକ ପଦ ପୂରଣ କରାଯାଉଛି । ଯାହାକୁ ଆଶାୟୀମାନେ ଦୃଢ଼ ବିରୋଧ କରିଛନ୍ତି । ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ସମୟରେ ପର୍ଯ୍ୟାପ୍ତ ଓପିଏସ୍ ପଦ ବାହାର କରିବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନା ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୯୦୮ ଜଣ ଓପିଏସ୍ ଅଧିକାରୀ ପଦ ପୂରଣ କରାଯାଇଛି । ହେଲେ ତନ୍ମଧ୍ୟରୁ ୮୦୬ଟି ପଦରେ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ଦିଆଯାଇ ଓପିଏସ୍ ପଦ ପୂରଣ କରାଯାଇଛି । ସେମାନଙ୍କୁ ଡିଏସ୍‌ପି ଭାବେ ଅବସ୍ଥାପିତ କରାଯାଉଛି । ଅନୁରୂପ ଭାବେ ଠିକ୍ ଏହି ସମୟ ଅବଧି ମଧ୍ୟରେ ମାତ୍ର ୧୦୨ ଜଣ ପ୍ରାର୍ଥୀଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି । ଅର୍ଥାତ୍ ମାତ୍ର ୧୧ ପ୍ରତିଶତ ପଦରେ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଭାବେ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୧ ପ୍ରତିଶତ ନୂତନ ପିଲାଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି**

**ନିଯୁକ୍ତି ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

### ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ

# ସରିଲା ରିମାଣ୍ଡ ଅବଧି; ଜେଲ୍ ଗଲେ ମୁନା ସମେତ ୩ ଦଲାଲ

■ **ବ୍ରହ୍ମପୁର, ୫ା୧୧(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ ଓ ଲୋକନାଥ ସାହୁଙ୍କ ୫ଦିନିଆ ରିମାଣ୍ଡ ଶେଷ ପରେ ବୁଧବାର କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରେ ହାଜର କରି ବ୍ରହ୍ମପୁର ଜେଲ୍‌କୁ ପଠାଇଦେଇଛି ।

ଏମାନଙ୍କୁ କଟକରେ ଜେରା ପରେ ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିଲା । ସେହିପରି ମଙ୍ଗଳବାର ସନ୍ଧ୍ୟା ୫ଟା ୨୦ରେ କ୍ରାଇମବ୍ରାଞ୍ଚ ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ବାଲେଶ୍ୱରର ଦଲାଲ ଅରବିନ୍ଦ ଦାଶଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି । ଉଭୟ ଶଙ୍କର ଓ ଅରବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି ରୁରାଲ କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରିଥିଲା । ତେବେ ପିଟିସନର ଶୁଣାଣି କରି କୋର୍ଟ ▶ପୃଷ୍ଠା-୭

**ଶଙ୍କର ଓ ଅରବିନ୍ଦଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା**

# ଓସିଏର ଖର୍ଚ୍ଚ ଅପର୍ଯ୍ୟାପ୍ତ; ଫଳ 'ଅପଯଶ'

## ଜାତୀୟ କ୍ରିକେଟରେ ପରିଚୟ ଖୋଜୁଛି ଓଡ଼ିଶା

■ **ଭୁବନେଶ୍ୱର, ୫ା୧୧ (ସମିସ):** କ୍ରିକେଟ ଏବେ ଦେଶର ସବୁଠାରୁ ଲୋକପ୍ରିୟ ଖେଳ । ଏହି ଖେଳରେ ରହିଛି ଅର୍ଥ, ସମ୍ମାନ ଓ ପ୍ରତିଷ୍ଠାର ସୁଯୋଗ । ଏଥିଲାଗି ଯୁବପିଢ଼ି ଏହି ଖେଳ ପଛରେ ପଡ଼ିଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ଓଡ଼ିଶାର ଯୁବ ପିଢ଼ି ଓ କର୍ମକର୍ତ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଭିତ୍ତିଭୂମି, ପ୍ରତିଭା, ସୁବିଧା ସୁଯୋଗ ସବୁକିଛି ଓଡ଼ିଶାରେ ଉପଲବ୍ଧ ଥିଲେ ମଧ୍ୟ ଆଶା ଅନୁଯାୟୀ ସଫଳତା ମିଳୁନାହିଁ । ଦିନେ ବିଶ୍ୱସ୍ତରୀୟ କ୍ରିକେଟରଙ୍କୁ ସୃଷ୍ଟି କରିଥିବା ଓଡ଼ିଶା ଏବେ ଜାତୀୟ କ୍ରିକେଟରେ ନିଜର ପରିଚୟ ଖୋଜୁଛି ।

ରାଜ୍ୟ କ୍ରିକେଟ ପରିଚାଳନାର ଭାର ବହନ କରୁଛି ଓଡ଼ିଶା କ୍ରିକେଟ ସଂଘ ବା ଓସିଏ । ଓଡ଼ିଶାରେ ରହିଥିବା ସୁବିଧା ସୁଯୋଗକୁ ସଫଳତାରେ ରୂପାନ୍ତରିତ କରିପାରୁନାହିଁ । ଦଳର ଏଭଳି ବିଫଳତା ଲାଗି ଓସିଏ ନିଜ ଉପରକୁ ଦୋଷୀ ନେଉନାହିଁ । ଭିଜନ-୨୦୨୪ ଅନୁଯାୟୀ ସମଗ୍ର ରାଜ୍ୟରେ ଭିତ୍ତିଭୂମି ସଜାଡିବା, ପ୍ରତିଭା ଚିହ୍ନଟ କରି ଅତ୍ୟାଧୁନିକ ଓ ଉନ୍ନତ ପ୍ରଶିକ୍ଷଣ ଦେଇ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି କରିବାରେ ଓସିଏ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହି ଘୋଷଣା ଏଯାଏ କାର୍ଯ୍ୟକାରୀ ହୋଇପାରିନି; କିନ୍ତୁ କୋଟି କୋଟି ଟଙ୍କା ବ୍ୟୟ ହୋଇଛି । ଏହି ଘଟଣା ଓସିଏର ପାରିବା ପଣିଆକୁ ପଦାରେ ପକାଇ ଦେଇଛି । ଏଭଳି ଅନେକ ପ୍ରସଙ୍ଗ ଏବେ କ୍ରିକେଟପ୍ରେମୀଙ୍କୁ ବ୍ୟଥିତ କରିଛି । ସବୁଠୁ ଅଧିକ ବ୍ୟଥିତ କରିଛି ଚଳିତବର୍ଷ ରଣଜୀ ଟ୍ରଫିର ପ୍ରଥମ ୩ଟି ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ । କ୍ରିକେଟରେ ୩ଟି ଫର୍ମାଟ ଖେଳାଯାଉଥିଲା ବେଳେ ୪ ଦିନରେ ଖେଳାଯାଉଥିବା ରଣଜୀ ଟ୍ରଫିକୁ ଦେଶର ସର୍ବଶ୍ରେଷ୍ଠ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୋଲି ବିବେଚନା କରାଯାଏ । ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯାଏ ଓ ଦଳର ଶକ୍ତି ଆକଳନ ହୁଏ । ▶ପୃଷ୍ଠା-୭

**ଭୋଟ୍ ରାଜନୀତିରେ ଫସିଛି ଖେଳାଳିଙ୍କ ଭାଗ୍ୟ!**

**ଅଣଓଡ଼ିଆ ପ୍ରଶିକ୍ଷକଙ୍କୁ ନେଇ ବଢୁଛି ଅସନ୍ତୋଷ**

# ଚାଲିଛି ବେଧଡ଼କ ମୋରମ୍ ଲୁଟ୍; ପ୍ରଶାସନ ଚୁପ

ବଡ଼ଚଣା, ୫।୧୧(ସମିସ)



ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ମାଫିଆମାନେ ସକ୍ରିୟ ହୋଇ ବେଧଡ଼କ ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ଲୁଟ୍ କରିବାରେ ଲାଗିଛନ୍ତି। ବିଶେଷକରି ବାଲିଚନ୍ଦ୍ରପୁର ଥାନା ଅଧୀନରେ ଥିବା ମାଣ୍ଡୁକା ପାହାଡ଼ରୁ ମୋରମ୍ ଚାଲାଣ, ଚଣ୍ଡିଆ ମୂର୍ତ୍ତୀ ପଥର ଚୋରା ଚାଲାଣ, ଧାଉଡ଼ିଆପଦାରୁ ଚୋରା ମୋରମ ଚାଲାଣ ଓ ଶୁଖୁଆପଡ଼ା ପାହାଡ଼ରୁ ଖଣ୍ଡେଲାଇଟ ପଥର ଓ ମୋରମ ଚୋରା ଚାଲାଣ କଥା ସମସ୍ତେ ଜାଣୁଛନ୍ତି। ହେଲେ ବିଭିନ୍ନ ସମୟରେ ଏହାକୁ ନେଇ ବିବାଦ ସୃଷ୍ଟି ହେଉଥିଲେ ହେଁ ଏହାକୁ ରାଜନୈତିକ ଗୋଷ୍ଠୀ ବିବାଦର ଆଖ୍ୟା ଦିଆଯାଇ ଅଣଦେଖା କରାଯାଉଛି। ଏଥିପ୍ରତି ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନଥିବାରୁ ଏହା ଦିନକୁ ଦିନ ବୃଦ୍ଧି ପାଉଛି ଓ ଏହି ଚୋରା ଚାଲାଣ ପାଇଁ ମଧ୍ୟ ବିଭିନ୍ନ ସମୟରେ ହିଂସା ସୃଷ୍ଟି ହେଉଛି। ଏ ସବୁ ଘଟଣା ଖୋଲାଖୋଲି ହେଉଥିବା ବେଳେ ମଧ୍ୟ ସ୍ଥାନୀୟ ବାଲିଚନ୍ଦ୍ରପୁର ପୁଲିସ ଓ ଦର୍ପଣ ତହସିଲ ସମ୍ପୂର୍ଣ୍ଣ ଆଖି ବୁଜିଦେଇଛି। ଯାଜପୁର ଜିଲ୍ଲା ଡିଡି ମାଇନ୍ସ ପକ୍ଷରୁ ତିନୋଟି ମୋରମ ବୋଝେଇ ହାଇୱା ମାଣ୍ଡୁକା ମୋରମ ଖାଦାନ ନିକଟରୁ କୌଣସି ସରକାରୀ ଦସ୍ତାବିଜ ନ ଥିବା ବେଳେ ବେଆଇନ ଗାଡ଼ିକୁ ଜବତ କରାଯାଇଥିଲେ। କିନ୍ତୁ ବାଲିଚନ୍ଦ୍ରପୁର ଥାନାରେ ଗୋଟିଏ ଗାଡ଼ି ମଙ୍ଗଳବାର ଦିନ ହସ୍ତାନ୍ତର କରିଥିଲେ। ଏ ନେଇ ଜିଲ୍ଲା ଖଣି ଅଧିକାରୀ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ଷ୍ଟାପ୍ ଯାଇଥିଲେ। ମୁଁ ଯାଇନଥିବା ଏବଂ ସେମାନେ ରିପୋର୍ଟ କଲା ପରେ ଜଣା ପଡ଼ିବ କହିଥିଲେ। ଠିକ୍ ସେହି ମଙ୍ଗଳବାର ସନ୍ଧ୍ୟାରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନର ଟିଆଇ ଯୁଗଳ କିଶୋର ତିରିଆ କୃଷ୍ଣଦାସପୁର ଛକ ଠାରେ ଗାଡ଼ି ଚେକିଂ କରୁଥିବା ସମୟରେ ଦୁଇଟି ହାଇୱା ଜବତ କରିଥିଲେ। ସୁଦ୍ଧା ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିଲେ। ତାଙ୍କୁ ପଚାରିବାରୁ ମୋ ପାଖରେ ଷ୍ଟାପ୍ କମଥିବାରୁ ସେ ଛାଡ଼ି ଦେଇଥିବା କହି ଏଡ଼ାଇ ଦେଇଥିଲେ। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର ସାହୁଙ୍କୁ ପଚାରିବାରୁ ସେ କୌଣସି ତଥ୍ୟ ପାଇନଥିବା କହିଥିଲେ। ଚୋରା ଚାଲାଣ ସମ୍ପର୍କିତ ଖବର ବାରମ୍ବାର ଗଣମାଧ୍ୟମ ପ୍ରକାଶ କରୁଥିଲେ ମଧ୍ୟ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ମାଫିଆ ମାନଙ୍କୁ ସହଯୋଗ କରୁଥିବା ଆଲୋଚନା ହେଉଛି। ପ୍ରଶାସନର ଏଭଳି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି।

## ନାଳ ଭିତରକୁ ପଶିଗଲା ହାଇୱା



କବାଟବନ୍ଧ, ୫।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବାଘୁଆ ଛକ ନିକଟରେ ଏକ ଚିପ୍ସ ବୋଝେଇ ହାଇୱା ରାସ୍ତା କଡ଼ରେ ଥିବା ନାଳରେ ପଶି ଯାଇଥିବା ଦେଖିବାକୁ ମିଳିଛି। ଏଥିରେ ଗାଡ଼ିର ଡ୍ରାଇଭର ସୁରକ୍ଷିତ ଥିବା ଶୁଣିବାକୁ ମିଳୁଛି। ସୂଚନା ମୁତାବକ ଗତକାଲି ମଙ୍ଗଳବାର ରାତି ସମୟରେ କୁସୁନପୁର କ୍ରସର ନିକଟରୁ ଚିପ୍ସ ବୋଝେଇ ହାଇୱା ୫୩ ନମ୍ବର ଜାତୀୟ ରାଜପଥ ଆଡ଼କୁ ଯାଉଥିବା ସମୟରେ ବାଘୁଆ ଛକ ନିକଟରେ ଭାରଶ୍ୟାମ ହରାଇ ରାସ୍ତା ତଳକୁ ଖସି ଥିଲା। ଫଳରେ ରାସ୍ତା କଡ଼ରେ ଥିବା ନାଳ ଭିତରେ ଗାଡ଼ିଟି ଅଧା ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ବୁଧବାର ସକାଳୁ ସକାଳୁ ଲୋକମାନେ ଗାଡ଼ି ପାଣିରେ ରହିଥିବା ଦେଖିବାକୁ ପାଇଥିଲେ।

● ନାରୀଗାଁ-ମଙ୍ଗଳପୁର ରାସ୍ତା ଦୂରାବସ୍ଥା

## ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ହନ୍ତସନ୍ତ



କୟାଁଗୋଲା, ୫।୧୧(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ନାରୀଗାଁ-ମଙ୍ଗଳପୁର ରାସ୍ତାର ଅବସ୍ଥା ଏବେ ଶୋଚନୀୟଅବସ୍ଥାରେ ପହଞ୍ଚିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଶହ ଶହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବର୍ଷ ତମାମ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବା ସହିତ ଓସାରିଆ କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଏହି ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାନେ ନିଜର ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଆମେରିକାରେ ରହୁଥିବା ସ୍ଥାନୀୟ ଅଞ୍ଚଳର ଶଶଧର ମହାପାତ୍ର ନିଜସ୍ୱ ଉଦ୍ୟମରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି। ଫଳରେ ଏହି ମନ୍ଦିକୁ ଦେଖିବାକୁ ଆଖପାଖ ଅଞ୍ଚଳ ତଥା ଜିଲ୍ଲା ବାହାରର ବହୁ ଶ୍ରଦ୍ଧାଳୁ ଏଠାକୁ ନିୟମିତ ଆସୁଛନ୍ତି। ଆରଡ଼ି ସ୍ଥିତ ପ୍ରସିଦ୍ଧ ଆଖଣ୍ଡଳମଣି ବାବାଙ୍କ ପୀଠକୁ ଯିବା ରାସ୍ତା ମଧ୍ୟ ଏହି ମନ୍ଦିର ପଡୁଥିବାରୁ ଶ୍ରଦ୍ଧାଳୁ ମାନେ ଏଠାକୁ ଆସିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ଏହି ମନ୍ଦିର ପାଖରେ ପହଞ୍ଚିବାକୁ ଭଲ ରାସ୍ତାଟିଏ ନାହିଁ। ରାସ୍ତା ଓଣଓସାରିଆ ସହିତ ଖାଲ ଖମାରେ ଭର୍ତ୍ତି ହୋଇଛି। ଫଳରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ନାନା ସମସ୍ୟା ଭୋଗୁଛନ୍ତି। କେବଳ ଏହି ଜଗନ୍ନାଥ ମନ୍ଦୀର ନୁହେଁ ସେହି ଅଞ୍ଚଳରେ ଏକ ବିଶାଳ ମଙ୍ଗଳା ମନ୍ଦିର ମଧ୍ୟ ନିର୍ମାଣ ଚାଲିଛି। ଏଥିସହିତ ବର୍ଷର ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ଏକ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥାଏ। ଏହି ରାସ୍ତା ଉପରେ ଅନେକ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ନିର୍ଭରଶୀଳ ହୋଇଥିଲେ ମଧ୍ୟ ଏହାର ଉନ୍ନତିକରଣ ପାଇଁ ପ୍ରଶାସନ ଆନ୍ତରିକ ଉଦ୍ୟମ କରୁନଥିବା ଅଭିଯୋଗ ହୁଏ। ସବୁବେଳେ ପ୍ରଶାସନ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କରୁନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ରତଲାଙ୍ଗରେ ହରିହାଟ ଓ ସୁବର୍ଣ୍ଣଜୟନ୍ତୀ ମହୋତ୍ସବ



ବିଞ୍ଝାରପୁର, ୫।୧୧(ସମିସ): ବିଞ୍ଝାରପୁର ନିକଟସ୍ଥ ରତଲାଙ୍ଗ ଗ୍ରାମରେ ୧୯୭୬ରୁ ଶ୍ରୀଶ୍ରୀ ଦଧିବାମନଜୀୟୁଙ୍କ ପୀଠରେ ଆରମ୍ଭ ହୋଇଥିବା ହରିହାଟ ଓ ଦଶବତାର ଉତ୍ସବର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ପବିତ୍ର କାର୍ତିକ ପୂର୍ଣ୍ଣମୀରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଧ୍ୟରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ କଳସଯାତ୍ରା ଓ ଶୁଭାଧିବାସ ଆଦି ପୂଜାର୍ଚ୍ଚନା ଓ ହରିହାଟ କରାଯାଇଛି। ପ୍ରତ୍ୟହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଭଜନ ସମାରୋହ ଆୟୋଜନ କରାଯାଇଥିଲା। ଶେଷରେ ପାଲା, ଭଜନ ଆଦି ପରିବେଷଣ କରାଯାଇଥିଲା। ସମାଜସେବୀ ତଥା କୃଷକ ନେତା ନିମାଇଁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ଅଙ୍ଗାଲୋ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଦେବପ୍ରସାଦ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ଚୌଧୁରୀ ନାରାୟଣ ପ୍ରସାଦ ସାମନ୍ତରାୟ ମହାପାତ୍ର, ଅବସରପ୍ରାପ୍ତ ଓଏଏସ୍ କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ତାଙ୍କ ଅଭିଭାଷଣରେ ଏହି ପ୍ରାଚୀନ ଗ୍ରାମଟିର ଭୌଗୋଳିକ ପରିସ୍ଥିତିକୁ ପରିବର୍ତ୍ତନ କରି କୃଷି ସଭ୍ୟତାର ବିକାଶ ପାଇଁ ଆହ୍ୱାନ ଦେଇଥିଲେ।

## ସୁନାବେଶରେ ଦର୍ଶନ ଦେଲେ ରାଧାଗୋବିନ୍ଦ



ହରିପୁର, ୫।୧୧(ସମିସ): କାର୍ତ୍ତିକ ମାସର ଶେଷ ଦିବସ ତଥା ପୂର୍ଣ୍ଣିମା ଅବସରରେ ଯାଜପୁର ସଦର ଅଞ୍ଚଳ ଉତ୍ସବ ମୁଖରିତ ହେଉଛି। ସୁନା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ଶାମଦାସପୁର ପଞ୍ଚାୟତ କାଜିରାମ୍‌ବାଗ ସ୍ଥିତ ଗୋବିନ୍ଦ ମଠର ଠାକୁର ରାଧା ଗୋବିନ୍ଦଜୀଉ ଓ ମହେଶ୍ୱରପୁର ପଞ୍ଚାୟତର ଗୋପିନାଥପୁରରେ ରାଧା ଗୋପିନାଥ। ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରତ୍ୟୁଷରୁ ଶ୍ରୀଜିଉମାନଙ୍କର ସୁନାବେଶ ହେବା ପରେ ମଙ୍ଗଳ ଆଳତି ସହ ନୀତିକାନ୍ତି କରାଯାଇଥିଲା। ରାହାସ କୁଞ୍ଜରେ ଏହି ସୁନା ବେଶ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ସଂଖ୍ୟାରେ ଦର୍ଶକ ଭିଡ଼ ଜମାଉଥିବା ଦେଖିବାକୁ ମିଳିଥିଲା। ସୁନାବେଶ ନିମନ୍ତେ ଯାଜପୁର ସଦର ଥାନା ତରଫରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଆଜିଠାରୁ ଯାଜପୁର ସଦର ଓ ରସୁଲପୁର ବ୍ଲକର ୨ ଗୋଟି ପଞ୍ଚାୟତରେ ୧୦ ଗୋଟି ଯାତ୍ରା ପାର୍ଟି ପକ୍ଷରୁ ନାଟକ ମଞ୍ଚସ୍ଥ ହେବ ଏହାକୁ ନେଇ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ନେଇ କୁଆଖିଆ ଠାରୁ ଯାଜପୁର ଓ ବରି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ହୋର୍ଡ଼ିଂ ଓ ପ୍ରତ୍ୟେକ ଯାତ୍ରା ପାର୍ଟି ପକ୍ଷରୁ ଦୁଇ ତିନୋଟି ପ୍ରଚାର ଗାଡ଼ିରେ ଯାତ୍ରା ପାର୍ଟିର ପ୍ରଚାର କରାଯାଉଛି। କୁଆଖିଆଠାରୁ ବରୁଆଁ ପର୍ଯ୍ୟନ୍ତ ରାସ୍ତା ଜାମ୍ ସାଙ୍ଗକୁ ପ୍ରଚାର ଗାଡ଼ିର କର୍କଶ ଶବ୍ଦରେ ଲୋକେ ଆକା ବୋକା ହେବା ସାଙ୍ଗକୁ କୋମଳମତି ଶିଶୁ, ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା ବିଶେଷ କରି ହୃଦ୍‌ରୋଗୀ ଓ ଗର୍ଭବତୀ ମହିଳାମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି।

## ଖଣି ଅଞ୍ଚଳରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ



କାଳିଆପାଣି, ୫।୧୧(ସମିସ): କାଳିଆପାଣି ଖଣିଅଞ୍ଚଳରେ ୪୨ତମ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ଦିନ ଧରି ପୃଥକ୍ ପୃଥକ୍ ଭାବରେ ଓଏମ୍‌ସି କଲୋନୀ ଓ କେଟିଏଲ୍ କ୍ୟାମ୍ପରେ ଚାଲିଥିବା ଏହି ଧାର୍ମିକ ଅନୁଷ୍ଠାନରେ ୨୫ରୁ ଅଧିକ କୀର୍ତ୍ତନ ଦଳ ଯୋଗଦେଇଥିଲେ। ଗତ ୪୨ ବର୍ଷ ଧରି ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଦ୍ୱାରା ଏହା ପାଳିତ ହୋଇଆସୁଛି। ଶ୍ରମିକ ସଂଘର ପ୍ରତିଷ୍ଠାତା ଓ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଅନୁଷ୍ଠାନର ଅନ୍ତିମ ଦିନରେ ଉପସ୍ଥିତ ହୋଇ ଭକ୍ତମାନଙ୍କୁ ଆଶୀର୍ବାଦ ଦେଇଥିଲେ। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ମୁଖ୍ୟ କଳସଧାରୀ ହୋଇଥିଲେ। ତାଙ୍କ ସହ ଅନ୍ୟ ୭ ଜଣ ଭକ୍ତ ମଧ୍ୟ କଳସ ଧାରଣ କରି ଯଜ୍ଞରେ ସାମିଲ ହୋଇଥିଲେ। ଅନୁଷ୍ଠାନରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଙ୍ଘର ଉପ ସଭାପତି ନାରାୟଣ ଚନ୍ଦ୍ର ଧୀର, ପ୍ରଭାତ ପ୍ରଧାନ, ଅଜୟ କୁମାର ନାୟକ, ନିମଳେନ୍ଦୁ ବେହୁରା, ଭଗବତୀ ମହାନ୍ତ, ଜେମା ଚାଖି, ନରେନ୍ଦ୍ର ଦାସ, ବୈକୁଣ୍ଠ ମହାନ୍ତ, ବିଶ୍ୱଜିତ୍ ମହାନ୍ତି, ଲିଟୁ ପାତ୍ର, ଦଶରଥ ମହାନ୍ତ, ସୁଶାନ୍ତ ପ୍ରଧାନ, ଆଶିଷ ଜେନା, ବିଜୟ ପରିଡ଼ା, ଶିବାନନ୍ଦ ରାଉତ, ସନ୍ୟାସୀ ସାମଲ, ପଙ୍କଜିନି ମହାନ୍ତ, ସଞ୍ଜୟ ପରିଡ଼ା, ବିକାଶ ପାତ୍ର, ସାଲୁକା ହାନେଗା, କନକ ଲତା ସର୍ଦ୍ଦାର, ଅଶୋକ ପ୍ରଧାନ, ରବି ନାୟକ, ସଞ୍ଜୟ କୁମାର ମହାନ୍ତ, ବିଭୂତି ପ୍ରଧାନ, ହଳଧର ମହାନ୍ତ, କୁନାଲ୍ ପାତ୍ର, ଜଗବନ୍ଧୁ ନାୟକ, ଅଞ୍ଚଳ ନାୟକ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ମହୋତ୍ସବକୁ ସଫଳ କରିଥିଲେ।

## ଭକ୍ତିପୂର୍ଣ୍ଣ ଭଜନ ଲୋକାର୍ପଣ ଉତ୍ସବ



ବ୍ରହ୍ମବରଦା, ୫।୧୧(ସମିସ): ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ନୁଣୁପୁର ଗ୍ରାମରେ ଅବସ୍ଥିତ ଯାଜପୁର ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀଶ୍ରୀ ବାବା ଲୋକନାଥେଶ୍ୱରଙ୍କ ମହିମା ଉପରେ ଆଧାରିତ ଏକ ଭଜନ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଓ ବଡ଼ଓଷା ଅବସରରେ ଲୋକନାଥେଶ୍ୱର ପୀଠରେ ଲୋକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ଥାନାର ଏସ୍‌ଆଇ ସୁଶାନ୍ତ କୁମାର ସେଠୀ, ସ୍ଥାନୀୟ ମୁରବି ସୁନାକର ରାଉତ, ଜଳଧର ସାହୁ, ପବିତ୍ର ମୋହନ ସାହୁ, ଅନନ୍ତ କିଶୋର ରାଉତ, ଶିକ୍ଷକ ଚିତ୍ତରଞ୍ଜନ ବେହେରା, ବ୍ରଜମୋହନ ମହାନ୍ତି, ମନ୍ଦିର ପୂଜକ ସୁରେଶ ପାଢ଼ୀ ଓ ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଭଜନଟିକୁ ଲୋକାର୍ପଣ କରିଥିଲେ। ଗୀତିକାର ପ୍ରତାପ ରୁଦ୍ର ପଣ୍ଡା ଗୀତ ରଚନା କରିଥିବା ବେଳେ ଭିକାରି ଚରଣ ଦାଶ ସ୍ୱର ସଂଯୋଜନା କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଉପେନ୍ଦ୍ର ସାହୁ, କଲ୍ୟାଣୀ ମହାନ୍ତି, ଦୁର୍ଯ୍ୟୋଧନ ପାଢ଼ୀ ଓ ସୁବାସ ବିଶ୍ୱାଳଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ସିଂହପୁର, ୫।୧୧(ସମିସ): ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ଅନ୍ତର୍ଗତ ନାଉପାଳଠାରେ ଶିକ୍ଷକ କ୍ଷୀରୋଦ କୁମାର ସାମଲଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଶତାଧିକ ଶିକ୍ଷକ, ବୁଦ୍ଧିଜୀବୀ, ରାଜନେତା ଓ ସାମାଜିକ କର୍ମୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଚତୁର୍ଭୁଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାଧ୍ୟାପକ ଅଜୟ ଓଝା, ବିଞ୍ଝାରପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ରାଜନେତ୍ରୀ ବବିତା ମଲ୍ଲିକ, ପ୍ରାଧ୍ୟାପକ ଦେବବ୍ରତ ସାମଲ, ଶିକ୍ଷାବିତ ନିରଞ୍ଜନ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ଉପସଭାପତି ସଞ୍ଜୟ କୁମାର ସାମଲ, ଶିକ୍ଷକ ଶ୍ୟାମସୁନ୍ଦିନ ଶେଖ, ଅସଦୁଲ୍ଲା ଖାଁ, ଛାତ୍ର ଅଶୋକ କୁମାର ଦାଶ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ସାମଲଙ୍କ ଛାତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ ତାଙ୍କ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣେଇଥିଲେ। ବଡ ଭାଇଁ ବିଜ୍ଞାନ ଶିକ୍ଷକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନିରଞ୍ଜନ ବେହେରା, ସାନଭାଇଁ ଲେଖକ ତଥା ସ୍ୱେଚ୍ଛାସେବୀ ଚନ୍ଦନ କୁମାର ସିଂ ଓ ବଡ଼ପୁଅ ବରଦା ପ୍ରସାଦ ସାମଲ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗୋପବନ୍ଧୁ ୟୁଥ୍ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କାଳିଆପାଣି, ୫।୧୧(ସମିସ): ସୁକିନ୍ଦା ଖଣି ଅଞ୍ଚଳ କାଳିଆପାଣି ଗୋପବନ୍ଧୁ ୟୁଥ୍ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆଜି ୨ୟ ବାର୍ଷିକ କିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନୀ ଦିବସରେ ମୁନ୍ ଷ୍ଟାର୍ ଇଲେଭେନ ଚିରୁଗୁଣିଆ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର୍ ୫ ୱିକେଟ୍ ହରେଇ ୧୩୦ ରନ କରିଥିଲା। ପ୍ରତିପକ୍ଷ ଆଜାଦ୍ କ୍ରିକେଟ୍ କ୍ଲବ ଗୁରୁଜଙ୍ଗ ୧୦୦ ରନ୍ ଭିତରେ ସମସ୍ତ ୱିକେଟ୍ ହରେଇ ପରାଜୟ ବରଣ କରିଥିଲା। ଆଜିର ଏହି ଉଦ୍‌ଘାଟନେ ମ୍ୟାଚରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସମ୍ମାନିତ ଅତିଥି ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲ୍ଲାପରିଷଦ ସଦସ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସୁକିନ୍ଦା ବ୍ଲକ ବିଜୁ ଜନତା ଦଳର ସଭାପତି ବିବେକା ନନ୍ଦ ବୋଷ, ବିମଳେନ୍ଦୁ ବେହୁରା, ସମାଜସେବୀ ଆଶିଷ କୁମାର ଜେନା, ହଳଧର ମହାନ୍ତ, ଓ ଖଣି ଅଞ୍ଚଳର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ଜୋନାଲ୍‌ସ୍ତରୀୟ ଆନ୍ତଃକଲେଜ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଯାଜପୁର, ୫।୧୧(ସମିସ): କୁସୁମାସ୍ଥିତ କ୍ରିକେଟ୍ ଷ୍ଟାଡିୟମ୍ ଖେଳପଡ଼ିଆରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହାୟତାରେ ଜୋନାଲ୍‌ସ୍ତରୀୟ କ୍ରିକେଟ୍ (ବାଳକ) ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୦ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ କ୍ରାନିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ କ୍ରାନିୟମ ବିଜୟଲାଭ କରିବା ସହିତ ଫାଇନାଲ୍ ଜୋନ୍‌ରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାର କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ ଓ ସମ୍ମାନିତ ଅତିଥି ଭାବେ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ଦାସ, ଅନ୍ୟତମ ଅତିଥି ଭାବରେ କ୍ରୀଡ଼ା ସଂସଦର ଉପସଭାପତି ଇତିହାସ ବିଭାଗର ଅଧ୍ୟାପକ ପ୍ରଭାତ ରଞ୍ଜନ ସାମଲ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସୁତାର ଓ କ୍ରାନିୟମ ବିଦ୍ୟାଳୟର ପରିଚାଳକ ବିଭୂପ୍ରସାଦ ସାହୁଙ୍କୁ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ସଂସଦ ତରଫରୁ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି କ୍ରାନିୟମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଚାମ୍ପିଅନ ଟ୍ରଫି ଓ ଚିତାଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ ପୂର୍ବକ କ୍ରୀଡ଼ାକୁ କ୍ୟାରିୟର କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ମ୍ୟାଚ୍‌କୁ ଅମ୍ପେୟାର ଭାବେ ଅଭିଳାସ ରାଉତରାୟ, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲୋକନାଥ ମହାପାତ୍ର ପରିଚାଳନା କରିଥିଲେ। ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, ସଞ୍ଜୀବ ଭଦ୍ର ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ନାଥଶର୍ମା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଥବବା ବେଳେ ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

ବିଞ୍ଝାରପୁର, ୫।୧୧(ସମିସ)



ଯାଜପୁର ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତା (୧୪ ଓ ୧୭) ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ଠାରେ ଉଦ୍‌ଯାପିତ ହୋଇଯାଇଅଛି। ଏଥିରେ ୧୭ ବର୍ଷରୁ କମ ବାଳକ ବିଭାଗରେ ବିଞ୍ଝାରପୁର ବ୍ଲକ ଦାନଗଦି ବ୍ଲକକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ଦାନଗଦି ବ୍ଲକ ରନର୍ସ ଅପ ହୋଇଥିଲା। ସେହିପରି ବାଳିକା ବିଭାଗରେ ସୁକିନ୍ଦା ବ୍ଲକ ରସଲପୁର ବ୍ଲକକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ରସଲପୁର ବ୍ଲକ ରନର୍ସଅପ ହୋଇଥିଲା। ୧୪ ବର୍ଷରୁ କମ ବାଳକ ବିଭାଗରେ ବିଞ୍ଝାରପୁର ବ୍ଲକ ଦାନଗଦି ବ୍ଲକକୁ ହରାଇଥିବା ବେଳେ ବାଳିକା ବିଭାଗରେ ବିଞ୍ଝାରପୁର ବ୍ଲକ ରସୁଲପୁର ବ୍ଲକକୁ ହରାଇ ଚାମ୍ପିଅନ ହୋଇଛି। ଉକ୍ତ ପ୍ରତିଯୋଗିତାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୨୪ଜଣ ବାଳକ ଏବଂ ୨୪ ଜଣ ବାଳିକା ମନୋନୀତ ହୋଇ ଆସନ୍ତା ୬ ତାରିଖ କେନ୍ଦୁଝରରେ ଯିବେ। ଉଦ୍‌ଯାପନୀ ଉତ୍ସବରେ ବିଞ୍ଝାରପୁର ମଣ୍ଡଳ ଶିକ୍ଷାଧିକରୀ ସତ୍ୟବାଦୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ମଧୁସୂଦନ ଧଳ, ସମ୍ମାନିତ ଅତିଥି ଭାବେ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ, ଏସଏମସି ପ୍ରେସିଡେଣ୍ଟ ଦିଲୀପ କୁମାର ରାଉଳ, ଯାଜପୁର ଜିଲ୍ଲାର ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ରାଜେଶ୍ କୁମାର ସେଠୀ, ସବିତା ନାୟକ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ରାଜେନ୍ଦ୍ର କୁମାର ଦାସ, ଗଣେଷ ପ୍ରସାଦ ସାମଲ, ତ୍ରିଲୋଚନ ଜେନା, କିଶୋର ଚନ୍ଦ୍ର ମଲ୍ଲିକ, ପ୍ରମୋଦ କୁମାର ବିଶ୍ୱାଳ, ସତ୍ୟନାରାୟଣ ମହାନ୍ତି, ବିଞ୍ଝାରପୁର ବ୍ଲକ ମଣ୍ଡଳ ସମ୍ପାଦକ ଏସକେ. ଏମ୍‌ଡି ସମିମ, ଯାଜପୁର ବ୍ଲକର ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ବେହେରା, ଦାନଗଦି ବ୍ଲକର ମଣ୍ଡଳ ସମ୍ପାଦକ ଅଭିନାଶ ପାଣିଗ୍ରାହୀ, ବଡ଼ଚଣା ବ୍ଲକର ମଣ୍ଡଳ ସମ୍ପାଦକ ଗଗନ ବାରିକ, ସୁକିନ୍ଦା ବ୍ଲକର ମଣ୍ଡଳ ସମ୍ପାଦକ ରଘୁନାଥ ଟୁଡୁ ଯୋଗଦେଇଥିଲେ।

## ବାବା ବାଣେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ବଣାଇଁ, ୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ବଣାଇଁ ଅଞ୍ଚଳରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଦେବଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ବ୍ରାହ୍ମଣୀ ନଦୀର ତୀର୍ଥଘାଟ ସହ ବିଭିନ୍ନ ଜଳାଶୟରେ ଶ୍ରଦ୍ଧାଳୁମାନେ ପୂର୍ବ ସଂସ୍କୃତି ଓ ପରମ୍ପରାକୁ ମନେପକାଇ ଡଙ୍ଗା ଭସାଇଛନ୍ତି। ଏହି ଅବସରରେ ଗତ ପଞ୍ଚୁକ ପାଞ୍ଚ ଦିନ ଠାରୁ ଆଜି ପର୍ଯ୍ୟନ୍ତ ବାବା ବାଣେଶ୍ୱର ମନ୍ଦିର ପରିସରରେ ଥିବା ଗୀତା ଆଶ୍ରମଠାରେ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଗୀତା ପାଠ, ନିତ୍ୟ ଯଜ୍ଞ, କାର୍ତ୍ତିକ ମହାତ୍ମ୍ୟ ପଠନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳର ପୂର୍ବ ଐତିହ୍ୟକୁ ମନେ ପକାଇ ବଣାଇଁର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଣାଇଁର ବରିଷ୍ଠ କଳାକାରମାନେ ଯୋଗଦେଇ ଭଜନ ଗାନ କରିଥିଲେ। ମନ୍ଦିର ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସହାୟତା କରିବା ସହ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଆ..କା..ମା.ବୈ.. ରେ କମ୍ପିଲା ସ୍ମାର୍ଟସିଟିର ଜଳାଶୟ

ରାଉରକେଲା, ୫।୧୧(ସମିସ)

ବୋଇତ ଭସାଣ ଉତ୍ସବ ପାଇଁ ବୁଧବାର ଭୋରରୁ ଚଳଚଞ୍ଚଳ ହୋଇ ଉଠିଥିଲା ସ୍ମାର୍ଟସିଟି ରାଉରକେଲାର ବିଭିନ୍ନ ନଦୀଘାଟ, ଜଳାଶୟ। ଓଡ଼ିଶାର ଉତ୍କୃଷ୍ଟ ପରମ୍ପରାକୁ ଉଜ୍ଜିବିତ କରିବା ପାଇଁ ପ୍ରତ୍ୟେକ ନଦୀଘାଟ ଓ ଜଳାଶୟ ନିକଟରେ ଡଙ୍ଗା ଭସାଣୀ ପାଇଁ ହୋଇଥିଲା ପ୍ରବଳ ସମାଗମ। ଉତ୍କଳର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରିବା ତଥା ଉତ୍କଳୀୟ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାରେ ନଦୀ ଓ ଜଳାଶୟରେ ରାଉରକେଲାବାସୀ ଡଙ୍ଗା ଭସାଇଥିଲେ। କାଗଜ, କଦଳୀ ପଟୁଆ, ଥର୍ମୋକୁଲ ନିର୍ମିତ ରଙ୍ଗବେରଙ୍ଗର ବିଭିନ୍ନ ପ୍ରକାରର ଡଙ୍ଗା ନେଇ ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀ, କୋଏଲ ନଦୀ, ଶଙ୍ଖ ନଦୀ ପ୍ରଭୃତି ନଦୀ ଘାଟରେ ଭସାଇ ଥିବା ଦେଖିବାକୁ ମିଳିଥିଲା।



ଏହି ଅବସରରେ ଆ.... କା.... ମା.... ବୈ.... ପାରମ୍ପରିକ ଗୀତରେ କମ୍ପି ଉଠିଥିଲା ବିଭିନ୍ନ ଜଳାଶୟ। ଏହି ଗୀତ ଗାଇ ଝିଅ ବୋହୂ ମାନେ ଛୋଟ ଛୋଟ ବୋଇତ ଭସାଇ ଓଡ଼ିଶାର ପୂର୍ବ ଐତିହ୍ୟ ପରମ୍ପରାକୁ ସ୍ମରଣ କରିଥିଲେ। ଏଥିପାଇଁ ସହରର ବେଦବ୍ୟାସ, ପାନପୋଷ, ଝିରପାଣି, ଗୋପବନ୍ଧୁପାଲି ସମେତ ଅନ୍ୟ ଅଞ୍ଚଳରେ ଥିବା ନଦୀ ଓ ପୋଖରୀରେ ବୋଇତ ଭସାଇବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବୋଇତରେ ପାନ, ଗୁଆ, ଦୀପ, ଧୂପ ଦେଇ ବୋଇତ ଭସାଇ ଥିଲେ ଅନେକ ଶ୍ରଦ୍ଧାଳୁ। ଡଙ୍ଗା ଭସାଣ ପାଇଁ ବୈକୁଣ୍ଠ ଘାଟ କୋଏଲ ନଦୀ, ପାନପୋଷ ନଦୀଘାଟ, ବାଲିଘାଟ, ସେକ୍ଟର - ୧୬, ଜଳଦା, ଛେଣ୍ଡ କ୍ୱାରି ଖଦାନ, ଛେଣ୍ଡ ନଦୀ ଘାଟ ଇତ୍ୟାଦିରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ପାନପୋଷ, ଏସଟିଆଇ, ଉଦିତନଗର, ଡେଲି ମାର୍କେଟ, ଟ୍ରାଫିକ ଗେଟ, ଛେଣ୍ଡ, କଳିଙ୍ଗ ବିହାର ସମେତ ସେକ୍ଟର ଅଞ୍ଚଳରେ ବିଭିନ୍ନ ପୂଜା ସାମଗ୍ରୀ ସହ ରଙ୍ଗବେରଙ୍ଗର ବୋଇତ ବିକ୍ରୀ ହୋଇଥିଲା। ସେପଟେ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ସହରର ବିଭିନ୍ନ ମନ୍ଦିର ଓ ଦେବାଳୟଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳିମାନଙ୍କର ପ୍ରବଳ ଭିଡ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ସାରିବା ପରେ ବିଭିନ୍ନ ଦେବାଳୟରେ ଲୋକେ ଯାଇ ପୂଜାର୍ଚ୍ଚନା କରିଥିଲେ। ବିଶେଷ କରି ଜଗନ୍ନାଥ ଓ ଶିବ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏତଦବ୍ୟତୀତ ରାଉରକେଲା ସହରର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବ ଦିନ ସେକ୍ଟର - ୨, ସେକ୍ଟର - ୧୭, ସିଭିଲ ଟାଉନସିପ, ଛେଣ୍ଡ କଳିଙ୍ଗ ବିହାର, ସାରନଗରୀ ଇତ୍ୟାଦି ସମସ୍ତ ସଙ୍ଗଠନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିବା ଜଣାପଡ଼ିଛି।

## ବୈକୁଣ୍ଠ ଘାଟରେ ବୋଇତ ବନ୍ଦାଣ ଉତ୍ସବ

ରାଉରକେଲା, ୫।୧୧(ସମିସ): କୋଏଲ ନଦୀର ସେକ୍ଟର-୨୦ ସ୍ଥିତ ବୈକୁଣ୍ଠ ଘାଟରେ କୋଏଲ କ୍ଲବ୍ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. ଜୟନ୍ତ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଉଜ୍ଜୀବିତ କରିବାକୁ କମିଟିର ପ୍ରୟାସକୁ ପ୍ରଶଂସା କରିଥିଲେ। ସାଧବ ବେଶ ଧାରଣ କରିଥିବା ରାଉରକେଲା ସହରର ୧୧ ଜଣ ସାମାଜସେବୀଙ୍କୁ ଉତ୍କଳୀୟ ସାଧବ ବୋହୁମାନେ ବନ୍ଦାପନା କରିବା ପରେ ନୌବାଣିଜ୍ୟ କରିବା ନିମନ୍ତେ ବାଟେଇ ଦେବା ଦୃଶ୍ୟ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ସାଧବପୁଅ ଭାବେ ପାର୍ଥ ପ୍ରତିମ ଦେ, ପଞ୍ଚାନନ ରଥ, ଅଶୋକ ରଥ,



ପ୍ରକାଶ ପତି, ଶୁଭେନ୍ଦୁ ମହାନ୍ତି, ଉତ୍ତର ଫାଲ୍ଗୁଗୁନୀ ପ୍ରଧାନ, ଦିପ୍ତି ପ୍ରସନ୍ନ ମହାନ୍ତି, ଦେବାଶିଷ ମହାନ୍ତି, ସୁକାନ୍ତ ଦାସ, ପ୍ରଦୀପ ମହାନ୍ତି, ପ୍ରଫେସର ଡ. ଶ୍ୟାମପ୍ରସାଦ ସ୍ୱାଇଁ ପ୍ରମୁଖ ସାଧାବପୁଅ ଭାବେ ଉପସ୍ଥିତ ଥିବାବେଳେ ସାଧବବୋହୁ ଭାବେ ଜ୍ୟୋତ୍ସ୍ନାରାଣୀ ଦାଶ, କବିତା ମଲ୍ଲିକ, ମନୋଲିସା ରଥ ରହିଥିଲେ। ନୌବାଣିଜ୍ୟ ପରମ୍ପରାର ଅବିକଳ ନମୁନା ପ୍ରଦର୍ଶନ ବେଶ ଉପଭୋଗ୍ୟ ହୋଇଥିଲା। ଏକ ଆକର୍ଷଣୀୟ ବୋଇତ ପ୍ରସ୍ତୁତ କରାଯାଇ କୋଏଲ ନଦୀରେ ଭସାଇ ଦିଆଯାଇଥିଲା। କୋଏଲ କ୍ଲବ ବୋଇତ ବନ୍ଦାଣ କମିଟିର ଆବାହକ ଜୟଶ୍ରୀ ପାଣିଗ୍ରାହୀଙ୍କ ଆବାହତ୍ୱରେ ଅତିଥି ଭାବେ ସାମାଜସେବୀ ଶିଳ୍ପପତି ଅଶୋକ ମହାନ୍ତି, ଗୌରୀଶଙ୍କର ମିଶ୍ର, ମହେନ୍ଦ୍ର କୁମାର, ଦେବେନ୍ଦ୍ରନାଥ ନାୟକ, ଆଇନଜୀବୀ ନାରାୟଣ ପ୍ରଧାନ, ସତ୍ୟ ମଲ୍ଲିକ, ଶିଶିର ମୁଦାଲି, ଚକ୍ରଧର ମଲ୍ଲିକ, ପ୍ରଣୟ ପାଣିଗ୍ରାହୀ, ନରେଶ ସ୍ୱାଇଁ, ଲାଲଜି ସିଂ, ଲୁଟୁ ପୁହାଣ, ଆଦିତ୍ୟ ମହାନ୍ତି, ସତ୍ୟଜିତ୍ ମଲ୍ଲିକ, ଉମେଶ ପ୍ରସାଦ, ରମେଶ ପାତ୍ର, ବିରଞ୍ଚି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଅନୁଷ୍ଠାନର କର୍ମକର୍ତ୍ତା ସମେତ କୋଏଲନଗର, ଶକ୍ତିନଗର, ଜଗଦା ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଦେଶୀ ବନ୍ଧୁକ ଜବତ; ୨ ଗିରଫ

ରାଉରକେଲା, ୫।୧୧(ସମିସ): ପୁରୁଣା ଶତ୍ରୁତାକୁ ନେଇ ରେଲୱେ କଲୋନୀ ଅନ୍ତର୍ଗତ ରିମଝିମ ବସ୍ତିର ଲବକୁଶ ଶର୍ମା ନାମକ ଜଣେ ଯୁବକକୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉଦିତନଗର ଥାନା ଅନ୍ତର୍ଗତ ଗୁଆଲା ଖଟାଲ ନିବାସୀ ରାଜେଶ ସାହାଣୀ ଓରଫ ନାନକି ( ୨୨) ଏବଂ ବାସନ୍ତୀ କଲୋନୀ ଡିଏଭି ବସ୍ତି ନିବାସୀ ଧିରଜ କୁମାର ଶତପଥୀ (୨୭)। ଉକ୍ତ ୨ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ଓ ବାଇକ ଜବତ କରିଥିବା ଜଣାପଡ଼ିଛି।

## ଆନ୍ତଃରାଜ୍ୟ ଅପରାଧୀ ମହମ୍ମଦ ମାଜୁଦ ଗିରଫ

ରାଉରକେଲା, ୫।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ଓ ପଡୋଶୀ ରାଜ୍ୟରେ ଆତଙ୍କରାଜ ଖେଳାଳି ଆସିଥିବା ଦୁର୍ଦ୍ଦାନ୍ତ



ଆନ୍ତଃରାଜ୍ୟ ଅପରାଧି ମହମ୍ମଦ ମାଜୁଦ ଓରଫ ସୁଖାଲକୁ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ଥାନା ପୁଲିସ ଗିରଫ କରିଛି। ସୁନ୍ଦରଗଡ଼ ପୁଲିସକୁ ଏହା ଏକ ବଡ ସଫଳତା ବୋଲି କୁହାଯାଉଛି। ଗିରଫ ମାଜୁଦର ଘର କୁତ୍ରା ଥାନା ଅନ୍ତର୍ଗତ ଖତଖୁରବାହାଲ ଗ୍ରାମରେ ବୋଲି ଜଣାପଡ଼ିଛି। ଗତକାଲି ମାଜୁଦ ଖତଖୁରବହାଲ ସ୍ଥିତ ନିଜ ଘରକୁ ଆସିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ କୁତ୍ରା ଥାନା ଡିଏସପି ମନୋରଞ୍ଜନ ପ୍ରଧାନ ସଦଳବଳେ ଚଢ଼ଉ କରି ତାକୁ ଗିରଫ କରିଥିଲେ। ତା' ନିକଟରୁ ଏକ ପିସ୍ତଲ ଓ ଏକ ଜୀବନ୍ତ ଗୁଳି ଜବତ କରିଥିବା ଜଣାପଡ଼ିଛି। ଗିରଫ ମାଦୁଦ୍ ନାମରେ ସୁନ୍ଦରଗଡ଼ ଜିଲ୍ଲା ଏବଂ ରାଉରକେଲା ପୁଲିସ ଜିଲ୍ଲାରେ ମୋଟ ୨୦ଟି ଅପରାଧିକ ମାମଲା ରହିଥିବା ବେଳେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡରେ ୫ ଟି ମାମଲା ରହିଛି। ସେଗୁଡିକ ମଧ୍ୟରେ ୩ଟି ବହୁଚର୍ଚ୍ଚିତ ଡକାୟତି ମାମଲା, ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ୫ଟି ମାମଲା, ୭ଟି ଚୋରି ମାମଲା, ୧୦ଟି ଦଙ୍ଗା ମାମଲା ଏବଂ ହତ୍ୟା ଉଦ୍ୟମର ୨ଟି ମାମଲା ରହିଛି। ଏହା ସହିତ ସେ ଗୋରୁ ଚୋରା ଚାଲାଣର ଏକ ପ୍ରକାର ମାଷ୍ଟର ମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲା। ଏଥିପାଇଁ ସେ ଏକ ଆନ୍ତଃରାଜ୍ୟ ନେଟୱର୍କ ଚଳାଇଥିଲା ବୋଲି ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ସୂଚାଇଛନ୍ତି।

## ୭ରେ ଘୌସ-ଉଲ-ୱାରା ସମ୍ମିଳନୀ

## ଲଣ୍ଡନରୁ ଯୋଗଦେବେ ହାସିମ ଅବଦୁଲ କାଦିର ମନସୁର ଜିଲାନି

ରାଉରକେଲା, ୫।୧୧(ସମିସ): ଜାମିଆତୁଲ କୁରେଶ ପକ୍ଷରୁ ଆସନ୍ତା ୭ ତାରିଖ ଶୁକ୍ରବାର ରାତିରେ ରାଉରକେଲାରେ ଏକ ଐତିହାସିକ ଘୌସ-ଉଲ-ୱାରା ସମ୍ମିଳନୀ ଆୟୋଜିତ ହେବ। ଏନେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟରେ ଏହା ସବୁଠାରୁ ବଡ ଧାର୍ମିକ ସମାବେଶ ହେବ, ଯେଉଁଥିରେ ଭାରତ ଏବଂ ବିଦେଶର ପ୍ରତିଷ୍ଠିତ ମୁସଲମାନ ବିଦ୍ୱାନମାନେ ଅଂଶଗ୍ରହଣ କରିବେ। ଲଣ୍ଡନରୁ ଆସୁଥିବା ପୟଗମ୍ବର ମହମ୍ମଦଙ୍କ ନାତି ହାସିମ ଅବଦୁଲ କାଦିର ମନସୁର ଜିଲାନି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହଜରତ ସୟଦ ମୋହସିନ ମିଆଁ ସୋହରୱାଦି କହିଛନ୍ତି, ଏହି ସମ୍ମିଳନୀ ସମାଜରେ ଶାନ୍ତି, ଭାଇଚାରା ଏବଂ ମାନବିକତାର ବାର୍ତ୍ତା ପ୍ରସାର କରିବା ନିମନ୍ତେ ଆୟୋଜିତ ହେବ। ମୋହସିନ ମିଆଁ ଆହୁରି କହିଥିଲେ, ହଜରତ ଯୁବପିଢ଼ିଙ୍କୁ ଧର୍ମର ପଥ ଅନୁସରଣ କରିବାକୁ ମାର୍ଗଦର୍ଶନ କରିବା ସହ ନିଶା ନିବାରଣ, ମଦ୍ୟପାନ ବିରୁଦ୍ଧରେ ପ୍ରଚାର କରିବେ। ସମାଜରେ ଶାନ୍ତି ଏବଂ ସଦ୍‌ଭାବନା ବଜାୟ ରଖିବା ଉପରେ ମଧ୍ୟ ବର୍ତ୍ତା ଦେବେ ବୋଲି ସେ କହିଛନ୍ତି। ନାଲା ରୋଡର ଜିତନତୁଲ ମସଜିଦର ଇମାମ ହାଫିଜ ସନାଉଲ ମୁସ୍ତାଫା କାଦରୀ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦ ହଜାର ଭକ୍ତ ହଜରତ ହାସିମ ଅବଦୁଲ କାଦିର ମନସୁର ଜିଲାନୀଙ୍କୁ ଶୁଣିବା ପାଇଁ ଯୋଗଦେବାର ସମ୍ଭାବନା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରାଜସ୍ଥାନରୁ କାଜି-ଏ-ଶାହର ମୁଫତି ଆସରଫ୍ ଜିଲାନି ଆଖରି, ଗୁଜରାଟରୁ ସୟଦ ଜାମି ଆସରଫ୍, ମୁମ୍ବାଇରୁ ମହମ୍ମଦ ରଜା ନୁରି, ଲକ୍ଷ୍ନୌରୁ ଗୌସନୁଲ୍ କାଦରି, ହାଇଦ୍ରାବାଦରୁ ସୟଦ ନେମାତୁଲ୍ଲା ହୁସେନି, କର୍ଣ୍ଣାଟକରୁ ମୌଲାନା ଗୁଲାମ ଜାଫର, ଅମରାବତୀରୁ ମୁଫତି ଶାହନୱାଜ୍ ଅଲି ଏବଂ ଝାଡ଼ଖଣ୍ଡର ପାଲାମୁରୁ ଗୁଲାମ ମୁର୍ତାଜା ଯୋଗଦେବେ ବୋଲି ସମ୍ମିଳନୀରେ



ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଶୁକ୍ରବାର ରାତି ୮ଟାରୁ ଆରମ୍ଭ ହୋଇ ସକାଳ ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମେରଜ ଫରହାଦ୍ କୁରେଶି, ରାଏସ୍ କୁରେଶି, ଅନୱାର କୁରେଶି, ନିଜାମ କୁରେଶି, ଇରଫାନ୍ କୁରେଶି, ଇମ୍ରାନ କୁରେଶି, ସରିଫ କୁରେଶି, ଜମେଲ କୁରେଶି, ଗୁଡୁ କୁରେଶି, ଏଜାଜ ଅହମ୍ମଦ, ଶାମଶେର ଅଲୀ, ନାସିମ ଅଖୁରେ କୁରେଶି, ରାଜୁ କୁରେଶି, ରସିଦ କୁରେଶି, ଆଲେମ କୁରେଶି, ସଲିମ କୁରେଶି ଉପସ୍ଥିତ ଥିଲେ।

## ଇଷ୍ଟଜୋନ୍ କରାଟେ ଚାମ୍ପିଅନ୍‌ସିପ୍

## ରାଉରକେଲାକୁ ୫ ପଦକ

ରାଉରକେଲା, ୫।୧୧(ସମିସ): ଇଷ୍ଟ ଇଣ୍ଡିଆ କରାଟେ ଆସୋସିଏସନ ଓ ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ, ଓସ୍କା ପକ୍ଷରୁ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୫ମ ଇଷ୍ଟ ଜୋନ କରାଟେ ଚାପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗରୁ ପ୍ରାୟ ୭୦୦ କରାଟେକା ଅଂଶଗ୍ରହଣ କରିଥିଲେ। ଏଥିରେ ରାଉରକେଲାର ଖେଳାଳିମାନେ ୫ ପଦକ ହାସଲ କରିଛନ୍ତି। ରାଉରକେଲା କରାଟେ



ଆସୋସିଏସନ ମାଧ୍ୟମରେ ଏହି ଚାମ୍ପିୟନସିପରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଅର୍ଣ୍ଣଦିତ୍ୟ ସ୍ୱାଇଁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ପ୍ରିୟଂଶି ଦାସ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ଓ ରେୟାଂଶ ଚୌଧୁରୀ ଗୋଟିଏ କାଂସ୍ୟ ସହ ମୋଟ ୫ ଟି ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ଇଷ୍ଟ ଇଣ୍ଡିଆ କରାଟେ ସଙ୍ଘର ସଭାପତି ହାଂସି ପ୍ରେମଜୀତ ସେନ, ଓସ୍କାର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଆଡ଼ଭୋକେଟ କାଳୀ ପ୍ରସାଦ ନନ୍ଦ ଓ ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ କୁମାର ପଟ୍ଟନାୟକ ଯୋଗଦେଇ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ରାଜୀବ କୁମାର ସିଂ ଚାମ୍ପିଅନ୍‌ସିପ୍‌ରେ ଅଫିସିଆଲ ଦାୟିତ୍ୱ ତୁଲାଇଥିବାବେଳେ କୋଚ ରଞ୍ଜନ ପାତ୍ର ରାଉରକେଲା ଦଳର କୋଚ ଓ ମ୍ୟାନେଜର ଦାୟିତ୍ୱ ତୁଲାଇ ଥିଲେ। ଏହି ସମସ୍ତ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରେ ରାଜୀବ ସିଂଙ୍କ ଅଧୀନରେ କରାଟେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ରାଉରକେଲା କରାଟେ ସଂଘର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ ଓ ସହରସେବା ସମିତିର କର୍ମକର୍ତ୍ତା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୁନ୍ଦରଗଡ଼ ଦିବସ ଓ ଜିଲ୍ଲା ମହୋତ୍ସବ 'ଯତରା' ପାଇଁ ପ୍ରସ୍ତୁତି

ରାଉରକେଲା, ୫।୧୧(ସମିସ): ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରତିଷ୍ଠା ଦିବସ 'ସୁନ୍ଦରଗଡ଼ ଦିବସ' ଏବଂ ଜିଲ୍ଲା ମହୋତ୍ସବ 'ଯତରା' ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ସଫଳତାର ସହ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ ବିଭିନ୍ନ କମିଟି ଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି ନିଜନିଜ କମିଟିର କାର୍ଯ୍ୟଗୁଡିକ ସମ୍ପାଦନ କରିବାକୁ ଜିଲ୍ଲାପାଳ ଡ. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସେଥିରେ ଆଞ୍ଚଳିକ, ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶ ଗ୍ରହଣ କରିବେ। ଏଥିସହ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଚିତ୍ରକଳା ପ୍ରଦର୍ଶନୀ ଆଦି ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଆଇଏଏସ୍ ଶିକ୍ଷାନବିଶ ଫାବି ରସିଦ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କଳାକାର, ଯତରାର ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

● ୨୩ତମ ଏସିଆ ମାଷ୍ଟର ଦୌଡକୁଦ ପ୍ରତିଯୋଗିତା

## ଭାଗ ନେବେ ରାଉରକେଲାର ୪ ପ୍ରତିଯୋଗୀ

ରାଉରକେଲା, ୫।୧୧(ସମିସ): ତାମିଲନାଡୁ ରାଜ୍ୟର ଚେନ୍ନାଇ ସହରର ନେହେରୁ ଷଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଏସିଆ ମାଷ୍ଟର ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଦଳରେ ରାଉରକେଲାର ୪ ଜଣ ପ୍ରତିଯୋଗୀ ଯୋଗଦେଇ ସହର ପାଇଁ ଗୌରବ



ଆଣିଛନ୍ତି। ଉକ୍ତ ପ୍ରତିଯୋଗିତା ନଭେମ୍ବର ୫ ତାରିଖରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାଢ଼ିଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ନିଖିଳ କଳାକାର ପ୍ରଧାନ, ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ପ୍ରଦୀପ କୁମାର ପଣ୍ଡା, ଆରଇସି କ୍ୟାମ୍ପସର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଅଜୟ କୁମାର ରାଉତ ଓ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ଧୀରେନ ସାମନ୍ତ ସିଂହାର ଏହି ଆନ୍ତର୍ଜାତୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି।

## ୨୮ ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଉଦ୍‌ଯାପିତ

# କୁଚିପୁଡି, ରଣପ୍ପା, ସିଙ୍ଗାରି ଲୋକନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ






ରାଉରକେଲା, ୫।୧୧(ସମିସ)

ଭଞ୍ଜ ସାଂସ୍କୃତିକ ନ୍ୟାସର ସାଂସ୍କୃତିକ ଅଂଶ, ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଚେନ୍ନାଇ କୁଚିପୁଡି, ଗଞ୍ଜାମର ରଣପା, କଳାହାଣ୍ଡିର ରଣପା ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଆରଏସପି ଡିଆଇସି ଆଲୋକ କୁମାର ବର୍ମା ଉପସ୍ଥିତ ଥିଲେ। ଦୀପିକା ମହିଳା ସଂଘଠିର ଅଧ୍ୟକ୍ଷା ନମ୍ରତା ବର୍ମା, ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ନବନୀତା ପାଲଚୌଧୁରୀ, ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ଉପସ୍ଥିତ ଥିଲେ। ଶ୍ରୀ ଓରାମ କହିଥିଲେ, ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଇସ୍ପାତ ସହରର ସାମାଜିକ ଜୀବନକୁ କଳା ଓ ସଂସ୍କୃତି ମାଧ୍ୟମରେ ପ୍ରଭାବିତ କରିଛି; ସହରର ସାଂସ୍କୃତିକ ମାନଚିତ୍ରରେ ଏହା ଏକ ପ୍ରମୁଖ ଆକର୍ଷଣ ଅଟେ ବୋଲି କହିଥିଲେ। ଏଥିସହ ଭାରତୀୟ ସାଂସ୍କୃତିକ ଐତିହ୍ୟକୁ ଅଧିକ ସମୃଦ୍ଧ କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରିରହିଛି ଓ ଭବିଷ୍ୟତରେ ମଧ୍ୟ ଏହି ଉଦ୍ୟମ ଅଧିକ ବଳିଷ୍ଠ ହେବ ବୋଲି ସେ ହୋହରାଇଥିଲେ। ପ୍ରାରମ୍ଭରେ ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ଭଞ୍ଜ କଳା କେନ୍ଦ୍ରର ବିଦ୍ୟାର୍ଥୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ବୃନ୍ଦ ଗାୟନ ସମସ୍ତଙ୍କ ମନକୁ ଛୁଇଁଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଚେନ୍ନାଇର ବିଶିଷ୍ଟ କୁଚିପୁଡି ନୃତ୍ୟଗୁରୁ ଶ୍ରୀମୟୀ ଭେମ୍ପଟି ଓ ତାଙ୍କ ଅନୁଷ୍ଠାନର କଳାକାରମାନେ ସନ୍ଧ୍ୟାରେ ଚିତ୍ତାକର୍ଷକ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ପରେ ଗଞ୍ଜାମର ରଣପ୍ପା ଲୋକ ନୃତ୍ୟରେ ମଞ୍ଚ ପ୍ରକମ୍ପିତ ହୋଇଥିଲା। କଳାହାଣ୍ଡିର ଲୋକପ୍ରିୟ ସିଙ୍ଗାରି ଲୋକନୃତ୍ୟ ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଆର୍‌ଏମ୍‌ଏଚପି ବିଭାଗର ସିଜିଏମ ତଥା ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ ସ୍?ାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆରଏସପି ଲୋକ ସମ୍ପର୍କ ବିଭାଗର ଉପ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବଣାଇଁରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବଣାଇଁ, ୫।୧୧(ସମିସ): ବଣାଇଁ ବ୍ଲକ ଅନ୍ତର୍ଗତ ସିହିଡିଆ ଜଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଳିଆ ବିହାର ପରିସରରେ ସୋମବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅସୀମ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ମୂରଲୀଧର ବେହେରା, ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁଲାଲ ମାହାନ୍ତ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ, ନୃତ୍ୟ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ସୁରଭିକୁ ମନୋନୀତ ହେବେ ବୋଲି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ବଣାଇଁର ୧୦ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଣାଇଁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଉପସ୍ଥିତ ରହି ପରିଚାଳନା କରିଥିଲେ। ବିଭିନ୍ନ କ୍ଲଷ୍ଟରର ସିଆରସିସି, ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଖେଳି ଗୌରବ ଆଣିଲେ ଗୁମନ



କୋଇଡା, ୫।୧୧(ସମିସ): କୋଇଡା ବ୍ଲକର କାଦୋଡିହା ଗ୍ରାମ ଏକ ହାଟିଂର ୧୩ ବର୍ଷିଆ ପୁଅ ଗୁମାନ ଭୁମିଜ୍। ଝଟିମାଟି ଖପର ଘରେ ବାପା ଶଙ୍କରଙ୍କ ଛୋଟିଆ ଚଣା ମଟର ଦୋକାନ। ବସ୍ତିରେ ଖେଳୁଥିବା ଗୁମାନ ରାଜ୍ୟ ଫୁଟବଲ୍ ଦଳରେ ଚୟନ ହୋଇ ପଞ୍ଜାବ ଅମ୍ରିତସରଠାରେ ଚାଲୁଥିବା ଅଣ୍ଡର ୧୩ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳି କୋଇଡା ପାଇଁ ଗୌରବ ଆଣିଛନ୍ତି। କାଦୋଡିହା ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠପଢ଼ି ଗ୍ରାମର ପଡ଼ିଆରେ ସାଙ୍ଗ ସାଥୀଙ୍କ ସାଙ୍ଗରେ ଫୁଟବଲ୍ ଖେଳୁଥିଲେ। ଖେଳ ଦେଖି ଗ୍ରାମର ଦିଲୀପ ପାତ୍ର ଗୁମାନକୁ ଆଣି କାଦୋଡିହା ଫୁଟବଲ୍ ପଡ଼ିଆରେ କୋଚ୍ ସଙ୍ଘ ମାରାଣ୍ଡି ଅଧୀନରେ ଅଭ୍ୟାସ୍ କରାଇଥିଲେ। ଗୁମାନର ଗୋଲ୍ କିପିଂ ଦେଖି କୋଚ୍ ତାଙ୍କୁ ସହଯୋଗ କରି କଟକ ବାରବାଟୀଠାରେ ଫୁଟବଲ୍ ଏକାଡେମୀକୁ ପଠାଇଥିଲେ। ସେଠାରେ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ଗୁମାନ୍ ଓଡ଼ିଶା ଅଣ୍ଡର ୧୩ ଫୁଟବଲ୍ ଦଳରେ ସାମିଲ୍ ହୋଇଥିଲେ। ଏହାପରେ ପଞ୍ଜାବ ଅମ୍ରିତସରଠାରେ ଚାଲୁଥିବା ଅଣ୍ଡର ୧୩ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟିମ୍ ପକ୍ଷରୁ ଟୁର୍ଣ୍ଣାମେଣ୍ଟରେ ଖେଳିଥିଲେ। ସେଠାରେ ବିଭିନ୍ନ ରାଜ୍ୟ ସହ ଖେଳି ଶେଷରେ ମିଜୋରମ ରାଜ୍ୟ ସହ ଖେଳିବା ପରେ ସେ ଘରକୁ ଫେରିଛନ୍ତି। ଫେରିବା ପରେ ଫୁଟବଲ୍ ପ୍ରେମୀ, କୋଚ୍ ସଙ୍ଘ ମାରାଣ୍ଡିଙ୍କ ସମେତ ବରିଷ୍ଠ କନିଷ୍ଠ ସମସ୍ତ ଖେଳାଳୀ ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ।



# ଆରମ୍ଭ ହେଲା ମୁକ୍ତାକାଶ ବଣିଜ ମେଳା

"ପୁଣ୍ୟତୋୟା ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଉଦ୍‌ଘାଟିତ ହୋଇଛି ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ସ୍ମାରକୀ ବହନ କରୁଥିବା ଏସିଆ ମହାଦେଶର ସର୍ବବୃହତ୍ତ ମୁକ୍ତାକାଶ ବାଣିଜ୍ୟ ମେଳା । ଚମକି ଉଠିଛି ରୌପ୍ୟନଗରୀରର ରୁପେଲି ଆକାଶ । ହାଲ୍‌କା ଶୀତୁଆ ସନ୍ଧ୍ୟାରୁ ଆରମ୍ଭ ହେବାକୁ ଥିବା ଏହି ମହାକୁମ୍ଭ ୮ ଦିନ ଧରି ଚାଲିବ....୧୦୦କୋଟି ବ୍ୟବସାୟର ଆଶା ନେଇ ଗଡ଼ଗଡ଼ିଆ ସହିତ କିଲ୍ଲା ପିଡ଼ଆରେ ତୟାର୍ ହୋଇ ସାରିଲାଣି ଅତ୍ୟାଧୁନିକ ଓ ସର୍ବପୁରାତନ ସାଂସ୍କୃତିକ ଓ ବାଣିଜ୍ୟିକ ଯୁଗଳବନ୍ଦୀ । ପଡ଼ିଆ, ମଞ୍ଚ, ପ୍ରଶାସନ, ପୁଲିସ, ଅଗ୍ନିଶମବାହିନୀଠାରୁ ଆରମ୍ଭ କରି ଷ୍ଟଲ୍ ମାଲିକ ଓ ଦର୍ଶକମାନେ ଆଜି ପ୍ରଥମ ଦିନରେ ବେଶ୍ ଉତ୍ସାହିତ..."

କଟକ,୫ ।୧୧(ସମିସ): ପ୍ରତୀକ୍ଷାର ଅନ୍ତ ଘଟିଛି। ଆଜି ସନ୍ଧ୍ୟା ୫ଟା ୩୦ରୁ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି ଐତିହାସିକ ବାଲିଯାତ୍ରା-୨୦୨୫ । ଚଳିତ ବର୍ଷ ବାଲିଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ଜେରଦାର୍ ପ୍ରସ୍ତୁତ ଚଳାଇ ଏକ ସୁନ୍ଦର ମହାକୁମ୍ଭ ଭେଟି ଦେଇଛି। ଯାତ୍ରାରେ ସମୁଦାୟ ୧୬୦୦ଟି ଷ୍ଟଲ୍ ନିର୍ମାଣ ଶେଷ ହୋଇଛି। ଏଥର ନୂଆକରି ଇଣ୍ଡୋନେସିଆ ସରକାର ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି । ୫୦୦ରୁ ଅଧିକ ଉଠା ଦୋକାନୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଜାଗା ଦିଆଯାଇଛି। ତେବେ ପ୍ରଶାସନ ୮ଦିନିଆ ସାଂସ୍କୃତିକ ସନ୍ଧ୍ୟାକୁ ଅଧିକ ରଂଗୀନ କରିବା ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଞ୍ଚରେ ବଲିଉଡ୍ ଓ ଓଲିଉଡ୍‌ର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରଖାଯାଇଛି । ଏଥର ନୂଆକରି କଟକ ଇନ୍ କଟକକୁ ଆମ ଭାଷା ଆମ ସାହିତ୍ୟ ଥିମ୍‌ରେ ସଜ୍ଜା ଯାଇଛି । ସର୍ବସାଧାରଣରେ ୧ଲକ୍ଷ ପୁସ୍ତକ ବଣ୍ଟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

ଅଗ୍ନିଶମ ବାହିନୀ ପଡ଼ିଆରେ ତୟାର୍ ଅଛନ୍ତି। ସମଗ୍ର ବାଲିଯାତ୍ରା ଅଞ୍ଚଳକୁ ଉପର ଏବଂ ତଳ ୨ଟି ସେକ୍ଟରରେ ବିଭାଜନ କରାଯାଇଛି। ପ୍ରତ୍ୟେକ ସେକ୍ଟରକୁ ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ର, ଶକ୍ତିଶାଳୀ ପମ୍ପ୍ ୟୁନିଟ୍ ଏବଂ ଅଗ୍ନିଶମ ପୋଷ୍ଟ ନିର୍ମାଣ ଶେଷ ହୋଇଛି । ସମସ୍ତ ପୋଷ୍ଟରେ ଅଗ୍ନି ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ୨୯୫ଜଣ ଅଗ୍ନିଶମ କର୍ମଚାରୀ, ୭ଟି ଅସ୍ଥାୟୀ ଦମକଳ କେନ୍ଦ୍ର, ୪ଟି ପମ୍ପ୍ ୟୁନିଟ୍, ୩ଉଦ୍ଧାରକାରୀ ଦଳ, ୫ଟି ଅଗ୍ନି ନିର୍ବାପକ ପୋଷ୍ଟ, ୨ଟି ଫାୟାର୍ ପାଟ୍ରୋଲିଂ, ୨ଟି ଅଗ୍ନି ନିୟନ୍ତ୍ରଣ କକ୍ଷ, ୪ଟି କୁଇକ୍ ରେସପନ୍ସ ୟୁନିଟ୍, ୩ଟି ଜାତୀୟ ରାଜପଥ ସୁରକ୍ଷା ଦଳର ବ୍ୟବସ୍ଥା ହୋଇଛି। ସେହିପରି କମିଶନରେଟ୍ ପୁଲିସ ପକ୍ଷରୁ ୬୭ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଓ ପାର୍କିଂ ପରିଚାଳନା ପାଇଁ ୬୭ ପ୍ଲାଟୁନ୍ ଫୋର୍ସ ମୁତୟନ ରହଛନ୍ତି । ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ୨୧ଟି ସ୍ଥାନରେ ସିସି ଟିଭି କ୍ୟାମେରା ଖଞ୍ଜାଯାଇଛି । ଏଥିସହ ୨୦ରୁ ଅଧିକ ସ୍ଥାନରେ ପୁଲିସ ଏଡ୍‌ପୋଷ୍ଟ ସ୍ଥାପନ କରାଯାଇଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।



## ଖୋଲିଲାଣି ୧୬୦୦ ଷ୍ଟଲ୍ ସମେତ ଓର୍‌ମାସର ୫୦୦ ଷ୍ଟଲ
## ମେଳିଛି ପାରମ୍ପରିକ ଓ ଆଧୁନିକ ଖାଦ୍ୟ-ସାମଗ୍ରୀର ପସରା
## 'କଟକ-ଇନ୍-କଟକ'ରେ 'ଆମ ଭାଷା-ଆମ ସାହିତ୍ୟ' ବାର୍ତ୍ତା

### ଇଣ୍ଡୋନେସିଆ ନୃତ୍ୟରେ ଦୁଲୁକିଲା ମଞ୍ଚ

ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆଜି ଠାରୁ ଆରମ୍ଭ ହୋଇଛି ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଏବଂ କଟକ ସୂର ମନ୍ଦିରର ମୀରା ଦାସ ଓ ଜ୍ୟୋସ୍ନାରାଣୀ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ପରେ ରାତି ୯ଟା ୪୫ରୁ ୧୦ଟା ୧୫ ପର୍ଯ୍ୟନ୍ତ ଦର୍ଶକଙ୍କ ମନ ମୋହିଥିଲା ଇଣ୍ଡୋନେସିଆ ନୃତ୍ୟ। ଇଣ୍ଡୋନେସିଆର 'ଏର୍ଣ୍ଣି ୱାହୟୁନି'ଙ୍କ କଳାକଉଶଳରେ ଦର୍ଶକ ହୋଇଥିଲେ ବିଭୋର। ବଲ୍‌ବାନ୍ ଆଣ୍ଡ ଦ' ବାଟଉନ ଫ୍ୟୁଜନ୍ ବ୍ୟାଣ୍ଡର ସଂଗୀତ ଥିଲା ଚମତ୍କାର। ଏହା ପରେ ରାତି ୧୦ଟା ୧୫ରୁ ୧୧ଟା ପର୍ଯ୍ୟନ୍ତ ପୁରୀର ଫେଟ୍ ଫାଇଟର୍ ମଲ୍‌ଖମ୍ବ ଟ୍ରଷ୍ଟ ପକ୍ଷରୁ ଜ୍ଞାନ ରଞ୍ଜନ ମହାନ୍ତି 'ମଲଖମ୍ବ' ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ଦିନରେ ସାଂସ୍କୃତିକ ବିଚିତ୍ରାର ମଜ୍ଜା ନେଇଥିଲେ ଶହ ଶହ ଦର୍ଶକ।

ଆରମ୍ଭ ହୋଇଛି ବାଲିଯାତ୍ରା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଉଦ୍‌ଘାଟନ କରିଛନ୍ତି । ଆଜି ସନ୍ଧ୍ୟାରେ ନମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'କଳିଙ୍ଗ ତରଙ୍ଗିଣୀ' ବୋଇତରେ ବାଲିଯାତ୍ରା ପଡ଼ିଆରେ ପହଞ୍ଚି ଥିଲେ । ପ୍ରଥମେ ଓର୍‌ମାସ, ଏହା ପରେ କଟକ ଇନ୍ କଟକ ଆଉ ତା'ପରେ ଐତିହାସିକ ବାଲିଯାତ୍ରା କଟକ-୨୦୨୫କୁ ଉଦଘାଟନ କରିଥିଲେ। ତଳ ବାଲିଯାତ୍ରା ପଡ଼ିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଠକିଦେଲା ଜିଲ୍ଲା ପ୍ରଶାସନ
### ସୁଭାଷ ସଂଗଠନର ନିରବ ପ୍ରତିବାଦ

ବୁଧବାରରେ କଟକ ସହରରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଥିବା ବେଳେ ସୁଭାଷ ସଂଗଠନ ପକ୍ଷରୁ ପଡ଼ିଆ ନିକଟରେ ବିରୋଧ ପ୍ରଦର୍ଶନ କରାଯାଇଛି। କଟକର ଐତିହାସିକ ବାଲିଯାତ୍ରାକୁ ଜିଲ୍ଲା ପ୍ରଶାସନ ଯେପରି ସଙ୍କୁଚିତ କରିବାରେ ଲାଗିଛି, ସହରବାସୀଙ୍କ ମନରେ ପ୍ରଶ୍ନ ଆସିଲାଣି ଏହାକୁ ବିଧିବଦ୍ଧ ଭାବେ ଯୋଜନା କରି କଟକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ନଷ୍ଟ କରାଯାଉଅଛି। ବିଡମ୍ବନା ବିଷୟ ଏଠାରେ ଜନ ପ୍ରତିନିଧିଙ୍କ କଥାକୁ ଜିଲ୍ଲାପାଳ ଅଣଦେଖା କରୁଛନ୍ତି। ମେୟର, ବିଧାୟିକା, ସାଂସଦ କହୁଛନ୍ତି ଉପର ପଡିଆରେ ବାଲିଯାତ୍ରା କରାଯାଉ, ଏମିତି କି ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ ନିର୍ଦ୍ଦେଶ ଦେଲେ କି ଉପର ପଡିଆ ଓ ତଳ ପଡ଼ିଆରେ ବାଲିଯାତ୍ରା ସୂଚାରୁ ରୂପେ କରାଯାଉ। ଏସବୁ କଥା ହେଲା ପରେ ମଧ୍ୟ ଏହାକୁ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି । କଟକ ପ୍ରତି ବୈମାତୃକ ମନୋଭାବକୁ ସହରବାସୀ ବିରୋଧ କରିବେ । ଆଗାମୀ ଦିନରେ ବାଲିଯାତ୍ରାକୁ ଯଦି ପୂର୍ବଭଳି ନ କରାଯାଏ ତେବେ ରାଜରାସ୍ତାରେ ତୀବ୍ର ବିରୋଧ କରାଯିବ ବୋଲି କୁହାଯାଇଥିଲା। ସଙ୍ଗଠନ ପକ୍ଷରୁ ଆୟୋଜିତ ନିରବ ପ୍ରତିବାଦରେ ସଭାପତି ଜ୍ଞାନରଞ୍ଜନ ଦାସ, ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ବାପୁଜୀ କର, କ୍ଷୀରୋଦ କୁମାର ସାହୁ, ମମତା ମଞ୍ଜରୀ ସାହୁ, ସଞ୍ଜିବ ସାହୁ, ରାକେଶ ବସ୍ତିଆ, ଲୋପାମୁଦ୍ରା ଷଡ଼ଙ୍ଗୀ, ମଣ୍ଟୁ ସାହୁ, ସଞ୍ଜୀବ ଶୁକ୍ଳ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ମୁଗ୍ଧ କଲା ମହାନଦୀ ଆଳତି

ଜିଲା ପ୍ରଶାସନ ପକ୍ଷରୁ ଚଳିତଥର ପ୍ରଥମକରି କାର୍ତ୍ତିକ ପୂର୍ଣ୍ଣିମାର ସକାଳ ସମୟରେ ମହାନଦୀ ଆଳତୀ କରାଯାଇଛି। ପରେ ରୀତିନୀତି ଅନୁଯାୟୀ ବୋଇତ ବନ୍ଦାଣ କରାଯାଇଥିଲା। ଏହି ମହାନଦୀ ଆଳତି ବାଲିଯାତ୍ରା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ପ୍ରଶାସନ ପକ୍ଷରୁ ବୁଧବାର ସକାଳ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଢୋଲ ତାସା ଓ ବେଦ ପାଠ କରାଯାଇଥିଲା। ଏଥିରେ ପ୍ରାୟ ୪୫ ରୁ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।





### ମୁଖ୍ୟମନ୍ତ୍ରୀ ଆସିଲେ ସନ୍ଧ୍ୟାରେ; ଖରାବେଳୁ ଛିଡ଼ା ରହିଲେ ଛାତ୍ରଛାତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କଟକ ବାଲିଯାତ୍ରାକୁ ଉଦଘାଟନ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ଯୋଗ ଦେବାର ଏକ ଘଣ୍ଟା ପୂର୍ବରୁ ସାଧାରଣ ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଯାଇଥିଲା। ଏପରିକଙ୍କ ଗଣକବି ବୈଷ୍ଣବ ପାଣି ମଞ୍ଚ ନିକଟସ୍ଥ ଅଞ୍ଚଳ, କଟକ ଇନ କଟକ ବାହାର ପାଶ୍ୱର୍ ଓ ମଞ୍ଚକୁ ସଂଯୋଗ କରୁଥିବା ରାସ୍ତାକୁ ବନ୍ଦ କରାଯାଇଥିଲା। ଫଳରେ ପଡ଼ିଆରେ ଅସମ୍ଭାଳ ଭିଡ ହୋଇଯାଇଥିଲା। ଏହା ଭିତରେ ଆଉ ଘଟଣା ଦେଖିବାକୁ ମିଳିଥିଲା। କଟକ ଇନ କଟକ ପରିସରରେ ଆମ ସାହିତ୍ୟ ଆମ ସଂସ୍କୃତି ପାଭିଲିୟନ କରାଯାଇଛି। ଏଠାରେ ସଂଗୃହିତ କରାଯାଇଥିବା ପୁସ୍ତକକୁ ସାଧାରଣ ଲୋକ ନେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ବାଲିଯାତ୍ରାର ଉଦଘାଟନ କରିବା ପୂର୍ବରୁ ଏହି ପାଭିଲିୟନରେ ଥିବା ବହି କାଉଣ୍ଟର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବାବେଳେ ଏଥିପାଇଁ ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଡକାଯାଇଥିଲା। ସନ୍ଧ୍ୟା ୫ଟା ୩୦ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାବେଳେ ମଧ୍ୟାହ୍ନ ୨ଟାରୁ ଛାତ୍ରଛାତ୍ରୀଙ୍କୁ ଡକାଯାଇଥିଲା। ଏହାକୁ ନେଇ କିଛି ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଥିଲା।

### ଶାନ୍ତିଲତାଙ୍କ ଶାଢ଼ି ପାଖେ ଭିଡ଼

ବାଙ୍କୀ ଡମପଡା ଅଞ୍ଚଳର ଶାନ୍ତିଲତା ମହାପାତ୍ର ବାଲିଯାତ୍ରାର ଓରମାସର ଏକ ଷ୍ଟଲରେ ବସି ଶାଢ଼ି ବୁଣୁଛନ୍ତି। ହାତ ତିଆରି ଏହି ଶାଢ଼ିଗୁଡିକର ବୁଣା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ଶାଢିର ଦର ୧୫ଶହ ଟଙ୍କାରୁ ଆରମ୍ଭ କରି ୧୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଗୋଟିଏ ଶାଢ଼ି ବୁଣିବାକୁ ୪ ଦିନ ସମୟ ଲାଗେ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଶାଢ଼ୀ ତିଆରି କରିଥାଏ। ୮ବର୍ଷ ହେବ ସେ ବାଲିଯାତ୍ରା ଆସୁଥିବା ଖୁବ ଭଲ ବେପାର ହେବା ସହ ଶାଢ଼ି କିପରି ବୁଣା ଯାଏ ସେ ସମ୍ପର୍କରେ ଲୋକ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି।



### ଭାସିଲା ଶାଳପତ୍ର ଡଙ୍ଗା

ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅବସରରେ ପରିବେଶକୁ ଦୃଷ୍ଟିରେ ରଖି ଏକ ଅଭିନବ ପ୍ରୟାସ କରାଯାଇଛି। ଓରମାସର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀ ମାନଙ୍କ ଦ୍ୱାରା ଶାଳ ପତ୍ରରେ ୨୦୦୦୦ରୁ ଅଧିକ ଡଙ୍ଗା ତିଆରି କରାଯାଇଥିଲା। ମହାନଦୀ ଆଳତୀ ପରେ ଗଡ଼ଗଡିଆ ଘାଟ ମହାନଦୀ ଜଳରେ ଏଗୁଡିକ ଭସା ଯାଇଥିଲା। ଏଥିରେ କଟକ ସହରରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ, ଏସଏଚଜି ମହିଳା ଓ ସାଧାରଣ ଲୋକ ଯୋଗ ଦେଇ ଡ଼ଙ୍ଗା ଭସେଇ ଥିଲେ। ଡ଼ଙ୍ଗା ତିଆରି ପାଇଁ ବ୍ୟବହାର ହୋଇଥିବା ଶାଳ ପତ୍ର ମୟୁରଭଞ୍ଜରୁ ଅଣା ଯାଇଥିଲା।

## ପୂର୍ଣ୍ଣିମୀର ପହିଲି ସକାଳେ...

# ପୁଣ୍ୟତୋୟା ମହାନଦୀରେ ଧର୍ମର ଡଙ୍ଗା

"ଐତିହାସିକ ସହରରେ ପହିଲି ଶୀତ ସକାଳର ସିନ୍ଦୂରା ଫାଟିବା ଆଗରୁ ଚାଦର ଓ ଶାଢ଼ି ଭିତରୁ ବାହାରି ଆସୁଥିଲା ଧାର୍ମିକ ହାତ । ସେଇ ହାତରେ ଥିଲା ରଙ୍ଗବେରଙ୍ଗର ଡଙ୍ଗା । ମୁହଁ ଅନ୍ଧାର ଭିତରେ ସୋଲ ଓ କଦଳୀ ପଟୁଆ ଡଙ୍ଗା ପୁଣ୍ୟତୋୟା ମହାନଦୀରେ ଭାସି ଭାସି ଯାଉଥିଲେ । ରହି ରହି ଶୁଭୁଥିଲା 'ଆ-କା-ମା-ବୈ , ପାନ-ଗୁଆ-ଥୋଇ, ପାନ-ଗୁଆ ତୋର ମାସିକ ଧର୍ମ ମୋର'...ଭଳି ସ୍ୱର । ମୋଟାମୋଟି ଭାବେ ମହାନଦୀର ରେଳ ବ୍ରିଜ୍ ଉପରୁ ଦିଶୁଥିଲା ଯେମିତି ପୁଣ୍ୟତୋୟା ମହାନଦୀରେ ନିଆଁ ଲାଗିଯାଇଛି । ଧର୍ମ ମାସ କାର୍ତ୍ତିକର ଶେଷ ଦିନରେ ତଥା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଗଡଗଡିଆ ଘାଟରେ ଏକତ୍ରିତ ହୋଇଥିଲେ ହଜାର ହଜାର କଟକିଆ । ଡଙ୍ଗା ଭସାଇ ସାରି ଯାତ୍ରା ପଡ଼ିଆରେ ଠୁଙ୍କାପୁରୀ ଖାଇଥିଲେ କଟକିଆ । ଆଉ ନଦୀ ଗର୍ଭରେ ଭାସି ଭାସି ଯାଇଥିଲା 'କଟକୀ ଡଙ୍ଗା'..."





କଟକ,୫।୧୧(ସମିସ): ଆଜି ଠାରୁ ଆରମ୍ଭ ହୋଇଛି ଐତିହାସିକ ବାଲିଯାତ୍ରା-୨୦୨୫ । ଏଥି ସହ ଆଜି ଥିଲା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତଥା ଧାର୍ମିକ କାର୍ତ୍ତିକ ମାସର ଶେଷ ଦିନ। ଗଡଗଡିଆ ଘାଟରୁ ଶୁଭିଥିଲା ବୋଇତ ବନ୍ଦାଣର ସ୍ୱର । ଆ-କା-ମା-ବୈ, ପାନ-ଗୁଆ-ଥୋଇ, ପାନ-ଗୁଆ ତୋର ମାସିକ ଧର୍ମ ମୋର...ଏହି ଗୀତ ଗାଇ ନଦୀରେ ଡଙ୍ଗା ଭସାଇଥିଲେ, ପ୍ରତିଟି କଟକିଆ। ଡଙ୍ଗା ଭସାଇ ବ୍ରତ ଭାଙ୍ଗିଥିଲେ ହବିଷ୍ୟାଳି। ରାତି ୪ଟାରୁ ନଦୀରେ ଡଙ୍ଗା ଭସାଇବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଛନ୍ତି କଟକ ବାସିନ୍ଦା ଓ ଏଠାରେ ରହୁଥିବା ପ୍ରତ୍ୟେକଟି ଓଡ଼ିଆ। ଓଡିଆ ସଂସ୍କୃତି ଓ ପରମ୍ପରାର ଏହି ପର୍ବକୁ ଉତ୍ସବ ମୁଖର ହୋଇ ଉଠିଛି କଟକ ସହର। ବଡ଼ି ଭୋରୁ ନଦୀରେ ବୁଡ ପକାଇବା ପରେ କଦଳୀ ପଟୁଆ ଓ ସୋଲରେ ତିଆରି ବିଭିନ୍ନ ରଙ୍ଗ ବେଙ୍ଗରଙ୍ଗ ଡଙ୍ଗାରେ ପାନଗୁଆ ରଖି ଦୀପ ଜାଳି ଡଙ୍ଗାକୁ କୂଳରୁ ନଦୀ ଗର୍ଭକୁ ମେଲାଣୀ ଦେଇଥିଲେ ଶ୍ରଦ୍ଧାଳୁ।





କାର୍ତ୍ତିକ ମାସର ଆଜି ଶେଷ ଦିନ ହୋଇଥିବାରୁ ସହରର ବିଭିନ୍ନ ଦେବାଦେବୀ ପୀଠରେ ମଧ୍ୟ ଭକ୍ତଙ୍କ ଭିଡ ଜମିଥିଲା। ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସ ଗୁଡ଼ିକୁ ଓଡିଆଙ୍କର ସବୁଠୁ ଧର୍ମର ମାସ ବୋଲି ବିବେଚନା କରାଯାଏ। ଅନ୍ୟପଟେ ସକାଳୁ ସକାଳୁ ବ୍ରତଧାରୀଙ୍କ ଉଭୟ ମହାନଦୀ ଓ କାଠଯୋଡିରେ ଭିଡ଼ ଜମାଇଥିଲେ। ନଦୀରେ ଗାଧୋଇ ସାରିବା ପରେ ବ୍ରତଧାରୀ, ଆବାଳ ବୃଦ୍ଧ ବନିତା କଦଳୀ ପାଟୁକା ଓ ସୋଲରେ ତିଆରି ଡଙ୍ଗାରେ ପାନଗୁଆ ରଖି ଦୀପ ଜାଳି ଡଙ୍ଗା ଭସାଇଥିଲେ। ଡଙ୍ଗା ଭସା ଯିବା ପରେ ଆବାଳ ବୃଦ୍ଧ ବନିତା ଘରକୁ ଫେରି ସମସ୍ତେ ଚଉରା ମୂଳେ ମୁରୁଜ ଆଙ୍କିଥିଲେ। ଏହାପରେ ଶୈବ ପୀଠଗୁଡିକୁ ଦର୍ଶନ ପାଇଁ ଯାଇଥିଲେ। ଆଜି ସନ୍ଧ୍ୟାରେ ହୋଇଥିଲା ବୋଇତ ବନ୍ଦାଣ। ଏହି ଉତ୍ସବର ପ୍ରତୀକ ହେଉଛି ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା। ସାଧବ ପୁଅ ବେଶରେ କଳାକାରମାନେ ଡଙ୍ଗାରେ ବସିଥିଲେ। ଘଣ୍ଟ, ଶଙ୍ଖ, ହୁଳାହୁଳି ନାଦରେ କମ୍ପିଥିଲା ଚଉଦିଗ। ସେମାନଙ୍କୁ ବନ୍ଦାଇବା ପରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସନ୍ଧ୍ୟାରେ ବୋଟ୍ କ୍ଲବ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନ୍ୟାନ୍ୟ ଅତିଥି ମହାନଦୀ କୂଳେ କୂଳେ ବୋଇତରେ ଆସି ଗଡଗଡିଆ ଘାଟରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ସ୍ୱତନ୍ତ୍ର ଡଙ୍ଗା ଭସା କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ତାଙ୍କ ଧର୍ମପତ୍ନୀ ମହାନଦୀରେ ଡଙ୍ଗା ଭସାଇଥିଲେ।

## ଡଙ୍ଗା ଭସାଇଲେ କୁନି ପିଲା



ନନ୍ଦପୁର,୫।୧୧ (ସମିସ): କାର୍ତ୍ତିକ ପୂର୍ଣ୍ଣିମାରେ ଆଜି ସକାଳୁ ବିଭିନ୍ନ ପୋଖରୀ, ନଦୀ, ଗାଡ଼ିଆରେ ଲୋକେ ଡଙ୍ଗା ଭସାଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି କୁନି କୁନି ପିଲାମାନେ ମଧ୍ୟ ଡଙ୍ଗା ଭସାଇଥିଲେ। ଆମ ଓଡ଼ିଆ ସଂସ୍କୃତି ପରମ୍ପରାକୁ ବଞ୍ଚାଇବା ପାଇଁ ଲୋକେ ଯତ୍ନବାନ ରହିଥିବା ଏହି ପର୍ବ ସଫଳତାରୁ ମନେ ହେଉଛି।

## ଉମରକୋଟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ



ଉମରକୋଟ,୫।୧୧(ସମିସ): ଉକ୍ରଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ଉମରକୋଟ ସହରର ବିଭିନ୍ନ ନଦୀ ପୁଷ୍କରିଣୀ ଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳୁ ସକାଳୁ ଶ୍ରଦ୍ଧାଳୁ ମାନେ ଡିଏନକେ ଠାରେ ଥିବା ଭାସ୍କେଲ ନଦୀକୁ ଯାଇ କାର୍ତ୍ତିକ ବୁଡ ପକାଇ କଦଳୀ ପଟୁଆ ଓ କାଗଜ ଡଙ୍ଗା ତିଆରି କରି ଡଙ୍ଗା ଭସାଇଥିଲେ। ଉମରକୋଟ ସହରର ଡିଏନକେ ଠାରେ ଭାସ୍କେଲ ନଦୀରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।। ଆ..କା..ମା.. ବୈ ଗୀତ ଗାଇ ବୋଇତ ବନ୍ଦାଣ କରି ଡଙ୍ଗା ଭସାଇଥିଲେ। ପରେ ଡିଏନକେ ଇଶାନେଶ୍ୱର ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ଟାଉନ ଜଗନ୍ନାଥ ମନ୍ଦିର ଭଳି ସହର ମଧ୍ୟରେ ଥିବା ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଉମରକୋଟ ସହରର ବିଭିନ୍ନ ଦେବାଦେବୀ ମନ୍ଦିରରେ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା।

# ଶାବର ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା, ବୋଇତ ବନ୍ଦାଣ ଉତ୍ସବ

କୋରାପୁଟ,୫।୧୧(ସମିସ): କୋରାପୁଟ ସହରରେ ଉତ୍ସାହ ଓ ଉଦ୍ଦୀପନା ସହ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରସରେ ନରେନ୍ଦ୍ର ସରୋବର ଲୋକାରଣ୍ୟ ସହ ଚଳଚଞ୍ଚଳ ହୋଇଉଠିଥିଲା। ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିର ତରଫରୁ ଆୟୋଜିତ ସ୍ୱତନ୍ତ୍ର ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିରର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଗହଣରେ ଭକ୍ତମାନେ ଆନନ୍ଦ ଉଲ୍ଲାସର ସହ ନିଜେ ଆଣିଥିବା ଡଙ୍ଗାକୁ ଭସାଇଥିଲେ।।ଶିଶୁ ଉଦ୍ୟାନରେ ଥିବା ନରେନ୍ଦ୍ର ସରୋବର ଓ ଚନ୍ଦନ ପୋଖରୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଥିଲେ। କୋରାପୁଟ ଜଗନ୍ନାଥ ମନ୍ଦିରରେ ନିତିକାନ୍ତି ସରିବା ପରେ ଡଙ୍ଗାକୁ ମନ୍ଦିର ପରିସରରୁ ଶିଶୁ ଉଦ୍ୟାନ ସ୍ଥିତ ନରେନ୍ଦ୍ର ସରୋବରକୁ ଅଣାଯାଇଥିଲା। ବନ୍ଦାପନା କରିବା ପରେ ଜିଲ୍ଲାପାଳ ଶ୍ରୀ ମହାଜନ ଡଙ୍ଗାକୁ ଭସାଇଥିଲେ। କୋରାପୁଟ ପୌର ପରିଷଦ



ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।ଅସଂଖ୍ୟ ଶ୍ରଦ୍ଧାଳୁ ବିଶେଷ କରି ମହିଳା ଶ୍ରଦ୍ଧାଳୁ ମାନେ ଭୋରରୁ ଆସି ଡଙ୍ଗା ଭସାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ। ଥଣ୍ଡା ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ବୋଇତ ବନ୍ଦାଣ କରିବା ସହ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଂପାଦକ ଭବାନୀ ଆଚାର୍ଯ୍ୟଙ୍କ ସହ ଅନ୍ୟ କର୍ମକର୍ତ୍ତା ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।। ଧର୍ମ ମାସ କାର୍ତ୍ତକର ଅନ୍ତିମ ଦିନ କାର୍ତ୍ତିକ ପୂର୍ଣ୍ଣିମାରେ ଶାବର ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇଥିଲା ଲକ୍ଷ୍ମୀନୃସିଂହ ଏବଂ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ ଭକ୍ତ।। ଏକ ମାସ ଧରି ବ୍ରତଧାରୀଙ୍କ ସହ ସଂଖ୍ୟାଧିକ ଶ୍ରଦ୍ଧାଳୁଙ୍କ ଶାବର ଶ୍ରୀକ୍ଷେତ୍ରରେ ସମାଗମ ହୋଇଥିଲା। ହବିଷ୍ୟାଳୀ ମାନେ ସ୍ୱତନ୍ତ୍ର ପୂଜା, ପୁରାଣ ପଠନ ଓ ଦାନ ଧର୍ମ କରି ମାସିକିଆ ହବିସକୁ ବିସର୍ଜନ କରିଥିଲେ। ପରସ୍ପର ଭିତରେ କୋଳାକୋଳି ଓ ଭାବବିହୋଳ ହୋଇ ବିଦାୟ ନେଉଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ।

# ଉତ୍କଳ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ

ସୁନାବେଡ଼ା,୫।୧୧ (ସମିସ): ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଉକ୍ରଳ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ୨୦୨୫ ପାଳିତ ହୋଇଯାଇଛି। ବୋଇତ ବନ୍ଦାଣ ପୂଜାର୍ଚ୍ଚନା ପୂର୍ବକ ସହରାଞ୍ଚଳର କୁନି କୁନି ପିଲା ମାନେ ସାଧବ ପୁଅ ଓ ସାଧବ ବୋହୁର ବେଶଭୂଷାରେ ଏକ ସୁସଜ୍ଜିତ ବୋଇତରେ ପରିଷଦ ପରିସରରୁ ବାହାରି ଏଲ୍ ଜୋନ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ବୋଇତ ବନ୍ଦାଣ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଲ କୋରାପୁଟ ଡିଭିଜନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଏବଂ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀଅଙ୍ଗ ଅନିଲ ରାଓ କୋଠେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ସୁସଜ୍ଜିତ ବୋଇତ ସହର ପରିକ୍ରମା କରିବା ଅବସରରେ ଆଇ. ବି ଜୋନ ହନୁମାନ ମନ୍ଦିର, ଆର୍. ଜୋନ ମା ମଙ୍ଗଳା ମନ୍ଦିର, କେ. ଜୋନ ମଙ୍ଗଳା ମନ୍ଦିର, ବି. ଜୋନ ମା ତାରିଣୀ ମନ୍ଦିର, ଏବଂ ଈ. ଜୋନ ମା ସନ୍ତୋଷି ମନ୍ଦିର ପରିସରରେ ବୋଇତ ବନ୍ଦାଣ କରାଯାଇଥିଲା। ଉକ୍ତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ପରିଷଦର ସଭାପତି ପ୍ରଦୀପ କୁମାର ସାହୁ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ରାଧା ଶ୍ୟାମ ଦାସ, କମଳାକାନ୍ତ ବିଶୋଇ, ମାନସ କୁମାର ଦାସ, ଆନନ୍ଦ ମୌଳି ପଟ୍ଟନାୟକ , କର୍ମକର୍ତ୍ତା ମନୋଜ କୁମାର ପଟ୍ଟନାୟକ, ସରୋଜ କୁମାର ଦାସ, ସମ୍ବିତ ଶେଖର ସ୍ୱାଇଁ, ସୁଧାଂଶୁ ଶେଖର ରାୟ, ସମୀର ରାଉତ, ରମାକାନ୍ତ କଲିଆ, ଶ୍ରୀକୁମାର ବେହେରା, ସୂର୍ଯ୍ୟକାନ୍ତ ଦଳାଇ, ପ୍ରଭାକର ବେହେରା, ପ୍ରକାଶ ଚନ୍ଦ୍ର ହୋତା, ଇ. ପ୍ରକାଶ ଦୋରା ଓ ପ୍ରଭାତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଗୁରୁ ନାନକଙ୍କ ୫୫୬ତମ ଜୟନ୍ତୀ



ଜୟପୁର, ୫।୧୧(ସମିସ): ଜୟପୁର ସହରରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟର ପ୍ରତିଷ୍ଠାତା ତଥା ପ୍ରଥମ ଗୁରୁ ନାନକ ସାହେବଙ୍କ ୫୫୬ ତମ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ସହରର ବ୍ରହ୍ମାସାହି ଏବଂ ନାରାୟଣତୋଟା ସାହି ସ୍ଥିତ ଗୁରୁଦ୍ୱାରା ଠାରେ ସହରର ପ୍ରାୟ ୧୫୦ରୁ ଅଧିକ ଶିଖ୍ ଓ ସିନ୍ଧି ସମ୍ପ୍ରଦାୟ ପରିବାର ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଗତ ତିନି ଦିନ ଧରି ସମ୍ପ୍ରଦାୟ ଧର୍ମାଲମ୍ବୀଙ୍କ ପକ୍ଷରୁ ଗୁରୁ ନାନକଙ୍କ ଫୋଟଚିତ୍ର ଏବଂ ସମ୍ପ୍ରଦାୟର କେଶରୀ ରଙ୍ଗର ପତାକା (ଚୋଲା) ହାତରେ ନେଇ ନଗର କୀର୍ତ୍ତନରେ ନାରାୟଣତୋଟା ସାହିରୁ ଏକ ଶୋଭାଯାତ୍ରାରେ ସହର ମୁଖ୍ୟ ଟ୍ରାଫିକ ଛକ, ସରକାରୀ ବସଷ୍ଟାଣ୍ଡ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମାର୍ଗ ଦେଇ ବ୍ରହ୍ମାସାହି ଗୁରୁଦ୍ୱାରାରେ ପହଞ୍ଚି ପୁଣି ନାରାୟଣତୋଟା ସାହିକୁ ଏହି ଶୋଭାଯାତ୍ରା ଫେରିଥିଲା। ପୂର୍ବାହ୍ନରେ ଧର୍ମପୁସ୍ତକ ଗୁରୁ ଗ୍ରନ୍ଥସାହେବ ଗୁରଦ୍ୱାରାର ପୂଜକମାନଙ୍କ ଦ୍ୱାରା ପାଠ କରାଯାଇଥିଲା। ଏହି ଅବସରରେ ନାରାୟଣତୋଟା ସାହିସ୍ଥିତ ଗୁରୁଦ୍ୱାରା ଠାରେ ନିଶାକ ସାହେବ (ସ୍ତମ୍ଭ)କୁ ସଫାସୁତରା କରାଯିବା ସହ ଏଥିରେ ନୂତନ କେଶରୀ ରଙ୍ଗର ପତାକା (ଚୋଲା) ପରିବର୍ତ୍ତନ କରାଯାଇଥିଲା। ଉଭୟ ଗୁରୁଦ୍ୱାରା ଠାରେ ସାଧାରଣ ଲୋକଙ୍କ ମଧ୍ୟାହ୍ନ ଭୋଜନ (ଲଙ୍ଗର) ର ଆୟୋଜନ କରାଯାଇଥିଲା। ଏହି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସମସ୍ତ ଶ୍ରେଣୀର ଲୋକଙ୍କୁ ମାଗଣାରେ ଖାଦ୍ୟ ପ୍ରଦାନ କରାଯାଇଥିଲା। ଉଭୟ ଗୁରୁଦ୍ୱାରା ଠାରେ ଭଜନ, କିର୍ତ୍ତନ ଏବଂ ଗୁରୁଗ୍ରନ୍ଥ ସାହେବ ପାଠ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ସହଯୋଗ କରିଥିଲେ। ଅପରାହ୍ନରେ ଗୁରୁନାନକଙ୍କ ବାଣୀକୁ ନେଇ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାରାୟଣତୋଟା ଗୁରୁଦ୍ୱାରାର ପୂଜକ ଜ୍ଞାନୀ ଦୀପ ସିଂ ଗୁରୁବାଣୀ ପାଠ କରଥିବା ବେଳେ ସ୍ଥାନୀୟ ବାସିନ୍ଦା ଭଜନ ସିଂ, କାଉନସିଲର ଯଶପାଲ ସିଂ, ମୁନା ସିଂ ୱାଲିଆ, ବଲରାମ ସିଂ ଏବଂ ବ୍ରହ୍ମା ସାହି ଗୁରୁଦ୍ୱାରା ଠାରେ ଶିଖ୍ ସମ୍ପ୍ରଦାୟର ସାଗୁ ପରବାରର ସୋନୁ ସିଂ, ରାଜା ସିଂ, ସୁରିନ୍ଦର ସିଂ, ଅଜିତ ସିଂ , ଅନୁପ ସିଂ ପ୍ରମୁଖ ପରିଚାଳନା ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଉଭୟ ଗୁରୁଦ୍ୱାରା ଠାରେ ଉଭୟ ଶିଖ୍ ଓ ହିନ୍ଦୁ ସମ୍ପ୍ରଦାୟର ମହିଳା ଓ ପୁରୁଷ ମାନେ ଲଙ୍ଗର ରୋଷେଇ କାର୍ଯ୍ୟ ସହାୟତା କରିଥିଲେ।

## ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣମୀ ଉତ୍ସବ



ଦାମନଯୋଡ଼ି,୫।୧୧(ସମିସ): ଦାମନଯୋଡିର ବିଭିନ୍ନ ସ୍ଥାନରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ପାଳିତ ହୋଇଯାଇଛି। ବଡ଼ି ଭୋରରୁ ଶ୍ରଦ୍ଧାଳୁ ମାନେ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଥିଲେ। ଏଥି ସହିତ ବିଭିନ୍ନ ମନ୍ଦିର ଯାଇ ଦିଅଁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ୱତନ୍ତ୍ର ପୂଜାନୀତି ସହିତ ମହାପ୍ରଭୂଙ୍କ ସୁନାବେଶ ଓ ଚାରି ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମାଥାଲପୁଟ ସ୍ଥିତ ଶ୍ରୀ ରାଧାକୃଷ୍ଣଙ୍କ ମନ୍ଦିର, ତ୍ରିନାଥ ମନ୍ଦିର, ମରିଚମାଳ ସ୍ଥିତ ଶ୍ରୀ ସିଦ୍ଧେଶ୍ୱରଙ୍କ ପୀଠ, ଭେଜାପୁଟ ସ୍ଥିତ ଶ୍ରୀ ସିଦ୍ଧେଶ୍ୱରଙ୍କ ମନ୍ଦିର, ଅନ୍ୟ ଦେବାଦେବୀଙ୍କ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖାଯାଇଥିଲା। ବିଭିନ୍ନ ସ୍ଥାନରେ ଚାରିପ୍ରହର/ ଅଷ୍ଟ ପ୍ରହର ନାମ ଯଜ୍ଞ ସହିତ ସମୂହ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।

## ଗୁପ୍ତେଶ୍ୱର ନଦୀ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼

ବୈପାରୀଗୁଡ଼ା,୫।୧୧(ସମିସ) ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ଡଙ୍ଗା ଭସାଇବା ପାଇଁ ନଦୀ ଘାଟରେ ଭିଡ ଜମିଥିଲା। ଶ୍ରଦ୍ଧାଳୁମାନେ ସୋଲ, କଦଳୀ ପଟୁଆ ଓ ରଙ୍ଗ ବେରଙ୍ଗ କାଗଜରେ ତିଆରି ଡଙ୍ଗା ଭସାଇଛନ୍ତି। ଡଙ୍ଗାରେ ଦୀପ, ପାନ, ଗୁଆ ରଖି ଫୁଲରେ ସଜାଇ ଭସାଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ନଦୀ ଘାଟରେ ପୁଲିସ ଓ ଅଗ୍ନିଶମ ବାହିନୀ ମୁତୟନ କରାଯାଇଥିଲା। ହବିଶ୍ୟାଳିମାନେ ଗୁପ୍ତେଶ୍ୱର ଦର୍ଶନ କରି ଆଜି କାର୍ତ୍ତିକ ବ୍ରତର ଉଦ୍ଯାପନ କରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିଲା। ବ୍ଲକର ବିଭିନ୍ନ ସ୍ଥାନରେ ଏବଂ ବୈପାରୀଗୁଡା ସହରର ପଶ୍ଚିମେଶ୍ୱର ମନ୍ଦିର ପୋଖରୀ, ଗୌଡ଼ସାହି ପୋଖରୀ, କାଠମିଲସାହି ପୋଖରୀରେ ବାଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରର ସମସ୍ତ ମନ୍ଦିରରେ ଠାକୁର ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ ଲାଗିରହିଥିଲା। ମଇନାପୋଡା ଶିବ ମନ୍ଦିରରେ ସାମୂହିକ ଭୋଜନ ବ୍ୟବସ୍ଥା କରାଯଇଥିଲା।

## ଦୁଇ ମହିଳା କ୍ରୀଡ଼ାବିତ୍‌ଙ୍କୁ ମିଳିଲା ଚାକିରି



ଉମରକୋଟ,୫।୧୧(ସମିସ): ଶାରୀରିକ ଶିକ୍ଷାରେ ସ୍ନାତକ ହାସଲ କରିଥିବା କୋପେନା ଗ୍ରାମର ଦୁଇ ମହିଳା କ୍ରୀଡ଼ାବିତ୍ ନବୀନା ସାନ୍ତା ଓ ଜୟମଣି ଭତ୍ରା ଓଡ଼ିଶା ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଏଲଟିଆର ପଦବୀ ହାସଲ କରି ଗୌରବ ଅର୍ଜନ କରିଛନ୍ତି । ସୂଚନାଯୋଗ୍ୟ, ବିଜୁ ପଟ୍ଟନାୟକ ଷ୍ଟାଡିୟମ ଅଧିନସ୍ଥ ବହୁମୁଖୀ ଇଣ୍ଡୋର ସ୍ପୋର୍ଟ୍ସ ଏକାଡେମୀ ଠାରେ ଅଧ୍ୟୟନରତ ଏହି ଦୁଇ ମହିଳା କ୍ରୀଡ଼ାବିତଙ୍କ ସଫଳତା ପଛରେ କ୍ରୀଡା ଶିକ୍ଷକ ଏମ.ବିଜୟ କୁମାର ଏବଂ ସ୍ନାତକୋତ୍ତର ଶାରୀରିକ ଶିକ୍ଷା ଡିଗ୍ରୀ ହାସଲ କରିଥିବା କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କଲ୍ଲାରଙ୍କ ଉଦ୍ୟମ ରହିଛି। ଏହି ଦୁଇ କ୍ରୀଡ଼ାବିତଙ୍କର ସଫଳତା ପାଇଁ ଭାରପ୍ରାପ୍ତ ଅଧିକାରୀ ବହୁମୁଖୀ ଇଣ୍ଡୋର ସ୍ପୋର୍ଟ୍ସ ଏକାଡେମୀ ଅଶୋକ କୁମାର ସାହୁ, ସଭାପତି ଗୁରୁକୃପା ଶିକ୍ଷାନୁଷ୍ଠାନ ମନୋଜ କୁମାର ପାଢ଼ୀ, ଚନ୍ଦନା ମଲ୍ଲିକ ଅଭିନନ୍ଦନ ଜ୍ଞାପନ କରିବା ସହ ଭବିଷ୍ୟତରେ ଆହୁରି ଅନେକ ସଫଳତା କାମନା କରିଛନ୍ତି।

## ଗାୟତ୍ରୀ ପ୍ରଜ୍ଞାପୀଠର ରଜତ ଜୟନ୍ତୀ

ଦାମନଯୋଡି,୫।୧୧(ସମିସ): ଶିଳ୍ପାଞ୍ଚଳ ଦାମନଯୋଡି ସନ୍ନିକଟ ଭେଜାପୁଟ ସ୍ଥିତ ଗାୟତ୍ରୀ ପ୍ରଜ୍ଞାପୀଠ ରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ୨୫ ବର୍ଷ ପୂର୍ତ୍ତି ଓ ରଜତ ଜୟନ୍ତୀ ପାଳନ କରାଯାଇଛି। ନବ କୁଣ୍ଡିୟ ଯଜ୍ଞ ସହ ନାମକରଣ, ପୁଂଶବନ, ବିଦ୍ୟାରମ୍ଭ, ଦୀକ୍ଷା ଗ୍ରହଣ ଆଦି ସଂସ୍କାର କର୍ମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଶାନ୍ତିକୁଞ୍ଜ ପ୍ରତିନିଧି ଋଷିପୁତ୍ର ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଓ ଋଷିପୁତ୍ର ଦୁର୍ଗାପ୍ରସାଦ ରାୟ ସମସ୍ତ ସଂସ୍କାର ବିଧି ଓ କର୍ମ କରାଇଥିଲେ। ପୂର୍ବ ଦିନ ବିଶାଳ କଳସ ଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଦେବଦମ୍ପତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞାପୀଠର ମୁଖ୍ୟ ଟ୍ରଷ୍ଟି ନିରଞ୍ଜନ ଭୂୟାଁ ଓ ସହଯୋଗୀ ଟ୍ରଷ୍ଟି ଅଜୟ କୁମାର ଓଝାଙ୍କ ସମେତ ଗାୟତ୍ରୀ ପରିବାରର ସମସ୍ତ ଭାଇ ଭଉଣୀ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାସ ଥାଉ କି, ଦୀର୍ଘ ୨୫ ବର୍ଷ ଧରି ଗାୟତ୍ରୀ ପରିବାର ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସାମାଜିକ ଓ ସଂସ୍କାର ବିଧି କର୍ମ କରାଯାଉଛି ଏବଂ ଭବିଷ୍ୟତରେ ମଧ୍ୟ ଏହି କାର୍ଯ୍ୟ ବଳବତ୍ତର ରହିବ ବୋଲି ଶ୍ରୀ ଭୂୟାଁ କହିଛନ୍ତି।

## ବୁଲିଲା ସାଇବର ସୁରକ୍ଷା ରଥ

ତେନ୍ତୁଳିଖୁଣ୍ଟି,୫।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଦପ୍ତରରେ ସଚେତନତା ସୁରକ୍ଷା ରଥ ନଗର ପରିକ୍ରମା କରିଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରୁ ଏହି ରଥ ନଗର ପରିକ୍ରମାର ଶୁଭାରମ୍ଭ କରିଥିବା ବେଳେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଖାତିଗୁଡା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ଏହି ପରିକ୍ରମାରେ ସାମିଲ ହୋଇଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ଗାହଣ, ବିଦ୍ୟାଳୟ ଅଧକ୍ଷା ସ୍ୱର୍ଣ୍ଣଲତା ମାହାଙ୍କୁଡ, ଥାନା ଏସଆଇ ମହେଶ୍ୱର ବୁଡୁବାଡେ, ଏସଆଇ ବିଜୟ କୁମାର ସାହୁ, ବୁଦ୍ଧିଜୀବୀ ରମେଶ ପଟ୍ଟନାୟକ, ପ୍ରଦୀପ ସେନାପତିଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଏହି ସାଇବର ସୁରକ୍ଷା ରଥର ନଗର ପରିକ୍ରମାରେ ନିଜକୁ ସାମିଲ କରିଥିଲେ। ନଗର ପରିକ୍ରମା ପରେ ସାଇବର ସଚେତନତାକୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସଠିକ ଉତ୍ତରଦାତା ପ୍ରତିଯୋଗୀଙ୍କୁ ଟ୍ରଫି ସାଙ୍ଗକୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ନବରଙ୍ଗପୁର ଜିଲ୍ଲାପାଳଙ୍କ ପୋଡ଼ାଗଡ଼ ଗସ୍ତ

ଉମରକୋଟ,୫।୧୧(ସମିସ): ଉମରକୋଟ ବ୍ଲକ୍ ଭଣ୍ଡାରିଗୁଡା ଗ୍ରାମପଞ୍ଚାୟତ ଅଧିନ ପୋଡ଼ାଗଡ଼କୁ ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ପରିଦର୍ଶନରେ ଆସି ପହଞ୍ଚିଥିଲେ। ପ୍ରଥମେ ପୋଡ଼ାଗଡ଼ ଆଦର୍ଶ ବନ ବିଦ୍ୟାଳୟ ,ସଂଗ୍ରହାଳୟ, ସୋମନାଥ ମନ୍ଦିର, ଭୈରବ ଓ ଚୌରିଆ ମନ୍ଦିର ପରିଦର୍ଶନ କରିଥିଲେ। ପୋଡ଼ାଗଡ ଐତିହାସିକ ପୀଠର ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଭୈରବ ମନ୍ଦିରରେ ସୋଲାର ଲାଇଟ୍ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ। ଭୈରବ ମନ୍ଦିର ନିକଟରେ ଥିବା ଜମି ଚାଷ କରୁଥିବା ଲୋକକୁ ଚାଷ କରିବାକୁ ମନା କରିଥିଲେ। ଜଙ୍ଗଲ ବଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ତାଙ୍କ ସହିତ ଉମରକୋଟ ତହସିଲଦାର ମେଘ ନାଥ ବାଗ ,ବିଡ଼ିଓ ଉମରକୋଟ ମନୋଜ କୁମାର ମେହେର, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଶ୍ୱିନୀ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଭି ଆର୍



ପି ପାତ୍ର , ପି ଓ ଭଣ୍ଡାରିଗୁଡ଼ା, ଜିଆରଏସଙ୍କ ସମେତ ପୋଡ଼ାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉଦ୍ଧବ ଚରଣ ନାୟକ, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଭତରା, ମୁଖ୍ୟ ଉପଦେଷ୍ଟା ଗବେଷକ ଡ. କୈଳାଶ ଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କୁ ଓ ସମସ୍ତ ଅଧିକାରୀଙ୍କୁ ସଂଗ୍ରହାଳୟ ବୁଲାଇ ପୋଡ଼ାଗଡ଼ର ଇତିହାସ ସମ୍ପର୍କରେ ବୁଝାଇଥିଲେ। ଏହା ନଳବଂଶର ରାଜଧାନୀ ପୁଷ୍କରି ଥିଲାବୋଲି ବୁଝାଇଥିଲେ କଡି ବିଶ୍ୱବିଦ୍ୟାଳୟ ତାଙ୍କର ଗବେଷଣା ସନ୍ଦର୍ଭକୁ ମାନ୍ୟତା ଦେଇଛନ୍ତି ଓ ଡଃ ବେହେରା କିଭଳି ମାଡ୍ରାସ ଗେଜେଟିଆର୍, ବସ୍ତର ଗେଜେଟିଆର ଓ କୋରାପୁଟ ଗେଜେଟିଆରରୁ ତଥ୍ୟ ସଂଗ୍ରହ କରି ଏହାକୁ ଉପସ୍ଥାପନା କରି ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲାପାଳ ଭୈରବ ଠାକୁର ଶିବଙ୍କର ଭୈରବ ରୂପ କହିଥିବା ବେଳେ ଡଃ ବେହେରା ଏହାକୁ ବିଷ୍ଣୁଙ୍କ ଭୈରବ ରୂପ ବର୍ଣ୍ଣନା କରିଥିଲେ। ବାର ଭାଇ ଭୈରବ, ନୃସିଂହ ଭୈରବ, ବଟୁକ୍ ଭୈରବ, ଖଙ୍ଗାର ଭୈରବ ,ସଂହାର ଭୈରବ, ଉଲଟ ଭୈରବ, ପୂଲଟ ଭୈରବ ପୁରାଣରେ ବର୍ଣ୍ଣିତ ବିଷୟରେ ବୁଝାଇଥିଲେ। ନୃସିଂହ ଭୈରବ ରୂପରେ ହିରଣ୍ୟ କଶ୍ୟପକୁ ବଦ୍ଧ କରିଥିଲେ। ଡଃ ବେହେରା ପ୍ରାଞ୍ଜଳ ଭାବେ ଏହି ବିଷୟ ବୁଝାଇବା ପରେ ଜିଲ୍ଲାପାଳ ଜାଣି ପାରିଥିଲେ।

# କୋରାପୁଟରେ ହେବ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

କୋରାପୁଟ,୫।୧୧(ସମିସ): କୋରାପୁଟ ସହରରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏଥପାଇଁ ସବିଶେଷ ପ୍ରକଳ୍ପ ରିପୋର୍ଟ ଏବଂ ଡିଜାଇନ୍ ଚୂଡାନ୍ତ ହୋଇଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ସୂଚନା ଦେଇଛନ୍ତି। ଖୁବ ଶୀଘ୍ର ଟେଣ୍ଡର ଆହ୍ୱାନ କରି କାର୍ଯ୍ୟ ଆରମ୍ଭ କରାଯିବ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବସଷ୍ଟାଣ୍ଡ ନିର୍ମାଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଅତ୍ୟାଧୁନିକ ବସଷ୍ଟାଣ୍ଡ ଡିଜାଇନକୁ ଉପସ୍ଥିତ ସଦସ୍ୟ ମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନା କରାଯାଇଥିଲା। ୩.୬୪ ଏକର ଜମିରେ ଅତ୍ୟାଧୁନିକ ବସଷ୍ଟାଣ୍ଡ



ନିର୍ମାଣ କରାଯିବ। ବସ୍‌ଷ୍ଟାଣ୍ଡରେ ଏକସଙ୍ଗେ ୪୦ରୁ ଅଧିକ ବସ୍ ରହଣୀ ସାଙ୍ଗକୁ ୮୦ଟି କାର ଏବଂ ଶହେରୁ ଅଧିକ ବାଇକ୍ ପାର୍କି ବ୍ୟବସ୍ଥା କରାଯାଇଛି। ୨୬ ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଶିବ ମନ୍ଦିର ଦେଇ ପ୍ରବେଶପଥ କରାଯିବାକୁ ଥିବବେଳେ ପୁଲିସ ମୁଖ୍ୟାଳୟ ଦେଇ ବସ୍‌ଗୁଡ଼ିକ ବାହାରିବ। ହକି ଗ୍ରାଉଣ୍ଡ ଓ ବସଷ୍ଟାଣ୍ଡ ମିଶି ଏକ ବୃହତ ସ୍ଥାନରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତି ହୋଇଛି। ଆସନ୍ତା ଦୁଇମାସ ଭିତରେ ଟେଣ୍ଡର ଡକାଯାଇ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ଡିପିଆର ଓ ଡିଜାଇନ ପ୍ରସ୍ତୁତ ହୋଇଥିଲେ ବି କେତେକ ପରିବର୍ତ୍ତନ କରାଯିବ ବୋଲି ଜଣାପଡିଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ,କୋରାପୁଟ ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ତହସିଲଦାର ସୟଦ ସବିର ସାହା, ପରିବହନ ନିଗମ ଏବଂ ପୁଲିସ ହାଉସିଂ ବୋର୍ଡ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସୁନାବେଡ଼ା ସ୍ନେହୀ ସମାଜର ବାର୍ଷିକ ଉତ୍ସବ

ସୁନାବେଡ଼ା,୫।୧୧(ସମିସ): ସୁନାବେଡ଼ା କଲ୍ୟାଣ ମଣ୍ଡପ ଠାରେ ସ୍ନେହୀ ସମାଜ ତରଫରୁ ବୋଇତ ବନ୍ଦାଣ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟରୁ ଦୁର୍ଯ୍ୟୋଧନ ବେହେରା , ଦାମନଯୋଡିରୁ ସମ୍ମାନିତ ଅତିଥି ଭାବରେ ଡଃ ନରେଶ ଚନ୍ଦ୍ର ସାହୁ ଓ ସେମିଳିଗୁଡାରୁ ସୁଶାନ୍ତ କୁମାର ସାହୁ ,କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ବୋଇତ ବନ୍ଦାଣ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଶ୍ୱିନ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସ୍ନେହୀ ସମାଜର ସମ୍ପାଦକ ଜିତେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଗୋପାଳ ପୃଷ୍ଟି ଓ ଗଣେଶ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଓ ଗୃହିଣୀ ମାନଙ୍କ ମଧ୍ୟରେ ମୁରୁଜ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସପ୍ତମ, ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ମାର୍କ ରଖିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମରେ ସୁନାବେଡା ସମେତ ସେମିଳିଗୁଡା, ଦାମନଯୋଡି, ପଟାଙ୍ଗି, କୋରାପୁଟ ଓ ଜୟପୁର ଓ ଦେବଗଡ଼ରୁ ତୈଳିକ ସମାଜର ୨୦୦ରୁ ଅଧିକ ସଭ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ସାହୁ, ସରୋଜ କୁମାର ସାହୁ, ମୀନକେତନ ସାହୁ, ଅରୁଣ ସାହୁ, ସତ୍ୟନାରାୟଣ ସାହୁ, ଭିକାରୀ ସାହୁ ଓ ବାସୁଦେବ ସାହୁ ସହଯୋଗ କରିଥିଲେ। ଶେଷରେ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବୋଇତ ବନ୍ଦାଣ, ପୂଜାର୍ଚ୍ଚନାରେ କାର୍ତ୍ତିକ ପୂର୍ଣ୍ଣିମା ଶେଷ





## ଶ୍ରୀଦଧିବାମନଙ୍କୁ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ

ଭଟଲି, ୫।୧୧(ସମିସ): ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଶ୍ରୀ ଦଧିବାମନ ପୀଠରେ ପବିତ୍ରରାସ ପୂର୍ଣ୍ଣିମା ବା କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ତ୍ତିକମାସର ଅନ୍ତିମ ଦିନ ବୁଡ ପକାଇ ଘିଅ ସଳିତା ଜାଳିଥିଲେ ଏବଂ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ସମ୍ପୂର୍ଣ୍ଣ କରିଥିଲେ। କାର୍ତ୍ତିକବ୍ରତୀ ମାନେ ମହାପ୍ରଭୁ ଦଧିବାମନଙ୍କ ପବିତ୍ର ଚକ୍ରପୁଷ୍କରିଣୀ ବା ଚକ୍ରତୀର୍ଥରେ ବୁଡ ପକାଇ ବାଲୁଙ୍କା ପୂଜା, ରାଇ ଦାମୋଦର ପୂଜା ପରେ ବାବା ବିମଳେଶ୍ୱର ମନ୍ଦିରରେ ପୂଜା, ତୁଳସୀ ପୂଜା ଏବଂ ମଙ୍ଗଳ ଆଳତୀ ପରେ ମନ୍ଦିରରେ ପହଞ୍ଚିଥିଲେ। ବ୍ରହ୍ମମୁହୂର୍ତ୍ତରୁ ମନ୍ଦିର ସେବକଙ୍କ ଦ୍ୱାରା ପୂଜା ରୀତିନୀତି ପରେ ସକାଳ ଧୂପ ଲାଗି କରାଯାଇଥିଲା। ମାସ ସାରା ଶ୍ରୀମନ୍ଦିରରେ କାର୍ତ୍ତିକ ମହାତ୍ମ୍ୟ ବୋଲାଯାଇ ଆଜି ଉଦ୍ଯାପିତ ହୋଇଛି। ପରମ୍ପରା କ୍ରମେ ଭକ୍ତ ପରମାନନ୍ଦଙ୍କ ବଂଶଧର ମନ୍ଦିରରେ ନେତ ବାନ୍ଧିଥିଲେ। ସନ୍ଧ୍ୟା ସମୟରେ ସମସ୍ତ କୀର୍ତ୍ତନ ମଣ୍ଡଳୀ ଏବଂ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜଗଧାତ୍ରୀ ଏବଂ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇ ବେଢ଼ା ପରିକ୍ରମା କରିଥିଲେ। ହରିବୋଲ ହୁଳହୁଳି ପରେ ସାମୂହିକ ପ୍ରସାଦ ସେବନ କରିଥିଲେ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଜନ ସମାଗମ ହୋଇଥିଲା।

## ନୃସିଂହନାଥରେ ସରିଲା ପଞ୍ଚୁକ

ପାଇକମାଳ: କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପବିତ୍ର ନୃସିଂହନାଥ ପୀଠରେ ବୁଧବାର ଭକ୍ତ ମାନଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଠାରେ ଅନେକ ମହିଳା ସବୁଦିନ ତୁଳସୀ ଚଉରାରେ ପୂଜା ପାଠ କରି କାର୍ତ୍ତିକ ପୁରାଣ ପାଠ ଓ ଶ୍ରବଣ କରୁଥିଲେ। ମଙ୍ଗଳବାର ରାତ୍ରରେ ପାଳନ ହୋଇଥିଲା ଅଇଁଲାତଳ। ଏଥିରେ ସାମୂହିକ ଭାବେ ପ୍ରାୟ ୫ ହଜାର ଭକ୍ତ ଭୋଜନ କରିଥିଲେ। ଏହି ଅନ୍ନ ପ୍ରସାଦ ବଣ୍ଟନରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ବୁଧବାର ଭୋର ୩ ଟାରୁ ମହିଳା ମାନେ ପବିତ୍ର ପାପନାଶିନୀ ଝରଣାରେ ବୁଡ ପକାଇ ବୋଇତ ବନ୍ଦାଇ ସଳିତା ଜାଳି ପାଣିରେ ଭସାଇ ପୂଜା ପାଠ କରିବାର ଦେଖା ଯାଇଥିଲା।

## କୁବେର ସମାଜର ବୋଇତ ବନ୍ଦାଣ

ପାଇକମାଳ: ପାଇକମାଳ ନୃସିଂହନାଥ କୁବେର ଭବନ ଠାରେ ବୋଇତ ବନ୍ଦାଣ ସହ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ମାତୃମଞ୍ଚ ସଭାନେତ୍ରୀ ବଉଳ ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ସାହୁ ଭାଗବତ ପଠନ କରିଥିଲେ। ବୁଧବାର ସକାଳୁ ପାଇକମାଳ, ପଦ୍ମପୁର ଗୁଠୁର୍ଲା କୁବେର ସାଇର ସମସ୍ତ ସଦସ୍ୟ ନୃସିଂହନାଥ ଝରଣାରେ ପୂଜାର୍ଚ୍ଚନା କରି ବୋଇତ ଭସାଇଥିଲେ। ଏଥିରେ ଛେତଗାଁ ମହିଳା ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଏହାପରେ ନୃସିଂହନାଥ କୁବେର ପାନ୍ଥଶାଳା ପରିସରରେ କୁବେର ସମାଜ ବରଗଡ଼ ଜୋନର ସଭାପତି ତାରାଚାନ୍ଦ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

ଏହି ଅବସରରେ ମ୍ୟୁଜିକ ଚେୟାର, ମୁରୁଜରେ ଝୋଟି ପ୍ରତିଯୋଗିତା, କୁଇଜ, ଓଡ଼ିଆ ଦେଶାତ୍ମକ ବୋଧକ ସଙ୍ଗୀତ ଓ ଓଡ଼ିଆ ଭଜନ ଆଜି ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ତାରାଚାନ୍ଦ ସାହୁ, ଟିକେଶ୍ୱର ସାହୁ, ନବକିଶୋର ସାହୁ, ପ୍ରଫୁଲ ସାହୁ, ମନୋଜ ସାହୁ ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ ସାହୁ, ସୁରଥ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୋଇତ ବନ୍ଦାଣ ଉତ୍ସବ ପାଇଁ ଛୋଟ ଛୋଟ ପୁଅ ଝିଅ ମାନେ ସାଧବ ପୁଅ, ସାଧବ ବୋହୂ ବେଶ ପୋଷାକ ଧାରଣ କରିଥିଲେ। ପ୍ରଫୁଲ ସାହୁ, ଅରୁଣ ସାହୁ, ନିଲେଶ ସାହୁ, ସ୍ମୃତିରଞ୍ଜନ ସାହୁ, ସୂର୍ଯ୍ୟରଞ୍ଜନ ସାହୁଙ୍କ ସମେତ ସାହିର ସମସ୍ତ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ସାଇର ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।

## ତାରିଣୀ ମନ୍ଦିରରେ ଅନ୍ନଭୋଗ ବଣ୍ଟନ

ପାଇକମାଳ: ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ତାରିଣୀ ମନ୍ଦିର ଠାରେ ଅନ୍ନଭୋଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁରର ଯୁବଗୋଷ୍ଠୀ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମ୍ୟଜିତ ପାଢ଼ୀ କର୍ତ୍ତା ଦାୟିତ୍ୱ ବହନ କରିଥିବା ବେଳେ ପଣ୍ଡିତ ଆଶୁତୋଷ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିବା ବେଳେ ତାପସ ନାୟକ, ପାର୍ଥସାରଥୀ ମହାପାତ୍ର, ଈଶ୍ୱର ମେହେର ଦିପକ ଅଗ୍ରୱାଲ, ଅଜୟ ଅଗ୍ରୱାଲ ପ୍ରଦ୍ୟୁମ୍ନ ମେହେର, ଗୋପାଳ ସାହୁ, ଶ୍ରୀକାନ୍ତ ମିଶ୍ର, ରଶ୍ମିରଞ୍ଜନ ଖୁଟୁଲା, ଶିବାଶିଷ ପଟ୍ଟନାୟକ, ଦିପକ ତିୱାରୀ ବିକାଶ ପଣ୍ଡା, ରମାକାନ୍ତ ବହିଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

ଘେଁସ: ବୁଧବାର ଘେଁସ, ବଡଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶ୍ରୀ କ୍ରିଷ୍ଣ ଭାଗବତ ଟୁଙ୍ଗୀ ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାନ ବଡସେନ ନିବାସୀ ତଶୀଳ ଭୋଇ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲା ବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଭଗବାନ ଦାସ, ତୁଲାମଣି ସାବତ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଝାଲପାଲି ଗାଁର ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀର ଗାୟିକା ଦୃପତି ଭୁଏ ଭାଗବତ ପାରାୟଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ଭଗିରଥ ମେହେର, ନୀଳମଣି ଭୁଏ ସହଯୋଗ କରି ଭାଗବତ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ପ୍ରବଚକ ସୁରେଶ ଦାସ, ହରିଲାଲ ସାହୁ, ଦିଲୀପ ନାଗ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ସାଧୁ ସନ୍ଥ, ଯୋଗୀ ବୈଷ୍ଣବ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ସ୍ୱତନ୍ତ୍ର ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳା କାନ୍ତ ଜାଲ ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା ତଥା ଅଞ୍ଚଳର ଭାଗବତ ପ୍ରେମୀ ଯୁବଗୋଷ୍ଠୀର ଭକ୍ତ ମାନେ ସହଯୋଗ କରିଥିଲେ।

## ମହୁଲପାଲିରେ କାର୍ତ୍ତିକ ପୂର୍ଣ୍ଣିମାରେ ଅଙ୍ଗ ଆଳତି

ପଦ୍ମପୁର: ପଦ୍ମପୁରର ଜୀବନ ଧାରା ବୋଲାଉଥିବା ଅଙ୍ଗ ନଦୀରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ଐତିହାସିକ ୧୫୫ଶ ଅଙ୍ଗ ଆଳତି କରାଯାଇଛି। ଭାରତୀୟ ସଂସ୍କୃତି ପରମ୍ପରାରେ କେଉଁ ଅନାଦିକାଳରୁ ପ୍ରକୃତି, ନଦନଦୀ, ବୃକ୍ଷଲତାକୁ ଉପାସନା କରିବାର ପରମ୍ପରା ରହି ଆସିଛି। ଦିବ୍ୟଜ୍ୟୋତି ନୃସିଂହ ପଞ୍ଜିକାର ଗଣନାକାର ପଣ୍ଡିତ ଆଶୁତୋଷ ପାଣିଗ୍ରାହୀ ଜ୍ୟୋତିଷ ପ୍ରବୀଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୁଲପାଲି ସ୍ଥିତ ଶିବ ମନ୍ଦିର ଘାଟରେ ଅଙ୍ଗ ଆଳତି ଅନୁଷ୍ଠିତ ହୋଇଛି। ମୁଖ୍ୟ କର୍ତ୍ତା ଭାବେ ପ୍ରତାପ ନାଥ ସହଧର୍ମିଣୀ ସୁଜାତା ନାଥଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଆଳତି ସମୟରେ ଘଣ୍ଟ, ଶଙ୍ଖ ଓ ବ୍ରାହ୍ମଣ ମାନଙ୍କ ଦ୍ୱାରା ବୈଦିକ ମନ୍ତ୍ରପାଠ ସମଗ୍ର ପରିବେଶକୁ ମୁଖରୀତ କରିଥିଲା। ଏହି ଅବସରରେ ପଣ୍ଡିତ ହିମାଂଶୁ ଦାଶ, ଆନନ୍ଦ ମିଶ୍ର, ଅନିଲ ପଣ୍ଡା, ବାବୁଲ ପଣ୍ଡା, ଭବାନୀ ଶଙ୍କର ମହାପାତ୍ର, ଦୁଷ୍ମନ୍ତ ସାହୁ, ମଣ୍ଟୁ ଦାସ, ଅନାଦି ସାହୁ, ତୁଳରାମ ସାହୁ, ଜଗବନ୍ଧୁ ବଡଗୁଛିଆ, ଦେବାଧି ମେହେର, ଟୁନା ସାହୁ, ପ୍ରଶାନ୍ତ ସାହୁ, ପଞ୍ଚମ ସାହୁ, ଅକ୍ଷୟ ଦାଶ, ନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ଦୀପକ ଭୋଇ, ସମୀର ଦୋରା, ବାବୁଲାଲ ସାହୁ ଓ ମହୁଲପାଲି ଗାଁର ମାତୃ ମଣ୍ଡଳୀ ଆଳତିରେ ଯୋଗ ଦେଇଥିଲେ। ଶେଷରେ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଘରଟିଏ ପାଇଁ ପ୍ରଶାସନକୁ ଗୁହାରି କଲେ ରାଜେଶ

ଦହିତା, ୫।୧୧(ସମିସ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଧୀନ ଦହିଗାଁ ପଞ୍ଚାୟତର ଦର୍ଲିଗୁଡାର ରାଜେଶ ସୁନାଙ୍କ ମାଟି ଛପର ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଫଳରେ ତାଙ୍କ ପରିବାର ଅନ୍ୟତ୍ର ଆଶ୍ରୟ ନେଇ ରହୁଛନ୍ତି। ସରକାରୀ ସହାୟତାରେ ବାସଗୃହ ଟିଏ ଯୋଗାଇ ଦେବାକୁ ସେ ପଦ୍ମପୁର ତହସିଲଦାର, ବିଡିଓଙ୍କୁ ଦହିଗାଁ ସରପଞ୍ଚଙ୍କ ଜରିଆରେ ଲିଖିତ ଗୁହାରୀ କରିଛନ୍ତି।



## ବହୁ ପ୍ରତିଭାର ଅଧିକାରୀ ଯୁବ ଶିକ୍ଷକ ନରେନ୍ଦ୍ର ଦାଉ

ପାଇକମାଳ, ୫।୧୧(ସମିସ): ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ପୁରେନା ଗାଁ ଯୁବ ଶିକ୍ଷକ ନରେନ୍ଦ୍ର ଦାଉ ଜଣେ ବହୁ କଳା ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ପିଲାବେଳୁ ଭଲ ପାଠପଢ଼ା ସହିତ କଳା କ୍ଷେତ୍ରରେ ତାଙ୍କର ବେଶ ରୁଚି ରହି ଆସିଛି। କଲେଜ ଜୀବନରେ ଡ୍ରାମା ଗୁଡିରେ ହାସ୍ୟ ଅଭିନେତା ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ଜିଣୁଥିଲେ। ଶିକ୍ଷକତା ବାଦେ ସେ ଜଣେ କୀର୍ତ୍ତନ ଗାୟକ, ଜଣେ ନାଟ୍ୟ ହାସ୍ୟ ଅଭିନେତା, କବି, ଲେଖକ, ନୃତ୍ୟ ନିର୍ଦ୍ଦେଶକ, ଗୀତିକାର, ନାଟକର ନିର୍ଦ୍ଦେଶକ ଅଟନ୍ତି। ସେ ଅନେକ ନାଟକ ରଚନା କରି ଓ ନିର୍ଦ୍ଦେଶନା ଦେଇ ଲୋକଙ୍କ ପ୍ରଶଂସା ପାଇଛନ୍ତି। ବର୍ତ୍ତମାନ ଶ୍ରୀ ଦାଉ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଭୁଷାଙ୍ଗଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ପାଠ ସମୟରେ ଗୀତ, ସଙ୍ଗୀତ, ଅଭିନୟ କରି ଏମିତି ପାଠ ପଢ଼ାନ୍ତି ଯେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରିୟପାତ୍ର ହୋଇଛନ୍ତି।



## ମାଣ୍ଡିଆ ଦିବସରେ ଦେବଦତ୍ତ କ୍ଲବ୍ ଓ ବୋଡ଼ାସମ୍ବର ଏଫ୍‌ପିଓ ସମ୍ବର୍ଦ୍ଧିତ

ଗାଇସିଲେଟ, ୫।୧୧(ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ଅଧକ୍ଷତାରେ ସଭା ପରିଚାଳନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ, କୃଷି ଓ ଉଦ୍ୟାନ ବିଭାଗ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ଦିବସ ପାଳନ କରାଯାଉଛି। ମାଣ୍ଡିଆ ତିଆରି ବିଭିନ୍ନ ପ୍ରକାର ଜିନିଷ ଗୁଡିକୁ ବଜାରରେ ବିକ୍ରି କରି ସ୍ୱୟଂ ସହାୟକ ଗୋଷ୍ଠୀମାନେ ମିଲେଟ୍ ମିଶନ ଦ୍ୱାରା ଲାଭବାନ ହେଉଛନ୍ତି। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ମାଝୀ ପୁଷ୍ଟିହୀନତା ରୋଗ ଗୁଡିକ ଏବଂ ସେ ଦିଗରେ ମାଣ୍ଡିଆର ଆମ ଶରୀର ପ୍ରତି ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍ବୋତ୍ତମ ସହଯୋଗ କାରୀ ସଂସ୍ଥା ଭାବେ ଗାଇସିଲେଟ ବ୍ଲକ କେନ୍ଦୁଭଟା ସ୍ଥିତ ଦେବଦତ୍ତ କ୍ଲବ୍ ଏବଂ ସର୍ବୋତ୍ତମ ଏଫ୍‌ପିଓ ଭାବେ ବୋଡାସମ୍ବର ଡାଲି ଓ ପନିପରିବା ଉତ୍ପାଦକ କମ୍ପାନୀ ତରଫରୁ କ୍ଲବ୍‌ର୍ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଏବଂ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭଜମନ ଗଡ଼ତିଆଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।



## ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଫ୍ରେସର୍ସ ଡେ




ବରଗଡ଼, ୫।୧୧(ସମିସ): ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କର ଫ୍ରେସର୍ସ ଡେ 'ପ୍ରାରମ୍ଭ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାର୍‌ମ୍ୟାନ୍ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିକାଶ ହାୟର ଏଜୁକେସ୍ନାଲ୍ ଇନଷ୍ଟିଚ୍ୟୁସନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ ଅଜୟ ମହାପାତ୍ର, ଇନଷ୍ଟିଚ୍ୟୁଟର ଅଧକ୍ଷ ଡ.ପୁର୍ଣ୍ଣେନ୍ଦୁ ମିଶ୍ର ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ପଲିଟେକ୍ନିକ୍‌ର ଅଧକ୍ଷ ଡ.ଦିଲିପ ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନର ସିନିୟର ଆଡ୍‌ଭାଇଜର୍, ସମସ୍ତ ଅଧକ୍ଷ, ଡିନ୍ ଷ୍ଟୁଡେଟ ଆଫେୟାର୍ ଓ ଉପାଧକ୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଟେକ୍‌ରୁ ଶାଶ୍ୱତ ମିଶ୍ର ମିଷ୍ଟର୍ ଫ୍ରେସର୍ସ ଓ ତପସ୍ୱିନି ବିଶ୍ୱାଳ ମିସ୍ ଫ୍ରେସର୍ସ ବିବେଚିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠର କୃତିତ୍ୱ

ପଦ୍ମପୁର, ୫।୧୧(ସମିସ): ରୋହିଣୀ (ଦିଲ୍ଲୀ) ଠାରେ ଅଖିଳ ଭାରତୀୟ ଗୁରୁକୁଳୀୟ ଶାସ୍ତ୍ରୀୟ ପ୍ରତିସ୍ପର୍ଦ୍ଧା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପାଣିନୀୟ ଶାସ୍ତ୍ର ବିଭିନ୍ନ କଣ୍ଠପାଠରେ ୮ ଜଣ ଛାତ୍ର ୮୦%ରୁ ଅଧିକ ଅଙ୍କ ପ୍ରାପ୍ତ କରି ପୁରସ୍କୃତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୈଦ୍ଧାନ୍ତିକ ପ୍ରଶ୍ନ ମଞ୍ଚରେ କନିଷ୍ଠ ବର୍ଗରୁ ପ୍ରବୀଣ ଚନ୍ଦ୍ରବଂଶୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ବରିଷ୍ଠ ବର୍ଗରୁ ବେଦର ନିତ୍ୟତା ଏବଂ ଅନିତ୍ୟତା ବିଷୟ ନେଇ ଅନୁଷ୍ଠିତ ଶାସ୍ତ୍ରାର୍ଥରେ ବ୍ର.ପ୍ରିୟମ୍ ବିପକ୍ଷରେ ତଥା ବ୍ର.କୃଷ୍ଣ ସପକ୍ଷରେ ପ୍ରତିଭାଗ ଗ୍ରହଣ କରି ଅଦ୍ଭୁତ ବାଗ୍ମୀତା ଏବଂ ଗୂଢ଼ ତକ ଶକ୍ତିର ପ୍ରଦର୍ଶନ କରିଥିଲେ। ଉଭୟ ଛାତ୍ର ବ୍ୟକ୍ତିଗତ ରୂପରେ କ୍ରମଶଃ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରି ବିଦ୍ୟାପୀଠର ଗୌରବ ବଢ଼ାଇଛନ୍ତି। ଉକ୍ତ ବିଷୟରେ ଦଳଗତ ପ୍ରତିସ୍ପର୍ଦ୍ଧାରେ ମଧ୍ୟ ପ୍ରଥମ ସ୍ଥାନ ଅର୍ଜନ କରି ଗୁରୁକୁଳ ନବପ୍ରଭାତ ବୈଦିକ ବିଦ୍ୟାପୀଠର ନାମ ସମ୍ପୂର୍ଣ୍ଣ ଆର୍ଯ୍ୟଜଗତରେ ଉଜ୍ଜ୍ୱଳ କରିଛନ୍ତି। ଗୁରୁଜନ କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## କପିଳେଶ୍ୱର ବାବାଙ୍କୁ ଖେଚୁଡ଼ି ଓ ସାକର ଭୋଗ ଅର୍ପଣ

ବରପାଲି, ୫।୧୧(ସମିସ): ବରପାଲି ଶୀତଳଷଷ୍ଠୀ ମହୋତ୍ସବ କମିଟି ପକ୍ଷରୁ କପିଳେଶ୍ୱର ମହାଦେବ ମନ୍ଦିର ପରିସରରେ କାର୍ତ୍ତିକ ଚତୁର୍ଦ୍ଦଶୀ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ବାବା କପିଳେଶ୍ୱର ଓ ମାତା ପାର୍ବତୀଙ୍କ ଦର୍ଶନ ସହ ଆଶୀର୍ବାଦ ପ୍ରାପ୍ତି ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ତ୍ତିକ ମାସ ତ୍ରୟୋଦଶୀ ଠାରୁ ଦେବ ଦମ୍ପତିଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ଚତୁର୍ଦ୍ଦଶୀ ରାତ୍ରରେ ମନ୍ଦିର ଧ୍ୱଜ ପରିବର୍ତ୍ତନ ପରମ୍ପରା ପୂଜକ ମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହିଦିନ କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ହୋଇଥିଲା। ଆଜି କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶୀତଳଷଷ୍ଠୀ କମିଟି ପକ୍ଷରୁ ମହାସମାରୋହରେ ପୂଜାର୍ଚ୍ଚନା, ମହାଆଳତି କରାଯାଇଥିଲା। ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ଓ ଯୁବ ସଦସ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶୀତଳଷଷ୍ଠୀ ଯାତ୍ରା କମିଟି ଦ୍ୱାରା ଉପଜିଲ୍ଲାପାଳ ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ନବଦିନାତ୍ମକ ରାମଚରିତ ମାନସ ପାରାୟଣ ଉଦ୍ଯାପିତ

ବରଗଡ଼, ୫।୧୧(ସମିସ): ଗୌରୀଶଙ୍କର ମନ୍ଦିରରେ ଠାରେ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ (ତୁଳସୀ ରାମାୟଣ) ନବାହ୍ନ ପାରାୟଣ ବୁଧବାର ଉଦ୍ଯାପିତ ହୋଇଛି। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ପରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରବଚକ ଚୈତନ୍ୟ ଚରଣ ମିଶ୍ରଙ୍କ ପ୍ରବଚନ ପ୍ରତ୍ୟେକ ଦିନ ଅପରାହ୍ଣ ୩ରୁ ରାତ୍ର ୮ ପର୍ଯ୍ୟନ୍ତ ଭକ୍ତମାନେ ଶୁଣୁଥିଲେ। ପ୍ରତ୍ୟେକ ଦିନ ମଧ୍ୟ ପ୍ରସାଦ ବିତରଣ କରାଯାଉଥିଲା। ବିଭିନ୍ନ ଦିବସରେ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସଂକ୍ରାନ୍ତି ଗୋଷ୍ଠୀ, ଆସୋସିଏସନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ କିଶୋର ଦାଶ, ଆଇନଜୀବୀ ନିଧୁ ବନ ବିହାରୀ ପ୍ରସାଦ ପଣ୍ଡା ପଣ୍ଡା ଓ ପଞ୍ଚାନନ ମିଶ୍ର, ସନ୍ତୋଷ ପରିଡ଼ା, ଦିପାନ ଦିନ ପଣ୍ଡା, ରାକେଶ ନାୟକ, ମାନସ ଚାନ୍ଦ, ଟୁକଲୁ ମହାପାତ୍ର, ହର ପଟ୍ଟନାୟକ, ଜିତୁ ସାହୁ, ନିରାକାର ସାହୁ, ଶ୍ୟାମ ପଣ୍ଡା, ରାମ ପଣ୍ଡା, ସୁନିତା ପଣ୍ଡା, ସୁନନ୍ଦା ନାୟକ, ମାନିନୀ ତ୍ରିପାଠୀ, ପଞ୍ଚୁ ଦାଶ, ସୂର୍ଯ୍ୟ ପଣ୍ଡା, ମହେନ୍ଦ୍ର ମହାପାତ୍ର, ଅନୁପମା ପଟ୍ଟନାୟକ, ପୁଷ୍ପଲତା ମିଶ୍ର, ସୋନି ଦାଶ, ଲିକା ଦାଶ, ତନୁଶ୍ରୀ ଦାଶ, ସ୍ନିଗ୍ଧା ଦାଶ, ପଦ୍ମିନୀ ମେହେର, ଦମୟନ୍ତୀ ପ୍ରଧାନ ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ବୁଧବାର ପୂର୍ଣ୍ଣାହୁତି ସହ ପୂଜାର ସମାପନ ହୋଇଛି।



## ରାତ୍ରିକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଝାରବନ୍ଧ, ୫।୧୧(ସମିସ)

ଝାରବନ୍ଧ ବ୍ଲକ ଅଧୀନ ଡଭାରେ ଦ୍ୱିତୀୟ ରାତ୍ରିକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଡଭା ରାଜସ୍ୱ ନିରୀକ୍ଷକ ସତ୍ୟପ୍ରକାଶ ଭୁଏ, ସମ୍ମାନିତ ଅତିଥି ଭାବେ ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ହେମାନନ୍ଦ ସାହୁ, ଅମିତ ସରାଫ ଏବଂ ରାଜ୍ ଫୁଟବଲ କମିଟିର ପରିଚାଳନା କରୁଥିବା ବେଳେ ଦେବେନ୍ଦ୍ର ସାହୁ କମେଣ୍ଟେଟରର ଦାୟିତ୍ୱ ତୁଲାଇଥିଲେ। ଘୁଚାପାଲି ଏବଂ ବାଲେଶ୍ୱର ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ବିଚାରକ ଭାବେ ଦୀପକ, ସୁଜିତ, ନାଗ ଏବଂ ତ୍ରିନାଥ ଦାୟିତ୍ୱରେ ଥିଲେ। ଫୁଟବଲ କମିଟିର ସୁଶୀଲ ସରାଫ, ସତ୍ୟଭୂଷଣ ସାହୁ, ନିଖିଳ, ବିକ୍ରମ, ହରିଷ ପ୍ରୀତମ, ଈଶ୍ୱର ପ୍ରମୁଖ ସହଯୋଗ କରିଥିଲେ। ଡଭା ଫୁଟବଲ ଟିମ୍‌ର କ୍ୟାପ୍ଟେନ ଦୀପକ ତନସନା ଏବଂ ଭାଇସ କ୍ୟାପ୍ଟେନ ଜୟକୃଷ୍ଣ ଆସନ୍ତା କାଲି ଫାଇନାଲ ମ୍ୟାଚ୍ ଖେଳା ଯିବ ବୋଲି କହିଛନ୍ତି। ଏହାର ମୁଖ୍ୟ ଆକର୍ଷଣ ଭାବେ ଆଫ୍ରିକାର ଟିମ ଖେଳିବେ ବୋଲି ସୂଚନା ଦେଇଛନ୍ତି।



ଆସିଲାଣି ପିକନିକ୍ ଋତୁ; ପର୍ଯ୍ୟଟକଙ୍କ ଅପେକ୍ଷାରେ କାଣ୍ଡିଆ ଜଳପ୍ରପାତ

# ବିକାଶ ଅଭାବରୁ ପରିଚୟ ଖୋଜୁଛି ପର୍ଯ୍ୟଟନସ୍ଥଳୀ

ରାଇରଙ୍ଗପୁର, ୫।୧୧(ବିଶ୍ୱଜିତଭୂୟାଁ): ପର୍ଯ୍ୟଟନସ୍ଥଳୀର ଗନ୍ତାଘର ହେଉଛି ମୟୂରଭଞ୍ଜ। ଶିମିଳିପାଳର ପାଦଦେଶରେ ଅନେକ ପର୍ଯ୍ୟଟନସ୍ଥଳୀ ଥିବାରୁ ଏଠାକୁ ପିକ୍‌ନିକ୍ ଋତୁରେ ବହୁ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ବିକାଶ ଅଭାବରୁ ଆହୁରି ବହୁ ପର୍ଯ୍ୟଟନସ୍ଥଳୀ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଏପରି ଏକ ପର୍ଯ୍ୟଟନ ସ୍ଥଳୀ ହେଉଛି ରାଇରଙ୍ଗପୁର ଉପଖଣ୍ଡର ସାରସକଣା ବ୍ଲକର ଶଙ୍ଖଭଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଲାପଟା ଗ୍ରାମ ସ୍ଥିତ କାଣ୍ଡିଆ ଜଳପ୍ରପାତ। ଶୀତର ପହିଲି ଛୁଆଁ ସହ ପିକନିକ ଋତୁ ଆସିଛି। ତେବେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ କାଣ୍ଡିଆ ଜଳପ୍ରପାତ ଅପେକ୍ଷାରତ। ତେବେ ଉକ୍ତ ସ୍ଥାନକୁ ଯାତାୟାତ, ପିକନିକ ସ୍ଥାନ ଓ ଆନୁଷଙ୍ଗିକ ବ୍ୟବସ୍ଥା ଅଭାବରୁ ଅନେକ ପର୍ଯ୍ୟଟକଙ୍କ ପାଖରେ ଅନାଲୋଚିତ ହୋଇରହିଛି। କାଣ୍ଡିଆ ଜଳପ୍ରପାତ ବାରିପଦାରୁ ୬୦କିମି ଏବଂ ରାଇରଙ୍ଗପୁରରୁ ୫୦ କିମି। ଦୁଇଟି ବଡ଼ ବଡ଼ ପାହାଡ଼ ବକ୍ଷଚିରି କୁଳୁକୁଳୁ ନାଦ କରି ଜଙ୍ଗଲ ମଧ୍ୟରୁ ଝରଣା ବହି ଆସିଛି। ଏହା ସହିତ ପ୍ରାକୃତିକ ଶୋଭାରାଜୀ ଭରା ସୁନ୍ଦର ପାହାଡ, ବିଭିନ୍ନ ପ୍ରକାର ଚଢେଇଙ୍କ କିଚିରି ମିଚିରି ରାବ ପର୍ଯ୍ୟଟକଙ୍କୁ ଅନେକ ଆକୃଷ୍ଟ କରିଥାଏ। ଏହି ଜଳପ୍ରପାତ ପାର୍ଶ୍ୱରେ ଆଦିବାସୀ ସମ୍ପ୍ରଦାୟର ଠାକୁର କାଣ୍ଡିଆ ପୂଜା ପାଉଛନ୍ତି; ଯାହାକୁ ନେଇ ଏହି ଜଳପ୍ରପାତର ନାମ କରଣ କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରୟାସରେ ସେଠାରେ ବିଭିନ୍ନ ପ୍ରକାରର ଫୁଲ ଓ ଗଛରେ ସୁସଜ୍ଜିତ ଏକ ସୁନ୍ଦର ପାର୍କ ମଧ୍ୟ ନିର୍ମାଣ କରାଯାଇଛି। ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିଥାନ୍ତି। କିଏ ଫୁଲ ବଗିଚାରେ ସେଲଫି ଉଠାଇ ମଜା ନିଅନ୍ତି ତ ଆଉ କିଏ ବହି ଯାଉଥିବା ଝରଣାର ନିକଟରେ ଛିଡ଼ା ହୋଇ ଫଟୋ ଉଠାଇ ସ୍ମୃତିକୁ ସାଇତି ରଖିଥାଏ। କିନ୍ତୁ କାଣ୍ଡିଆ ଜଳ ପ୍ରପାତ ଆଜିଯାଏ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରୁନାହିଁ। ବାବା କାଣ୍ଡିଆ କ୍ଲବ କମିଟିର ସଦସ୍ୟମାନେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରୁଛନ୍ତି। କ୍ଲବ ସଦସ୍ୟମାନେ ସଦା ସର୍ବଦା ସଜାଗ ରହିଥାନ୍ତି। ସରକାରୀ ଅନୁଦାନର ଉକ୍ତ ପର୍ଯ୍ୟଟନସ୍ଥଳୀର ବିକାଶ ହେବ ଏଠାକୁ ଆହୁରି ପର୍ଯ୍ୟଟକଙ୍କ ସୁଅ ଛୁଟିବ। କାଣ୍ଡିଆ ଜଳପ୍ରପାତ ନିକଟକୁ ପଥୁରିଆ, ଅଣଓସାରିଆ ରାସ୍ତା ଦେଇ ବିପଦସଙ୍କୁଳ ଅବସ୍ଥାରେ ପର୍ଯ୍ୟଟକଙ୍କୁ ଯାତାୟାତ କରୁଛନ୍ତି। ଚିକ୍କଣ ପାହାଡ ଦେଇ ଜଳପ୍ରପାତ ଉପର ପାର୍ଶ୍ୱକୁ ପର୍ଯ୍ୟଟକ ଯାଉଥିବାରୁ ସେଠାରୁ ଖସି ପଡ଼ିଯାଇ ଜୀବନଯିବା ମଧ୍ୟ ଭୟ ରହୁଛି। ହେଲେ ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇନାହିଁ। ବାବା କାଣ୍ଡିଆ କ୍ଲବ କମିଟିର ସଦସ୍ୟମାନେ ସ୍ଥାନୀୟ ବିଧାୟକ ପାଣ୍ଠିରୁ ଏକ ଶୌଚାଳୟ ନିର୍ମାଣ କରିଛନ୍ତି। କିନ୍ତୁ ଅଧିକାଂଶ ସମୟରେ ଶୌଚାଳୟରେ ପାଣିର ସମସ୍ୟା ଦେଖାଦେଉଛି। ଯାହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଅନ୍ୟପକ୍ଷରେ ଶହ ଶହ ଲୋକଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ଥିବାରୁ ଅଧିକାଂଶ ସମୟରେ ଗୋଳିଆ ପାଣି ବାହାରୁଛି। ତେବେ କାଣ୍ଡିଆ ଜଳପ୍ରପାତକୁ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ସାଧନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।





## ୧୦ରୁ ପରୀକ୍ଷାମୂଳକ ଭାବେ ପ୍ରାକ୍ ଜନଗଣନା



ମହୁଲଡିହା, ୫।୧୧(ସମିସ): ଠାକୁରମୁଣ୍ଡା ବ୍ଲକରେ ୨୦୨୭ ଜନଗଣନାର ପ୍ରାକ ପରୀକ୍ଷଣ ପାଇଁ ଏକ ୩ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରି ପ୍ରାକ ଜନଗଣନାକୁ ସଫଳ କରିବା ଦିଗରେ ତୃଣମୂଳ କର୍ମଚାରୀଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି କାର୍ଯ୍ୟକ୍ରମ ରାଜ୍ୟରେ ପ୍ରଥମ କରି ଠାକୁରମୁଣ୍ଡାରେ ଆରମ୍ଭ ହୋଇଛି। ଜନଗଣନା ଇନଚାର୍ଜ ତଥା ତହସିଲଦାର ସମ୍ବିତ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ତାଲିମ ଶିବିରରେ ତାଲିମ ଦାତା ଭାବେ ଡେପୁଟି ଡାଇରେକ୍ଟର ତଥା ପର୍ଯ୍ୟବେକ୍ଷକ ଡ଼ଃ.ଅଭୟ ନାରାୟଣ ନାୟକ, ଡେପୁଟି ଡାଇରେକ୍ଟର ତଥା ନୋଡାଲ ଅଫିସର ପବିତ୍ର ମହଲା, ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ତଥା ମାଷ୍ଟର ଟ୍ରେନର ଚନ୍ଦ୍ର ମୋହନ ମହାନ୍ତ, ସହକାରୀ ନୋଡାଲ ଅଫିସର ଉପେନ୍ଦ୍ର କୁମାର ନାଏକ, ମାଷ୍ଟର ଟ୍ରେନର ରାଜେନ୍ଦ୍ର କୁମାର ସାହୁ, ସୁପରଭାଇଜର ମହେନ୍ଦ୍ର ପ୍ରସାଦ ମହାଳିକ, ସୁପରଭାଇଜର ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଶିବିରରେ ତାଲିମ ପ୍ରଦାନ କରୁଛନ୍ତି। ନଭେମ୍ବର ୧୦ରୁ ୩୦ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ୪୪ଟି ଗାଁରେ ପ୍ରାକ ଜନଗଣନା କରାଯିବ ବୋଲି ତହସିଲଦାର ଶ୍ରୀ କର ସୂଚନା ଦେଇଛନ୍ତି।

## ମା' ଭୈରବୀଙ୍କ ବାର୍ଷିକ ଉତ୍ସବ



ମୋରଡ଼ା, ୫।୧୧(ସମିସ): ମୋରଡ଼ା ବ୍ଲକ ଚିତ୍ରଡା ମା' ଭୈରବୀଙ୍କ ପୀଠ ରେ ଚଳିତବର୍ଷ ୧୯ତମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଛି। କମିଟି ସଦସ୍ୟମାନେ ସକାଳ ୫ଟାରୁ ରାଜାବନ୍ଧରୁ ଘଟ ଉତ୍ତୋଳନ କରି ଏକ ଶୋଭାଯାତ୍ରାରେ ବାହାରି ମନ୍ଦିରକୁ ଆଣିଥିଲେ। ଗତ ୧୯୫୨ ମସିହାରେ ବାରିପଦାର ମହାବୀର ଅଗ୍ରୱାଲଙ୍କୁ ସ୍ୱପ୍ନାଦେଶ ହେବା ପରେ ସେ ଚିତ୍ରଡା ଜଗନ୍ନାଥ ମନ୍ଦିର ନିକଟରେ ମା'ଙ୍କୁ ସ୍ଥାପନ କରିଥିଲେ। ପରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ମୁଖ୍ୟତଃ ଚିତ୍ରଡାର ଜଣେ ଫାଣ୍ଡି ଅଧିକାରୀ ଆରମ୍ଭ କରିଥିବା ବେଳେ ତାହା ଏବେ ପରମ୍ପରାରେ ପରିଣତ ହୋଇଛି। ପ୍ରଥମେ ମା'ଙ୍କ ନିକଟରେ ଦେଶୀ ମଦ ଭୋଗଲାଗି ହେବା ପରେ ଅନ୍ନଭୋଗ ପ୍ରଦାନ କରାଯାଇଥାଏ। ଏହି ଅବସରରେ ୬ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ, କଟି ମଣ୍ଡଳ, ପ୍ରତାପ ମହାନ୍ତ, କ୍ଷୀତିଶ ମହାନ୍ତ, ଶିର ସେନାପତି, ଡମ୍ବରୁଧର ମହାନ୍ତ, ପିଣ୍ଟୁ ରାଉଳ ପ୍ରମୁଖ ଅନ୍ୟ ସଦସ୍ୟମାନେ ପରିଚାଳନ କରିଥିଲେ।

## ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

କୁଆମରା, ୫।୧୧(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ନଗର ବ୍ଲକରରେ ମଙ୍ଗଳବାର ବିଜେଡିର ଏକ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ସନାତନ ନାୟକ ଏବଂ ବିଜେଡି ବ୍ଲକ ସଭାପତି ସତ୍ୟବାନ୍ ଉପାଧ୍ୟାୟଙ୍କ ନେତୃତ୍ୱରେ କୁଶଳଦା ପଞ୍ଚାୟତ ସ୍ଥିତ ନହରାଠାରେ କର୍ମୀମାନେ ଏକାଠି ହୋଇ ପଦଯାତ୍ରାରେ ସାମିଲ ହୋଇଥିଲେ। ପରେ ସତ୍ୟବାନ୍ ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଦୁଇ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା ଓ ଉର୍ମିଳା ସେଠୀ, ଉଦଳା ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଜୀବନବିନ୍ଧୁ ସଂଯୋଜକ ଅମୀୟ କୁମାର ବଳ, ପୂର୍ବତନ ବ୍ଲକ ଉପାଧକ୍ଷ ମାନସ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ବିଗତ ଦିନର ବିଜେଡିର ସୁଶାସନର ବାର୍ତ୍ତା ଦେବା ସହ ୧୭ ମାସର କ୍ଷମତାସୀନ ବିଜେପି ସରକାରଙ୍କ ବିଫଳତା ଉପରେ ଗର୍ଜିଥିଲେ। ଏହି ସରକାର ଆସିବା ପରେ କାମଧନ୍ଦା ଅଭାବରୁ ଦାଦନ ଶ୍ରମିକ ବାହାରକୁ ଯାଇ ନିର୍ଯାତନା ଭୋଗିବା, ଶ୍ରମିକଙ୍କୁ ଶହେ ଦିନର କାର୍ଯ୍ୟ ନ ଦେବା, ବିକାଶ ଯୋଜନା ବାଟବଣା ହେବା, ପୋଲ ଓ ରାସ୍ତାକାମ ଗୁଡିକ ସମ୍ପୂର୍ଣ୍ଣ ହୋଇ ନ ପାରି ପଡ଼ି ରହିବା, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ନ ହେବା, ମହିଳା ଅସୁରକ୍ଷିତ ରହିବା, ଚୋରି ବୃଦ୍ଧି ପାଇବା ଆଦି ମୁକାବିଲା କରିବାରେ ବିଜେପି ସକରାର ବିଫଳ ହୋଇଛି ବୋଲି ଦଳୀୟ ନେତାମାନେ ବକ୍ତବ୍ୟ ରଖିଥିଲେ। ଗତ ନିର୍ବାଚନରେ ବିଜେପି ମିଥ୍ୟା ପ୍ରତିଶ୍ରୁତି ଦେଇ ଗାଦିରେ ବସିଥିବା ବେଳେ ତାର ପ୍ରକୃତ ଜବାବ ପଞ୍ଚାୟତ ନିର୍ବାଚନରେ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।



## ମହିଳାଙ୍କୁ ରୋଜଗାର ଦେଉଛି ଜିଆଖତ

ବିଶୋଇ, ୫।୧୧ (ସମିସ) : ବନ ବିଭାଗ ନିକଟରୁ ଆର୍ଥିକ ସହାୟତା ନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଆଖତ ଚାଷ କରି ରୋଜଗାରକ୍ଷମ ହେବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏପରି ଏକ ଖବର ରାଇରଙ୍ଗପୁର ବନଖଣ୍ଡ ମଣଦା ବନାଞ୍ଚଳରୁ ମିଳିଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ପ୍ରତ୍ୟେକ ବନ ସୁରକ୍ଷା ସମିତିର ଜୀବନ ଜୀବିକାର ମାନବୃଦ୍ଧି ପାଇଁ ସ୍ୱତନ୍ତ୍ର ସହାୟତା ଦିଆଯାଉଛି। ସେହି ଅର୍ଥକୁ ବିନିଯୋଗ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସଂଯୋଜକ ରାଜୀବ ଲୋଚନ ପଲେଇଙ୍କ ତତ୍ତ୍ୱାବଧାନ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ପ୍ରେରଣାରେ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବାର୍ଷିକ ୧୫୦ କୁଇଣ୍ଟାଲ ଜିଆ ଖତ ଉତ୍ପାଦନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ୨୦ କୁଇଣ୍ଟାଲ ଏବଂ ପରେ ପୁଣି ୩୦ କୁଇଣ୍ଟାଲ ଜିଆଖତ ବିକ୍ରି କରିଛନ୍ତି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମଣଦା ବନାଞ୍ଚଳ ଅଧୀନ ଅଶୋନଶିକଳ ବନସୁରକ୍ଷା ସମିତିର ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବାଦାମପାହାଡ଼ ବନାଞ୍ଚଳକୁ ଏହି ଜିଆଖତ ବିକ୍ରି କରାଯାଇଛି। ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁ, ରାଇରଙ୍ଗପୁର ବନଖଣ୍ଡ ବିଷୟ ଭିତ୍ତିକ ବିଶେଷଜ୍ଞ ତ୍ରିଲୋଚନ ରାଏ ଓ ଲୋକନାଥ ସାହୁ ଏବଂ ମାର୍କେଟିଂ ଏକଜିକ୍ୟୁଟିଭ ରାମକୃଷ୍ଣ ଦାସ ଉପସ୍ଥିତ ରହି ସମ୍ପୃକ୍ତ ମହିଳାଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବନାଞ୍ଚଳର ଉନ୍ନୟନ ପ୍ରକଳ୍ପ ସଂଯୋଜକ ସମେତ ବନପାଳ ପଙ୍କଜ ବେହେରା, ବନପାଳ ରଞ୍ଜିତା ମହାନ୍ତ, ବନରକ୍ଷୀ ଯାଜ୍ଞମଣି ମାର୍ଣ୍ଡି, ବନସୁରକ୍ଷା ସମିତିର ସଭାପତି ବିଶେଶ୍ୱର ସେଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ବାସନ୍ତୀ ସେଠୀ ଏବଂ ସୁଗନ୍ଧା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



'ମୁରୁଜରେ ମୋ ଜଗନ୍ନାଥ' ପଥ ମହୋତ୍ସବ

# ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ପ୍ରୟାସ

ରାଇରଙ୍ଗପୁର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନିମନ୍ତେ ନିଆରା ପ୍ରୟାସ କରାଯାଇଛି। ରଙ୍ଗ ବେରଙ୍ଗ ରଙ୍ଗୋଲିରେ ମୁରୁଜ ପ୍ରତିଯୋଗିତା କରି ହଜି ଯାଉଥିବା ପୁରାତନ ପରମ୍ପରାକୁ ପୁଣି ଉଜ୍ଜୀବିତ କରିଛନ୍ତି। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ 'ମୁରୁଜରେ ମୋ ଜଗନ୍ନାଥ' ପଥ ମହୋତ୍ସବ ଆୟୋଜନ କରାଯାଇଥିଲା। ରାଇରଙ୍ଗପୁର ମାଉସୀ ମା' ମନ୍ଦିର ସମ୍ମୁଖ ଦାଣ୍ଡରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୋଟ ୪୬ଜଣ ଅଂଶଗ୍ରହଣ କରି ମୁରୁଜ ଆଙ୍କିଥିଲେ। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଯୋଗଦେଇ ସୁସଜ୍ଜିତ ମୁରୁଜ ଦାଣ୍ଡ ପରିଦର୍ଶନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଏସଡିପିଓ ଗୋକୁଳାନନ୍ଦ ସାହୁ, ମୁଖ୍ୟ ଟ୍ରଷ୍ଟି ରାଧେଶ୍ୟାମ ପାତ୍ର, ରସାନନ୍ଦ ଲେଙ୍କା, ମନୋଜ ଦାସ, ରଞ୍ଜନ ନନ୍ଦ, ବିଜୟଲକ୍ଷ୍ମୀ ମହାନ୍ତି, ନବୀନ ରାମ ଓ ସୌରଭ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗୀଙ୍କ ଦ୍ୱାରା ଅଙ୍କିତ ରଙ୍ଗବେରଙ୍ଗ ମୁରୁଜ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ ଲାଗିଥିଲା। ଓଡିଆ ସଂସ୍କୃତିରେ ପଞ୍ଚୁକର ଅନେକ ମାହାତ୍ମ୍ୟ ରହିଛି। ପାଞ୍ଚ ଦିନ ଧରି ଘରର ମହିଳାମାନେ ତୁଳସୀ ଚୌରା ମୂଳେ ରଙ୍ଗ ବେରଙ୍ଗର ମୁରୁଜ ଆଙ୍କିଥାନ୍ତି। ତେବେ କାଳକ୍ରମେ ତାହା ଆଧୁନିକ ସମାଜରୁ ହଜି ଯାଉଥିବାରୁ ବଞ୍ଚିତ ରଖିବାକୁ ଉଦ୍ୟମ କରିଛନ୍ତି। ଏହିପରି ନିଆରା ପ୍ରୟାସ ପାଇଁ ଅଂଶଗ୍ରହଣ କରିଥିବା ଯୁବତୀ ଓ ମହିଳା ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ପ୍ରତିବର୍ଷ ଏପରି କାର୍ଯ୍ୟକ୍ରମ କରିବାକୁ ନିବେଦନ କରାଯାଇଛି।





## ସରସ୍ୱତୀ ଶିଶୁମନ୍ଦିରରେ ଯୁବ ସମ୍ମିଳନୀ

ରାଇରଙ୍ଗପୁର, ୫।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଁଳାଡୁବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ବାମନଘାଟି ଉପଖଣ୍ଡର ୭ଟି ବ୍ଲକ ଏବଂ ରାଇରଙ୍ଗପୁର ସହରରୁ ୨୫୦ ଊର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ରାଇରଙ୍ଗପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡା ମିଳନ କୁମାର ମହାନ୍ତ ଯୋଗଦେଇଥିଲେ। ରାଇରଙ୍ଗପୁର ସହ ଜିଲ୍ଲା କାର୍ଯ୍ୟ ନିର୍ବାହୀ ବଳରାମ ବାରିକ ପ୍ରାରମ୍ଭିକ ସୂଚନା ତଥା ଉଦେ୍ଧଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ସେବ ପ୍ରମୁଖ ଆଦରଣୀୟ ଖଗେଶ୍ୱର ମହାନ୍ତ ଭାରତର ଗୌରବଶାଳୀ ଐତିହ୍ୟ, ପରମ୍ପରା, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କ୍ଷେତ୍ର ସେବା ପ୍ରମୁଖ ଦୀପକ କୁମାର ରାଉତ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସଂଘ ଚାଳକ ଜଗବନ୍ଧୁ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

● କାର୍ତ୍ତିକ ପୂର୍ଣ୍ଣିମାରେ ଜଳାଶୟ ଓ ମନ୍ଦିରରେ ଭିଡ଼

## ଖିଚିଂରେ ମା' କୀଚକେଶ୍ୱରୀଙ୍କ ସୁନାବେଶ



ରାଇରଙ୍ଗପୁର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ପାଇଁ ବୁଧବାର ଭୋରୁ ବୋଇତ ଭସାଇବାକୁ ରାଇରଙ୍ଗପୁରର ବିଭିନ୍ନ ଜଳାଶୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁମାନେ ଧାର୍ମିକ ମାସ କାର୍ତ୍ତିକ ମାସ ସାରା ଧରମ କାର୍ଯ୍ୟ ସମ୍ପନ୍ନ କରି ବହୁ ଖୁସିର ସହ ଡଙ୍ଗା ଭସାଇଛନ୍ତି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆଙ୍କ ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରିଥିଲେ। ରାଇରଙ୍ଗପୁର ସହରର ଖଡ଼ଖାଇ ନଦୀ, ମହୁଲଡିହା ବନ୍ଧ, ବଡାମ ତଳିଆ ନଦୀ ସମେତ ଅନ୍ୟାନ୍ୟ ଜଳାଶୟରେ ବୋଇତ ଭସାଇଛନ୍ତି। ଏହା ପରେ ଦିଅଁ ଦର୍ଶନ ଓ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିର ସମେତ ଆଁଳାଡୁବା ମଠ ଆଦିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ବିଭିନ୍ନ ମନ୍ଦିରରେ ମଧ୍ୟ ଅନୁରୂପ ବ୍ୟବସ୍ଥାରେ ଭକ୍ତଗଣ ଦିଅଁ ଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଓ ଅଷ୍ଟମ ପ୍ରହର ନାମ ଯଜ୍ଞ ମଧ୍ୟ ଆୟୋଜିତ ହୋଇଛି। ଖିଚିଂ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚେକେଶ୍ୱରୀଙ୍କ ଦୁର୍ଲ୍ଲଭ ସୁନାବେଶ ଦେଖି ଭକ୍ତ ବିଭୋର ହୋଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ପରିଷଦ କାର୍ଯ୍ୟଶାଳା



ବଡସାହି, ୫।୧୧(ସମିସ): ବଡସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବୋତ୍ତର ସମ୍ଭାଗର ମଧ୍ୟସ୍ତର ଶିକ୍ଷା ପରିଷଦ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ସଙ୍କୁଳରୁ ୮ ବିଷୟରେ ସମ୍ଭାଗ ପ୍ରମୁଖ, ବିଭାଗ ପ୍ରମୁଖ ଓ ସଙ୍କୁଳ ପ୍ରମୁଖ ଭାବେ ୫୧ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବୋତ୍ତର ସମ୍ଭାଗର ସଂସ୍କୃତି ବୋଧ ପରିଯୋଜନା ପ୍ରମୁଖ ପ୍ରବୋଧ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରିଚାଳନା କମିଟି ସଭାପତି ନୀଳାଦ୍ରି ବିହାରୀ ଦଣ୍ଡପାଟ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବେତନଟୀ ସଙ୍କୁଳ ପ୍ରମୁଖ ଶଶଧର ପଣ୍ଡା ଓ ବାଲେଶ୍ୱର ବିଭାଗ ନିରୀକ୍ଷକ ବିଜନ କୁମାର ଜେନା କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ବୁଢ଼ାବଳଙ୍ଗରେ ମାଛ ଯାଆଁଳ ଛଡା କାର୍ଯ୍ୟକ୍ରମ



ବଡସାହି, ୫।୧୧(ସମିସ): ବଡସାହି ବ୍ଲକ ପତରାପଦା ବୁଢାବଳଙ୍ଗ ନଦୀବନ୍ଧ ନିକଟରେ ଏକ ମାଛଛଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ବେହେରା, ଇନ୍ସପେକ୍ଟର ଅଫ୍ କୋଅପରେଟିଭ ସୋସାଇଟି ଆଶିଷ କୁମାର ଗଡ଼ସେରା, ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ଉପାଧକ୍ଷ୍ୟ କାଞ୍ଚନ ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନଦୀରେ ମାଛ ବୃଦ୍ଧି ସହିତ ନଈକୂଳିଆବାସୀଙ୍କ ଜୀବନ ଜିବୀକାର ଅଭିବୃଦ୍ଧି ନିମନ୍ତେ ଏହା ଏକ ନିଆରା ପଦକ୍ଷେପ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନଦୀରେ ୭.୫୦ ଲକ୍ଷ ଯାଆଁଳ ଛଡାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ବିରେନ ନାୟକ ମଞ୍ଚ ପରିଚାଳା କରିଥିବା ବେଳେ ଜେଏଫ୍‌ଟିଏ ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଶହ ଚାଷୀ ଉପସ୍ଥିତ ଥିଲେ।

## ପଞ୍ଚାୟତି ମନ୍ଦିରରେ ଅଷ୍ଟପ୍ରହରୀ



ରାଇରଙ୍ଗପୁର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀ ସତ୍ୟନାରାୟଣ ପଞ୍ଚାୟତି ମନ୍ଦିରରେ ଦୁଇ ଦିନିଆ ଅଷ୍ଟମପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶ୍ରୀ ରାଧାକୃଷ୍ଣ ଭଜନ ମଣ୍ଡଳୀ ଦ୍ୱାରା ଶ୍ରୀ ହରିନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସ୍ଥାନୀୟ ମାରୱାଡି ସମାଜ ପକ୍ଷରୁ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ବୁଧବାର କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିବା ବେଳେ ମହାନ ଆରତୀ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି

ରାଇରଙ୍ଗପୁର, ୫।୧୧(ସମିସ): ଭରଣ୍ଡିଆ ଗ୍ରାମରୁ ଟ୍ରାନ୍ସଫର୍ମର କଏଲ ଓ କୋର ଚୋରି ହୋଇଥିବା ନେଇ ଟିପିଏନଓଡିଏଲ କଣ୍ଟାବଣି ସେକ୍ସନ ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାମୟୀ ଲାଏକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବଡାମତଳିଆ ବିଦ୍ୟୁତ କ୍ୟାମ୍ପ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ଉକ୍ତ ସ୍ଥାନକୁ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ୨୫କେଭିର ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି ହୋଇଥିବା ନେଇ ଜାଣିପାରିଥିଲେ। ପରେ ଯନ୍ତ୍ରୀଙ୍କୁ ଜଣାଇଥିଲେ। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ଅନୁଗୋଳ ଜିଲ୍ଲା ପାଲା ଗାୟକ ସଂଘ ସମ୍ମିଳନୀ



ଅନୁଗୋଳ,୫ ।୧୧(ସମିସ): ବାରସିଂହା ଦଣ୍ଡାଛକ ପଞ୍ଚୁକ ପୂଜା କମିଟି ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା ପାଲା ଗାୟକ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସଭାପତି ଧ୍ରୁବଚରଣ ସାହୁ ଓ ସ୍ଥାୟୀ ସଭାପତି ଈଶ୍ୱର ଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ସଭା ହୋଇଥିଲା । ପ୍ରଥମ ଦିନରେ ରାଜ୍ୟ ପାଲା ଗାୟକ ପରିଷଦ ସମ୍ପାଦକ ବସନ୍ତ କୁମାର ରାଉତ, ରାଜ୍ୟ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ସାଂସ୍କୃତିକ ସମ୍ପାଦକ ବନବିହାରୀ ଗ୍ରହାଚାର୍ଯ୍ୟ, ଅର୍ଥ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଏବଂ ଅନୁଗୋଳ ସଂଘ ଉପଦେଷ୍ଟା ଡ. ଆରଏନ୍ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପାଲାକାରଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ । ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଦଧିବାମନ ପ୍ରଧାନ, କବି ଧୀରେନ ମିଶ୍ର, ଆଇନଜୀବୀ ରଞ୍ଜନ ପାତ୍ର, ସଂଘ ସଭାପତି ବିଭୂତି ଭୂଷଣ ନାଥ, ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଗଳ ପ୍ରମୁଖ ଯୋଗଦେଇଥିଲେ । କିଛି ପାଲାକାର ପାଲା ପରିବେଷଣ କରିଥିଲେ । ବାରସିଂହା ଗ୍ରାମ ସଭାପତି ଅଭୟ ସାହୁ, ପୂଜା କମିଟି ସଭାପତି ଅନିଲ ସ୍ୱାଇଁ ଏବଂ ସମ୍ପାଦକ ଗିରୀଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପାଲାକାରମାନେ ପ୍ରାଚୀନ ଓଡ଼ିଆ ସଂସ୍କୃତି ଓ କଳାକୁ ବଞ୍ଚାଇ ରଖିଥିବାରୁ ଅତିଥିମାନେ ସାଧୁବାଦ ଦେଇଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମାରେ ତାଳଚେର ଉତ୍ସବମୁଖର

ତାଳଚେର,୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ତାଳଚେର ସହରଠାରୁ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଶୈବପୀଠ ସମେତ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇପଡ଼ିଥିଲା । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପ୍ରାତଃ ସମୟରୁ ତାଳଚେର ସହର ନିକଟରେ ବୋହି ଯାଉଥିବା ବ୍ରାହ୍ମଣୀ ନଦୀରେ ସ୍ନାନ କରି ଆନନ୍ଦ ଉଲ୍ଲାସରେ ଡଙ୍ଗା ଭସାଇବା ସହ ଭଗବାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଡଙ୍ଗା ଭସାଇବାକୁ କେବଳ ଓଡ଼ିଆ କାହିଁକି ବିଭିନ୍ନ ଭାଷାଭାଷୀ ଲୋକଙ୍କ ଭିଡ଼ ଜମିଥିଲା । କିଛି ସାମାଜିକ ଅନୁଷ୍ଠାନ ପକ୍ଷରୁ



ଶ୍ରଦ୍ଧାଳୁଙ୍କୁ ମିଷ୍ଟାନ୍ନ, ରାମଖେଚୁଡ଼ି, ଖିରି, ଚା', ପାଣି ବୋତଲ ଆଦି ବଣ୍ଟନ କରାଯାଇଥିଲା । କାର୍ତ୍ତିକ ପୂର୍ଣ୍ଣିମାରେ ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ଜଗନ୍ନାଥ ମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଶୁଣୀ, ମା' ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୂଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶିଳା, ବହ୍ଲର, ବନ୍ତୋଲ, ଥର୍ମାଲ, ଡେରା, ସାଉଥବଳଣ୍ଡା, ଆଦି ମନ୍ଦିର ସହ ବିଭିନ୍ନ ଶୈବପୀଠ ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ।

# ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା

ବଅଁରପାଳ,୫ ।୧୧(ସମିସ):



ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପୀଢ଼ସାହି ଯାତ୍ରା ପଡ଼ିଆରେ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସ ପୂର୍ଣ୍ଣିମା ଦିନ ମାଆଙ୍କ ବାର୍ଷିକ ପୂଜା ମହାସମାରୋହରେ ପାଳନ ହୋଇଥାଏ । ମାଆଙ୍କ ମହିମା ଅପାର ହୋଇଥିବାରୁ ଦର୍ଶନ ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ବୁଧବାର ପ୍ରତ୍ୟୁଷରୁ ମା'ଙ୍କ ସେବକ ତଥା ଦେହୁରୀ ରଞ୍ଜନ କୁମାର ଗଡ଼ନାୟକ ତୁଳସୀପାଳରେ ଥିବା ମା'ଙ୍କ ଆଲମ ଘରେ ଯଥାରୀତି ପୂଜାର୍ଚ୍ଚନା କରିବା ପରେ ଗଡ଼ସନ୍ତ୍ରୀ ପୀଢ଼ସାହି ଯାତ୍ରା ପଡ଼ିଆରେ ଥିବା ପୀଠସ୍ଥଳୀକୁ ଯିବାକୁ ନିମନ୍ତ୍ରଣ କରିଥିଲେ । ପୂର୍ବାହ୍ନ ୯ଟାରେ ମାଆଙ୍କୁ ବିରାଟ ଶୋଭାଯାତ୍ରାରେ ଉଭୟ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମ ମୁଖ୍ୟରାସ୍ତାରେ ଯାତ୍ରା ପଡ଼ିଆକୁ ନିଆଯାଇଥିଲା । ଶହ ଶହ ଛତି, ତରାଶ ସହ ଏକାଧିକ ଡିଜେ ସାଉଣ୍ଡ, ଢୋଲ, ନିଶାଣ, ସିଂଘବାଦ୍ୟ, ଧାଙ୍ଗଡ଼ାବାଦ୍ୟ, ଲଉଡ଼ିଖେଳ, ପାଇକଖେଳ, ବାଣରୋଷଣୀ ଓ ହରିବୋଲ ହୁଳହୁଳି ଶବ୍ଦରେ ଦୁଇ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା । ପଥରେ ଗ୍ରାମର ମହିଳାମାନେ ନିଜ ଘର ସମ୍ମୁଖରେ ଘଟ ସ୍ଥାପନ କରି ବନ୍ଦାପନା କରିଥିଲେ । ଶୋଭାଯାତ୍ରା ପୀଠସ୍ଥଳୀରେ ପହଞ୍ଚିବା ପରେ ମାର୍ଜନା ସହ ଔପଚାରିକ ପୂଜାର୍ଚ୍ଚନା କରାଯାଇଥିଲା । ଅଧିଆ ପଡ଼ିଥିବା ବହୁ ସଂଖ୍ୟକ ମାନସିକଧାରୀ ପାଦୁକା ପାଇ ମାନସିକ ଭଙ୍ଗ କରିଥିଲେ ଓ ଶତାଧିକ ଶିଶୁ ମୁଣ୍ଡନ ହୋଇଥିଲେ । ନିଶାର୍ଦ୍ଧରେ ମହାଦେଶ ଆସିବା ପରେ ଗୁପ୍ତପୂଜା କରାଯାଇଥିଲା । ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା ।

ଯାତ୍ରା ପଡ଼ିଆରେ ହଜାରେରୁ ଊର୍ଦ୍ଧ୍ୱ ଛୋଟବଡ଼ ହୋଟେଲ, ମନୋହରୀ, ଗୃହସାମଗ୍ରୀ, ଫାଷ୍ଟଫୁଡ ଦୋକାନ ପଡ଼ିଛି । ଆଗାମୀ ଦିନରେ ଅଧିକ ଜନ ସମାଗମ ହେବ ଓ ଭଲ ବେପାର ହେବ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭିଡ଼କୁ ଦୃଷ୍ଟିରେ ରଖି ଏଏସପି ରାଜୀବ ଲୋଚନ ପଣ୍ଡା, ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ୩ ଡିଏସପି, ୭ଜଣ ସବଇନ୍ସପେକ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଏକ ଅସ୍ଥାୟୀ ପୁଲିସ ଶିବିର ଖୋଲାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଉଛି । ଅଞ୍ଚଳର ଏହା ସର୍ବ ପୁରାତନ ଓ ପ୍ରସିଦ୍ଧ ଯାତ୍ରା ହୋଇଥିବାରୁ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମ ସମେତ ଆଖପାଖ ଗ୍ରାମଗୁଡ଼ିକ ଚଳଚଞ୍ଚଳ ହୋଇଛି । ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳୁଛି । ମା' ଲୋଭୀ ଠାକୁରାଣୀ ଟ୍ରଷ୍ଟ ସଭାପତି ସୁନୀଲ କୁମାର ମାଝୀ, ସମ୍ପାଦକ ଭଜମନ ମହାନ୍ତି, ଲୋକନାଥ ମାଝୀ, ଦାଶରଥି ପାଏକ, ଦୈତାରୀ ସାହୁ, ନୀଳମଣି ବିଶ୍ୱାଳ, ଧୀରେନ୍ଦ୍ର ଗଡ଼ନାୟକଙ୍କ ସମେତ ସମସ୍ତ ଟ୍ରଷ୍ଟି ସଦସ୍ୟ ଓ ଶାନ୍ତି କମିଟି ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି ।

## 'କଳାକାର' ବୋଇତ ବନ୍ଦାଣ ମହୋତ୍ସବ ଉଦଯାପିତ

### ଶକ୍ତି ମିଶ୍ରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଅନୁଗୋଳ,୫ ।୧୧(ସମିସ): କଳାକାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ତିନିଦିନିଆ ବୋଇତ ବନ୍ଦାଣ ମହୋତ୍ସବ ବୁଧବାର ଉଦଯାପିତ ହୋଇଛି । ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ମହୋତ୍ସବର ଉଦଯାପନୀ ସନ୍ଧ୍ୟାକୁ ଉଦଘାଟନ କରିଥିଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ । ବିଧାୟକ ପ୍ରଧାନ ନିଜ ବକ୍ତବ୍ୟରେ ପ୍ରାଚୀନ ଓଡ଼ିଶାର ସାଧବମାନଙ୍କ ସାମୁଦ୍ରିକ ଯାତ୍ରା ଦକ୍ଷତା ବର୍ଣ୍ଣନା କରିବା ସହ ରାଜ୍ୟ ସରକାର ବନ୍ଦରଗୁଡ଼ିକର କ୍ଷମତା ବୃଦ୍ଧି କରି କିଭଳି ଅଧିକ ମାଲ୍ ରପ୍ତାନି ହୋଇପାରିବ ସେ ଦିଗରେ ଧ୍ୟାନ ଦେଉଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ତଥା ଗୌରବମୟ ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ବରିଷ୍ଠ ମଞ୍ଚ ଓ



ସିନେ ଅଭିନେତା ଅଶୋକ ଦାସ ଯୋଗଦେଇ ଜିଲ୍ଲାରେ ସଙ୍ଗୀତ ଓ ନାଟକର ବିକାଶ ଦିଗରେ କଳାକାର ଅନୁଷ୍ଠାନର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ଏହି ଅବସରରେ ଦିବଂଗତ ସମସ୍ତ କଳାକାରଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶକ୍ତି ମିଶ୍ର କିଛି ବଛା ବଛା ଗୀତ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କଳାକାର ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ବୋଇତ ବନ୍ଦାଣ ନୃତ୍ୟନାଟିକା ପରିବେଷଣ କରିଥିଲେ । କଳାକାର ପକ୍ଷରୁ ଶକ୍ତି ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ କଳାକାର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଅଭିନେତା ଅଶୋକ ଦାସଙ୍କୁ ଶରତ ମାଝୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏ ଅବସରରେ ସ୍ୱର୍ଗତ ମାଝୀଙ୍କ ଧର୍ମପତ୍ନୀ ଦେବଯାନୀ ମହାପାତ୍ର ଉପସ୍ଥିତ ଥିଲେ । ପରେ ଅତିଥିମାନେ ସଂଘର ସ୍ମରଣିକା ଉନ୍ମୋଚନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ସଭାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବିଦ୍ୟାଧର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ ବୈରାଗୀ ମଲ୍ଲିକ ଓ ପ୍ରତ୍ୟୁଷା ରଥ ମଞ୍ଚ ପରିଚାଳନା କରିଥିଲେ । ଜୟନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଆକର୍ଷଣୀୟ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା ।

## ମାଣବସା ଲକ୍ଷ୍ମୀପୂଜା ଉପଲକ୍ଷେ ମାଟି ଅନୁକୂଳ



କିଶୋରନଗର,୫ ।୧୧(ସମିସ): କିଶୋରନଗର କଲେଜ ଛକ ମାଣବସା ଗୁରୁବାର ଲକ୍ଷ୍ମୀପୂଜା ଉପଲକ୍ଷେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଣ୍ଡୁରୀପଥର ଯୋର ନିକଟରେ ଅରୁଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ପୂଜାମଣ୍ଡପକୁ ଅଣାଯାଇଥିଲା । କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଚନ୍ଦନ ସ୍ୱାଇଁ, ରାଜେନ୍ଦ୍ର ରାଉଳ, ସୁଜିତ୍ ରାଉଳ, ଅନିରୁଦ୍ଧ ବିଶ୍ୱାଳ, ପବିତ୍ର ଦେହୁରୀ, ତ୍ରିନାଥ ସାହୁ, ଆଲୋକ ପ୍ରଧାନ, ପପୁନ ପ୍ରଧାନ, ଟୁନା ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ୩୪ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ



ନାଲକୋ ନଗର,୫ ।୧୧(ସମିସ): ଅନୁଗୋଳ ବ୍ଲକ ଗୋପୀନାଥପୁରରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ପରମପୂଜ୍ୟ ଗୁରୁଦେବ ବ୍ରହ୍ମଲୀନ ୧୦୦୮ ଶ୍ରୀ ଶ୍ରୀ ଠକାନନ୍ଦଜୀ ମହାରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂଜ୍ୟପାଦ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଜୀଙ୍କ ଅଧ୍ୟକ୍ଷତାରେ ଗୋପୀନାଥପୁର ପଦ୍ମପାଦ ମଠ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ପଦ୍ମପାଦ ଠାକୁରଙ୍କ ମନ୍ଦିରରେ ୩୪ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଛି । ମଙ୍ଗଳବାରଠାରୁ ସ୍ଥାନୀୟ ଲୋକେ ପୁଷ୍କରିଣୀରୁ କଳସ ଯାତ୍ରାରେ ଜଳ ଆଣି ସ୍ଥାପନ କରିଥିଲେ । ବୁଧବାର ସକାଳେ ଗୀତା ମହାଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏଥିରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ପଦ୍ମପାଦ ମଠ ମହନ୍ତ ବାନପ୍ରସ୍ଥ ବୈରାଗୀ ମହନ୍ତଜୀ ସୂଚନା ଦେଇଛନ୍ତି ।

## ଭାଗବତ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ

ବଅଁରପାଳ,୫ ।୧୧(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନୂଆହତାରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ୫ ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ପାଇଁ ଗାଁ ଉତ୍ସବମୁଖର ହୋଇଉଠିଥିଲା । ଆଖ ପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପ୍ରତେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏଥିରେ ବାବା ସ୍ୱାମୀ ଶ୍ୟାମାନନ୍ଦ ପୁରୀ, କର୍ତ୍ତା ଶମ୍ଭୁପ୍ରସାଦ ପାଣି, ଆଚାର୍ଯ୍ୟ ବିଘ୍ନେଶ୍ୱର ପାଣି, ବ୍ରାହ୍ମଣ ପ୍ରଫୁଲ୍ଲ ନାଥ, ଶାନ୍ତନୁ ପାଣି, ବସନ୍ତ ତ୍ରିପାଠୀ, ରବିନାରାୟଣ ଶତପଥୀ, ଚିତ୍ରସେନ ଦାସ, ସିଦ୍ଧେଶ୍ୱର ପାଣିଙ୍କ ସମେତ ନୂଆହତା ଗ୍ରାମବାସୀ ସହଯୋଗ କରିଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମା; ଗିରିଶ୍ୱର ପୀଠରେ ଭକ୍ତଙ୍କ ଭିଡ଼

ପାଲଲହଡ଼ା,୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ବିଶେଷ ଚରି ପାଲଲହଡ଼ାର ପ୍ରସିଦ୍ଧ ଗିରିଶ୍ୱର ଶୈବପୀଠରେ ସକାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ନୀତିକାନ୍ତି ପରେ ଭକ୍ତମାନେ ଭୋର ୪ଟାରୁ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ଧାଡ଼ିରେ ଠିଆହୋଇ ମହାଦେବଙ୍କ ଦର୍ଶନ ଲାଭ କରିଥିଲେ । ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ



ସହଯୋଗ କରିଥିଲେ । ପାଲଲହଡ଼ା ଅକ୍ସଫୋର୍ଡ ଯୁବ ପରିଷଦ ପକ୍ଷରୁ ୧୦ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଅନ୍ୟପଟେ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ବାବା ଗିରିଶ୍ୱରଙ୍କ ଦର୍ଶନ ସହ ମନ୍ଦିର ପାଶ୍ୱର୍ରେ କୁଳୁକୁଳୁ ନାଦରେ ବୋହିଯାଉଥିବା ଜଳ ପ୍ରପାତର ମନରୋମ ଦୃଶ୍ୟକୁ ଭକ୍ତମାନେ ଭରପୂର ଉପଭୋଗ କରିଥିଲେ । ବାବା ଗିରିଶ୍ୱରଙ୍କ ଉପାସନା କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ ମହାନ୍ତ ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା ସମିତି ତଥା ଅକ୍ସଫୋର୍ଡ ଯୁବପରିଷଦର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ













ବଇଣ୍ଡା,୫ ।୧୧(ସମିସ):

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବୁଧବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ମୁଖ୍ୟବକ୍ତା ଭାବେ ବଇଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବଡ଼ହୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ପୂଜା କମିଟି ସଭାପତି ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ । ପରମ୍ପରା ବଞ୍ଚିରହିଲେ ଓଡ଼ିଶା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ । ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଧବ ବୋହୂ, ସାଧବ ପୁଅ, ତଅପୋଇ ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ବାଜାବାଣରେ ଗାଁ କମ୍ପି ଉଠିଥିଲା । ପରେ ଚନ୍ଦନ ପୋଖରୀରେ ଡଙ୍ଗାଭସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜା କମିଟିର ଗିରୀଶ ଚନ୍ଦ୍ର ବେହେରା, ସୁବାସ ସାହୁ, ଦୀପକ ଟିବ୍ରୁୱାଲା, ଜମ୍ବେଶ୍ୱର ସାହୁ, ସଞ୍ଜୟ ସାହୁ, ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ଶୁଭେନ୍ଦୁ ସାହୁ, ଚକ୍ରଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

**ଅନୁଗୋଳ:** ଆମ ଅନୁଗୋଳ ଆମ ଗୌରବ ଜନ ଅନୁଷ୍ଠାନ ପକ୍ଷରୁ ନାରଣ ସାଗର କୂଳରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଛି । ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ମଗଧ ଯୁବ ବିକାଶ ସମିତି ପକ୍ଷରୁ ସମ୍ପାଦକ ସୁକାନ୍ତ ମାଝୀ ଓ ଅନ୍ୟମାନେ ସହଯୋଗ କରିଥିଲେ । ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ନଗରପାଳ ଶକ୍ତି ପଟ୍ଟନାୟକ ଓ ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ରହି ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତି ରୋମନ୍ଥନ କରିଥିଲେ ।

**ନାଲକୋ ନଗର:** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଲକୋ ଜଗନ୍ନାଥ ମନ୍ଦିର ପରିସର ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ମନ୍ଦିର କମିଟି ସଭାପତି ସଚ୍ଚିଦାନନ୍ଦ ଜେନା ଓ ଉପସଭାପତି ସତ୍ୟବାଦୀ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ କରିଥିଲେ । ନାଲକୋ ନଗରର ହଜାରେରୁ ଊର୍ଦ୍ଧ୍ୱ ଜନସାଧାରଣ ଡଙ୍ଗାଭସା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମନ୍ଦିର ପରିସରରେ ମନ୍ଦିର କମିଟି ପକ୍ଷରୁ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା । ନାଲକୋ ସିଆଇଏସ୍ଏଫ, ଦମକଳ ବାହିନୀ, ନାଲକୋ ଥାନା ପୁଲିସ, ନାଲକୋ ଠିକା ସୁରକ୍ଷାକର୍ମୀ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଲକୋ ଜଗନ୍ନାଥ ମନ୍ଦିରରେ ସୁନାବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସକାଳେ ଜଗନ୍ନାଥ ମନ୍ଦିର ଓ ମଧ୍ୟାହ୍ନରେ ତାରଣୀ ମନ୍ଦିର ସମ୍ମୁଖରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାଲକୋ ଇଡି ସଚ୍ଚିଦାନନ୍ଦ ଜେନା, ସିଜିଏମ ସତ୍ୟବାଦୀ ମିଶ୍ର, ତରୁଣ ତ୍ରିପାଠୀ, ଶୁଭେନ୍ଦୁ ଘୋଷ, ଗିରୀଶ ସାହୁ ଓ ଜିଏମ ରାଜାରାମ ମିଶ୍ର, ମଦନ ମିଶ୍ରଙ୍କ ସମେତ ଶ୍ରମିକ ନେତାମାନେ ସାମିଲ ହୋଇଥିଲେ । ମଧ୍ୟାହ୍ନରେ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ତାରଣୀ ମନ୍ଦିର କମିଟି ପକ୍ଷରୁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା ।

## କୋଇଡ଼ା ମାଇନ୍ସ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଖମାର,୫ ।୧୧(ସମିସ): ପାଲଲହଡ଼ା ବ୍ଲକ ରୋହିଲା ପଞ୍ଚାୟତ ରଙ୍ଗିଆପାଳ ଗ୍ରାମରେ ମୋହନ ଜି ଫାଉଣ୍ଡେସନ ତରଫରୁ ବୁଧବାର ପ୍ରାଣାୟାମ ଏବଂ ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ରୋହିଲା, ଇଞ୍ଜିଡ଼ି ପଞ୍ଚାୟତ ସମେତ ଢେଙ୍କାନାଳ ଜିଲ୍ଲା ବାମ, ବିରାଶାଳ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା



କରାଇଥିଲେ । ଶିବିରରେ କୋଇଡ଼ା ମାଇନ୍ସର ଡେପୁଟି ଡାଇରେକ୍ଟର ଡା. ଦେବାଶିଷ ନାୟକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଗ୍ରାମର ନରେନ୍ଦ୍ର ପିଙ୍ଗୁଆ ସହଯୋଗ କରିଥିଲେ ।

## ଓଡ଼ିଶା ନାଟ୍ୟ ସଂସଦ ସମ୍ପାଦକଙ୍କୁ ନୃତ୍ୟନୀଳୟ ପକ୍ଷରୁ ସମ୍ବର୍ଦ୍ଧନା



ଅନୁଗୋଳ,୫ ।୧୧(ସମିସ): ନବନିର୍ବାଚିତ ଓଡ଼ିଶା ନାଟ୍ୟ ସଂସଦ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ନୃତ୍ୟନୀଳୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂସ୍ଥାର ମୁଖ୍ୟ ଯଜ୍ଞ ରାୟ ଓ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ଦ୍ୱିବେଦୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସିହ୍ନା ଦ୍ୱିବେଦୀଙ୍କ ମଞ୍ଚ ନାଟକ ପ୍ରତି ଥିବା ନିଷ୍ଠା, ତ୍ୟାଗ ଓ ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ ନାଟ୍ୟମ୍ ସଂସ୍ଥା ମାଧ୍ୟମରେ ମଞ୍ଚ ନାଟକକୁ ନେଇ ପରୀକ୍ଷାନିରୀକ୍ଷା କରିବା ଓ ଦର୍ଶକଙ୍କୁ କିଭଳି ନିରୁତା ମନୋରଞ୍ଜନ ଯୋଗାଇ ଆସିଛନ୍ତି ତାହା ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ନୃତ୍ୟନୀଳୟର ବହୁ ଛାତ୍ରୀ ଯୋଗଦେଇଥିଲେ ।





# ରାଜଧାନୀରେ ଆ-କା-ମା-ବୈ...





ଭୁବନେଶ୍ୱର, ୫।୧୧(ସମିସ): ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ ବିଂଶତମ 'ବିନ୍ଦୁସାଗର ବୋଇତ ବନ୍ଦାଣ ଉତ୍ସବ' ପାଳିତ ହୋଇଯାଇଛି। ହୃଷୀକେଶ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ୧୪ ଫୁଟିଆ ସୁସଜ୍ଜିତ ବୋଇତକୁ ପବିତ୍ର ବିନ୍ଦୁସାଗର ପୁଷ୍କରିଣୀରେ ଭସାଯାଇଥିଲା। ରାତ୍ର ୩ ଘଟିକା ସମୟରୁ ଆଳାପ ସଙ୍ଗୀତ ଅନୁଷ୍ଠାନର ପ୍ରଫେସର ନିମିକାନ୍ତ ରାଉତରାୟଙ୍କ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ଅମିୟ ଦାସ ଅନୁଷ୍ଠାନ ଉପସଭାପତି ସମରେନ୍ଦ୍ର ସାହୁ, ସମ୍ପାଦକ ଦୀପକ ମହାପାତ୍ର, ମନୋଜ କୁମାର ବେହେରା, ସୁରେଶ ବାରିକ, କର୍ପୋରେଟର ଶିବ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଲକ୍ଷେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ୮ ଜଣଙ୍କୁ 'ଏକାମ୍ର ସାଂସ୍କୃତି ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା।

## ଏକାମ୍ର ହାଟରେ ବୋଇତ ବନ୍ଦାଣ ଉତ୍ସବ

ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ସମ୍ଭାବନା ଓଡିଆଣୀ ସମିତି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡ଼ିଆ ସମୃଦ୍ଧି ଦିବସ ପାଳନ ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୋଇତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ଓଡ଼ିଆଣୀଙ୍କ ବେଶଭୂଷାକୁ ନେଇ ପ୍ରତିଯୋଗିତା ହୋଇଥିଲା। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ଅନ୍ୟମାନେ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ସାମାଜସେବୀ କସ୍ତୁରୀକା ପଟ୍ଟନାୟକ, ଭାଷାବିତ୍ ଡ.ଦେବାଶିଷ ମହାପାତ୍ର, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ଉପସ୍ଥିତ ଥିଲେ। ମହିଳା ଉଦ୍ୟୋଗୀ ଓ କ୍ରୀଡାବିତ୍ ଶୁଭ୍ରା ମିଶ୍ରଙ୍କୁ ଓଡିଆ ସମୃଦ୍ଧି ସମ୍ମାନ ୨୦୨୫ ପ୍ରଦାନ କାରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ଭାବନା ଓଡିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସମ୍ପାଦକ ଦେବ ପ୍ରସାଦ ପରିଜା, ତ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ'



ଧଉଳି, ୫।୧୧(ସମିସ): କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱରସ୍ଥ ଲିଙ୍ଗିପୁର-ନାଥପୁର ଘାଟ(ଦୟାବ୍ରିଜ)ଠାରେ ଚତୁର୍ଦ୍ଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଭୋର ୩ ଘଟିକାରୁ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସୀ ପାତ୍ର, ସୌରଭ ଭରଦ୍ୱାଜ, ମାନସୀ ପାଣିଗ୍ରାହୀ, ରାଜକିଶୋର ଓ ଜୟଶ୍ରୀ ମହାପାତ୍ରଙ୍କ ଭଜନ ପରିବେଷଣ କରିଥିଲେ।

ଏହି ଅବସରରେ ଓଡିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଥିବାବେଳେ ସର୍ବଭାରତୀୟ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ କଳାକାନ୍ତ ତ୍ରିପାଠୀ, ଭାରତୀୟ ଆଇନ ପରିଷଦର ସଭ୍ୟ ଭକ୍ତଭୂଷଣ ବାରିକ, ସ୍ୱର୍ଣ୍ଣପଦକ ପ୍ରାପ୍ତ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନ ସୁଶ୍ରୀ ଆଲିଶା ସୁବୁଦ୍ଧି, ଶ୍ରୀ ଶ୍ରୀ ଦୁର୍ଗେଶ୍ୱର ମନ୍ଦିର କମିଟି, ଏକାମ୍ର ବରିଷ୍ଠ ନାଗରିକ ସଂଘ, ମହାବୀର ନଗର ଉନ୍ନୟନ କମିଟି, ଧଉଳି ବିକାଶ ମଞ୍ଚ, ମିଶନ ରକ୍ତଦାନ, ନିଃସ୍ୱାର୍ଥ ସେବା ଓଡ଼ିଶା, କଣ୍ଠଶିଳ୍ପୀ ଉଦିତ ମହାନ୍ତି, ଏକାମ୍ର ମହିଳା ଆସୋସିଏସନ୍, ସ୍ମରଣିକା ମହାନ୍ତି ଓ ସୁଜାତା ପଟ୍ଟନାୟକଙ୍କୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ମାଗଣାରେ ମିଳୁଥିବା କଦଳୀ ବାସୁଙ୍ଗା ଡାଙ୍ଗାକୁ ନେଇ ଶ୍ରଦ୍ଧାଳୁମାନେ ଭସାଇଥିଲେ।

କାପୋକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ଏକାମ୍ରର ବିଧାୟକ ବାବୁ ସିଂ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ଗାନ୍ଧୀବାଦୀ ଡ. ଅରୁନ୍ଧତୀ ଦେବୀ, ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ଭୁବନେଶ୍ୱର ବ୍ଲକର ଅଧ୍ୟକ୍ଷା ନିରୂପମା ସାହୁ, କର୍ପୋରେଟର ସୁରେନ୍ଦ୍ର ପ୍ରଧାନ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସାମର୍ଥା, ମଳୟ ମହାପାତ୍ର, ପ୍ରତାପ ସାହୁ, ଶିଶୁପାଳଗଡ଼ ଗ୍ରାପର ସରପଞ୍ଚ ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, ଲିଙ୍ଗିପୁର ସମିତ ସଭ୍ୟ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦୂଷିତ ହେଉଛି ଜଳାଶୟ

ଭୁବନେଶ୍ୱର, ୫।୧୧(ସମିସ): ପରିବେଶରେ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବଢ଼ିଚାଲିଛି। ବାୟୁ, ମୃତ୍ତିକା, ଶବ୍ଦ, ଜଳରେ ହେଉଥିବା ପ୍ରଦୂଷଣ ପରିବେଶକୁ ଗିଳି ଦେଲାଣି। ଉପକଣ୍ଠରୁ ନେଇ ସହର ପର୍ଯ୍ୟନ୍ତ ଏହି ପ୍ରଦୂଷଣ ସବୁ ଲୋକଙ୍କ ଜାଣତରେ କରାଯାଉଛି। ଫଳରେ ଏହାର ପ୍ରଭାବ ଗଛଲତା, କୀଟ ପତଙ୍ଗ, ପଶୁପକ୍ଷୀ, ଜଳଚର ପ୍ରାଣୀଙ୍କ ଉପରେ ପଡୁଥିବାରୁ ଏହି ସବୁ ପ୍ରଦୂଷଣକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

ରାଜଧାନୀରେ ପ୍ରଦୂଷଣ ବି ବଢ଼ିଚାଲିଛି। ଏବେ ଏବେ ଦୀପାବଳି ପର୍ବରେ ବାୟୁ ପ୍ରଦୂଷିତ ହେବା ସହ ସ୍ଥିତି ସାଂଘାତିକ ହୋଇଥିଲା। ପୁଣି ଏବେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବିଭିନ୍ନ ଜଳାଶୟ ସବୁ ପ୍ରଦୂଷିତ ହୋଇପଡ଼ିଛି। ଦୀପାବଳିରେ ଲୋକଙ୍କ ସମେତ ପଶୁପକ୍ଷୀମାନେ ବାରୁଦ ଗନ୍ଧରେ ଅଣାୟତ ହେଉଥିବା ବେଳେ କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ ଜଳାଶୟମାନଙ୍କରେ ରହୁଥିବା ଜଳଚର ପ୍ରାଣୀ ବି ଥର୍ମକୁଲ ଓ ପ୍ଲାଷ୍ଟିକ୍ ଆବର୍ଜନା ସହ ବିଷାକ୍ତ ଜଳ ପ୍ରଦୂଷଣରୁ ବାଦ୍ ପଡ଼ିନାହାନ୍ତି।



କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବିଭିନ୍ନ ଜଳାଶୟଗୁଡ଼ିକରେ ଡ଼ଙ୍ଗା ଭସାଇବା ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଗରୁ କାର୍ତ୍ତିକ ପୂର୍ଣ୍ଣିମାରେ କଦଳୀ ପଟୁକା ଡ଼ଙ୍ଗା ସମସ୍ତେ ଭସାଉଥିଲେ। ହେଲେ ଏବେ କଦଳୀ ପଟୁକା ବଦଳରେ ଥର୍ମକୁଲ୍, ପତ୍ର, କାଗଜ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀରେ ତିଆରି ହୋଇଥିବା ଡ଼ଙ୍ଗାକୁ ଭସାଉଛନ୍ତି। ଏଥିସହିତ ଏହି ଡ଼ଙ୍ଗାରେ ବାଣ ସହିତ ମହମବତୀ ବି ରଖୁଛନ୍ତି। ଏସବୁ ବର୍ଜ୍ୟ ପଦାର୍ଥ ପୋଖରୀ ଏବଂ ଅନ୍ୟ ଜଳାଶୟରେ ଜମିରହୁଛି। ଏହି ସବୁ ଜୈବିକ ପଦାର୍ଥର ବିଘଟନ ଘଟି ଏଥିରୁ ଉତ୍ପନ୍ନ ପଦାର୍ଥ ପାଣିରେ ମିଶି ପ୍ରଦୂଷଣ ସୃଷ୍ଟି ହେବା ସହ ପ୍ଲାଷ୍ଟିକ ପରି ପଦାର୍ଥ ବିଘଟିତ ନହୋଇ ଜମି ରହୁଛି। ଏବଂ ବିଭିନ୍ନ ସମସ୍ୟା ସୃଷ୍ଟିର କାରଣ ପାଲଟୁଛି ଓ ଜଳରେ ପୋଷକ ବୃଦ୍ଧି ଘଟୁଛି। ଏପରି ପ୍ରଦୂଷଣର ପ୍ରଭାବ ଜଳଜୀବମାନଙ୍କ ଉପରେ ପଡ଼ି ସେମାନେ ମୃତ୍ୟୁର ଶିକାର ହେଉଛନ୍ତି। ଯାହାଦ୍ୱାରା ପାଣି ସହିତ ପାଣିରେ ରହୁଥିବା ଜଳଚର ସହିତ ପାଣି ଭିତରେ ଥିବା ଉଦ୍ଭିଦମାନଙ୍କ ପ୍ରତି କ୍ଷତିକାରକ ହୋଇପଡୁଛି।

'ଆ କା ମା ବୈ' କହି ଡଙ୍ଗା ଭସାଇବାର ପରମ୍ପରା ଆବାହମାନ କାଳରୁ ଆମ ସଂସ୍କୃତିରେ ପ୍ରଚଳିତ ରହିଛି। ଆମର ଧାର୍ମିକ ଭାବନା ସହ ଓତପ୍ରୋତଃ ଭାବରେ ଜଡ଼ିତ ଓ କିନ୍ତୁ ଏବେ ବର୍ଦ୍ଧିତ ଜନସଂଖ୍ୟା ସହିତ ପ୍ରଦୂଷଣ ଏକ ବିପଜ୍ଜନକ ପ୍ରକ୍ରିୟା ରୂପେ ଉଭା ହୋଇଛି। ଆମର ପ୍ରତ୍ୟେକ କାର୍ଯ୍ୟରେ ଏଥି ପ୍ରତି ସଚେତନ ନରହିଲେ, ଏହାର କୁଫଳ ଆମ ସ୍ୱାସ୍ଥ୍ୟ ଉପରେ ପ୍ରତିଫଳିତ ହେବ। ଏପରି ସ୍ଥଳେ ଆମ ପାଇଁ ଶ୍ରେଷ୍ଠ ପନ୍ଥା ହେଉଛି କିଛି ସ୍ୱେଚ୍ଛାସେବୀମାନେ ଡଙ୍ଗା ଭସା ପରବର୍ତ୍ତୀ ସମୟରେ ଜଳ ଉତ୍ସରୁ ଏସବୁ ବର୍ଜ୍ୟକୁ ଉଦ୍ଧାର କରି ଏହାର ନିଷ୍କାସନ ବ୍ୟବସ୍ଥା କଲେ ପରିବେଶ ପ୍ରଦୂଷଣକୁ ମୁକାବିଲା କରିହେବ। ଏବଂ ଏହାର କୁପ୍ରଭାବ ମଣିଷ ତଥା ଅନ୍ୟ ଜୀବଜନ୍ତୁମାନଙ୍କ ଉପରେ ପଡ଼ିବ ନାହିଁ। ଆଜିର ଦିନରେ ପରମ୍ପରା ପାଳନକୁ ଆମେ ଯେତିକି ଗୁରୁତ୍ୱ ଦେଉଛେ, ପରିବେଶର ସୁରକ୍ଷାକୁ ମଧ୍ୟ ସେତିକି ଗୁରୁତ୍ୱ ଦେବା ହେବ ଆମ ବିଜ୍ଞତାର ଶ୍ରେଷ୍ଠ ପରିଚୟ ବୋଲି ବିଶିଷ୍ଟ ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

## ଦିଲ୍ଲୀରେ ଶୁଭିଲା ଆ-କା-ମା-ବୈ...



ଭୁବନେଶ୍ୱର, ୫।୧୧(ସମିସ): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଙ୍ଘ ଦ୍ୱାରା କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଫୁଆରାର ପୋଖରୀ କୂଳରେ ବୋଇତଟିକୁ ପୂଜା କରାଯାଇଥିଲା। ସମାରୋହରେ ମନ୍ତ୍ରୀ ଆଶିଷ ସୁଦ ଓ ତାଙ୍କ ପତ୍ନୀ ଅନୁ ସୁଦ ଅତିଥି ଭାବରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ପାରମ୍ପରିକ ଢଙ୍ଗରେ ବୋଇତଟିର ଯାତ୍ରା ଶୁଭାରମ୍ଭ ହୋଇଥିଲା।

## ଏବିଭିପି ପକ୍ଷରୁ ବିନ୍ଦୁସାଗର ଜଳାଶୟ ସଫେଇ

ଭୁବନେଶ୍ୱର, ୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ଶାଖା ପକ୍ଷରୁ ବିନ୍ଦୁସାଗର ଜଳାଶୟ ପରିସରରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏବିଭିପିର କାର୍ଯ୍ୟକର୍ତ୍ତାମାନେ ସକାଳୁ ହିଁ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ପରିସରରୁ ପ୍ଲାଷ୍ଟିକ୍, ପୂଜା ସାମଗ୍ରୀ, କାଗଜ ଏବଂ ବିଭିନ୍ନ ଅଳିଆ ଆବର୍ଜନା ସଂଗ୍ରହ କରି ପରିସରକୁ ପରିଷ୍କାର କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଯୁବ ସମାଜ ମଧ୍ୟରେ 'ସଫା ପରିବେଶ ସୁସ୍ଥ ଜୀବନ' ବାର୍ତ୍ତା ପ୍ରସାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ୍ ପାତ୍ର, ମହାନଗର ସମ୍ପାଦକ ଗଙ୍ଗାଧର ପାଢ଼ୀଙ୍କ ସମେତ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏପରି ପରିବେଶ ସଚେତନତା ଓ ସେବାମୂଳକ ଅଭିଯାନ ଜାରି ରଖାଯିବା ବୋଲି ମହାନଗର ସମ୍ପାଦକ ଗଙ୍ଗାଧର ପାଢ଼ୀ ମତବ୍ୟକ୍ତ କରିଛନ୍ତି।

## ୧୦ ଜଣଙ୍କୁ ଚନ୍ଦ୍ରଶେଖରପୁର ଗୌରବ ପ୍ରଦାନ

ଭୁବନେଶ୍ୱର, ୫।୧୧(ସମିସ): ସୁରକ୍ଷା ପକ୍ଷରୁ ୧୯ ତମ ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ ଲୁମ୍ବିନୀ ବିହାରସ୍ଥିତ ପ୍ରୋଜେକ୍ଟ ୱାଟର ପରିସରରେ ୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ମୋନାଲିସା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଡ. ବିଶ୍ୱନାଥ ପଟ୍ଟନାୟକ, ସଭାପତି ବନ୍ଦନା ପଣ୍ଡା, ୭ ନମ୍ବର ୱାର୍ଡ କର୍ପୋରେଟର ଯଶୋଧାରା ପ୍ରଧାନ ଯୋଗ ଦେଇଥିଲେ। ବୋଇତ ବନ୍ଦାଣ କମିଟିର ଉପଦେଷ୍ଟା ସୁଧାଂଶୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶିକା ମିଳି ରଣା ଧନ୍ୟବାଦ ଅର୍ପଣ କରିଥିଲେ। ୧୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ଚନ୍ଦ୍ରଶେଖରପୁର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁରକ୍ଷାର ସମ୍ପାଦକ କେଶବ ରଣା ପରିଚାଳନା କରିଥିଲେ।

## ଭୁବନେଶ୍ୱର ଉତ୍ତର ମହୋତ୍ସବ ଉଦ୍‌ଘାଟିତ



ନନ୍ଦନକାନନ, ୫।୧୧(ସମିସ): ଚନ୍ଦ୍ରଶେଖପୁର କ୍ଲବ ଟାଉନ୍ ପଡ଼ିଆରେ ଭୁବନେଶ୍ୱର ଉତ୍ତର ମହୋତ୍ସବ ଉଦଘାଟିତ ହୋଇଯାଇଛି। କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ଉଦଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ, କର୍ମଚାରୀ ନେତା ତଥା ସଂଯୋଜକ ସରୋଜକାନ୍ତ ମଲ୍ଲିକ, ଯୁବନେତା ପ୍ରକାଶ ତ୍ରିପାଠୀ, କୁନା ଜେନା, ମଣ୍ଡଳ ସଭାପତି ସଞ୍ଜୟ ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅସୀମା ପଣ୍ଡା ଗୀତରେ ଦର୍ଶକମାନେ ମତୁଆଲା ହୋଇଥିଲେ। ଏହି ଅବସରରେ ଅଞ୍ଚଳର ମୁରବୀ, କ୍ରୀଡାବିତ୍, ସମାଜସେବୀ ଓ ଲୋକପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି କୁନାଲ ରାଉତ ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିବାବେଳେ କମିଟି ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଖୋଲୁଛି ଯୁବତୀଙ୍କ ସୁଧ ସାମ୍ରାଜ୍ୟର ଗୁମର

ଭୁବନେଶ୍ୱର, ୫।୧୧ (ସମିସ): ବନ୍ଧୁକ ଲାଇସେନ ପାଇଁ ହାତେଇବାକୁ ନିଜ ଘର ଉପରକୁ ଗୁଳି ଓ ବୋମାମାଡ଼ କରିଥିବା ଘୁଙ୍ଗୁରୁ ମିଶ୍ରଙ୍କ ଲାଗି ଅଡୁଆ ବଢ଼ିଛି। ଘୁଙ୍ଗୁର ଦେଇଥିବା ଦୁଇଟି ମାମଲାରେ ସେ ନିଜେ ଅଭିଯୁକ୍ତ ହୋଇଥିବା ବେଳେ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଆଉ କେହି ନୁହେଁ, ଖୋଦ୍ ତାଙ୍କ କର୍ମଚାରୀ

**■ ଠକେଇ ଅଭିଯୋଗ ଆଣିଲେ କର୍ମଚାରୀ**
**■ ଭରତପୁର ଥାନାରେ ନୂଆ ମାମଲା**

ଭରତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ବ୍ୟାଙ୍କ ଆକାଉ ମାଧ୍ୟମରେ ଠକେଇ କରିଥିବାବେଳେ ଧମକ ଦେଉଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ବ୍ଲାକମେଲର ଲେଡି ଘୁଙ୍ଗୁରଙ୍କର ବେଆଇନ ସୁଧ ସାମ୍ରାଜ୍ୟ କଥା ସାମ୍ନାକୁ ଆସିଛି।

ଅଭିଯୋଗ ଅନୁଯାୟୀ, ଚନ୍ଦକା ଥାନା ଅଞ୍ଚଳର ଜଣେ ଯୁବତୀ କିଛି ମାସ ହେବ ଘୁଙ୍ଗୁରଙ୍କ ନିକଟରେ ଚାକିରି କରିଥିଲେ। ଘୁଙ୍ଗୁରୁ ବିଭିନ୍ନ ବ୍ୟବସାୟୀ, ବିଲ ର୍ସ ଓ ଠିକାଦାରଙ୍କୁ ସୁଧରେ ଟଙ୍କା ଦେଇଥାନ୍ତି। ଆଉ ପ୍ରତି ମାସରେ ସେମାନଙ୍କ ଠାରୁ ସୁଧ ଟଙ୍କା ଆଦାୟ କରନ୍ତି। ହେଲେ ସୁଧ ନେଇଥିବା ବ୍ୟକ୍ତିମାନେ ସଠିକ୍ ସମୟରେ ଟଙ୍କା ଫେରାନ୍ତି ନାହିଁ। ସେମାନଙ୍କ ଠାରୁ ଟଙ୍କା ଅସୁଲ କରିବାକୁ ଶଶିରେଖାଙ୍କୁ ନିୟୋଜିତ କରିଥିଲେ ଘୁଙ୍ଗୁରୁ। ନିଜ ଘରେ ଏକ ଅଫିସ କରି ସମ୍ପୃକ୍ତ ଯୁବତୀଙ୍କୁ ନିଯୁକ୍ତି ଦେଇଥିଲେ। ଯୁବତୀ ଜଣକ ସୁଧ ନେଇଥିବା ଲୋକଙ୍କୁ ଫୋନ୍ କରି ଟଙ୍କା ଦେବାକୁ ମାଗୁଥିଲେ। ସେମାନେ ଘୁଙ୍ଗୁରୁଙ୍କ ଆକାଉ କୁ ଟଙ୍କା ପଠାଇବା ପରେ ଯୁବତୀଙ୍କୁ ସ୍କିନସ ପଠାଉଥିଲେ। ସ୍କିନସ ପାଇବା ପରେ ଯୁବତୀ ଜଣକ ତାଲିକାରୁ ଉକ୍ତ ବ୍ୟକ୍ତିଙ୍କ ନାମ କାଟି ଦେଉଥିଲେ।

ଏହାରି ଭିତରେ ଘୁଙ୍ଗୁର ସମ୍ପୃକ୍ତ ଯୁବତୀଙ୍କ ଠାରୁ ପରିଚୟପତ୍ର ଓ ବିଭିନ୍ନ ଡକ୍ୟୁମେ ନେଇ ଏକ ବ୍ୟାଙ୍କରେ ଆକାଉ ଖୋଲିଥିଲେ। ସେହି ଆକାଉ ରେ ଘୁଙ୍ଗୁରୁ ଲକ୍ଷ ଟଙ୍କାର ଣ ଆଣିଥିଲେ। ବ୍ୟାଙ୍କ ଆକାଉ ରେ ଘୁଙ୍ଗୁରୁ ନିଜ ମୋବାଇଲ ନମ୍ବର ଦେଇଥିବାରୁ ସେ ଜାଣି ପାରିନଥିଲେ। ହେଲେ ନିକଟରେ ଏନେଇ ଜାଣିବା ପରେ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ଅଭିଯୋଗ ପାଇବା ପରେ



ଘୁଙ୍ଗୁରୁ ସୁଧ କାରବାରରେ ସମ୍ପୃକ୍ତି ଥିବା ଜଣାପଡ଼ିଛି। ସେ ଭାବେ କୋଟି କୋଟି ଟଙ୍କା ସୁଧରେ ଲଗାଇ ବେଆଇନ ଭାବେ ଟଙ୍କା ରୋଜଗାର କରୁଥିବା ପୁଲିସ ଜାଣିବାକୁ ପାଇଛି। ଘୁଙ୍ଗୁରୁଙ୍କ ଶେଷ ଲୋକେସନ ଦିଲ୍ଲୀରେ ଦେଖାଉଥିବା ବେଳେ ସେ ପ ିମବଙ୍ଗରେ ଥିବା ପୁଲିସକୁ ସୁରାକ ମିଳିଛି। ଗତକାଲି ଗୋଟିଏ ଟି ଦିଲ୍ଲୀ ଯାଇଥିବା ବେଳେ ଆଉ ଏକ ଟି ଆଜି ପ ିମବଙ୍ଗ ଯାଇଛି।

ସୂଚନାଯୋଗ୍ୟ ଯେ, ନିଜକୁ ଜଣେ ଶିଳ୍ପପତିଙ୍କ ଭଉଣୀ ବୋଲି ପରିଚୟ ଦେଉଥିବା ଘୁଙ୍ଗୁର ମିଶ୍ର କିଛି ମାସ ପୂର୍ବେ ସୁରକ୍ଷା ଆଳ ଦେଖାଇ ବନ୍ଧୁକ ଲାଇସେନ ପାଇଁ ଆବେଦନ କରିଥିଲେ। ବନ୍ଧୁକ ଲାଇସେନ ପାଇଁ ତାଙ୍କୁ ଯୋଗ୍ୟ ବିବେଚିତ କରିବାକୁ ଭରତପୁର ଥାନା ଉପରେ ଚାପ ପ୍ରୟୋଗ କରିଥିଲେ। ସେ ଟେମ୍ବର ୧୧ ତାରିଖରେ ନିଜ ଘର ଉପରକୁ ବୋମାମାଡ଼ କରି ଥାନାରେ ଅଭିଯୋଗ କରିଥିଲେ। ଏହାର ମାସକ ପରେ ଅର୍ଥାତ୍ ଅକ୍ଟୋବର ୩ ତାରିଖ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ଉପରକୁ ଗୁଳିମାଡ଼ କରିଥିବା ଅଭିଯୋଗ କରିଥିଲେ। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘୁଙ୍ଗୁରୁ ତାଙ୍କ ।ଇଭର ନୃସିଂହ ମାଧ୍ୟମରେ ଦେବା ଓ ସନ୍ତୁକୁ ସୁପାରି ଦେଇ ନିଜ ଘର ଉପରକୁ ଗୁଳି ଓ ବୋମାମାଡ଼ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତକାଲି ପୁଲିସ ନନ୍ଦୁ, ଦେବା ଓ ସନ୍ତୁକୁ ଗିରଫ କରିବା ସହ ବନ୍ଧୁକ, ଗୁଳି ଓ ଗାଡ଼ି ଜବତ କରିଥିଲା।

**ପୀତବାସ ପଣ୍ଡା ହତ୍ୟା ମାମଲା**

# କୁମାର ପୂର୍ଣ୍ଣମୀରେ ହତ୍ୟା, କାର୍ତ୍ତିକ ପୂର୍ଣ୍ଣମୀରେ ସିନ୍ ରିକ୍ରିଏସନ

ବ୍ରହ୍ମପୁର,୫।୧୧(ସମିସ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ବୁଧବାର ଗିରଫ ଅଭିଯୁକ୍ତ ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂୟାଁଙ୍କୁ ନେଇ ପୁଲିସ ଘଟଣା ସ୍ଥଳରେ କ୍ରାଇମ୍ ସିନ୍ ରିକ୍ରିଏସନ କରିଛି। କୁମାର ପୂର୍ଣ୍ଣମୀରେ ପୀତବାସଙ୍କୁ ହତ୍ୟା କରାଯାଇଥିବା ବେଳେ ଠିକ ମାସକ ପରେ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣମୀରେ ଅଭିଯୁକ୍ତଙ୍କ ଦ୍ୱାରା ସିନ୍ ରିକ୍ରିଏସନ କରାଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚିଣ୍ଟୁ ଓ କୁରୁପତିଙ୍କୁ କ୍ରାଇମ୍ ସ୍ପଟ ତଥା ବୈକୁଣ୍ଠନଗର ଛକକୁ ଅଣାଯାଇଥିଲା। ପୁଲିସ ସହ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଓ ୨ଜଣ ସରକାରୀ ସାକ୍ଷୀଙ୍କୁ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପୀତବାସଙ୍କ ବୈକୁଣ୍ଠନଗର ସ୍ଥିତ ବାସଭବନ ନିକଟରେ ପୁଲିସ ଉଭୟ ଚିଣ୍ଟୁ ଓ କୁରୁପତିଙ୍କୁ ଗାଡିରୁ ଓହ୍ଲାଇଥିଲା। ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଚାଲି ଚାଲି କ୍ରାଇମ୍ ସ୍ପଟରେ ପହଞ୍ଚିଥିଲେ କୁରୁପତି ଓ ଚିଣ୍ଟୁ। ଘଟଣା ଦିନରେ ସେମାନେ କେଉଁ ରାସ୍ତା ଦେଇ ବୈକୁଣ୍ଠନଗର ଛକକୁ ଆସିଥିଲେ ଏବଂ କଣ କରିଥିଲେ ବିସ୍ତୃତ ଭାବେ ପୁଲିସ ଆଗରେ ବଖାଣିଥିଲେ।

- ଅଧଘଣ୍ଟା ଅପେକ୍ଷା କରିଥିଲୁ, ଆସିବା ପରେ 'ପଣ୍ଡା ବାବୁ ନମସ୍କାର... ଗୁଳି'- କୁରୁପତି
- ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ୨ ସରକାରୀ ସାକ୍ଷୀଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନବାଚୀ
- ରିମାଣ୍ଡ ଅବଧି ପୂର୍ବରୁ ମଳୟ ଓ ମଦନ ଗଲେ ଜେଲ୍



ଉଭୟେ ଘଟଣା ସ୍ଥଳରେ ପ୍ରାୟ ୩୦ମିନିଟ ଧରି ପୀତବାସଙ୍କ ଆସିବାକୁ ଅପେକ୍ଷା କରିଥିଲେ। ପରେ ଚିଣ୍ଟୁ କୁରୁପତିକୁ ପୀତବାସ ସ୍କୁଟିରେ ଆସିବା ନେଇ ସୂଚନା ଦେଇଥିଲା। କୁରୁପତି ନିକଟରେ ଥିବା ଦୁଇଟି ବନ୍ଧୁକକୁ ପ୍ରସ୍ତୁତ ରଖି ଗାଡ଼ିରୁ ଓହ୍ଲାଇଥିଲା ଏବଂ ପୀତବାସଙ୍କୁ ହାତ ଠାରି ଅଟକାଇ 'ପଣ୍ଡା ବାବୁ ନମସ୍କାର' କହିବା ପରେ ସେ ସେଠାରେ ରହିଥିଲେ ଏବଂ କୁରୁପତି ଅତି ନିକଟରୁ ଗୁଳି କରିଥିଲା। ଗୁଳିମାଡ଼ ପରେ ଚିଣ୍ଟୁ ଓ କୁରୁପତି ଘଟଣାସ୍ଥଳରୁ ସହର ବାହାରକୁ ଚମ୍ପଟ ମାରିଥିଲେ। କ୍ରାଇମ୍ ସିନ୍ ରିକ୍ରିଏସନ ପରେ ଉଭୟ କୁରୁପତି ଓ ଚିଣ୍ଟୁଙ୍କୁ ପୁଲିସ ପୁଣି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ କାର୍ଯ୍ୟାଳୟକୁ ନେଇଥିଲେ। କ୍ରାଇମସିନ୍ ରିକ୍ରିଏସନର ସମସ୍ତ ତଥ୍ୟକୁ ପୁଲିସ ଭିଡ଼ିଓ ରେକଡ଼ିଂ କରିଥିବା ବେଳେ ତାହାକୁ କୋର୍ଟରେ ଦାଖଲ କରିବ। ଗିରଫ ପରେ ଉଭୟ ଉମା ବିଶୋୟୀ ଓ କୁରୁପତି ଭୂୟାଁଙ୍କୁ ରାତାରାତି ରିମାଣ୍ଡରେ ନିଆଯାଇଥିବା ବୁଧବାର ଆଉ ୪ଜଣ ଅଭିଯୁକ୍ତ ଯଥା ହତ୍ୟାକାଣ୍ଡ ଦିନ ବାଇକ ଚଳାଇଥିବା ଚିଣ୍ଟୁ ପ୍ରଧାନ, ସୁଟରଙ୍କୁ ଯୋଗାଡ଼ କରିଥିବା ଯୋଗୀ ରାଉତ, ଆଇନଜୀବୀ ମଦନ ଦଳେଇ ଓ କର୍ପୋରେଟର ମଳୟ ବିଶୋୟୀଙ୍କୁ ରିମାଣ୍ଡରେ ନେଇଥିଲା ପୁଲିସ। ୨ଦିନିଆ ରିମାଣ୍ଡ ସମୟରେ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରି ସେମାନଙ୍କ ଠାରୁ ଅଧିକ ତଥ୍ୟ ଓ ପ୍ରମାଣ ଯୋଗାଡ଼ କରିବାକୁ ଆଶା ରଖିଛି ପୁଲିସ। ସେପଟେ ରିମାଣ୍ଡରେ ଥିବା କର୍ପୋରେଟର ମଳୟ ବିଶୋୟୀ, ମଦନ ଦଳେଇ ଓ ଅନ୍ୟ ଜଣଙ୍କୁ ବୈଦ୍ୟନାଥପୁର ଥାନାରେ ପୁଲିସ ମୁହାଁମୁହିଁ ପଚରାଉଚରା କରୁଥିବା ଜଣାପଡିଛି। ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍‌ଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ବ୍ରହ୍ମପୁର ଏସ୍‌ଡିପିଓ ପ୍ରିୟଶ ରଂଜନ ଛୋଟରାୟ ଓ ଅତିରିକ୍ତ ଏସପି ଆଲୋକ ଜେନା ଓ ଟିମ୍ ରିମାଣ୍ଡରେ ଥିବା ୬ ଅଭିଯୁକ୍ତଙ୍କୁ ଜଣକ ପରେ ଜଣଙ୍କୁ ଚିଣ୍ଟୁ ଓ କୁରୁପତିଙ୍କ ସହ ମୁହାଁମୁହିଁ ଜେରା କରୁଛନ୍ତି। ହତ୍ୟାକାଣ୍ଡ ପାଇଁ କେବେଠାରୁ ହୋଇଥିଲା ଷଡ଼ଯନ୍ତ୍ର, ମଦନ ଓ ମଳୟ କାହିଁକି ଟଙ୍କା ଖର୍ଚ୍ଚ କରୁଥିଲେ? ଯଦି ଉମା ୧୦ଲକ୍ଷ ଟଙ୍କା ଅଗ୍ରୀମ ନେଇଛି ତେବେ ଅବଶିଷ୍ଟ ୪୦ଲକ୍ଷ ଟଙ୍କା ଉମାକୁ କିଏ ଦେଇଥାନ୍ତା? ଏଭଳି ବହୁ ପ୍ରଶ୍ନର ଉତ୍ତର ଖୋଜା ଚାଲିଛି। ଯାହା ରିମାଣ୍ଡ ସମୟରେ ପୁଲିସ ଓଗାଳିବାକୁ ଚେଷ୍ଟା ଚଳାଇଛି। ଗୁରୁବାର ସମସ୍ତ ୬ଜଣ ଅଭିଯୁକ୍ତଙ୍କ ରିମାଣ୍ଡ ଶେଷ ହେବାକୁ ଥିବାବେଳେ ଏହାପୂର୍ବରୁ ମଦନ ଓ ମଳୟଙ୍କୁ ପୁଲିସ ଜେଲ୍ ହାଜତକୁ ପଠାଇ ଦେଇଛି।



ସେପଟେ କ୍ରାଇମ ସ୍ପଟରେ ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ ଖବର ପ୍ରଘଟ ପରେ ସ୍ଥାନୀୟ ଲୋକଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୁଲିସର ତଦନ୍ତରେ ବ୍ୟାଘାତ ହେବାରୁ ସିନ ରିକ୍ରିଏସନରେ ବିଳମ୍ବ ଘଟିଥିଲା। ତେବେ ପରେ ଯେତେବେଳେ ସିନ ରିକ୍ରିଏସନ ହୋଇଥିଲା ତାହା ପୂର୍ବରୁ ସେଠାରେ ସାଇଣ୍ଟିଫିକ ଟିମ ଓ ୨ଜଣ ସରକାରୀ ସାକ୍ଷୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଘଟଣା ଦିନ ଓ ତା ପରଦିନ ସାଇଣ୍ଟିଫିକ ଟିମ ତଦନ୍ତ କରି ତଥ୍ୟ ଯୋଗାଡ଼ କରିଥିବା ବେଳେ ସିନ ରିକ୍ରିଏସନରେ ଟିମର କାମ କ'ଣ ବୋଲି ପ୍ରଶ୍ନ ଉଠିଛି। ସେହିଭଳି ଘଟଣାରେ ପୁଲିସ ଦ୍ୱାରା ଯୋଗାଡ଼ ହୋଇଥିବା ୨ଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିବା ସହିତ ଆଲୋଚନାର ବିଷୟ ପାଲଟିଛି।

## ସ୍ୱର୍ଗତ ପୀତବାସଙ୍କ ପୁଅ ସୌରଭଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍

ବ୍ରହ୍ମପୁର,୫।୧୧(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୧୬ଜଣ ଗିରଫ ହୋଇସାରିଥିବା ବେଳେ ମାମଲା ପ୍ରତ୍ୟାହାର କରିବାକୁ ଆସିଛି ଧମକପୂର୍ଣ୍ଣ ଫୋନକଲ। ପୀତବାସଙ୍କ ପୁଅ ସୌରଭଙ୍କୁ ଏଭଳି ଫୋନ କଲ ଆସିଥିବା ଥାନାରେ ଅଭିଯୋଗ ହୋଇଛି। ଗତ ଅକ୍ଟୋବର ୨୭ ସକାଳ ୯ଟା ୨୦ ଓ ୨୮ ଅପରାହ୍ନ ସାଢେ ଗୋଟାଏରେ ସୌରଭଙ୍କ ଫୋନ୍‌କୁ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ ଏହି ଧମକପୂର୍ଣ୍ଣ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ନିଜକୁ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ସହଯୋଗୀ ବୋଲି ପରିଚୟ ଦେଇଥିବା କୁହାଯାଉଛି। ଏନେଇ ସ୍ୱର୍ଗତ ପୀତବାସଙ୍କ ପୁଅ ସୌରଭ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ମାମଲା ପ୍ରତ୍ୟାହାର ପାଇଁ ୨ଥର ଆସିଛି ଫୋନ୍ କଲ୍**

**ଥାନାରେ ଲିଖିତ ଅଭିଯୋଗ ପରେ ତଦନ୍ତ ଜାରି**

**ସୌରଭ ଏତଲାକାରୀ ନଥିବା ବେଳେ ମାମଲା ପ୍ରତ୍ୟାହାର ଧମକକୁ ନେଇ ଉଠିଲା ପ୍ରଶ୍ନ?**

ସୌରଭଙ୍କୁ ମିଳିଥିବା ଧମକପୂର୍ଣ୍ଣ କଲ୍‌କୁ ନେଇ ଆଇନଜୀବୀଙ୍କ ମହଲରେ ବିଭିନ୍ନ ପ୍ରଶ୍ନ ଆନ୍ଦୋଳିତ ହେବା ସହ ସନ୍ଦେହ ସୃଷ୍ଟି ହୋଇଛି। ୨୭ ଓ ୨୮ ତାରିଖ ଦୁଇଦିନ ଧରି ଧମକପୂର୍ଣ୍ଣ ଫୋନ କଲ ଆସିଥିବା ବେଳେ ୭ଦିନ ପରେ ଥାନାରେ ଅଭିଯୋଗ କରିବା, ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ସୌରଭ ନୁହେଁ ବରଂ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏତଲାକାରୀ ଥିବାବେଳେ ସୌରଭଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଧମକ ମିଳିବା ସନ୍ଦେହ ସୃଷ୍ଟି କରିଛି।

ଅପରପକ୍ଷେ କାଳେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ମିଳିବ ତାକୁ ଅଟକାଇବାକୁ ଅଥବା କୋର୍ଟକୁ ବାଟବଣା କରିବାକୁ ମଧ୍ୟ ଏଭଳି ହୋଇଥାଇପାରେ ବୋଲି କିଛି ଆଇନଜୀବୀ କହିଛନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ ଘଟଣାକୁ ନେଇ ସୌରଭଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଲିଖିତ ଅଭିଯୋଗର ତଦନ୍ତ ପରେ ଏହାର ସତ୍ୟାସତ୍ୟ ଜଣାପଡ଼ିବ।

## ଅର୍ନ୍ତଜାତୀୟ କିକ୍ ବକ୍ସିଂ ପ୍ରଶିକ୍ଷଣ ତାଲିମ ଶିବିରରେ ବ୍ରହ୍ମପୁରର ଅମିତ

ବ୍ରହ୍ମପୁର,୫।୧୧(ସମିସ): ବେଙ୍ଗାଲୁରୁ ସ୍ଥିତ ସିଏମଆର ବିଶ୍ୱବିଦ୍ୟାଳୟରେ ଆୟୋଜିତ ୧୧ତମ ଅର୍ନ୍ତଜାତୀୟ କିକ୍ ବକ୍ସିଂ ପ୍ରଶିକ୍ଷଣ ତାଲିମ ଶିବିରର ନିମନ୍ତେ ବ୍ରହ୍ମପୁରର ଯୁବ କିକ୍‌ବକ୍ସର ଅମିତ ସେଠୀ(୨୧) ଚୟନ ହୋଇଛନ୍ତି। ଅନୁଗୁଳରେ ଅନୁଷ୍ଠିତ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ ଆମେଚ୍ୟୁର୍ କିକ ବକ୍ସିଂ ପ୍ରତିଯୋଗିତାରେ ଲାଇଟ କଣ୍ଟାକ୍ଟରେ ରୌପ୍ୟ ଓ ପଏଣ୍ଟ ଫାଇଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ପ୍ରଦର୍ଶନୀ ଭିତ୍ତିରେ ତାଙ୍କୁ ପ୍ରଶିକ୍ଷଣ ଶିବିର ଅଂଶଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି। ୱାକୋ ଇଣ୍ଡିଆ କିକ ବକ୍ସିଂ ସଂଘ ପକ୍ଷରୁ ଏହି ତାଲିମ ଶିବିରର ଆୟୋଜନ ହୋଇଛି। ଚଳିତମାସ ୩ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ବିଭିନ୍ନ ଦେଶ ବିଦେଶରୁ ବହୁ ସୁନାମଧନ୍ୟ ପ୍ରଶିକ୍ଷକ ମାନେ ଯୋଗଦେଇ ଖେଳାଳି ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଓଡ଼ିଶାରୁ ସମୁଦାୟ ୮ ଜଣ ଖେଳାଳି ଚୟନ ହୋଇଥିବା ବେଳେ ସେଥି ମଧ୍ୟରେ ଗଞ୍ଜାମ ଜିଲ୍ଲାର ଅମିତ ରହିଛନ୍ତି। ଖୋଡ଼ାସିଙ୍ଗି ଧୋବାସାହି ନିବାସୀ ରବିନ୍ଦ୍ରନାଥ ସେଠୀ ଓ ମାମି ସେଠୀଙ୍କ ପୁଅ ଅମିତ। ସେ ବର୍ତ୍ତମାନ ବ୍ରହ୍ମପୁର ପ୍ରଶିକ୍ଷକ ପ୍ରମୋଦ ଆପାଟଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଅର୍ନ୍ତଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ହେବା ନେଇ ଅମିତ୍ ଲକ୍ଷ୍ୟ ରଖିଛନ୍ତି।



**ଗ୍ରାସରୁଟ୍ ହକି ଚାମ୍ପିଅନସିପ୍**

## କ୍ୱାର୍ଟର ଫାଇନାଲରେ ଛତ୍ରପୁର ଟିମ୍

ଛତ୍ରପୁର,୫।୧୧(ସମିସ): ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଏଡିସନ ଓଡିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ବାଳକ ହକି ଗ୍ରାସରୁଟ୍ ଚାମ୍ପିଅନସିପରେ ବୁଧବାର ତୃତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଟିମ ୧୦-୦ ଗୋଲରେ କଟକ ହକି ପ୍ରଶିକ୍ଷଣ କେନ୍ଦ୍ରର ଟିମ୍‌କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଗୁରୁବାର କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ଜିଲ୍ଲାର ଲାଠିକଟା ହକି ପ୍ରଶିକ୍ଷଣ କେନ୍ଦ୍ରର ଟିମ ସହିତ ଛତ୍ରପୁର ଟିମ ମୁକାବିଲା କରିବ ବୋଲି କୋଚ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଏହି ଚାମ୍ପିଅନ୍‌ସିପ୍ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏଥିରେ ଓଡିଶାର ୩୭ଟିମ ଭାଗ ନେଇଛନ୍ତି। ଏଥିରୁ ଯେଉଁ ଖେଳାଳି ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ନେଇ ଏକ ଟିମ କରାଯିବ। ଉକ୍ତ ଟିମ ଆଗାମୀ ଦିନରେ ଲକ୍ଷ୍ନୌ ଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ।



## ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୂକ୍ତିକରଣ ଶିବିର



ବ୍ରହ୍ମପୁର,୫।୧୧(ସମିସ): ସ୍ଥାନୀୟ ରାଜସ୍ୱ ଡାକ ବଙ୍ଗଳା ସମ୍ମିଳନୀ କକ୍ଷରେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ଓ ପେନସନଭୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟରେ ଅକ୍ଟୋବର ୩୧ରୁ ନଭେମ୍ବର ୧୪ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପକ୍ଷ ପାଳନ କରାଯାଉଛି। ଶିବିର ପ୍ରାରମ୍ଭରେ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ବରିଷ୍ଠ ନାଗରିକ ସଞ୍ଚୟ ଓ ଡାକଘର ମାସିକ ଆୟ ଯୋଜନା ବିଷୟରେ ସୂଚନା ଦେଇଥିଲେ। ସେହିପରି ବ୍ରହ୍ମପୁର ଡିଭିଜନର ସାଇବର କ୍ରାଇମର ଅଧିକାରୀ କୈଳାଶ ଚନ୍ଦ୍ର ମହାରଣା ଓ ଅଜିତ୍ ଗୌଡ଼ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ସାଇବର ଠକାମୀ ଠାରୁ କେମିତି ସତର୍କ ରହି ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା ସମ୍ବନ୍ଧରେ ଆଲୋଚନା କରଯାଇଥିଲା।

## ଲାଇଟ୍ ଓ ସାଉଣ୍ଡ ସଂସ୍ଥାରୁ ସାମଗ୍ରୀ ଭଡ଼ାରେ ନେଇ ଠକେଇ; ଯୁବକ ଗିରଫ

ବ୍ରହ୍ମପୁର,୫।୧୧(ସମିସ): ଗୋଳନ୍ଥରାରେ ଥିବା ଏକ ଲାଇଟ୍ ଆଣ୍ଡ ସାଉଣ୍ଡ ଓ ସପ୍ଲାୟର୍ସ ସଂସ୍ଥାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭଡ଼ାରେ ନେବା ପରେ ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରତନପୁରର ପ୍ରଶାନ୍ତ ନାୟକ(୨୬)। ପୁଲିସ ତାଙ୍କ ନିକଟରୁ ଏକାଧିକ ମାଇକ, ସାଉଣ୍ଡ ବକ୍ସ, ଏମ୍ପ୍ଲିଫାୟର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାପ୍ରକାରେ, ଗୋଳନ୍ଥରାରେ କାଳୁଚରଣ ସାହୁଙ୍କ ମା ବାଙ୍କେଶ୍ୱରୀ ଲାଇଟ ଆଣ୍ଡ ସାଉଣ୍ଡ ନାମକ ଏକ ସଂସ୍ଥା ରହିଛି। ସେପ୍ଟେମ୍ବର ୨୩ରେ ଅଭିଯୁକ୍ତ ପ୍ରଶାନ୍ତ ଏହି ସଂସ୍ଥାରୁ ଲାଇଟ ଓ ସାଉଣ୍ଡ ଭଡ଼ାରେ ନେଇଥିଲେ। ଏହାର ୬ ଦିନ ପରେ ପ୍ରଶାନ୍ତଙ୍କ ସହଯୋଗୀ ଯୋଗେନ୍ଦ୍ର ନାୟକ ଏହି ସଂସ୍ଥାକୁ ଯାଇ ଆଉ କିଛି ସାମଗ୍ରୀ ଆଣିଥିଲେ। ହେଲେ ଅନେକ ଦିନ ଯାଏଁ ସାମଗ୍ରୀ ଫେରାଇ ନଥିଲେ। ବାରମ୍ବାର ସାମଗ୍ରୀ ଫେରାଇବାକୁ କହିବା ପରେ ମଧ୍ୟ ଅଭିଯୁକ୍ତ ପ୍ରଶାନ୍ତ କର୍ଣ୍ଣପାତ କରିନଥିଲେ। ଶେଷରେ ବାଧ ହୋଇ କାଳୁଚରଣ ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ବୋମାମାଡ଼ ଘଟଣାରେ ଯୁବକ ଅଟକ

ବ୍ରହ୍ମପୁର,୫।୧୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳରେ ରବିବାର ରାତିରେ ଶିବ ବାହାଦୂରଙ୍କ ଉପରକୁ ବୋମା ମାଡ଼ ହୋଇଥିଲା। ଗୁରୁତରଙ୍କ ଭାଇ ଲୋକ ବାହାଦୂରଙ୍କ ଅଭିଯୋଗ ଅନୁଯାଇ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣା ସ୍ଥଳରୁ ମିଳିଥିବା ସିସିଟିଭି ଫୁଟେଜରୁ ଦୁଇଜଣ ଯୁବକ ବୋମାମାଡ଼ କରିଥିବା ପୁଲିସ ଦେଖିବାକୁ ପାଇଛି। ପ୍ରଥମେ ସେମାନେ ଆଙ୍କୁଲି ଅଞ୍ଚଳର ବୋଲି ସନ୍ଦେହ କରୁଥିଲେ। ବୁଧବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗଞ୍ଜାମ ଜିଲା ପାଟପୁର ଅଞ୍ଚଳରୁ କାବୁ କର ପଚରାଉଚରା କରୁଛି। ଅନ୍ୟଜଣେ ଅଭିଯୁକ୍ତ ଏବେବି ଫେରାର ରହିଛି। ଅଭିଯୁକ୍ତଙ୍କ ଘର ପାଟପୁର ହୋଇଥିବା ବେଳେ ବ୍ରହ୍ମପୁର ଆସି ସେ ବୋମାମାଡ କାହିଁକି କରିଥିଲେ ସେ ନେଇ ଖୋଳତାଡ଼ କରୁଛି। ତଦନ୍ତରେ ବାଧାପ୍ରାପ୍ତ ଉପୁଜିବା ଆଶଙ୍କାରେ ଅଭିଯୁକ୍ତ ନାମ କହିବାକୁ ପୁଲିସ ମନା କରିଛି। ସୂଚନାପ୍ରକାରେ, ଶିବ ବାହାଦୂର ଆଙ୍କୁଲି ଶିଳ୍ପାଞ୍ଚଳ ରାମମନ୍ଦିର ନିକଟରେ ଛିଡା ହୋଇଥିବା ବେଳେ ୨ ଜଣ ଆସି ତାଙ୍କ ଉପରକୁ ବୋମା ମାଡ କରିଥିଲେ।

## ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ




ବ୍ରହ୍ମପୁର,୫।୧୧(ସମିସ): ଗୋପାଳପୁର ବେଳାଭୂମିରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହାକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଉଦ୍‌ଘାଟନ କରି କହିଥିଲେ ଯେ, ବୋଇତ ବନ୍ଦାଣ ଉତ୍ସବ ପ୍ରାଚୀନତମ କଳିଙ୍ଗର ନୌଚାଳନା, ନୌବାଣିଜ୍ୟ ପରମ୍ପରା। ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ। ଏହି ସ୍ମୃତି ସ୍ୱରୂପ ଓଡ଼ିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ ବୋଇତ ବନ୍ଦାଣ ଉତ୍ସବ ନଭେମ୍ବର ୫ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ଠାରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରାତଃ ୩ ଘଟିକାରୁ ସାଧବ ସାଂସ୍କୃତିକ ସମାରୋହ, ମା' ମଙ୍ଗଳା ଆରତୀ, ବୋଇତ ନାଟକ, ସାଧବ ଓ ସାଧବଣୀଙ୍କର ବୋଇତ ବନ୍ଦାଣ, ବୋଇତ ଗମନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଅପରାହ୍ନରେ ପାରମ୍ପରିକ ପିଠା ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରହଲ୍ଲାଦ ନାଟକ ଓ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଲିଉଡ଼ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ଶୀତଳ କୁନମୁନ୍, ପ୍ରିୟଙ୍କା ସ୍ୱାଇଁ, ଆଲୋକ କୁନ୍ଦୁ ସଂଗୀତ ପରିବେଷଣ କରିଥିଲେ।

ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପଲ୍ଲିଶ୍ରୀ ମେଳା ପ୍ରଦର୍ଶିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆର୍ମି କଲେଜର ଲେଫ୍ଟନାଣ୍ଟ ଜେନେରାଲ ଆରସି ଶ୍ରୀକାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆ. କା. ମା. ବୈ.ରେ କମ୍ପିଲା ବେଳାଭୂମି

ବ୍ରହ୍ମପୁର,୫।୧୧(ସମିସ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଚଳଚଞ୍ଚଳ ହୋଇଥିଲା ଗୋପାଳପୁର ବେଳାଭୂମି। ଧର୍ମ ମାସ କାର୍ତ୍ତିକର ଶେଷ ଦିନରେ ଭୋର୍‌ରୁ ଡଙ୍ଗା ଭସାଇଛନ୍ତି ଗୋପାଳପୁର ସମେତ ବ୍ରହ୍ମପୁର ସହରବାସୀ। କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଗୋପାଳପୁର ବେଳାଭୂମିରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ହିନ୍ଦୁ ଧର୍ମର ଯେଉଁ ସଂସ୍କୃତି, ଐତିହ୍ୟ ପରମ୍ପରା ରହିଛି "ଆକା ମା ବୈଇ ପାନ ଗୁଆ ଦେଲି ଥୋଇ' ସଂସ୍କୃତିକୁ ବଜାୟ ରଖି ଶୁଭ ମନାସିବାକୁ ଶ୍ରଦ୍ଧାଳୁ ମାନେ ବିଭିନ୍ନ ନଦୀ ମାନଙ୍କରେ ଡଙ୍ଗା ଭସାଇଛନ୍ତି। ପରମ୍ପରାର ସ୍ମୃତିଚାରଣ ପାଇଁ ବୋଇତ ବନ୍ଦାଇଛନ୍ତି। ମଧ୍ୟରାତିରୁ ସ୍ନାନ ସାରି କାର୍ତ୍ତିକ ବ୍ରତ ଶେଷ କରିଛନ୍ତି। କୀର୍ତ୍ତନ ସାଙ୍ଗକୁ ହରିବୋଲ ହୁଳହୁଳି ପକାଇ, ଆକା ମା ବୈ କହି ପବିତ୍ର ଡ଼ଙ୍ଗା ଭସାଇ ପୁଣ୍ୟ ମାସକୁ ବିଦାୟ ଦେଇଛନ୍ତି ସମସ୍ତେ।

ସୂଚନା ମୁତାବକ ଓଡିଆ ପରମ୍ପରା ଅନୁଯାୟୀ ପୂର୍ବ କାଳରେ ଆମ ରାଜ୍ୟର ସାଧବ ପୁଅ ମାନେ ବାଣିଜ୍ୟ କରିବା ପାଇଁ ବାଲି, ଜାଭା, ସୁମିତ୍ରା ପରାଦ୍ୱୀପ ମାନଙ୍କୁ ନୌକା ଯୋଗେ ଯାତ୍ରା ଆରମ୍ଭ କରୁଥିଲେ। ସେହି ପରମ୍ପରାକୁ ବଜାୟ ରଖିବା ପାଇଁ କେଉଁ କାଳରୁ ପ୍ରତି ବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଆମ ରାଜ୍ୟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ନଦୀ, ପୋଖରୀ ତଟ ଏବଂ ସମୁଦ୍ର ବେଳାଭୂମୀମାନଙ୍କରେ ହସ ଖୁସିରେ ସମସ୍ତ କଦଳି ଖୋଳପା ଏବଂ ବିଭିନ୍ନ ସାମଗ୍ରୀରେ ତିଆରି ଡଙ୍ଗା ମାନଙ୍କୁ ଭସାଇ ସାଧବ ମାନଙ୍କ ଯାତ୍ରାକୁ ମନେ ପକାଇଥାନ୍ତି। ଏହା ସହ ଲୋକେ ବାଣ ଫୁଟାଇବା ସହ ବୋଇତ ଭସାଇ ମଜା ନେଉଛନ୍ତି।





**ଡଙ୍ଗା ଭସାଇ ବ୍ରତ ସମାପନ କଲେ ବ୍ରତଧାରୀ**

ମାସ ତମାମ ହବିଷ ପାଳନ କରୁଥିବା ମହିଳାମାନେ ସମୁଦ୍ର ବେଳାଭୂମୀରେ ରାଇ ଦାମୋଦରଙ୍କ ପୂଜା କରିବା ସହ ମାସିକ ବ୍ରତ ଉଦଯାପନ କରିଥିଲେ। ସେହିପରି ଜିଲ୍ଲାର କୋଣ ଅନୁକୋଣରୁ ବହୁ ଜନସାଧାରଣ ନିଜ ପରିବାର ସଦସ୍ୟଙ୍କ ସହ ଆସି କାର୍ତ୍ତିକ ପୂର୍ଣ୍ଣିମାର ମଜା ନେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୫/୧୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୫୯,୧୩୧/- ସୁନା: ୦୪.୬୦୦ ଗ୍ରାମ୍ ରୁପା: ୭୩.୬୦୦ ଗ୍ରାମ୍







ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼

ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା

## ଉଛୁଳିଲା ସମୁଦ୍ରକୂଳ, ତୀର୍ଥ ପୁଷ୍କରିଣୀ

ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସା ଏବଂ ଠାକୁରଙ୍କ ଦର୍ଶନ ସହ କାର୍ତ୍ତିକ ବ୍ରତ ଶେଷ କରିଛନ୍ତି ବ୍ରତଧାରୀ। ଏଥିପାଇଁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧି କୂଳରେ ପ୍ରବଳ ଭିଡ଼ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ନିମନ୍ତେ ପାହାନ୍ତାରୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର ପୁରୀ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ଶ୍ରୀକ୍ଷେତ୍ରର ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ଉଛୁଳି ପଡ଼ିଥିଲା ତୀର୍ଥ ପୁଷ୍କରିଣୀ ଓ ସମୁଦ୍ର ବେଳାଭୂମି। ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧର୍ମ ମୋର... ଉଚ୍ଚାରଣରେ କମ୍ପିଥିଲା ପରିବେଶ। ଖାସ୍ କରି ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ





ପୁଷ୍କରିଣୀ ସମେତ ତୀର୍ଥରାଜ ମହୋଦଧିରେ ରାତ୍ର ଶେଷ ପ୍ରହରରୁ ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। କାଗଜ ଡଙ୍ଗା, କଦଳୀ ପାଟୁକାରେ ନିର୍ମିତ ଆଦି

### ପ୍ରତ୍ୟୁଷରୁ ଦେବାଳୟରେ ଲାଗିଲା ଗହଳି

ବିଭିନ୍ନ ପ୍ରକାର ଡଙ୍ଗା ଧରି ସମସ୍ତେ ପହଞ୍ଚିଥିଲେ ଜଳାଶୟ କୂଳରେ। ଅନେକ ବୁଡ଼ ପକାଇ ଡଙ୍ଗାରେ ପାନ, ଗୁଆ ଆଦି ରଖି ଦୀପ ଜଳାଇ ଭସାଇ ଦେଇଥିଲେ। ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ଏହି ଡଙ୍ଗା ଭସାକୁ ନଜରରେ ରଖି ବେଳାଭୂମି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡଙ୍ଗା ଭସାଇବା ପରେ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଶ୍ରୀମନ୍ଦିର ବ୍ୟତୀତ ପ୍ରତ୍ୟୁଷରୁ ଦରିଆ ମହାବୀର, ସିଦ୍ଧମହାବୀର, ଅଲାମଚଣ୍ଡୀ, ନୃସିଂହ ମନ୍ଦିର, ପଞ୍ଚ ମହାଦେବ, ମାଉସୀ ମା' ମନ୍ଦିର, ମା' ବାଟମଙ୍ଗଳା ପ୍ରଭୃତି ଦେବଦେବୀଙ୍କ ପୀଠକୁ ଯାଇ ଦର୍ଶନ କରିଥିଲେ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ବେଳାଭୂମି ସଫାକଲେ ସ୍ୱେଚ୍ଛାସେବୀ



ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀ, ମହୋଦଧି ଆଦି ଜଳାଶୟରେ ଡଙ୍ଗା ଭସାଇଥିଲେ। ଏହି ଡଙ୍ଗା ଭସା ଯୋଗୁଁ ଚକ୍ରତୀର୍ଥ ବେଳାଭୂମି ଅପରିଷ୍କାର ହୋଇଯାଇଥିଲା। ହଜାର ହଜାର ଡଙ୍ଗା ଆସି ବେଳାଭୂମିରେ ଏଠିସେଠି ଲାଗିଥିଲା। ଏହି ବେଳାଭୂମିକୁ ବୁଧବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ଦ୍ୱାରା ସଫେଇ କରାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଅରକ୍ଷିତ ବେହେରା, ମାନସ ମହାନ୍ତି, ମନୋଜ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ସସ୍ମିତା ଘୋଷ, ସବିତା ହରିଚନ୍ଦନ, ମନୋରଞ୍ଜନ ଘୋଷ, ସନ୍ଧ୍ୟାରାଣୀ କତୁଆ, ସନ୍ତୋଷୀ ବିଶ୍ୱାଳ, ସବିତା ପୃଷ୍ଟି, ରାମଚନ୍ଦ୍ର ନନ୍ଦ, ଶତ୍ରୁଘ୍ନ ପୁହାଣ, ନୈଳାଦ୍ରି ସାହୁ, ଦିବାକର ଦଳେଇ, ପ୍ରଶାନ୍ତ ଜେନା, କାମଦେବ ବେହେରା, ସୁଶାନ୍ତ ମହାପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ମୀରା ନାୟକ, ବିନ୍ଦୁ ମଙ୍ଗରାଜ, ଚନ୍ଦନା ଦାସ, ସିନ୍ଧୁ ସୁବୁଦ୍ଧି, ସନ୍ଦୀପ କର୍ମକାର, ରାକେଶ ପରିଡ଼ାଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିରେ ଭାର୍ଗବୀ ଆଳତି ସ୍ମରଣୀୟ



ପୁରୀ,୫।୧୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି, ଉତ୍କଳର ଇତିହାସ ଓ ପୁରାଣ ବର୍ଣ୍ଣନାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁରରେ ଆସୀନ ମା' ପଞ୍ଚମୁଖୀ ପୀଠ ସଂଲଗ୍ନ ଭାର୍ଗବୀ ଆଳତି ସଦା ସ୍ମରଣୀୟ ରହିଛି ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ବାମୁଣ୍ଡି ଭାଗବତଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ମଠକାଙ୍କୁଡ଼ା ପାଦୁକାପୀଠର ଅନ୍ୟତମ ମୁଖିଆ ପ୍ରଭାକର ସାହୁ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହିଳାମାନଙ୍କ କୀର୍ତ୍ତନ ଧ୍ୱନି ମଧ୍ୟରେ ପଣ୍ଡିତ ଶୁଭାଶିଷ କର ମହାପ୍ରଭୁ ଜଗନ୍ନାଥ, କାଳିଆ ଗୋପୀନାଥ, ଋଷି ଭାର୍ଗବ, ମା' ପଞ୍ଚମୁଖୀ ଓ ଓଡ଼ିଶାର ଅନ୍ୟତମ ଗଙ୍ଗା ଭାର୍ଗବୀଙ୍କ ଆଳତି କରିଥିଲେ। ଯୁବ ଭାଗବତ ଭାଷ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଳତିରେ କପିଳେଶ୍ୱରପୁର ସମେତ ଆଖପାଖ ଗ୍ରାମର ଅଧିବାସୀ, ସ୍ଥାନୀୟ ସରପଞ୍ଚଙ୍କ ସହ ଶ୍ରୀଧର କର, ଭବାନୀ ଶଙ୍କର ତ୍ରିପାଠୀ, ଗଙ୍ଗାଧର କର, ଶରତ ଦେଓ, ଜିତେନ୍ଦ୍ର ଦାସ, ବାନାମ୍ବର ପରିଡ଼ା, ବିରଞ୍ଚି ମିଶ୍ର ଭାର୍ଗବୀ ନଦୀରେ ମାଳ, କ୍ଷୀର ଓ ମହାପ୍ରସାଦ ସମର୍ପଣ କରିଥିଲେ। ବ୍ରହ୍ମଗିରିର ଜୀବନ ଜୀବିକା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଭାର୍ଗବୀ ନଦୀର ପୁନରୁଦ୍ଧାରରେ ହଜାର ହଜାର ପରିବାରର କୃଷି ଓ ପାନୀୟଜଳ ସମୃଦ୍ଧର ସମ୍ଭାବନା ଥିବାରୁ ଖୁବ୍‌ଶୀଘ୍ର ଆଳତି କମିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ଦଳ, ସରକାରଙ୍କୁ ଭେଟିବେ ବୋଲି ପ୍ରଶାନ୍ତ ତ୍ରିପାଠୀ ଜଣାଇଛନ୍ତି।

## କୃତଜ୍ଞତା ଜଣାଇଲେ ଜିଲ୍ଲାପାଳ

ପୁରୀ,୫।୧୧(ସମିସ): ଶ୍ରୀକ୍ଷେତ୍ରରେ ହବିଷ୍ୟାଳି ମା'ମାନଙ୍କର ଏକମାସର କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପରିସମାପ୍ତି ଘଟିଛି। ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ପରିଚାଳିତ ହୋଇଥିବାରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ହବିଷ୍ୟାଳି ମା'ମାନେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଏକ ମାସ ରହିଥିଲେ। ପ୍ରତିଦିନ ପ୍ରତ୍ୟୁଷରୁ ସେମାନଙ୍କ ସ୍ନାନ ଶୌଚ ପରେ ବୃନ୍ଦାବତୀ ପୂଜନ, ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ, କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତା ଏବଂ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହବିଷ୍ୟାଳି କେନ୍ଦ୍ରଗୁଡ଼ିକ ପରିଚାଳିତ ହୋଇଥିଲା। ପ୍ରତ୍ୟେକ ହବିଷ୍ୟାଳି କେନ୍ଦ୍ରକୁ ବରିଷ୍ଠ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନା କରିଥିଲେ। ବୁଧବାର ପୂର୍ଣ୍ଣିମା ତିଥିରେ ଅନେକ ହବିଷ୍ୟାଳି ନିଜ ଗୃହ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ବିଭିନ୍ନ କେନ୍ଦ୍ରରେ ଥିବା ଅଳ୍ପ କିଛି ବ୍ରତଧାରୀ ଫେରିଯିବେ। ତେବେ ବିଦାୟ ବେଳେ ହବିଷ୍ୟାଳି ମା'ମାନେ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଧରି କୋହ ସମ୍ବରଣ କରି ନ ପାରି କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ଏମାନଙ୍କ ସହ ଗୋଟିଏ ମାସର ସମ୍ପର୍କ ଅବର୍ଣ୍ଣନୀୟ। ରକ୍ତ ସମ୍ପର୍କଠାରୁ ଏ ସମ୍ପର୍କ ଅଧିକ। ଆମ ପୁଅ, ଝିଅ, ନାତି, ନାତୁଣୀଙ୍କଠାରୁ ଅଧିକ ସେବା ଦେଇ ଆମକୁ ଋଣୀ କରାଇ ଦେଇଛନ୍ତି ବୋଲି ହବିଷ୍ୟାଳି ମା'ମାନେ କହି କାନ୍ଦି ପକାଉଥିଲେ। ବଞ୍ଚିଥିଲେ ଆର ବରଷକୁ ପୁଣି ଦେଖାହେବ କହି ସେମାନେ ବିଦାୟ ନେଇଥିଲେ।

## ଶିକ୍ଷାବିତ୍ ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ପୁରୀ,୫।୧୧(ସମିସ): ବିଶିଷ୍ଟ ସାହିତ୍ୟିକ, ସଂଗଠକ, ଶିକ୍ଷାବିତ୍ ତଥା ସଙ୍ଗୀତଗୁରୁ ପ୍ରାଣକୃଷ୍ଣ ମହାପାତ୍ରଙ୍କ ଏକାଦଶାହରେ ଭଗବତୀ ବିଦ୍ୟାନିକେତନ ଏବଂ ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଅଠରନଳାସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାନିକେତନର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ବକ୍ତାମାନେ ପ୍ରାଣକୃଷ୍ଣ ମହାପାତ୍ର ଏକା ଧାରାରେ ଜଣେ ସୁବକ୍ତା, ଦକ୍ଷ ସଂଗଠକ, ମେଳାପୀ ବନ୍ଧୁବତ୍ସଳ ତଥା ସଙ୍ଗୀତପ୍ରିୟ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ତାଙ୍କ ବିୟୋଗ ପୁରୀର ସାହିତ୍ୟ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ପୁସ୍ତିକା "ପ୍ରିୟ ପ୍ରାଣ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା, ଓଡ଼ିଶା ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, କଥାକାର ବଦ୍ରି ମିଶ୍ର, ଡ. ହେମନ୍ତ ଛୋଟରାୟ, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶିବ ସୁନ୍ଦର ମିଶ୍ର, ମାରୁତି ନଗର ଉନ୍ନୟନ ପରିଷଦର ସଭାପତି ଗୋଲୋକ ଚନ୍ଦ୍ର ଜେନା, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଭଗବତୀ ବିଦ୍ୟାନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇ, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଦଳେଇ, ମଙ୍ଗଳା ଚରଣ ସାହୁ, ରାଇକିଶୋର ମହାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପରିଷଦର ସମ୍ପାଦକ ଅରବିନ୍ଦ ଶତପଥୀ, କବି କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ଡା. ପ୍ରଫୁଲ୍ଲ ମହାପାତ୍ର, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ବିଦ୍ୟୁତ୍ କର୍ମଚାରୀ ନେତା ସତ୍ୟ ନାରାୟଣ ପ୍ରଧାନ, ପ୍ରଫୁଲ୍ଲ ରାଉତ, ଗୋଲ୍‌ଡି ଭଞ୍ଜ, ପର୍ଶୁରାମ ପାତ୍ର, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲକ୍ଷ୍ମୀଧର ମାଝୀ, ପ୍ରଜ୍ଞା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁ ସତ୍ୟପ୍ରିୟ ମହାପାତ୍ର, ପ୍ରୀତିଶା ମହାପାତ୍ର, ମିରାମ୍ବିକା ପାତ୍ର, ଅଂଶୁମାନ ସ୍ୱାଇଁ, ପ୍ରିୟାଲୀ ପ୍ରିଆଶା ପରିଡ଼ା, ଓମ୍ ଦତ୍ତାତ୍ରେୟ ମାଝୀ, ସାଇଶ୍ରୀ ବିଶୋଇ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜଳନ୍ଧର ବିଶୋଇ, ଲୋକନାଥ ବିଶୋଇ, ଲରେନ୍ସ ମାଝୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' ସଭା କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ।

ଦର୍ଶନରେ ସହଯୋଗ କଲା ପୁଲିସ

## ଖୁସିବ୍ୟକ୍ତ କଲେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ

ପୁରୀ,୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ବୁଧବାର ୧୫୦ ଜଣ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରିବାରେ ସହଯୋଗ କରିଥିଲେ ପୁଲିସ କର୍ମୀ। ଭକ୍ତଙ୍କ ପାଇଁ ଦହିପାଣି ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ପ୍ରବେଶ ପଥରେ ଅଧିକାରୀମାନେ ନିୟମିତ ମନିଟରିଂ କରୁଥିଲେ। ଏହି ଅବସରରେ ଭକ୍ତଙ୍କଠାରୁ ପ୍ରତିକ୍ରିୟା ସଂଗ୍ରହ କରିଥିଲା ପୁଲିସ। ଅଧିକାଂଶ ଭକ୍ତ ପୁଲିସ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଯାଜପୁରର ଚିନ୍ମୟ ସାହୁ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲୁ। ଭୋରୁ ମନ୍ଦିରକୁ ପ୍ରବେଶ କରିଥିଲୁ। ସକାଳେ ସୁନାବେଶ ଦର୍ଶନ ସାରି ବାହାରିଥିଲୁ। ଭକ୍ତ କିଭଳି ସୁରକ୍ଷିତ ଦର୍ଶନ କରିବେ ସେଥିପ୍ରତି ପୁଲିସ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଥିଲା। କିନ୍ତୁ ଶ୍ରଦ୍ଧାଳୁ ଯଦି ସଚେତନ ନ ହେବେ ଯେତେ ବ୍ୟବସ୍ଥା କଲେ କିଛି ଲାଭ ହେବ ନାହିଁ। ପୁଲିସର ପ୍ରସ୍ତୁତି ପାଇଁ ଧନ୍ୟବାଦ। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଶ୍ରୀମନ୍ଦିରରେ କୌଣସି ବଡ଼ ପର୍ବପର୍ବାଣୀର ସଫଳତା ପଛରେ ପୁରୀବାସୀଙ୍କ ଯୋଗଦାନ ଏବଂ ସହଯୋଗ ସବୁଠୁ ବଡ଼ଶକ୍ତି। କହିଛନ୍ତି।

● ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

## କେଏସ୍‌ଆର୍ ରୟାଲ୍ ବେଙ୍ଗଲ ଟାଇଗର୍‌ର ସଫଳତା

ପୁରୀ,୫।୧୧(ସମିସ): ଚଳିତବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ ଓ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରାୟ ୨୦ଟି ଜିଲ୍ଲାରୁ ୭୦୦ରୁ ଅଧିକ ବାଳକ ଓ ବାଳିକା ପାଞ୍ଚଟି ବର୍ଗରେ ତଥା ସୁପର ସବ୍ ଜୁନିୟର, ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର୍ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା କୀରୋଗି, ଇଣ୍ଡିଭିଜୁଆଲ ପୁମ୍‌ସେ, ପେୟାର ପୁମ୍‌ସେ, ଟିମ୍ ପୁମ୍‌ସେ ଓ ଫ୍ରି ଷ୍ଟାଇଲ୍ ପୁମ୍‌ସେ ଭଳି ଇଭେଣ୍ଟକୁ ନେଇ କରାଯାଇଥିଲା। ପୁରୀ ଜିଲ୍ଲାର କେଏସ୍‌ଆର୍ ରୟାଲ୍ ବେଙ୍ଗଲ ଟାଇଗର ଟାଏକ୍ୱୋଣ୍ଡୋର ୪ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ସେଥିମଧ୍ୟରୁ କେ. କନ୍ୟନା ରେଡ୍ଡୀ ଓ ଧୈର୍ଯ୍ୟ ଅଗ୍ରୱାଲ ସ୍ୱର୍ଣ୍ଣପଦକ ଜିତିଥିବାବେଳେ କେ. ମେଘନା ରେଡ୍ଡୀ ରୌପ୍ୟ ଏବଂ ଓମ୍ ସାଇ ମହାପାତ୍ର କାଂସ୍ୟ ପଦକ ହାସଲ କରି ଏକାଡେମୀ ପାଇଁ ସୁନାମ ଅର୍ଜନ କରିବା ସହ ନିଜ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏକାଡେମୀର ମୁଖ୍ୟ କେ. ସନ୍ତୋଷିନୀ ରେଡ୍ଡୀଙ୍କୁ ଏବଂ କୋଚ୍ କେ. ଶଙ୍କର ରେଡ୍ଡୀଙ୍କୁ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମଦପିଇ ବସ୍ ଚାଳନା; ଚାଳକ ବିରୁଦ୍ଧରେ ମାମଲା

ପୁରୀ,୫।୧୧(ସମିସ): ମଦ୍ୟପାନ କରି ବସ୍ ଚଳାଇବା ଜଣେ ଚାଳକଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ। ସୂଚନା ଅନୁଯାୟୀ, ବୁଧବାର ପୁରୀରୁ ଭୁବନେଶ୍ୱର ଯାଉଥିବା ସରଳା ବସ୍‌ର ଚାଳକ ମଦନ ସାହୁ (୪୫)ଙ୍କୁ ପୁରୀ ଟ୍ରାଫିକ୍ ଟିମ୍ ବାନାମ୍ବର ଛକ ନିକଟରେ ଟ୍ରାକ୍ କରିଥିଲେ। ଯାଞ୍ଚବେଳେ ଚାଳକ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ତାଙ୍କ ଶରୀରରେ ଆଲ୍‌କହଲ ମାତ୍ରା ମପାଯାଇଥିଲା, ଯାହା ଆଇନ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ମାତ୍ରାଧିକ ରହିଥିଲା। ଏହି ଅପରାଧିକ କାର୍ଯ୍ୟରେ ଚାଳକ ମଦନଙ୍କୁ ଗିରଫ କରାଯାଇ ସମ୍ପୃକ୍ତ ବସ୍‌କୁ ଜବତ କରାଯାଇଛି। ଏଥିସହ ସମସ୍ତ ବସ୍ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅନ୍ୟ ବସ୍‌ରେ ଛଡ଼ାଯାଇଥିଲା।

ମଦ୍ୟପାନ କରି କୌଣସି ଗାଡ଼ି ଚାଳନା କରିବା ଏକ ଗୁରୁତର ଅପରାଧ। ଏହା ଜୀବନକୁ ବିପଦରେ ପକାଇପାରେ। ତେଣୁ ଆଇନକୁ ମାନି ସୁରକ୍ଷିତ ଭାବେ ଗାଡ଼ି ଚାଳନା କରିବାକୁ ପୁରୀ ପୁଲିସ ସମସ୍ତଙ୍କୁ ଅନୁରୋଧ କରିଛି।

ଦଶମ ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

## ଗୀତିନାଟ୍ୟ ସତୀ ଅନୁସୟା ମଞ୍ଚସ୍ଥ

ପୁରୀ,୫।୧୧(ସମିସ)

ଯୁଗଧର୍ମ ପ୍ରଚାର, ହରିନାମ ପ୍ରଚାର, ଧର୍ମୀୟ ଭାବଧାରାର ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟ ନେଇ ଉତ୍କଳୀୟ ଧର୍ମଧାରା ଓ ଶ୍ରୀଜଗନ୍ନାଥ ସଂସ୍କୃତିରେ ମାଉସୀ ଅର୍ଦ୍ଧାସିନୀଙ୍କ ପ୍ରାଙ୍ଗଣରେ ୧୦ମ ପଞ୍ଚକ ମହୋତ୍ସବ ଆଧ୍ୟାତ୍ମିକ ସମାରୋହ କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି।




ମାଉସୀ ମା'ଙ୍କ ମାହାତ୍ମ୍ୟ, ତାତ୍ତ୍ୱିକ ଭାବଧାରର ପ୍ରସାର କରିବା ପାଇଁ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ସହ ସାଧୁସନ୍ଥ, ଗବେଷକମାନଙ୍କର ଗବେଷଣାତ୍ମକ ରଚିତ ଏକ ପୁସ୍ତକ ଉନ୍ମୋଚନ କରାଯାଉ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହୀପ୍ରକାଶ ମଠର ମହନ୍ତ ମହାରାଜ ଶୋଭାନନ୍ଦ ପୁରୀ, ନେବଳ ଦାସ ମଠ ମଠାଧୀଶ ରାମଚରଣ ଦାସ ମହାରାଜା ଶ୍ରୀକ୍ଷେତ୍ରରେ ଧାର୍ମିକ ଭାବଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପଞ୍ଚକ ମହୋତ୍ସବର ଭୂମିକା ଅବର୍ଣ୍ଣନୀୟ ବୋଲି ମତ ଦେଇଥିଲେ। ଅନ୍ୟ ଅତିଥି ଭାବରେ ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର ମାଉସୀ ମା'ଙ୍କ ସହ ଶ୍ରୀଜଗନ୍ନାଥ ସମ୍ପର୍କ ଓ ଆର୍‌ଓଆର୍ ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଉପରେ ମତ ଦେଇଥିଲେ। ବରିଷ୍ଠ ଚୂନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି, ମହାସୁଆର ନିଯୋଗର ସମ୍ପାଦକ ଗଣେଶ ମହାସୁଆର, ଯୁବ ସେବକ ବଳରାମ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ମାଉସୀ ମା'ଙ୍କ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ମହାପାତ୍ର, ସମ୍ପାଦକ ରାମଚନ୍ଦ୍ର ଦୋରା, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର କୁମାର ଶାସ୍ତ୍ରୀ, ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ ଓ ମହୋତ୍ସବ କମିଟି ସମ୍ପାଦକ ମଧୁସୂଦନ ମିଶ୍ର, ଡ. ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ଗହଣରେ ଉଦ୍‌ଯାପିତ ହୋଇଥିଲା।

ଅନ୍ତିମ ଦିନରେ ପ୍ରଶାନ୍ତି କଳା ପରିଷଦର ସାଗରିକା ମହାପାତ୍ରଙ୍କ ନିର୍ଦ୍ଦେଶରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ହରିନାମ ପ୍ରବଚକ ବିପିନ ବିହାରୀ ମିଶ୍ର, ଅନିତା କଲ୍‌ଚରାଲ ଏକାଡେମୀ ପକ୍ଷରୁ ଗୀତିନାଟ୍ୟ ସତୀ ଅନୁସୟା ପ୍ରଦର୍ଶନ କରାଯାଇଥିଲା। ଫକୀର ମୋହନ ସେନାପତିଙ୍କ ରଚିତ ପେଟେଣ୍ଟ ମେଡିସିନ୍ ପ୍ରଦର୍ଶନ କରାଯାଇଥିଲା। ଶେଷରେ ୪ଦିନ ଧରି ମହୋତ୍ସବକୁ ପରିଚାଳନା କରିଥିବା ବରିଷ୍ଠ ନାଟ୍ୟାକର ଭରତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

## ଜଗଦ୍‌ଗୁରୁ ନିମ୍ବାର୍କଙ୍କ ଜୟନ୍ତୀ ପାଳିତ



ପୁରୀ,୫।୧୧(ସମିସ): ପବିତ୍ର ରାସ ପୂର୍ଣ୍ଣିମାରେ ସନାତନ ହିନ୍ଦୁ ଧର୍ମର ଅନ୍ୟତମ ଯୁଗ ପ୍ରବର୍ତ୍ତକ, ବୈଷ୍ଣବ ସମ୍ପ୍ରଦାୟର ସର୍ବପୁରାତନ ସମ୍ପ୍ରଦାୟ ନିମ୍ବାର୍କ ସମ୍ପ୍ରଦାୟର ସ୍ରଷ୍ଟା ଜଗଦ୍‌ଗୁରୁ ନିମ୍ବାର୍କଙ୍କର ଆବିର୍ଭାବ ଦିବସ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ପାଳିତ ହୋଇଯାଇଛି। ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଗମାନନ୍ଦ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ, ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁରର ଅଧ୍ୟକ୍ଷ ମହନ୍ତ ହରିହର ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ଡ. ଭାସ୍କର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନିମ୍ବାର୍କଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ନିମ୍ବାର୍କଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦେତାଦ୍ୱେତ' ମତବାଦ ସମ୍ବନ୍ଧରେ ତତ୍ତ୍ୱଭିତ୍ତିକ ଆଲୋଚନା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଗାମୀ ଦିନରେ ନିମ୍ବାର୍କଙ୍କ ପ୍ରେରଣାଦାୟୀ ଜୀବନୀ ଓ କାର୍ଯ୍ୟ ଜନସାଧାରଣଙ୍କ ନିକଟରେ ଅଧିକରୁ ଅଧିକ କିପରି ପହଞ୍ଚିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମତ ପ୍ରକାଶ ପାଇଥିଲା। ପରିଶେଷରେ ଶାନ୍ତିପାଠ କରାଯାଇଥିଲା। ଆଲୋଚନା ପର୍ବକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ ଭାଗବତ ପାଠ ସହିତ ବେଦପାଠ ଓ ନାମ ସଂକୀର୍ତ୍ତନ ଆଦି କରାଯାଇଥିଲା।







# ସପ୍ତମ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ନନ୍ଦନକାନନ, ୫।୧୧(ସମିସ):ସପ୍ତମ ସଂସ୍କରଣ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ୨୦୨୫ ଉତ୍ତର ଭୁବନେଶ୍ୱର କୁଆଖାଇ ନଦୀ ପଠାରେ ଉଦଘାଟିତ ହୋଇଯାଇଛି। ବାଲିଯାତ୍ରାର ସଫଳତା ପାଇଁ ବିଧାୟକ ସୁଶାନ୍ତ ରାଉତଙ୍କୁ ଏଥିପାଇଁ ପ୍ରଶଂସା କରାଯାଇଥିଲା। ଏହି ଉଦଘାଟନ ଉତ୍ସବରେ ମେୟର ସୁଲୋଚନା ଦାସ, ଓଡ଼ିଶା ସାହିତ୍ୟ ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା ଉପ-ଜିଲ୍ଲାପାଳ ମନୋରଞ୍ଜନ ସାହୁ, ବାଲିଯାତ୍ରା ମହୋତ୍ସବ କମିଟି ବରିଷ୍ଠ ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର, ଗୀତିକାର ପଞ୍ଚାନନ ନାୟକ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୂପମା ସାହୁ, ଜିଲ୍ଲା ପରିଷଦ ବବିତାରାଉତ, କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ସରପଞ୍ଚ ସୁପ୍ରିୟା ମଲିକ, ସମିତି ସଭ୍ୟା ସସ୍ମିତା ବରାଳ, ଅନ୍ନପୂର୍ଣ୍ଣା ମିଶ୍ର, ପ୍ରତାପ ରାଣା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅଶୋକ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦିପ୍ତିମୟୀ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ଆଗାମୀ ୧୪ତାରିଖ ପର୍ଯ୍ୟନ୍ତ ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବ।

## ଲିଙ୍ଗରାଜଙ୍କୁ ଦର୍ଶନ କଲେ ୨୫ ହଜାର ଶ୍ରଦ୍ଧାଳୁ



ଭୁବନେଶ୍ୱର, ୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୁଣା ଭୁବନେଶ୍ୱରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିନ୍ଦୁ ସାଗର ହେଉ କି ଅନନ୍ତ ବାସୁଦେବ କିମ୍ବା କେଦାର ଗୌରୀ ସବୁଠି ଶ୍ରଦ୍ଧାଳୁଙ୍କ ଧାଡ଼ି ଲାଗିଥିଲା ବିଶେଷ କରି ଲିଙ୍ଗରାଜ ମନ୍ଦିରର୍ ମଧ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିଲା। ପୂର୍ଣ୍ଣିମା ଅବସରରେ ଲିଙ୍ଗରାଜଙ୍କୁ ୨୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି।

ବୁଧବାର ତଥା କାର୍ତ୍ତିକ ପୂର୍ଣ୍ଣିମା ଭୋର ୩ ଟାରୁ ମନ୍ଦିର ଖୋଲାଯାଇ ଦିଅଁଙ୍କ ମଙ୍ଗଳ ଆଳତୀ, ଅବକାଶ ନୀତି ହେବା ପରେ ସର୍ବସାଧାରଣଙ୍କ ପାଇଁ ସାହଣ ମେଲା ଦର୍ଶନ କରାଯାଇ ଦିନ ୧୦ ଟା ବେଳକୁ ସାଧାରଣ ଦର୍ଶନ ବନ୍ଦ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଶ୍ରଦ୍ଧାଳୁଙ୍କ ଭୀଡ଼କୁ ଦେଖି ଧାଡ଼ି ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରର ଆଗ ପଟର ରାସ୍ତା ଉପରେ ହେଉଥିବା ପାର୍କିଂ ଆଗରୁ ଧାଡ଼ି କରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ମନ୍ଦିର ଭିତରେ ମଧ ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ବ୍ୟବସ୍ଥା ହୋଇଥିଲା। ଏଥିସହିତ ପ୍ରଶାସନ, କମିସନରେଟ୍ ପୁଲିସ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବିଶେଷ କରି ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହିତ ଆମ୍ବୁଲାନ୍ସ, ବିଦ୍ୟୁତ୍ କର୍ମଚାରୀ, ଅଗ୍ନିଶମ, ଓଡ୍ରାଫ ଟିମ୍‌ଙ୍କ ସହିତ ସାଢ଼େ ୫ ପ୍ଲାଟୁନ୍ ପୁଲିସଙ୍କ ସମେତ ୧୨ଜଣ ଅଧିକାରୀ ନିୟୋଜିତ ରହିଥିଲେ।

# ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୫।୧୧(ସମିସ): ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରେ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା। ପ୍ରାୟ ୨୦ ଏକର ପରିମିତ ସ୍ଥାନରେ ପ୍ରଥମ ଥର ପାଇଁ ବାଲିଯାତ୍ରା ମହୋତ୍ସବ ଆୟୋଜନ ହୋଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ରାତି ୩ଟାରୁ ଡଙ୍ଗାଭସା ପରେ ଭୋର୍ ୪ଟାରୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ସହ ବହୁ କଳାକାର ଯୋଗଦେଇଥିଲେ। ସକାଳେ ବୋଇତ ବନ୍ଦାଣ ଉତ୍ସବକୁ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ତଥା କମିଟିର ଉପଦେଷ୍ଟା ନିରୁପମା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ପଙ୍କଜ ଝଲ୍ ଓ ମାନସୀ ଗ୍ରୁପ ଆଣ୍ଡ ଗଗନ ବିହାରୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ତଥା କମିଟି ର ଉପଦେଷ୍ଟା ନିରୂପମା ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଜେପି ନେତା ପ୍ରଶାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ, କ୍ଷୀରୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନ ମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ଦ୍ୱିତୀୟ ଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୫ ଆୟୋଜନ କରାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କମିସନରେଟ ପୁଲିସର ଟ୍ରାଫିକ ଓ ବଡ଼ଗଡ଼ ଥାନା ପୁଲିସ ସହାୟତାରେ ବ୍ୟପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପଡ଼ିଆର"ବିଭିନ୍ନ ସ୍ଥାନରେ ୬୪ଟି ସିସିଟିଭି ଲଗାଯାଇଛି।



'ସକାଳ'ରେ ଖବର ପ୍ରସାରଣ ପରେ ବରମୁଣ୍ଡା ବସ୍ ଟର୍ମିନାଲ ପ୍ରସ୍ଥାନ ରାସ୍ତା ରାତାରାତି ମରାମତି

## କନିଷ୍ଠ ଯନ୍ତ୍ରୀଙ୍କୁ ଧମକ ଘଟଣା; ଠିକାଦାର ଗିରଫ

ଭୁବନେଶ୍ୱର, ୫।୧୧ (ସମିସ): ଯନ୍ତ୍ରୀଙ୍କୁ ଧମକ ଦେବା ଘଟଣାରେ ଠିକାଦାରକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଣ୍ଡରପୁର ଗ୍ରାମର ଟୁଟୁ ହାତୀ। କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁସାରେ, କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁ ଡମଣା ଶୈଳଶ୍ରୀ ବିହାର ରାସ୍ତା କାମ ତଦାରଖ କରୁଥିବା ବେଳେ ଟୁଟୁ ହାତୀ ତାଙ୍କୁ ଫୋନ୍ କରି ରାସ୍ତା ମରାମତି କାମ ଦେବାକୁ କହିଥିଲା। ଏହାର କିଛି ସମୟ ପରେ ଟୁଟୁ ସେଠାରେ ପହଞ୍ଚି ବିନୟଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ହେଲେ କାମ ଦେବା ଦାୟିତ୍ୱ ତାଙ୍କ ହାତରେ ନଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ଭେଟିବାକୁ ବିନୟ କହିଥିଲେ। ହେଲେ ଟୁଟୁ ନିଜକୁ ସରକାରୀ ଦଳର ସକ୍ରିୟ ସଦସ୍ୟ କହିବା ସହ ଦୁଇ ଦିନରେ ବଦଳି କରିଦେବ ବୋଲି ବିନୟଙ୍କୁ ଧମକ ଦେଇଥିଲା। ଏନେଇ ଶ୍ରୀ ସାହୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଟୁଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫାୟାର ସେଫ୍ଟି କଣ୍ଟ୍ରାକ୍ଟର ଆସୋସିଏସନ୍‌ର ଜରୁରୀ ବୈଠକ



ଭୁବନେଶ୍ୱର, ୫।୧୧(ସମିସ): ଅଲ୍ ଓଡ଼ିଶା ଫାୟାର ସେଫ୍ଟି କଣ୍ଟ୍ରାକ୍ଟର ଆସୋସିଏସନ୍‌ର ଏକ ଜରୁରିକାଳୀନ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦୟ ଚାନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଉକ୍ତ ବୈଠକରେ ଗୃହ ବିଭାଗ ଦ୍ୱାରା ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଆସିସିଏସନର ଦାବି ପତ୍ର ଉପରେ ସରକାରଙ୍କ ତରଫରୁ ଆବଶ୍ୟକ ବିହିତ ସଂଶୋଧନ କରାଯାଇଥିବାରୁ ଡିଜି ଡ଼କ୍ଟର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ପକ୍ଷରୁ ସରକାର ଏବଂ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଇଥିଲା।

## ଡା. ନଳିନୀ ପତିଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୫।୧୧(ସମିସ): ପବ୍ଲିକ୍ ରିଲେସନ୍ କାଉନସିଲ୍ ଅଫ୍ ଇଣ୍ଡିଆର ବିଶ୍ୱସ୍ତରୀୟ ସଙ୍ଗଠନ 'ୱାର୍ଲଡ କମ୍ୟୁନିକେସନ କାଉନସିଲ'ର ଅଷ୍ଟ୍ରେଲିଆର ଅଧକ୍ଷ ପ୍ରଫେସର ଡା. ନଳିନୀ ପତିଙ୍କୁ ଭୁବନେଶ୍ୱର କ୍ଲବ୍‌ଠାରେ ପବ୍ଲିକ୍ ରିଲେସନ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପିଆଇସିଆଇର ଜାତୀୟ ବରିଷ୍ଠ ଉପସଭାପତି ତଥା ଉତ୍ତରଓପୂର୍ବତଟରେଳପଥରପ୍ରାକ୍ତନମୁଖ୍ୟଜନସମ୍ପର୍କଅଧିକାରୀରବିନାରାୟଣମହାପାତ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିଆର୍‌ସିଆଇର ଓଡ଼ିଶା ମୁଖ୍ୟ ସାମ୍ବାଦିକ ଡ. ଅଶୋକ ପଣ୍ଡା ଓ ପିଆର୍‌ସିଆଇର ଉପାଧକ୍ଷ ତଥା ପ୍ରାକ୍ତନ ରାଜ୍ୟ ସୂଚନା ଆୟୁକ୍ତ ଦିଲ୍ଲୀପ ବିଶୋଇ ଯୋଗଦେଇ ଥିଲେ। ଅଷ୍ଟ୍ରେଲିଆସ୍ଥ କାନ୍‌ବେରା ହସ୍ପିଟାଲର ହେମାଟୋଲୋଜିଷ୍ଟ ଡା. ନଳିନୀ ପତି ଅଷ୍ଟ୍ରେଲିଆ ଡବ୍ଲୁସିସିର ଅଧକ୍ଷ ପଦବୀ ଗ୍ରହଣ କରିବା ପରେ ପ୍ରଥମ କରି ତାଙ୍କ ଭାରତଗ୍ରସ୍ତ ଅବସରରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଶେଷରେ ପିଆର୍‌ସିଆଇ ଭୁବନେଶ୍ୱର ଚାପ୍ଟରର ଅଧକ୍ଷ କବି ନିରାକାର ଦାସ ଧନ୍ୟବାଦ ଦେଇଥିଲେ।

## କେୟାର୍ ହସ୍ପିଟାଲ୍ସ ପକ୍ଷରୁ ବିଶ୍ୱ ଷ୍ଟ୍ରୋକ୍ ଦିବସ

ଭୁବନେଶ୍ୱର, ୫।୧୧(ସମିସ): ବିଶ୍ୱ ଷ୍ଟ୍ରୋକ୍ ଦିବସ ୨୦୨୫ ଅବସରରେ କେୟାର୍ ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ "ପ୍ରତି ମିନିଟ୍ ଗୁରୁତ୍ୱପୂର୍ଣ୍ଣ: ଷ୍ଟ୍ରୋକକୁ ଚିହ୍ନଟ କରନ୍ତୁ, ତୁରନ୍ତ ପଦକ୍ଷେପ ନିଅନ୍ତୁ" ବିଷୟରେ ଏକ ଜନସଚେତନତା କାର୍ଯକ୍ରମ ଆୟୋଜନ କରାଯାଇଛି।




ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗ୍ରାମାଞ୍ଚଳରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୬୨ ଓ ସହର ଅଞ୍ଚଳରେ ୪୨୪ ଲୋକ ଷ୍ଟ୍ରୋକ୍ ଦ୍ୱାରା ପ୍ରଭାବିତ ହେଉଛନ୍ତି। କେୟାର୍ ହସ୍ପିଟାଲ୍ସ ଭୁବନେଶ୍ୱର କ୍ଲିନିକାଲ୍ ନିର୍ଦ୍ଦେଶକ ଓ ନ୍ୟୁରୋସାଇନ୍ସସ୍ ବିଭାଗୀୟ ମୁଖ୍ୟ ଡା. ବିକାଶ କୁମାର ମିଶ୍ର କହିଛନ୍ତି ପୃଥିବୀରେ ପ୍ରତି ଛଅ ଜଣ ମଧ୍ୟରୁ ଜଣେ ଷ୍ଟ୍ରୋକ୍‌ର ଶିକାର ହୁଅନ୍ତି। ଭୁବନେଶ୍ୱରର ଜଣେ ୪୫ ବର୍ଷୀୟ ବ୍ୟକ୍ତି କେୟାର୍ ହସ୍ପିଟାଲ୍ସରେ ସମୟୋପଯୋଗୀ ଥ୍ରମ୍ବୋଲାଇସିସ୍ ଚିକିତ୍ସା ପାଇ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଶୀଘ୍ର ଚିହ୍ନଟ ଓ ତୁରନ୍ତ ଚିକିତ୍ସା ଦୀର୍ଘକାଳୀନ ଅସମର୍ଥତାକୁ ରୋକିଦେଲା ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି।

କେୟାର୍ ହସ୍ପିଟାଲ୍ସ ଭୁବନେଶ୍ୱରର ଜେଡ୍‌ସିଓଓ କିସଲୟ ଆନନ୍ଦ ତୁରନ୍ତ ଚିକିତ୍ସାର ଗୁରୁତ୍ୱ ବିଷୟରେ କହିଛନ୍ତି ଷ୍ଟ୍ରୋକ୍ ପରିଚାଳନା ପାଇଁ ନ୍ୟୁରୋଲଜିଷ୍ଟ, ଇଣ୍ଟରଭେନସନାଲ୍ ରେଡିଓଲଜିଷ୍ଟ, କ୍ରିଟିକାଲ୍ କେୟାର୍ ଓ ନ୍ୟୁରୋ ଆନେସ୍ଥେସିଆ ବିଶେଷଜ୍ଞମାନଙ୍କ ଏକ ଦଳୀୟ ପ୍ରୟାସ ଦରକାର। କେୟାର୍ ହସ୍ପିଟାଲ୍ସରେ ଆମେ ଶୀଘ୍ର ନିର୍ଣ୍ଣୟ ଓ ଅଧୁନିକ ଷ୍ଟ୍ରୋକ ସେବା ପ୍ରଦାନ କରୁଛୁ ବୋଲି କହିଛନ୍ତି। କେୟାର୍ ହସ୍ପିଟାଲ୍ସ ଭୁବନେଶ୍ୱରରେ ଆୟୋଜିତ ବିଶ୍ୱ କାର୍ଯ୍ୟକ୍ରମରେ ଡା. ଆମ୍ରରଞ୍ଜନ ଦାଶ (ନ୍ୟୁରୋସର୍ଜରି), ଡା. ସୁଶାନ୍ତ ଦାସ (ନ୍ୟୁରୋସର୍ଜରି), ଡା. ମିତାଲିକର (ନ୍ୟୁରୋଲଜି) ଓ ଡା. ସୁଚରିତା ଆନନ୍ଦ (ନ୍ୟୁରୋଲଜି) ଙ୍କ ସହିତ ନ୍ୟୁରୋ ଆନେସ୍ଥେସିଆ ଟିମ୍, ଚିକିତ୍ସାକର୍ମୀ ଓ ଅଣ ଚିକିତ୍ସାକର୍ମୀ ଅଂଶଗ୍ରହଣ କରିଥିଲେ।

## ପଦ୍ମରାଗ ଜୟନ୍ତୀର ଅଭ୍ୟର୍ଥନା କମିଟି ଗଠିତ



ଭୁବନେଶ୍ୱର, ୫।୧୧(ସମିସ): ସଦଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଅନୁଷ୍ଠିତ ହୁଏ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ। ଏହି ସମ୍ମିଳନୀର ପଦ୍ମରାଗ ଜୟନ୍ତୀ ୨୦୨୬ରେ ପୁରୀଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଗଜପତି ମହାରାଜଙ୍କ ପରାମର୍ଶରେ ସମ୍ମିଳନୀ ପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ପୁରୀର ତାଳବଣିଆ ଠାରେ ଆଗାମୀ ୨୦୨୬ ମସିହା ମାଘ ପୂର୍ଣ୍ଣିମା ଜାନୁୟାରୀ ମାସ ୩୦ ତାରିଖ ଅଧିବାସ ଅନୁଷ୍ଠିତ ହେବ। ଜାନୁଆରୀ ମାସ ୩୧ ରୁ ଫେବୃଆରୀ ୨ ତାରିଖ ତିନିଦିନ ପର୍ଯ୍ୟନ୍ତ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀର ସମସ୍ତ ଆୟୋଜନ ପାଇଁ ସରକାରୀ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନର ସହଯୋଗ ଏକାନ୍ତ କାମ୍ୟ ବୋଲି କର୍ମକର୍ତ୍ତାମାନଙ୍କ ତରଫରୁ ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତି ନିବେଦନ କରିଛନ୍ତି। ଏହି ସମ୍ମିଳନୀର ସଫଳ ରୂପାୟନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏହି ଅବସରରେ ସଙ୍ଘର କେନ୍ଦ୍ରୀୟ କାର୍ଯ୍ୟାଳୟ ପୁରୀ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନ୍ତର୍ଜାତୀୟ ପ୍ରଜ୍ଞାନ ମିଶନର ପ୍ରତିଷ୍ଠାତା ପ୍ରଜ୍ଞାନାନନ୍ଦ ମହାରାଜଙ୍କୁ ଅଭ୍ୟର୍ଥନା କମିଟି ସଭାପତି ଭାବରେ ମନୋନୀତ କରାଯାଇଛି। କମିଟିର ପ୍ରଥମ ବୈଠକରେ ନୀଳାଚଳ ସାରସ୍ୱତ ସଂଘର ସଭାପତିଙ୍କ ସହ ପରିଚାଳକ ଶରତ ସିଂଦେଓ, ସମ୍ପାଦକ ନରେଶ ଚନ୍ଦ୍ର ପତି, କୋଷାଧକ୍ଷ କୀର୍ତ୍ତନ ବିହାରୀ ପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# କଳାକୃତିରେ ଓଡ଼ିଶାର ସଂସ୍କୃତି, ଐତିହ୍ୟର ଝଲକ



ଭୁବନେଶ୍ୱର, ୫।୧୧(ସମିସ): କଳାକୃତିରେ ତାଙ୍କର ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ଝଲକ ଦେଖିବାକୁ ମିଳେ। ମାଟିରେ କେବେ ନଦୀ ନାଳ ତ କେବେ ପୁଣି ପାହାଡ଼ ଓ ବଣ ଜଙ୍ଗଲ ଆକୃତିର ବଡ ବଡ଼ ଫାଉଣ୍ଟେନ ତିଆରି କରୁଥିବା ଶିଳ୍ପୀ ନିଜ ମନର ଭାବନା ସହ ବିଭିନ୍ନ କାରୁକାର୍ଯ୍ୟ ଖଚିତ କଳାକୃତି ମାଧ୍ୟମରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ।

ପୁରୁଣା ଭୁବନେଶ୍ୱରର କପିଳେଶ୍ୱର କୁମ୍ଭାର ସାହିରେ ସଞ୍ଜୟ ମୁଦୁଲିଙ୍କ ଘର। ସେ ଜଣେ ଟୋରାକୋଟା ଶିଳ୍ପୀ ଭାବେ ୨୫ ବର୍ଷ ଧରି ପରିଚୟ ସୃଷ୍ଟି କରିଛନ୍ତି। ସିଡାକରେ ପ୍ରଶିକ୍ଷଣ ନେବା ପରେ ଏହାକୁ ପେଶା ଭାବେ ଗ୍ରହଣ କରିଛନ୍ତି। କେବଳ ଯେ ସେ ଜଣେ ଓଡ଼ିଆ ନୁହନ୍ତି, ବରଂ ତାଙ୍କ କାରିଗରୀରେ ବି ଓଡ଼ିଆତ୍ୱ ପ୍ରତିଫଳିତ ହୋଇଥାଏ। କାରଣ ବିଭିନ୍ନ ଭାରତୀୟ ମନ୍ଦିରଠୁ ଆରମ୍ଭ କରି ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ମଧ ନିଜ ବୃତ୍ତିରେ ଯୋଡିଛନ୍ତି।



ସେହି ଅନୁଯାୟୀ ତାଙ୍କର ଅଧିକାଂଶ ଚିତ୍ର ପର୍ଯ୍ୟବସିତ। ରାଜ୍ୟର ଅନେକ ଐତିହ୍ୟ ବିମଣ୍ଡିତ ମନ୍ଦିରକୁ ଓ ଦେବାଦେବୀଙ୍କୁ ସେ ମାଟିରେ ନିର୍ମାଣ କରିଛନ୍ତି। କେବଳ ତିଆରି କରନ୍ତି ନାହିଁ, ବରଂ ମନ୍ଦିରର ଏବଂ ବିଭିନ୍ନ ଦୃଶ୍ୟକୁ ଭାବ ସହିତ ମାଟିରେ ବେଷ ଆକର୍ଷଣୀୟ ରୂପ ମଧ ଦିଅନ୍ତି। ଯେ କେହି ବି ମାଟିରେ ଏତେ ନିଖୁଣ କାର୍ଯ୍ୟକୁ ଦେଖିଲେ ଆଶ୍ଚର୍ଯ୍ୟ ମଧ ହୁଅନ୍ତି। ଏହା ସହିତ ୱାଲ ମ୍ୟୁରାଲ ବା କାନ୍ଥରେ ଟେରାକୋଟା ଆର୍ଟ କରିଥାନ୍ତି। ବର୍ତ୍ତମାନ ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜିକୁ ଚିତ୍ରଣ କରିବାର ପ୍ରୟାସ କରିଛନ୍ତି। ରାଜଧାନୀର ଥିବା ବିଭିନ୍ନ ପୁରାତନ ମନ୍ଦିରରଠୁ ପୁରୀ ଶ୍ରୀମନ୍ଦିର ସବୁକିଛି ତାଙ୍କ କଳାକୃତିରେ ସ୍ଥାନିତ ହୋଇଛି। ମନ୍ଦିରର ପ୍ରତି କୋଣ ଅନୁକୋଣ ସହ ଛୋଟ ବଡ଼ ସମସ୍ତ କଳାକୃତି ଅତି ନିଖୁଣ ଭାବରେ ତିଆରି କରନ୍ତି। ସେ ବିଭିନ୍ନ ସମୟରେ ରାଜ୍ୟ ତଥା ବିଦେଶରେ ମଧ ଆୟୋଜିତ କଳା ପ୍ରଦର୍ଶନୀରେ ଭାଗନେଇ ଏହିସବୁ କଳା ପ୍ରଦର୍ଶିତ କରିଥାନ୍ତି ଏବଂ ପୁରସ୍କାର ମଧ ପାଇଛନ୍ତି। ସାଧାରଣତଃ କାରୁକାର୍ଯ୍ୟ ଅନୁଯାୟୀ ୨ ଶହରୁ୨ ଲକ୍ଷ୍ୟ ପର୍ଯ୍ୟନ୍ତ ଏହି ସବୁ କଳାକୃତିର ମୂଲ୍ୟ ରହିଛି।



## 'ପ୍ରଣାମ ରାଜେନ୍ଦ୍ର'ରେ ଦିବଂଗତ କବିଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୫।୧୧(ସମିସ): ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ କବି, ଲେଖକ ଓ ସମ୍ପାଦକମାନଙ୍କ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଏକ ଶ୍ରଦ୍ଧାଞ୍ଜଳି ସଭା 'ପ୍ରଣାମ ରାଜେନ୍ଦ୍ର' ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟପ୍ରାଣବୃନ୍ଦ ସ୍ୱର୍ଗତ କବିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ପ୍ରଫେସର କାଳିଦାସ ମିଶ୍ର, ଆଶୁତୋଷ ପରିଡ଼ା, ଅଶ୍ୱିନୀ କୁମାର ମିଶ୍ର, ପ୍ରଦୀପ ବିଶ୍ୱାଳ, ବିଜୟ ପ୍ରସାଦ ମହାପାତ୍ର, ପରେଶ ପଟ୍ଟନାୟକ, ରବୀନ୍ଦ୍ର କୁମାର ସ୍ୱାଇଁ, ଅସିତ ମହାନ୍ତି ବନୋଜ ତ୍ରିପାଠୀ ପ୍ରମୁଖ କବିଙ୍କ ଲିଖିତ କାବ୍ୟଗ୍ରନ୍ଥ ଗୁଡିକରୁ ବିଭିନ୍ନ କବିତା ପାଠ କରିଥିଲେ। ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

ସକାଳ THE SAKALA



### କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# ଷ୍ଟଲ୍ ଫାଙ୍କା, ପ୍ରଜ୍ଞା ହୋତାଙ୍କ କଣ୍ଠରେ ଦର୍ଶକ ବିଭୋର

ପାରାଦୀପ, ୫।୧୧(ସମିସ):




କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ଲାଣ୍ଟ ହେଡ, ପାରାଦୀପ ପେଲେଟ ପ୍ଲାଣ୍ଟ, ଏଏମ/ଏନଏସ ୟୁଏସଆର ରାଜୁ, ସମ୍ମାନିତ ଅତିଥି ଭାବେ ଟର୍ମିନାଲ ମୁଖ୍ୟ ପିଆଇସିଟି ରାଜେଶ ନାୟକ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରାବଣୀ କଳା ନିକେତନ, ପାରାଦୀପ ଗଡ଼, କିଡଜ ଏଫୋର୍ଟ ଡ୍ୟାନ୍ସ ଷ୍ଟୁଡିଓ, ତାରିଣୀ ଗଡା, ପାରାଦୀପ, ତ୍ରିରଙ୍ଗା ଡ୍ୟାନ୍ସ ଏକାଡେମୀ ମଧୁବନ, ପାରାଦୀପ, ବିଜୁ ପଟ୍ଟନାୟକ ଗାନ୍ଧର୍ବ କଳା ମନ୍ଦିର ସିଏଚ କଲୋନୀ, ନିତ୍ୟପ୍ରଜ୍ଞା ଚାରିଟେବୁଲ ଟ୍ରଷ୍ଟ, କଟକ, ବାସୁଦେବନୃତ୍ୟ କଳା ଏକାଡେମୀ, ନାଉଗାଁ, ନୃତ୍ୟାଙ୍ଗନା ଓଡିଶୀ ଡ୍ୟାନ୍ସ ଏକାଡେମୀ, ଭୁବନେଶ୍ୱର, ଶ୍ରୀକଳା ମନ୍ଦିର, କଟକ, ନାଟ ସୂତ୍ର ରିସର୍ଚ୍ଚ ଆଣ୍ଡ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ, କଟକ ଓ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ନର୍ତ୍ତକୀ ନୃତ୍ୟ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଠାରୁ ବେଶ୍ ଆକର୍ଷଣୀୟ ଥିଲା। ଆଜି ବହୁ ଷ୍ଟଲ ଫାଙ୍କା ପଡ଼ିଥିଲା ବେଳେ ମିନାବଜର ଷ୍ଟଲରେ ମଧ ଭିଡ଼ ନଥିଲା। ଫାଷ୍ଟ ଫୁଡ, ଚାଟ, ଷ୍ଟଲରେ କିଛି ମାତ୍ରାରେ ଭିଡ ହୋଇଥିଲା। ସବୁ ବର୍ଗର ଲୋକଙ୍କ ଆଇନଗତ ସହାୟତା ପାଇଁ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ଜିଲ୍ଲାସ୍ତରୀୟ ସେବା କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ପ୍ରଦ୍ୟୁମ୍ନ ନାୟକ ଉଦଘାଟନ କରିଥିଲେ।

## ଶତାୟୁ ପୁରୁଷ ଗୋବିନ୍ଦ ଖଟେଇଙ୍କୁ ବାଲିଘର ପକ୍ଷରୁ ସମ୍ବର୍ଦ୍ଧନା

କୁଜଙ୍ଗ, ୫।୧୧(ସମିସ): ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ଫାଉଣ୍ଡେସନ ପକ୍ଷରୁ କୁଜଙ୍ଗ ବ୍ଲକ ବାଗୋଇ ଗ୍ରାମ ନିବାସୀ ୧୦୩ ବର୍ଷ ବୟସ୍କ ଗୋବିନ୍ଦଚନ୍ଦ୍ର ଖଟେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ଡ଼ାକ୍ତର ଅଟଳ ବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ବିଦ୍ୟାଳୟ ଉପପରିଦର୍ଶକ କବି ନବୀନ କୁମାର ପ୍ରଧାନ, ସମାଜସେବୀ ରଞ୍ଜନ କୁମାର ଦାସ, ଭରତ ଖଟେଇ ଓ ବୈଜୟନ୍ତି ଖଟେଇ ପ୍ରମୁଖ ଶ୍ରୀଯୁକ୍ତ ଖଟେଇଙ୍କ ସରଳ, ନିରାଡ଼ମ୍ବର ଓ ସାଧୁତା ସଂପର୍କରେ




ଆଲୋକପାତ କରି ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ତାଙ୍କୁ ବହୁ ଶୁଭେଚ୍ଛୁଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ସିଦ୍ଧଳରେ ବାର୍ଷିକ ମୁରୁଜ ପ୍ରତିଯୋଗିତା ଉଦ୍‌ଯାପିତ



ଜଗତସିଂହପୁର, ୫।୧୧ (ସମିସ): ମୁଦୁପୁର ପଞ୍ଚାୟତର ସିଦ୍ଧଳ ଗ୍ରାମରେ ପାରମ୍ପରିକ ମୁରୁଜ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଚତୁର୍ଥ ବର୍ଷରେ ଉତ୍କଳୀୟ କଳାସଂସ୍କୃତିର ପ୍ରତୀକ ଏହି ପ୍ରତିଯୋଗିତାରେ ୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତିନିଜଣ ବିଚାରପତି ଏହି କଳାକୃତିର ମୂଲ୍ୟାଙ୍କନ କରିଥିଲେ। ଉଦଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ ପଣ୍ଡିତ ପ୍ରଫୁଲ୍ଲ ସାହୁ। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ବାରିକ, ମୁଖ୍ୟବକ୍ତା ରୂପେ ନବକାକଳି ସାହିତ୍ୟ ପତ୍ରିକାର ସମ୍ପାଦକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରିୟନାଥ ରାୟ ପ୍ରଥମ ସ୍ଥାନରେ ବାଲିକୁଦା ବ୍ଲକ୍ ପରାହାଟ ଗ୍ରାମର ସୌରଭ ନାୟକ, ଦ୍ୱିତୀୟ କୋକଳିପୁରର ବବିତା ସେନାପତି ଏବଂ ତୃତୀୟ ସ୍ଥାନ ସିଦ୍ଧଳର ଜୟଶ୍ରୀ ସ୍ୱାଇଁଙ୍କୁ ବିଜେତା ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି ୧୦ ଜଣ ସଫଳ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଶିଶିର କୁମାର ତ୍ରିପାଠୀ ଅତିଥି ପରିଚୟ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରୁଦ୍ରପ୍ରସନ୍ନ ପତି ଏବଂ ଅନିଲଚନ୍ଦ୍ର ଦାଶ, ଆୟୋଜକ ମନୋରଞ୍ଜନ ମହାପାତ୍ର ସହଯୋଗ କରିଥିଲେ। କିରଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚେଲିତୋଳ ବୋଇତ ବନ୍ଦାଣ ଉତ୍ସବ



ତିର୍ତ୍ତୋଲ, ୫।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବୋଇତ ବନ୍ଦାଣ ଉତ୍ସବ ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ସକାଳ ସମୟରେ ତାରତୋଲ ମହାନଦୀ ପୋଲ ନିକଟ ମହାନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡାକ ବଙ୍ଗଳାଠାରୁ ଏକ ବିରାଟ ପଟୁଆରରେ ସାଧବ ପୁଅ ବେଶରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ସାଧବ, ସାଧବାଣୀ ଓ ଅଞ୍ଚଳବାସୀଙ୍କ ଗହଣରେ ଆସି ମହାନଦୀ କୂଳରେ ବୋଇତକୁ ପୂଜାର୍ଚ୍ଚନା କରି ପଣ୍ଡିତ ଶିଶିର କୁମାର ପଣ୍ଡା ଓ ରାମୟଣି ପଣ୍ଡିତ ଅଭୟ ଦାଶଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ବୋଇତକୁ ନଦୀର ଜଳରାଶିରେ ଭସାଇଥିଲେ। ରତୁପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଂସଦର କଳାକାରମାନେ ସାଧବାଣୀ ବେଶରେ ବୋଇତ ବନ୍ଦାପନା କରିଥିଲେ। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ପ୍ରକାଶଚନ୍ଦ୍ର ସ୍ୱାଇଁ, ବସନ୍ତ ମହାପାତ୍ର, ସୁବ୍ରତ ଦାଶ, ଅରବିନ୍ଦ ହୋତା, ଯୋଶବନ୍ତ ରାଉତ, ନିହାର ମହାନ୍ତି, ଦେବୀପ୍ରସାଦ ମହାପାତ୍ର, ପ୍ରମୋଦ ପ୍ରଧାନଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳବାସୀ, ଜନପ୍ରତିନିଧି ଓ ଜନପ୍ରତିନିଧି ସାମିଲ ହୋଇଥିଲେ। ତିର୍ତ୍ତୋଲ ଥାନାଧିକାରୀ ପ୍ରଦୀପ୍ତ ସେଠୀ ଓ ଅଗ୍ନିଶମ ଅଧିକାରୀ ସୁବାସଚନ୍ଦ୍ର ଭୋଳ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

## କଣ୍ଠାପଡ଼ା ଅର୍ଜୁନ ଘାଟରେ ରାହାସଉତ୍ସବ

ହାଜିପୁର, ୫।୧୧(ସମିସ): ବିରିଡି ବ୍ଲକ ଆଞ୍ଚଳିକ ମହାଭୋଇ ସୁଧାର କମିଟି ପକ୍ଷରୁ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଭୋଇସମାଜର ଆବାଳବୃଦ୍ଧବନିତାଙ୍କୁ ନେଇ ସ୍ଥାନୀୟ କଣ୍ଠାପଡ଼ା ନିକଟ ଦେବୀନଦୀର ଅର୍ଜୁନ ଘାଟଠାରେ ରାହାସ ଉତ୍ସବ ପାଳନ କରାଯାଇଛି। ସିଦ୍ଧସାଧକ ସନ୍ଥ ଯୋଗୀଦାସଙ୍କ ପବିତ୍ର ରାହାସ ମଠରେ ସ୍ଥାୟୀ ସଭାପତି କରୁଣାକର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ତିର୍ତ୍ତୋଲର ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ସରପଞ୍ଚ ଆରତୀ ଭୂୟାଁ, ସନ୍ଥବାହୁଡ଼ା ସ୍ମୃତି ମହାଭୋଇ ବିକାଶ ପରିଷଦ କୁସୁକଣ୍ଟାର ସଭାପତି ଅଭିମନ୍ୟୁ ଭୋଇ, ସମ୍ପାଦକ ବିଜୟରାମ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଜଗବନ୍ଧୁ ଭୋଇ, ଅଶୋକ ଦାସ, ଶୁଭେନ୍ଦୁ ଭୋଇ, କାଶୀନାଥ ଦାସ, ରମାକାନ୍ତ ଭୋଇ ପରିଚାଳନା କରିଥିଲେ।



## ପାରାଦୀପ ଗଡ଼ରେ ପ୍ରସିଦ୍ଧ ବୋଇତ ଭସାଣି ଉତ୍ସବ




ପାରାଦୀପ, ୫।୧୧ (ସମିସ): ପାରାଦୀପଗଡ଼ ପଞ୍ଚାୟତ ସଦର ଗ୍ରାମରେ ପାରମ୍ପରିକ, ଐତିହାସିକ ବୋଇତ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଜଗତସାହି ବୋଇତ ଭସାଣି କମିଟି ତରଫରୁ ବୋଇତଟିକୁ "ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର' ସଦୃଶ ନିର୍ମାଣ କରି ସୁସଜ୍ଜିତ କରାଯାଇଥିବା ବେଳେ "ବ୍ୟାସଦେବଜୀଉ' ବୋଇତ ଭସାଣି କମିଟି ତରଫରୁ ମହାଭାରତରେ ଶ୍ରୀକୃଷ୍ଣଙ୍କ ଅର୍ଜୁନଙ୍କୁ ଦିବ୍ୟଜ୍ଞାନ ଉପାଖ୍ୟାନ, "ଶିବଶକ୍ତି ୟୁଥ୍ କ୍ଲବ୍' ତରଫରୁ ଅବିକଳ ଶ୍ରୀଲୋକନାଥ ମନ୍ଦିର ସଦୃଶ, "ତ୍ରିଦେବୀ ୟୁଥ୍ କ୍ଲବ' ତରଫରୁ ଶାନ୍ତିସ୍ତୁପ ସଦୃଶ ଓ "ନବଜ୍ୟୋତି ୟୁଥ୍ କ୍ଲବ୍' ତରଫରୁ କଳ୍କୀ ଅବତାର ସଦୃଶ ବୋଇତଗୁଡିକୁ ସାଜସଜ୍ଜା କରାଯାଇ ଗ୍ରାମ ପରିକ୍ରମା କରି ତାଳଦଣ୍ଡା କେନାଲ, ଚନ୍ଦନ ପୋଖରୀ ଓ ପାପନାଶିନୀ ପୋଖରୀରେ ବୋଇତ ଭସେଇଥିଲେ। ସମସ୍ତ ବୋଇତ ଭସାଣି କମିଟି ତରଫରୁ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ଚୌଧୁରୀ, ଦେବଦୁର୍ଲ୍ଲଭ କର, ପ୍ରମୋଦ କୁମାର ଜେନା, ରୋଜାଲିନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାଞ୍ଚଟି ଅନୁଷ୍ଠାନର କର୍ମକର୍ତ୍ତା ମାନସ ମହାରଥା, ସ୍ମୃତିରଞ୍ଜନ ସାହୁ, ସନ୍ଦୀପ ସାମଲ, ସୁଭସ୍ମିତା ମଙ୍ଗରାଜ, ଅଞ୍ଜନା ଦାସ, ଶୁକଦେବ ତରାଇ, ବାପିନା ପଣ୍ଡା, ବିପିନ ସେଠୀ, ବେବିନା ସେଠୀ, ସୁଧାଂଶୁ ଶେଖର ସାହୁ, ବାପୁଜୀ ସାହୁ ସଞ୍ଚାଳନ କରିଥିଲେ।

## ତିନି ମୁହାଣୀ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ



ବାଲିକୁଦା, ୫।୧୧(ସମିସ): ବାଲିକୁଦା ତିନିମୁହାଣୀ ବୋଇତ ବନ୍ଦାଣ କମିଟି ବାଲିକୁଦା ପକ୍ଷରୁ ଅନୁଷ୍ଠାନର ସଭାପତି ଶିବବ୍ରତ ଦାସଙ୍କ ସଭାପତିତ୍ୱରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବାଲିକୁଦା ପଞ୍ଚାୟତ ଅଳକା ନଦୀର ତିନି ମୁହାଣୀଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରିଛି। ମୁଖ୍ୟଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ସୁପ୍ରିମକୋର୍ଟ ବରିଷ୍ଠ ଆଇନୀଜୀବୀ ଡ ସୁଶାନ୍ତ କୁମାର କାନୁନଗୋ ଓ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ସମାଜସେବୀ ଡ ଦିଲ୍ଲୀପ କୁମାର ବିଶ୍ୱାଳ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଧ୍ୟାପକ ଭାରତ ଭୂଷଣ ମହାନ୍ତି ପ୍ରମୁଖ ଅନୁଷ୍ଠାନର ଦୀର୍ଘାୟୁ କାମନା କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅନୁଷ୍ଠାନର ଉପସଭାପତି କମଳାକାନ୍ତ ମହାପାତ୍ର ପ୍ରଦାନ କରିଥିବା ବେଳେ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ପଣ୍ଡିତ ବିଷ୍ଣୁଚରଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ମଦନ ମୋହନ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ସାଧବ ବୋହୂମାନେ ସାଧବ ପୁଅ ମାନଙ୍କୁ ବୋଇତ ବନ୍ଦାଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆବାହକ ଗୋପୀନାଥ ଦାସ, ସୁଦର୍ଶନ ସ୍ୱାଇଁ, ଭରତ ଭୂଷଣ ମହାନ୍ତି, ପରମାନନ୍ଦ ମହାନ୍ତି, ପର୍ଶୁରାମ ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ବାବାଜୀ ଚରଣ ମୁଦୁଲି, ଲିଙ୍କନ ନାୟକ, ଚିତ୍ତରଞ୍ଜନ ସାହୁ, ନଟବର କାଣ୍ଡି, ଆଶିଷ କୁମାର ରଥ, ମାନସ କୁମାର ନାୟକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏକାଦଶ ବାର୍ଷିକ ବୋଇତ ବନ୍ଦାଣ ମହୋତ୍ସବ





ନାଉଗାଁ, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଉକ୍ତ ବ୍ଲକ ଅନ୍ତର୍ଗତ ଦେବୀନଦୀର ଶିଖରଘାଟଠାରେ ୧୧ତମ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ପାରମ୍ପରିକ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରିଷଦ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଶାସନସଚିବ ପ୍ରଦୀପ୍ତ କୁମାର ଜେନା, ବିଶିଷ୍ଟ ଅତିଥିଭାବେ ତନୟା ପଟ୍ଟନାୟକ ନୌବାଣିଜ୍ୟ ପରମ୍ପରାର ଗାଥା ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ଉକ୍ତ ମଞ୍ଚରେ ସମ୍ମାନିତ ଅତିଥିଭାବେ ନାଉଗାଁ ବିଡିଓ ନିରଞ୍ଜନ ପରିଡ଼ା, ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କା, ସରୋଜ କୁମାର ନାୟକ, ଶିଳ୍ପପତି ସଞ୍ଜୟ ସାହାଣୀ, ନିରଞ୍ଜନ ବେହୁରା, ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ବ୍ଲକର ଗଜରାଜପୁରସ୍ଥିତ ତୁମ୍ବେଶ୍ୱରଙ୍କ ନିକଟସ୍ଥ ଦେବୀନଦୀ ତଟରେ ମଧ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ



ପାରାଦୀପ, ୫।୧୧ (ସମିସ): ପାରାଦୀପସ୍ଥିତ ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର ଇଫକୋର କର୍ମଚାରୀ ଓ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଇଫକୋର ମୁଖ୍ୟ ସତର୍କତା ଅଧିକାରୀ ପୂଜା କୋହିଲି ଇଫକୋର ଅଧ୍ୟକ୍ଷ ଦିଲେପ ସାଂଘାନୀଙ୍କ ସତର୍କତା ସଚେତନତା ସପ୍ତାହର ବାର୍ତ୍ତା ରଖିଥିଲେ। କର୍ମଚାରୀ, ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଫକୋର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପିକେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ସତର୍କତା ସଚେତନତା ପ୍ରବନ୍ଧକ ରାକେଶ ପାଣ୍ଡେ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରିବା ପରେ ପୁରସ୍କୃତ କରାଯାଇଥିଲା। ନାନୋର ସାଧାରଣ ପ୍ରବନ୍ଧକ ଏସପି ରଥ ଧନ୍ୟବାଦ ଦେଇଥିଲେ।

### ■ ସୁଦାନରେ ଓଡ଼ିଆ ଯୁବକଙ୍କୁ ପଣବନ୍ଦୀ ଘଟଣା

# ସ୍ଥାନାନ୍ତର ପାଇଁ ଚାଲିଛି ଯୋଜନା: ପତ୍ନୀ



ଜଗତସିଂହପୁର, ୫।୧୧(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ତରଜଙ୍ଗା ପଞ୍ଚାୟତ କୋଟକଣା ଗ୍ରାମର ଆଦର୍ଶ ବେହେରାଙ୍କୁ ଆଫ୍ରିକୀୟ ଦେଶ ସୁଦାନରେ ପଣବନ୍ଦୀ କରାଯାଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ପରିବାର ବର୍ଗ ଭେଟିଛନ୍ତି। ପାରାଦୀପ ଆସିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ତାଙ୍କ ପିତା କ୍ଷେତ୍ରବାସୀ ବେହେରା ଏବଂ ମାତା ଆରତୀ ବେହେରା ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇଙ୍କ ସହ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ ନିଜେ ଦିଲ୍ଲୀ ଯାଇ କେନ୍ଦ୍ର ଗୃହ ଏବଂ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା କରିବେ ବୋଲି ସେମାନଙ୍କୁ କହିଥିବା ସୂଚନା ମିଳିଛି।

ଅନ୍ୟପଟେ, ମଙ୍ଗଳବାର ରାତିରେ ବାଲେଶ୍ୱରରେ ଚିକିତ୍ସାଧୀନ ଥିବା ପତ୍ନୀ ସସ୍ମିତାଙ୍କୁ ଫୋନ କରି କଥା ହୋଇଛନ୍ତି ଆଦର୍ଶ। ଗୋଟିଏ ମିନିଟ୍‌ରୁ ଅଳ୍ପ କିଛି ଅଧିକ ସମୟ ଏହି କଥାବାର୍ତ୍ତାରେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ହେଉଥିବା କହିଥିଲେ। ତାଙ୍କୁ ଏବେ ଏକ ଛୋଟ ସହର ନିଆଲାରେ ପଣବନ୍ଦୀ କରି ରଖିଛନ୍ତି ଆରଏସ୍‌ଏଫ ନାମକ ଉଗ୍ରବାଦୀ ସଂଗଠନ। ତାଙ୍କୁ ଠିକ୍‌ରେ ଖାଇବାକୁ ମିଳୁ ନଥିବା ବେଳେ ଦୂଷିତ ପାଣି ପିଇବାକୁ ଦିଆଯାଉଛି। ନିଆଲାରେ ଅନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କେବଳ ରେଡକ୍ରସ କାର୍ଯ୍ୟାଳୟ ଖୋଲା ରହିଛି। ରେଡକ୍ରସ ସହାୟତାରେ ତାଙ୍କୁ ଛାଡ଼ିଦେଇପାରନ୍ତି ବୋଲି ଆଲୋଚନା ହେଉଥିବା ପତ୍ନୀଙ୍କ ସହ କଥାବାର୍ତ୍ତା ବେଳେ ଆଦର୍ଶ କହିଛନ୍ତି। ଏପଟେ, ସୁଦାନର ଆମ୍ବାସି ଆଦର୍ଶଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିବା ଆଦର୍ଶଙ୍କ ଶାଳକ ଦୀପକ ବେହେରା କହିଛନ୍ତି। ସେହିପରି ରାଜ୍ୟ ଓ କେନ୍ଦ୍ର ସ୍ତରରେ ମଧ ନିୟମିତ ଯୋଗାଯୋଗ କରାଯାଉଛି ବୋଲି ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

## ମାର୍କଣ୍ଡେଶ୍ୱର ଘାଟରେ ବୋଇତ ବନ୍ଦାଣ ଉତ୍ସବ



ଜଗତସିଂହପୁର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନୌବାଣିଜ୍ୟ ସ୍ମୃତି ପରମ୍ପରାକୁ ମନେ ପକାଇ ଜଗତସିଂହପୁର ଗୋପାଳ ସାଗରସ୍ଥିତ ମାର୍କେଣ୍ଡେଶ୍ୱର ମନ୍ଦିର ଘାଟଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଏବଂ ନିର୍ବାହୀ ଅଧିକାରୀ ସୀମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ପାରିଷଦ ହେମନ୍ତ କୁମାର ଲେଙ୍କା, ଅକ୍ଷୟ ପାତ୍ର, ସୌଭାଗ୍ୟ ମହାନ୍ତି, ସୁଶାନ୍ତ ରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ପାରିଷଦ ମିଲି ସେଠୀ, ଦେବୀପ୍ରସାଦ ସାହାଣୀ ଯୋଗ ଦେଇଥିଲେ। ମାର୍କେଣ୍ଡେଶ୍ୱର ମନ୍ଦିର ଗଡା ନିକଟରେ ବ୍ୟାୟାମ ଉପକରଣ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିନୋଦ ସ୍ମାରକୀ କପ୍ ଫୁଟ୍‌ବଲ: ତିନିଘରିଆ ଚାମ୍ପିଅନ

ହାଜିପୁର, ୫।୧୧(ସମିସ):




ବିରିଡି ବ୍ଲକ ୨୨ ମୌଜା ମଇନ୍ଦିପୁର-କମଳପୁର ଯୁବକସଙ୍ଘ ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଧବାର ୪୨ତମ ବିନୋଦ ମେମୋରିଆଲ ଏକଦିବାସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ପୂର୍ବତନ ସମ୍ପାଦକ ସୁବ୍ରତ ପଟ୍ଟନାୟକ, ସମ୍ପାଦକ ଚିରଞ୍ଜିତ ପଟ୍ଟନାୟକ, ଉପସଭାପତି ହେମନ୍ତ ମଲ୍ଲିକ, ସଂଗଠନ ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ, କ୍ରୀଡା ସମ୍ପାଦକ ବୈଦନାଥ ଭୋଇ, ସତ୍ୟ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଟୁର୍ନାମେଣ୍ଟକୁ ପଞ୍ଚାୟତସମିତି ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା ଅତିଥି ଭାବେ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚଟି ତିନିଘରିଆ ଓ ଭୁବନେଶ୍ୱର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତିନିଘରିଆ ଟିମ ଭୁବନେଶ୍ୱରକୁ ହରାଇ ଚଳିତ ବର୍ଷର ବିଜେତା ହୋଇଛି। ଯୁବକ ସଂଘର ଅଧ୍ୟକ୍ଷ ବିମ୍ବାଧର ଦାଶଙ୍କ ପୌରହିତରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଅର୍ଥନୀତିଜ୍ଞ ରାଜୀବ ସାହୁ, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ଯୁବସଂଗଠକ ଦେବୀପ୍ରସାଦ ତ୍ରିପାଠୀ, ସୁବୋଧ କୁମାର ବାରିକ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସମାଜସେବୀ ନୃସିଂହ ଦାଶ, ନନ୍ଦକିଶୋର ବସ୍ତିଆ, କାଳନ୍ଦୀ ବସ୍ତିଆ, ନେତ୍ରାନନ୍ଦ ପାତ୍ର, ସରପଞ୍ଚ ଯୁଧିଷ୍ଠିର ବେହେରା, ସୁଦର୍ଶନ ବେହେରା, ସୁକାନ୍ତ ବାରିକ ବିଜୟୀ ଟିମକୁ ଟ୍ରଫିସହ ୨୦୦୦୦ଟଙ୍କା, ଉପବିଜେତା ଟିମକୁ ୧୫୦୦୦କପ ସହ ଟଙ୍କା ପ୍ରଦାନ କରିଥିଲେ। ରେଫରୀ ଭାବେ ସୁନୀଲ ପଟ୍ଟନାୟକ, ଜୋତିରଞ୍ଜନ ସ୍ୱାଇଁ, ରାଜୁମହାନ୍ତି, ମାନସ ବିଶ୍ୱାଳ, ସୁନୀଲ ସୋରେନ ଖେଳକୁ ପରିଚାଳନା କରିଥିବାବେଳେ ପ୍ରବୀର ଦାସ ଘୋଷାକ ଓ ତୁଷାର ପଟ୍ଟନାୟକ ସ୍କୋରର ଥିଲେ। ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ।

# ଚାଷୀ ସଂଗଠନ ଓ ଚାଷୀଙ୍କ ନାଁରେ ପ୍ରଶାସନର ମିଥ୍ୟା ଅଭିଯୋଗ

## ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ମିଟିଂ ବସିନି

**ବରଗଡ଼, ୫।୧୧(ସମିସ)**

ଅଣ ଜଳସେଚିତ ଅଞ୍ଚଳରେ ୭୦% ଧାନ ଅମଳ ହୋଇସାରିଲାଣି। ମାତ୍ର ଦୁଃଖର କଥା ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଆଜିଯାଏ ମଣ୍ଡି ଖୋଲିନାହିଁ। ଯଦ୍ୱାରା ଚାଷୀ ୧୫୦୦/୧୬୦୦ ଟଙ୍କାରେ ବେପାରୀ ତଥା ଦଲାଲ ମାନଙ୍କୁ ବାଧହୋଇ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରୁଛନ୍ତି। ଚାଷୀ ପଞ୍ଜୀକରଣ କୋଡ ଆସିନାହିଁ କିମ୍ବା କେବେ ଓ କେତେ ଟୋକନ ଆସିବ ତାହା ମଧ୍ୟ କାହାରିକୁ ଜଣାନାହିଁ। ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମଣ୍ଡିରେ ଖରିଫ ଧାନ ସଂଗ୍ରହ ହେବା କଥା। ମାତ୍ର ଆଜି ନଭେମ୍ବର ୫ ତାରିଖ ହେଲା କିନ୍ତୁ ଜିଲ୍ଲା ସ୍ତରୀୟ ଧାନସଂଗ୍ରହ ମିଟିଂ ବସିନାହିଁ। ଯେତେ ବେଶୀ ଧାନ ଖୋଲା ବଜାରରେ କମ ମୂଲ୍ୟରେ ବିକ୍ରି ହେବ ସରକାରଙ୍କୁ ସେତିକି ଲାଭ। ତେଣୁ କାଳେ କୃଷକ ସଂଗଠନ ଆନ୍ଦୋଳନ କରିବ ସେହି ଭୟରେ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ କୃଷକ ସଂଗଠନର ଚାଷୀଙ୍କ ନାମରେ ପ୍ରଶାସନ ଆଗତୁରା ଅଭ୍ୟାସଗତ ଅପରାଧୀ, ବିଶୃଙ୍ଖଳାକାରୀ ବୋଲି ଅଭିଯୋଗ କରିଛି। ମିଛ ମାମଲା ରୁଜୁ କରି ଜମାନତରେ ଯିବାପାଇଁ ନୋଟିସ ପଠାଇଛି। ସରକାର ପ୍ରଶାସନ ଭାବୁଛନ୍ତି ଏପରି କରି ଚାଷୀଙ୍କ ମନୋବଳ ଭାଙ୍ଗିଦେବେ ଓ ଆନ୍ଦୋଳନକୁ ଚପାଇ ଦେଇ ମନଇଚ୍ଛା କାର୍ଯ୍ୟ କରିବେ। ପ୍ରଶାସନ ଓ ସରକାରଙ୍କୁ ଆମେ ଚେତାବନୀ ଦେଉଛୁ ଏପରି କାର୍ଯ୍ୟରୁ କ୍ଷାନ୍ତ ରୁହନ୍ତୁ ଏବଂ ଚାଷୀଙ୍କ ବିରୁଦ୍ଧରେ ମିଛ ମାମଲାକୁ ପ୍ରତ୍ୟାହାର କରନ୍ତୁ। ଏହାସହ ଶୀଘ୍ର ମଣ୍ଡି ଖୋଲି ବିନା କଟଣୀ ଛଟଣୀରେ ଚାଷୀଙ୍କ ସବୁ ଧାନ କିଣି ୩୧୬୯ ଟଙ୍କା କ୍ୱିଣ୍ଟାଲ ପିଛା ଦିଅନ୍ତୁ। ନଚେତ ଏହି ଅଞ୍ଚଳ ବୀର ସୁରେନ୍ଦ୍ର ସାଏ ଓ ବୀର ମାଧୋ ସିଂଙ୍କ ମାଟି ଅଟେ। ଆବଶ୍ୟକ ହେଲେ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ ହେବ ଓ ଫଳାଫଳ ପାଇଁ ସରକାର ଦାୟୀ ହେବେ ବୋଲି ଅଜିତ ଶତପଥୀ ଆଇନ ପରାମର୍ଶଦାତା ରାଜବୋଡ଼ାସମ୍ବର କୃଷକ ସଂଗଠନ କହିଛନ୍ତି।



# ଚାଷୀ ପଞ୍ଜୀକରଣ ଓ 'ମୋନ୍ଥା' କ୍ଷତିପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ପଦ୍ମପୁର, ୫।୧୧(ସମିସ):** ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୫ ହଜାର ଚାଷୀ ଚଳିତ ବର୍ଷ ଖରିଫ ଧାନବିକ୍ରି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି। ଧାନବିକ୍ରି ପାଇଁ ଚିନ୍ତାରେ ଥିବା ଚାଷୀଙ୍କ ନାମ କିଭଳି ପଞ୍ଜୀକରଣ କରାଯାଇପାରିବ, ସେ ଦିଗରେ ବିହିତ ବ୍ୟବସ୍ଥା କରିବାକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଯୋଗେ ଅନୁରୋଧ କରିଛନ୍ତି। ସେହିଭଳି ନିକଟରେ 'ମୋନ୍ଥା' ବାତ୍ୟା ପ୍ରଭାବରେ ଏହି ଦୁଇ ଜିଲ୍ଲାର ଅନେକ ଚାଷୀଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସରକାରୀ ସ୍ତରରେ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଂସଦ ଶ୍ରୀ ପୁରୋହିତ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଆଜି ସାଂସଦ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିବା ସୂଚନା ମିଳିଛି।


MEMBER OF PARLIAMENT
(LOK SABHA)

Letter No-MOP(LS)-BGH-2025-26/1054

Date- 05/11/2025

ମହାଶୟ,

ଆପଣଙ୍କ

ପ୍ରଦୀପ ପୁରୋହିତ

Pradeep Purohit
Member Of Parliament (Loksabha)
1.Bargarh Constituency, Odisha

# ଘର ଉପରେ ଚଢ଼ିଗଲା ହାଇୱା, ଅଳ୍ପକେ ବର୍ତ୍ତିଲେ ଦମ୍ପତି

**ଝାରସୁଗୁଡ଼ା, ୫।୧୧(ସମିସ):** ଝାରସୁଗୁଡ଼ା ବଡ଼ମାଲ ଥାନା ଅଧୀନସ୍ଥ ସାପଡ଼ାରେ ଦ୍ରୁତଗତିରେ ବଡବିଲ କୁଣ୍ଡିଆ ଅଞ୍ଚଳରୁ ରେଙ୍ଗାଲି ଶ୍ୟାମଡିଆରଆଇକୁ ଯାଉଥିବା ଏକ ହାଇୱା ରାତି ୨ଟାରେ ଭାରସାମ୍ୟ ହରାଇ ଏକ ଘର ଉପରେ ମାଡ଼ିଯାଇଛି। ଘରଟି ଦିଲୀପ ଗର୍ଡ଼ିଆଙ୍କର ବୋଲି ଜଣା ଯାଇଛି। ହାଇୱାଟି ଘର ଉପରେ ଚଢ଼ିଯାଇ କାନ୍ଥବାଡ ଭାଙ୍ଗି ଘରେ ପଶିଯାଇଥିଲା। ଘରେ ଗର୍ଡ଼ିଆ ଦମ୍ପତି ଶୋଇଥିବା ଅବସ୍ଥାରେ ପ୍ରଚଣ୍ଡ ଶବ୍ଦ ଶୁଣି ଭୟଭୀତ ହୋଇ ପଡ଼ିଥିଲେ। ତେବେ ସେମାନେ ଅଳ୍ପକେ ବଡ଼ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ତିନି ବଖରାର ଘରର ପ୍ରାୟ ୩୦ ଖଣ୍ଡ ଆଜବେଷ୍ଟସ ଚୁରମାର ହେବା ସହ ଏକ ବାଇକ ଭାଙ୍ଗି ଯାଇଛି। ପୁଣି ଫ୍ରିଜ ଓ ଏସି ସହିତ ଏକ କିରାନା ଦୋକାନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଡ୍ରାଇଭରକୁ ଅଟକ ରଖାଯାଇଛି। ହାଇୱା ହେଲପରର ଗୋଡ ଭାଙ୍ଗି ଯାଇଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଦୁର୍ଘଟଣା ପରେ ଗାଡି ମାଲିକ ବିକେ ଯୋଶୀଙ୍କୁ ଗାଁବାସୀ ଖବର ଦେଇଥିଲେ। ଏ ନେଇ ବଡମାଳ ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଘର ମାଲିକ ଦିଲ୍ଲୀପ ଗର୍ଡ଼ିଆ ଓ ହାଇୱା ମାଲିକ ମଧ୍ୟରେ କ୍ଷତିପୂରଣକୁ ନେଇ ଆଲୋଚନା ଯୋଗୁଁ ମାମଲା ରୁଜୁ କରାଯାଇ ନାହିଁ।




## ଓପିଜିସି ଆସ୍‌ପଣ୍ଡ 'ବି' ନିକଟରେ ଜଣେ ମୃତ

**ଇବଥର୍ମାଲ, ୫।୧୧(ସମିସ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଓପିଜିସି ବନହରପାଲିର ଆସପଣ୍ଡରେ କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ଅସୁସ୍ଥ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଶ୍ରମିକ ଜଣକ କୁମ୍ଭାରବନ୍ଧ ପଞ୍ଚାୟତ କଣ୍ଟାଟିକ୍ରା ଗାଁର ହେମନ୍ତ ଭୋଇ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକ ହେମନ୍ତଙ୍କ ମୃତଦେହ ରେଙ୍ଗାଲି ମୌଜା ଆସପଣ୍ଡ 'ବି' ହିଡରେ ପଡ଼ିଥିଲା ବୋଲି କହିଛନ୍ତି। ପୁଲିସ୍ ଠାରୁ କିନ୍ତୁ ଭିନ୍ନ ତଥ୍ୟ ମିଳିଛି। ଘଟଣାଟି ଆଜି ଦିନ ୧୨.୩୦ ସମୟର ବୋଲି ପୁଲିସ କହିଛି। ହେମନ୍ତ ଆସପଣ୍ଡରେ ବାହାରୁଥିବା ସେନୋସ୍ପିୟର କଲେକସନ୍ କରିବାକୁ ଯାଇ ଆସପଣ୍ଡ ଭିତରେ ପସି ସେନୋସ୍ପିୟର ଟାଣୁଥିଲେ। ତାପରେ ସେ ହଠାତ୍ ଆସପଣ୍ଡ ଭିତରେ ପଡ଼ିଯାଇଥିଲେ। ସେଠାରେ କାମକରୁଥିବା ସୁରକ୍ଷା କର୍ମୀଙ୍କ ଠାରୁ ଖବରପାଇ ତାଙ୍କୁ ପ୍ରଥମେ ଇବଥର୍ମାଲ ଡାକ୍ତରଖାନା ଅଣାଗଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ସମ୍ବଲପୁର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଗଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା କୁହାଯାଇଛି। କୁମ୍ଭାର ବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଦଲେଇଙ୍କ କହିବା କଥା ଯେ ତାଙ୍କ ପରିବାର ଲୋକଙ୍କ ବୟାନ ଅନୁଯାୟୀ ହେମନ୍ତଙ୍କୁ ଫିଡସ୍ ବେମାରୀ ଥିଲା ଓ ସେ ନିଶାସକ୍ତ ରହୁଥିଲେ। ପଡ଼ିଥିବାର କାରଣ ସେଇଆ ହୋଇପାରିଥାଏ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ପୁଲିସ ବନହରପାଲି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମୃତ୍ୟୁ ପରେ ପୁଅର ଚକ୍ଷୁଦାନ କଲା ପରିବାର

**ବରଗଡ଼, ୫।୧୧(ସମିସ):** ବରଗଡ଼ ବ୍ଲକ ଅଧୀନ ଗାଇସିମା ପଞ୍ଚାୟତର ମାଲିପାଲି ଗାଁର ଗଣେଶ ମଲ୍ଲିକ (୨୭)ଙ୍କ ଏକ ସଡକ ଦୁର୍ଘଟଣାରେ ୩ ତାରିଖ ମୃତ୍ୟୁ ଘଟିଥିଲା। ସେ ନିଷ୍ଠା ପରିବାର ଦ୍ୱାରା ଆୟୋଜିତ ଅନେକ ରକ୍ତଦାନ ଶିବିରରେ ରକ୍ତଦାନ କରିଆସୁଥିଲେ।



ନିଷ୍ଠା ପରିବାର ତରଫରୁ ଚକ୍ଷୁ ଦାନ ପାଇଁ ତାଙ୍କ କାକା ପ୍ରହଲ୍ଲାଦ ମଲ୍ଲିକଙ୍କୁ ଅନୁରୋଧ କରାଯାଇଥିଲା। ପୁତୁରାର ଆଖିରେ ଆଉ ଦୁଇ ଜଣ ରଙ୍ଗୀନ ଦୁନିଆଁ ଦେଖି ପାରିବେ ଭାବି ତାଙ୍କ କାକା ଚକ୍ଷୁ ଦାନ ପାଇଁ ସହମତି ଦେଇଥିଲେ। ତାପରେ ଟେକ୍ନିସିଆନଙ୍କ ଦ୍ୱାରା ଚକ୍ଷୁ ଦାନ ପ୍ରକ୍ରିୟା ଶେଷ ହୋଇଛି। ଏହି ମହତ କାମରେ ମାରୱାଡି ମହିଳା ସମିତି ବରଗଡ଼ ଶାଖାର ଅଞ୍ଜୁ ମିତ୍ତଲ ସହଯୋଗ କରିଥିଲେ।

## ପିକ୍‌ଅପ୍ ଧକ୍କାରେ ସାଇକଲ ଆରୋହୀ ମୃତ

**ଦେବଗଡ଼, ୫।୧୧(ସମିସ):** ବାରକୋଟ ଥାନାଞ୍ଚଳର ଝୁମ୍ପୁରା ଗ୍ରାମର ସ୍କୁଲ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ପିକଅପ ଗାଡ଼ି ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ରବି ନାୟକ(୭୫)। ସୂଚନା ଅନୁଯାୟୀ, ଝୁମ୍ପୁରା ଗ୍ରାମର ରବି ଆଜି ସଂଧ୍ୟାରେ ସାଇକଲ ଯୋଗେ ନିକଟସ୍ଥ ସାହିକୁ ଯାଉଥିଲେ। ଏହି ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ସ୍କୁଲ ଛକ ନିକଟରେ ବାରକୋଟରୁ ମରଡ଼ଙ୍ଗ ଅଭିମୁଖେ ଯାଉଥିବା ପିକଅପ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରବିଙ୍କ ମୃତ୍ୟୁ ଘଟିଛି। ସୂଚନାପାଇ ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଏବିଭିପିର ନଗର ସମ୍ମିଳନୀ

**ପଦ୍ମପୁର, ୫।୧୧(ସମିସ):** ପଦ୍ମପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏବିଭିପିର ଓଡ଼ିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ଶିବ ପ୍ରସାଦ ସା, ସମ୍ମାନିତ ଅତିଥି ଭାବେ ଜମଲା ଡିଗ୍ରୀ କଲେଜର ଅଧ୍ୟକ୍ଷ ସ୍ୱାଧୀନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ବିଭାଗ ସଂଗଠନ ମନ୍ତ୍ରୀ ବିଜୟ କଲତା ମଞ୍ଚାସୀନ ଥିଲେ। ସମ୍ପାଦକ ପ୍ରତ୍ୟୁଷ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କିରଣ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଆଦିତ୍ୟ ବନଛୋର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମୁକେଶ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।



# କନସିଂହାରେ କୁଇଜ୍ କାର୍ଯ୍ୟକ୍ରମ

**ପଦ୍ମପୁର, ୫।୧୧(ସମିସ):** ପଦ୍ମପୁର ନିକଟସ୍ଥ କନସିଂହା ଠାରେ ପବିତ୍ର ଅଁଳା ଚତୁର୍ଦ୍ଦଶୀ ଅବସରରେ ପୌରାଣିକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଅଁଳା ଚତୁର୍ଦ୍ଦଶୀ ଦିନ ସମଗ୍ର ଗ୍ରାମବାସୀ ଗୋଟିଏ ସ୍ଥାନରେ ଭୋଜନ କରିଥାନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏବର୍ଷ ପ୍ରଥମ ଥର ନୃତ୍ୟ ଓ କୁଇଜ୍ କାର୍ଯ୍ୟକ୍ରମ କରାଯାଇଥିଲା। ପରମେଶ୍ୱର ବିଶିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଏବଂ ସୁରେନ୍ଦ୍ର ବଡଗୁଛିଆ ଓ ବିଭୁତି ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ ମାଷ୍ଟର ବିରେନ୍ଦ୍ର ପ୍ରଧାନ ଓ ଦିଲୀପ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗାଁର ଆବାଳବୃଦ୍ଧବନିତା ଏଥିରେ ଅଂଶଗ୍ରହଣ କରିବା ସହ ପୁରସ୍କୃତ ହୋଇଥିଲେ। ସୁଦାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଶିରଡ଼ି ସାଇ ମନ୍ଦିର ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା, ୫।୧୧ (ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶିରଡି ସାଇ ସେବା ସଂସ୍ଥାନ, ବଘରାଚକା-ଜୁନାନୀମୁଣ୍ଡା ସ୍ଥିତ ସାଇ ମନ୍ଦିରର ୧୧ ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାର ସକାଳୁ ଶିରଡି ସାଇ ବାବାଙ୍କ ମହାସ୍ନାନ, କାକଡ ଆଳତି ପରେ ଯଜ୍ଞ କରାଯାଇଥିଲା। ମନୋଜ ସାଏ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଦିଲୀପ ପାଣିଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଆଳତି ପରେ ପ୍ରସାଦ ସେବନ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ସାଇବାବାଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ତମାଖୁ ବିକ୍ରି ନେଇ ଚଢ଼ଉ

**ପଦ୍ମପୁର, ୫।୧୧(ସମିସ):** ପଦ୍ମପୁର ସହରର ବିଭିନ୍ନ ପାନ ଦୋକାନ, ଚା ଦୋକାନରେ ତମାଖୁ ବିକ୍ରି ନେଇ ଚଢ଼ଉ କରାଯାଇଛି। ୩୦ଟି ଦୋକାନରୁ ୪୯୫୦ଟଙ୍କା ଜରିମାନା ଆଦାୟ କରି ତାଗିଦ କରାଯାଇଥିଲା। ଏହି ଚଢ଼ଉରେ ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ନିରୀକ୍ଷକ ପରମେଶ୍ୱର ନାଏକ, ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ସିଂ, ପ୍ରସନଜିତ ମହାନ୍ତି, ଅବକାରୀ ଅଧିକାରୀ ଲକ୍ଷ୍ମୀଧର ମାଝୀଙ୍କ ସମେତ ପଦ୍ମପୁର ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।



# ସମ୍ବିଧାନ ସଚେତନତା ଅଭିଯାନ



**ବରଗଡ଼, ୫।୧୧(ସମିସ):** ବରଗଡ଼ ଜିଲ୍ଲାରେ ସମ୍ବିଧାନ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ସଚେତନତା ରଥ ବରଗଡ଼ ଜିଲ୍ଲାର ପ୍ରତ୍ୟେକ ଗାଁକୁ ବୁଲିବ। ଏହାଛଡ଼ା ଅନ୍ୟ ସମସ୍ତ ଜିଲ୍ଲାର ଅନେକ ଗାଁ, ପଞ୍ଚାୟତ, ବ୍ଲକ, ଜିଲ୍ଲା ମୁଖ୍ୟାଳୟରେ ମଧ୍ୟ ସମ୍ବିଧାନ ସଭା ଓ ସମ୍ବିଧାନ ରଥର ପରିକ୍ରମା ଯାତ୍ରା ହେବ। ଦୀର୍ଘ ସାତ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି। ଏବର୍ଷ ୨୬ ଅକ୍ଟୋବରରେ ରାଉରକେଲା (ସୁନ୍ଦରଗଡ଼ ଜିଲ୍ଲା)ରୁ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଛି। 'ସମ୍ବିଧାନ ସଭା' ମାଧ୍ୟମରେ ଭାରତୀୟ ସମ୍ବିଧାନର ଗୁରୁତ୍ୱ, ସାମ୍ବିଧାନିକ ଅଧିକାର, ସଂସଦୀୟ ଗଣତନ୍ତ୍ର ଓ ମାନବ ଅଧିକାର ଉପରେ ଆଲୋଚନାଚକ୍ର ଓ ସଭା ସମିତି କରାଯିବ। ବିଷମତାକୁ ସମାପ୍ତ କରି ସମତାମୂଳକ ସମାଜ ଗଠନ କରିବା ଏହାର ଲକ୍ଷ୍ୟ। ସମସ୍ତ ସଂଗଠନ ଗୁଡିକ ଏକତ୍ରିତ ହୋଇ ଦେଶର ଓ ସମ୍ବିଧାନର ସୁରକ୍ଷା ତଥା ସମାଜର ବିକାଶ ପାଇଁ କାର୍ଯ୍ୟ କରିବା ବର୍ତ୍ତମାନ ସମୟର ଆହ୍ୱାନ ବୋଲି ମତ ପ୍ରକାଶ ପାଇଛି। ଏସବୁ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସମ୍ବିଧାନ ସଚେତନତା ଅଭିଯାନ ୨୦୧୮ ରୁ ଆଜିଯାଏ ନିରନ୍ତର ହୋଇଆସୁଛି।

# ବୋଡାସମ୍ବରରେ ନାଟ୍ୟ ପରମ୍ପରାର ଶତବାର୍ଷିକୀ

**ପଦ୍ମପୁର, ୫।୧୧(ସମିସ):** ବୋଡାସମ୍ବରରେ ୧୯୨୫ ମସିହାରେ ପ୍ରଥମ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ନାଟ୍ୟ ପରମ୍ପରା ଆଜି ୧୦୦ ବର୍ଷରେ ପହଞ୍ଚିଛି। ଏହି ଅବସରରେ ପଦ୍ମପୁରର ଅଗ୍ରଣୀ ଅନୁଷ୍ଠାନ ଅବର୍ଣ୍ଣଗୁଁଡା ନାଟ୍ୟ ସଂସଦ ତରଫରୁ ରାଜବୋଡାସମ୍ବର ହାଇସ୍କୁଲ ପରିସରରେ ଆସନ୍ତା ନଭେମ୍ବର ୯ ରୁ ୧୧ ତାରିଖ ୩ ଦିନ ଧରି ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ ଆୟୋଜିତ ହେବ। ଏନେଇ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଚିନ୍ମୟ ପଣ୍ଡା ଓ ସମ୍ପାଦକ ଅଶୋକ ବହିଦାର ସୂଚନା ଦେଇଛନ୍ତି। ପ୍ରଥମ କରି ଗନ୍ଧମାର୍ଦ୍ଦନ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଏହାର ଉଦ୍‌ଘାଟନ କରିବେ। ଦ୍ୱିତୀୟ ଦିବସରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଓ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସାହୟ ମୀନା ଓ ମଙ୍ଗଳବାର ଉଦ୍‌ଯାପନୀ ସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରର ବିଦ୍ୟାକନକ ଅନୁଷ୍ଠାନ, ଗ୍ୟାନର ପ୍ରତିବାଦ ଅନୁଷ୍ଠାନ, ଦେବଗଡ଼ର ଜାଗରଣ ଆର୍ଟ, ସୋହେଲାର ଡ୍ରାମା ଚେତନା, ଖଡିଆଳର ସାଂସ୍କୃତିକ ଅନୁଷ୍ଠାନ ଓ ପଦ୍ମପୁରର ଲୁ ଅନୁଷ୍ଠାନ ସେମାନଙ୍କ ନାଟକ ପରିବେଷଣ କରିବେ। ଏହି ଅବସରରେ ଅଞ୍ଚଳର ନାଟ୍ୟ କଳାକାର ମାନଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଶ୍ରାମ ମେହେର, ସାଂସ୍କୃତିକ ସମ୍ପାଦକ ଟେନିସ ପଣ୍ଡା, ଉପଦେଷ୍ଟା ଡ.ପ୍ରଦୀପ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।




### ନଭେମ୍ବର ୯-୧୧ ଗନ୍ଧମାର୍ଦ୍ଦନ ନାଟକ ମହୋତ୍ସବ

# ଗୋସାଇଁମଠରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା ମହୋତ୍ସବ

**ଝାରସୁଗୁଡ଼ା, ୫।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ବାଣ୍ଡିପାହାଡ ଗାଁ ସ୍ଥିତ ଗୋସାଇଁମଠ ଠାରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା ମହୋତ୍ସବ ମହା ସମାରୋହରେ ପାଳିତ ହୋଇଛି। ବୁଧବାର ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ମଠ ପରିସରରେ ପୂଜାକାର୍ଯ୍ୟ କରାଯିବା ପରେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଏହାପରେ ପ୍ରସାଦ ବଣ୍ଟନ କରାଯାଇଥିଲା। କିମ୍ବଦନ୍ତୀ ଅନୁଯାୟୀ ଏହି ମଠରେ ପୂର୍ବକାଳରୁ ପୂଜାର୍ଚ୍ଚନା ହୋଇଆସୁଛି। ବର୍ତ୍ତମାନ କମିଟି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୂଜାର୍ଚ୍ଚନା ବେଶ ଧୁମଧାମରେ ପାଳନ କରାଯାଉଛି। ଆଞ୍ଚଳିକ ପରିଚାଳନା କମିଟି ବାଣ୍ଡିପାହାଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ସଭାପତି କୀର୍ତ୍ତନ ଛତ୍ରୀଆ, ସମ୍ପାଦକ ବିଜୟ ପ୍ରଧାନ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଭୋଇ, କମିଟି ସଦସ୍ୟ ସୁଶାନ୍ତ ଭୋଇ, ଦେବର୍ଚ୍ଚନ କିଷାନ, କେଶବ ଭୋଇ, ପ୍ରତାପକୁମୁରା, ଯୁଗଳ ମାଝୀ, ବେଣୁଧର ଭୁଏ, ସୁନୀଲ ପଧାନ, ସନ୍ତୋଷ ଛତ୍ରିଆ, କପିଳ ମାଝୀ, ଈଶ୍ୱର ଭୁଏ, ନିତ୍ୟାନନ୍ଦ ଭୁଏ, ରାଧେଶ୍ୟାମ ମାଝୀ, ବେଣୁଧର ବେନିଆ, ରବି ଧୁରୁଆଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।



# ତୈଳିକ ସମାଜର ବୋଇତ ବନ୍ଦାଣ ଉତ୍ସବ

**ଇବଥର୍ମାଲ, ୫।୧୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବନ୍ଧବାହାଲ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ୧୯ ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସମାଜର ପ୍ରାୟ ୬୦ ପରିବାର ଏହି ଉତ୍ସବକୁ ପାଳନକରିଛନ୍ତି। ମୁଖ୍ୟ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ଏପିଏମ୍ ପ୍ରଦୀପ ଶୁଣ୍ଠି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭବିନୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବନ୍ଧବାହାଲ ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ, ରାଉରକେଲା ଷ୍ଟିଲ ଅଥରିଟି ଅଫ ଇଣ୍ଡିଆର ମହାପ୍ରବନ୍ଧକ ଦୁର୍ଯୋଧନ ସାହୁ, ଲଖନପୁର କୋଇଲା କ୍ଷେତ୍ର ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ତୈଳିକ ସମାଜ ବନ୍ଧବାହାଲ ଶାଖା ସଭାପତି ତ୍ରିଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ପ୍ରଥମେ ଦୁଇଜଣ ଦିବଙ୍ଗତ ସଦସ୍ୟ ଦୀନବନ୍ଧୁ ସାହୁ ଓ ଶ୍ରୀପତି ସାହୁଙ୍କ ଫଟୋରେ ଅତିଥିଗଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରା ଯାଇଥିଲା। ପରେ ସମ୍ପାଦକ ପ୍ରଶାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପଶ୍ଚିମ ଓଡ଼ିଶା ତଥା ଛତିଶଗଡ଼ ସମ୍ପାଗରୁ ଆସିଥିବା ସମାଜର ବିଶିଷ୍ଟ ବ୍ୟକ୍ତି ଯଥା ହୃଷିରାମ ସାହୁ (ସମ୍ବଲପୁର), ଆନନ୍ଦ ସାହୁ (ଝାରସୁଗୁଡ଼ା ବଡମାଲ), ଲଳିତ ପୃଷେଟ୍ (କୁଚିଣ୍ଡା), ଗୋବିନ୍ଦ ସାହୁ (ବଲାଙ୍ଗିର), ବଳଦେବ ସାହୁ (ବଲାଙ୍ଗିର), ଲକ୍ଷ୍ମଣ ସାହୁ, ଗଜେନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ (ଛତିଶଗଡ଼), ପିତାମ୍ବର ମେହେର, ବିରଞ୍ଚି ସାହୁ (ଲଖନପୁର କୁଡାଲୋଇ)ଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରୀତି ସାହୁ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ବନ୍ଧବାହାଲ ସରସ୍ୱତୀ ଶିଶୁ ମନ୍ଦିର, ବନ୍ଧବାହାଲ ହାଇସ୍କୁଲ, ଡିଏସପି ସ୍କୁଲ ବନ୍ଧବାହାଲ ଛାତ୍ରଛାତ୍ରୀ ନୃତ୍ୟ ଗୀତ ଓ ଅଭିନୟ ପରିବେଷଣ କରିଥିଲେ। ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ରବୀନ୍ଦ୍ର ସା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନଙ୍କୁ ମାନପତ୍ର ପ୍ରଦାନକରି ସମ୍ମାନିତ କରାଯାଇଥିଲା। ତୈଳିକ ସମାଜର ଭୀମସେନ ସାହୁ, ବସନ୍ତ ସାହୁ, ରାମଚନ୍ଦ୍ର ସାହୁ, ସଞ୍ଜିବ ସାହୁ, ରବୀନ୍ଦ୍ର ସାହୁ, ସଞ୍ଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# କାର୍ତ୍ତିକମେଳାକୁ ଯାଇ ପଥରରେ ଫସିଲେ ମହିଳା




**ସମ୍ବଲପୁର, ୬।୧୧ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଧମା ଥାନା ଅନ୍ତର୍ଗତ ଭଣ୍ଡାରୀମାଲଠାରେ ଭଣ୍ଡାଡୁଙ୍ଗରୀରେ ବଡ଼ ଧରଣର କାର୍ତ୍ତିକମେଳା ଆୟୋଜନ କରାଯାଏ। ସେଠାରେ ଏକ ପଥର ସନ୍ଧିରେ ଗଳି ପାରିହେବା ସମୟରେ ଆଜି ଜଣେ ମହିଳା ଫସି ଯାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ବହୁ ପରିଶ୍ରମ କରି ପଥର କାଟି ମହିଳାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା।

ଯୁଯୋମୁରା ବ୍ଲକ ଭଣ୍ଡାରୀମାଲଠାରେ ଥିବା ପାହାଡ଼ ଉପରେ କାର୍ତ୍ତିକ ପୂର୍ଣ୍ଣିମାରେ ବଡ଼ ଯାତ୍ରା ହୋଇଥାଏ। ଆଜି ସେଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସକାଳ ପ୍ରାୟ ୯ଟା ସମୟରେ ମେଘପାଲରୁ ଯାତ୍ରା ଦେଖିବାପାଇଁ ଆସିଥିବା ଜଣେ ମହିଳା ପାହାଡ଼ର ଅପରପାର୍ଶ୍ୱକୁ ପଥରସନ୍ଧି ଦେଇ ଯିବାବେଳେ ସେଠାରେ ଫସି ଯାଇଥିଲେ। ମହିଳାଙ୍କ ସ୍ୱାମୀ ଓ ପୁଅ ପଥରରେ ଗଳି ଅନ୍ୟପାଖରେ ବାହାରି ଯାଇଥିବାବେଳେ ସେ ଫସି ଯାଇଥିଲେ। ଚେଷ୍ଟା କରି ବାହାରି ନପାରିବାରୁ ଧମା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସଠାରୁ ଖବର ପାଇ ଅଗ୍ନିଶମ ବିଭାଗର ଆଗ୍ନିକମାନେ ସେଠାରେ ପହଞ୍ଚି ପଥର କାଟିବାସହ ସେଠାରେ ଥିବା ଗଛର ଏକ ଗଣ୍ଡିକୁ ମଧ କିଛିଟା କାଟିବାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ମହିଳାଙ୍କୁ ତୁରନ୍ତ ପାହାଡ଼ ତଳେ ପ୍ରସ୍ତୁତ ହୋଇ ରହିଥିବା ଆମ୍ବୁଲାନ୍ସ ଯୋଗେ ସଦର ଡାକ୍ତରଖାନାକୁ ନିଆଯାଇଥିଲା। ଅଗ୍ନିଶମ ବାହିନୀର ଆଗ୍ନିକମାନେ ପ୍ରାୟ ୪ରୁ ୫ ଘଣ୍ଟା ପରିଶ୍ରମ କରିବାପରେ ଅପରାହ୍ଣ ୩ଟା ବେଳକୁ ଉଦ୍ଧାର କରିଥିଲେ। ଅଗ୍ନିଶମ କର୍ମଚାରୀଙ୍କ କହିବାନୁଯାୟୀ, ଧମା ଥାନାରୁ ଭଣ୍ଡାରୀମାଲଠାରେ ହେଉଥିବା ପୂଜାରେ ଦର୍ଶନ କରିବାକୁ ଯାଇ ପଥରରେ ଜଣେ ଫଶି ଯାଇଥିବା ସୂଚନା ଦେଇଥିଲେ। ତାହା ଭିତରେ ଥିବା ଗଛଟି ଅଡୁଆ ସୃଷ୍ଟି କରିଥିଲା। ପଥର କାଟିବା ପାଇଁ ଛେନି, ହାତୁଡ଼ି ଆଦି ବ୍ୟବହାର କରିବାସହ ମେକାନିକାଲ ସ' ମଧ ବ୍ୟବହାର କରାଯାଇଥିଲା। ମଝି ମଝିରେ ଫସିଥିବା ମହିଳାଙ୍କ ସହ ବାରମ୍ବାର କଥାବାର୍ତ୍ତା ହେବାସହ ପାଣି ପିଇବା ପାଇଁ ଦେଇ ଧୈର୍ଯ୍ୟ ଧରିବାକୁ କହିଥିବା ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏଠାରେ ଯାତ୍ରା ହେବାସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କିନ୍ତୁ ସୁରକ୍ଷା ଓ ଶୃଙ୍ଖଳା ସକାଶେ ପୁଲିସ ବା ପ୍ରଶାସନିକ ଅଧିକାରୀ ମୁତୟନ ନହେବା ବିଡ଼ମ୍ବନାର ବିଷୟ।

# ହୀରାକୁଦ ହତ୍ୟା ଘଟଣାରେ ୭ ଗିରଫ



**ସମ୍ବଲପୁର, ୬।୧୧ (ସମିସ):** ହୀରାକୁଦ ସବଷ୍ଟେସନ ପଡ଼ାରେ ଦୁର୍ଦ୍ଦାନ୍ତ ଅପରାଧୀ କାଲୁ ବାହାଦୂର ହତ୍ୟା ଘଟଣାରେ ହୀରାକୁଦ ପୁଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ହୀରାକୁଦ ଥାନା ଝୁପଡ଼ିପଡ଼ାର ସନି ବେହେରା(୩୩), ପ୍ରତାପ ବେହେରା(୨୪), ସମୀର ବେହେରା(୨୧), କଦମପଡ଼ାର ଜୟନାରାୟଣ ମିଶ୍ର(୨୨), ରାଜ ବାରିକ ଓରଫ ଗୁଡୁ(୨୨), ବନ୍ଧପଡ଼ାର ଶ୍ରୀଧର ପ୍ରସାଦ(୨୫) ଓ ସାହିଲ ବେହେରା(୨୩)। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଭୁଜାଲି, ଲୁହା ଭଲା, ବେଟେନ, ପଥର, ଇଟା ଇତ୍ୟାଦି ଜବତ କରିଛି। ଘଟଣାର ମୁଖ୍ୟ ସନି ବେହେରା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ହୀରାକୁଦରେ ଗତ ୨୦୧୯ ମସିହା ଅଗଷ୍ଟ ୧୫ ତାରିଖରେ ସାନିର ଭାଇ ବଣ୍ଟି ବେହେରାକୁ ମୃତ କାଲୁ ହତ୍ୟା କରିଥିଲା। ପରେ ଏ ନେଇ ଜେଲ ମଧ ଯାଇଥିଲା। କେସ ରଫାଦଫା କରିବା ପାଇଁ ଅଭିଯୋଗକରୀ ସାନିକୁ ବାରମ୍ବାର ଚାପ ମଧ ପକାଉଥିଲା। ତେଣୁ ସାନି ମଧ ସବୁବେଳେ ଭୟଭିତ ହୋଇ ରହୁଥିଲା। ତେଣୁ କାଲୁକୁ ରାସ୍ତାରୁ ହଟାଇବା ପାଇଁ ସାନି ତା ସହଯୋଗୀଙ୍କ ସହ ମିଶି ଯୋଜନା କରିଥିଲା। ସୋମବାର



## ବିଭିନ୍ନ ମାରଣାସ୍ତ୍ର ଜବତ

ସନ୍ଧ୍ୟାରେ କାଲୁକୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। କାଲୁ ନାମରେ, ହତ୍ୟା, ହତ୍ୟା ଧମକ, ହତ୍ୟା ଉଦ୍ୟମ, ଅପହରଣ ଭଳି ପ୍ରାୟ ୨୫ଟି ମାମଲା ରହିଛି। କିଛି ମାସ ପୂର୍ବରୁ ନାବାଳିକା ଅପରହରଣ ଅଭିଯୋଗରେ ଜେଲ ମଧ ଯାଇଥିଲା। ସେହପରି ଅଭିଯୁକ୍ତ ସାନି ନାମରେ ଗୋଟାଏ, ଶ୍ରୀଧର ନାମରେ ୪ଟି, ସମୀର ବେହେରା ନାମରେ ୪ଟି, ପ୍ରତାପ ବେହେରା ନାମରେ ୩ଟି ଓ ଜୟନାରାୟଣ ମିଶ୍ର ନାମରେ ଗୋଟାଏ ଲେଖାଏଁ ମାମଲା ରହିଛି।



କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀ ଶ୍ରୀ ବ୍ରହ୍ମପୁରା ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ



ମୁଦିପଡ଼ା ଜଗନ୍ନାଥ ମନ୍ଦିରରେ ସୁନାବେଶ

# 'ଆଲୋକ'ର ଶିଶୁ କ୍ରୀଡ଼ା ପ୍ରତିଯୋଗିତା



**ସମ୍ବଲପୁର, ୬।୧୧(ସମିସ):** ବୁର୍ଲାସ୍ଥିତ ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସଂସ୍କାର ଜ୍ୟୋତିର ମିଳିତ ଆନୁକୂଲ୍ୟରେ ଆଲୋକ ଶିଶୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଆଲୋକ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ରାମ ନରେଶ ମହାଲିଙ୍ଗ, ସମ୍ବଲପୁର ବିଶ୍ୱବଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ, ଶିକ୍ଷୟିତ୍ରୀ ସରସ୍ୱତୀ ମହନ୍ତ ଅତିଥି ଭାବେ ଯୋଗଦେଇଥିଲେ। ବୁର୍ଲା ଅଞ୍ଚଳର ଦୁଇଶହରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ତାଙ୍କର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁକାନ୍ତ ବେହେରା, ସ୍ୱୀକୃତି ପାଣିଗ୍ରାହୀ, ଅନବିତ ସାହୁ, ଅନୁଭବ ପଣ୍ଡା, ରଜତ ତ୍ରିପାଠୀ, ଦେବବ୍ରତ ମଲ୍ଲିକ, ସୁବ୍ରତ ମଲ୍ଲିକ, ସସ୍ମିତା ଦାସ, ସ୍ମୃତିପ୍ରଜ୍ଞା ସ୍ୱାଇଁ, ଅଲିଭା ବେହେରା, ଅଙ୍କିତ ଦାସ, ରାଜେନ୍ଦ୍ର ମାଝୀ, ସମରେନ୍ଦ୍ର ପ୍ରଧାନ, ଅବିନାଶ ପ୍ରଧାନ, ରୁଦ୍ରନାରାୟଣ ସାହୁ, ରୌନକ ପ୍ରଧାନ, ରଞ୍ଜନ ସ୍ୱାଇଁ, ମଧୁସୂଦନ ସାହୁ, ଦୀପିକା ଓରାମ, ସୁକାନ୍ତି ଓରାମ, ସଂସ୍କାର ଜ୍ୟୋତି ଓ ସଂସ୍କାର କେନ୍ଦ୍ର ବୁର୍ଲାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଜିଗ୍‌ଜାଗ୍ କ୍ଲବ୍‌ର କାର୍ତ୍ତିକେଶ୍ୱର ପୂଜା



**ସମ୍ବଲପୁର, ୬।୧୧(ସମିସ):** ହୀରାକୁଦ ଜିଗ ଜାଗ କ୍ଲବ୍ ଠାରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ରଚନା, ଚିତ୍ରକଳା, ଝୋଟି, ମେହେନ୍ଦି, ଗୀତ, ୱାଲ ପେଣ୍ଟିଂ, ସାଧାରଣ ଜ୍ଞାନ, ମୁଜିକ୍ ଚେୟାର ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ଦିନ ଭଜନ ସନ୍ଧ୍ୟା, ଦ୍ୱିତୀୟ ଦିନ ଲୋକ ନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା, ତୃତୀୟ ଦିନ ଆଧୁନିକ ନୃତ୍ୟ ପ୍ରତିଯୋଗିତା, ଚତୁର୍ଥ ଦିନ ଦଳ ଗୀତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ହିଣ୍ଡାଲ୍‌କୋ ଏଫଆରପି ମାନବ ସମ୍ବଳ ମୁଖ୍ୟ ଶିବ ପ୍ରସାଦ ପଣ୍ଡା, ସିଏସଆର ମୁଖ୍ୟ ଜିତେଶ ରଥ, ବିଘ୍ନେଶ୍ୱର ପଣ୍ଡା, ଆନନ୍ଦ ଚକ୍ରବତୀ ଓ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ସନ୍ତୋଷ ପାଲ ଯୋଗଦାନ କରିଥିଲେ। ଜିଗ ଜାଗ କ୍ଲବ୍‌ର ସଭାପତି ମହେଶ୍ୱର ଷଣ୍ଡ, ଉପ ସଭାପତି କାର୍ତ୍ତିକ କଲେତ୍, ପ୍ରୋମଦ ଗର୍ତ୍ତ, ପବିତ୍ର କୁମାର ମିଶ୍ରର ସମ୍ପାଦକ ହୁର୍ଦ୍ଦାନନ୍ଦ୍ ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ, ଦୀପକ ଜ୍ୟୋତିଷ, ଟୁଲୁ ପଟ୍ଟନାୟକ ସହଯୋଗ କରିଥିଲେ। ଲିଜା ବେହେରା ମଞ୍ଚ ପରିଚାଳନା କରୁଥିଲେ। ଆଜିର ନୃତ୍ୟ ପ୍ରତିଯୋଗିତାରେ ଜିଗଜାଗ ଦ ବର୍ନ ଅଫ ଆର୍ଟ ହୀରାକୁଦ ପ୍ରଥମ ସ୍ଥାନ, ଟିମ୍ ୱାନ ରାଉରକେଲା ଦ୍ୱିତୀୟ ଓ ଥିମ କ୍ରିଏସନ କନସୋଲେସନ ଫେସଟୁଫେସ ସମ୍ବଲପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ବିଶ୍ୱରୂପ ମିଶ୍ର ଉପସ୍ଥିତ ଥିଲେ।



# ଦୋକାନ ଭାଙ୍ଗି ଚୋରି

**କୁଚିଣ୍ଡା, ୫।୧୧(ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ ବକ୍ସମା ଗ୍ରାମର ଏକ ଚା ଓ ପାନ ଦୋକାନର କବାଟ ଭାଙ୍ଗି ଗତ ରାତ୍ରିରେ ଦୁର୍ବୃତ୍ତ ଫ୍ରିଜ ଚୋରି ନେଇଛନ୍ତି। ଏହି ଚୋରି ବାବଦରେ ଦୋକାନ ମାଲିକ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବକ୍ସମା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗ୍ରାମର ଜିତୁ ସାହୁ ଏକ ଚା ଓ ପାନ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଗତ ରାତ୍ରିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ଅର୍ଥାତ ବୁଧବାର ସକାଳୁ ଦୋକାନ ଖୋଲିବା ପାଇଁ ଆସି ଦୋକାନର କବାଟ ଭଙ୍ଗା ଯାଇଥିବା ଏବଂ ଦୋକାନ ଭିତରେ ଥିବା ଫ୍ରିଜ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେ କୁଚିଣ୍ଡା ଥାନାରେ ଘଟଣା ବାବଦରେ ଲିଖିତ ଅଭିଯୋଗ କରିଛନ୍ତି।ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଆୟୁଷ ଛାତ୍ରଙ୍କ ଦାବି ଶୁଣିଲେନି ସରକାର

**ସମ୍ବଲପୁର, ୬।୧୧(ସମିସ):** ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ପୂରଣ କଲେନି ନୂତନ ସରକାର। ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ଣ୍ଣପାତ କଲେ ନାହିଁ। ତେଣୁ ଆଜି(ଗୁରୁବାର) ଠାରୁ ରାଜ୍ୟର ସମସ୍ତ ଆୟୁଷ ଛାତ୍ରଛାତ୍ରୀ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବେ। ଏଥିପାଇଁ ସ୍ଥାନୀୟ ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି ଲେଖି ଅବଗତ କରିଛି ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚରେ ମଧ କଳାବ୍ୟାଚ ପିନ୍ଧି ପ୍ରତିବାଦ କରାଯିବ ବୋଲି ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲି କହିଛନ୍ତି। ସେ କହିଛନ୍ତି ପୂର୍ବରୁ ସରକାରଙ୍କୁ ବିଭିନ୍ନ ଦାବି ନେଇ ଅବଗତା କରାଯାଇଥିଲା। ଓପିଏସି ମାଧ୍ୟମରେ ଆୟୁଷ ଡାକ୍ତରୀ ପଦ ସୃଷ୍ଟି କରିବା। ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ମାତ୍ର ୬୧୯ ଏଏମଓ ଏବଂ ୫୯୫ ଏଚଏମଓ ରହିଛନ୍ତି। ଉଚ୍ଚଶିକ୍ଷା ସୁବିଧାକୁ ଗୁରୁତ୍ୱ ଦିଆଯାଉ। ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଉ। ରାଜ୍ୟ ସ୍ୱାସ୍ଥ୍ୟସେବା ଯୋଜନାରେ ଆୟୁଷ ଡାକ୍ତରଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ଲୋକଙ୍କ ମଧ ଆୟୁଷ ଚିକିତ୍ସା ଉପରେ ସଚେତନ କରାଯାଉ। ଏପରି ଅନେକ ଦାବି ବିଷୟରେ ନୂତନ ସରକାରଙ୍କୁ ଅବଗତ କରାଯାଇଥିଲା। କ୍ଷମତାକୁ ଆସିଥିବା ସରକାର ମଧ ଏ ବିଷୟରେ ଚିନ୍ତା କରି ସମସ୍ତ ଦାବି ପୂରଣ କରିବ ବୋଲି ଆଶା ମଧ ରହିଥିଲା ବୋଲି ସେ କହିଛନ୍ତି। ଚଳିତ ମାସ ୫ ତାରିଖ ମଧରେ ଏହାକୁ ପୂରଣ କରିବାକୁ ଅନୁରୋଧ ମଧ କରାଯାଇଥିଲା। ହେଲେ ସରକାର ଏହାକୁ ଗୁରୁତ୍ୱ ସହ ଗ୍ରହଣ କରିନାହାନ୍ତି। ତେଣୁ ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ସଂଘ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିବ। ଛାତ୍ରଛାତ୍ରୀମାନେ ବ୍ୟାଚ ପିନ୍ଧି କ୍ଲାସ ମଧ କରିବେ ବୋଲି ସୂଚନା ରହିଛି।

**ଆଜିଠୁ କଳାବ୍ୟାଜ ପିନ୍ଧି ପ୍ରତିବାଦ**

# ମହାନଦୀରେ ଭାସିଲା କାଗଜ ଡଙ୍ଗା

**ସମ୍ବଲପୁର, ୬।୧୧ (ସମିସ) :** "ଆ କା ମା ବଇ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର ..."। ଆଜି ମହାନଦୀର ସମସ୍ତ ଘାଟରେ ହଜାର ହଜାର ଭକ୍ତ କାଗଜ ଡଙ୍ଗା ଭସାଇଥିଲେ। ରଙ୍ଗବେରଙ୍ଗ ତଥା ବିଭିନ୍ନ ଆକାରର ଡଙ୍ଗାରେ ରଙ୍ଗୀନ ଦେଖାଯାଉଥିଲା ମହାନଦୀ। ପୁଣି ଡଙ୍ଗା ମାନଙ୍କରେ ଦୀପଟିଏ ଜଳୁଥିବାବେଳେ ତାହାସହିତ ଫୁଲ, ଅକ୍ଷତ ଆଦି ପୂଜାର୍ଚ୍ଚନା କରାଯାଇଥିଲା। ଧର୍ମ ମାସ କାର୍ତ୍ତିକର ଶେଷଦିନ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ଲୋକେ ହାତଯୋଡ଼ି ପ୍ରଣାମ କରୁଥିଲେ। ସମ୍ବଲପୁରରେ ମହାନଦୀ କଡ଼ ରିଂରୋଡ୍‌ରେ ଯାତ୍ରା ଭଳି ମାହୋଲ ସୃଷ୍ଟି ହୋଇଥିଲା। ଶହ ଶହ ପରିବାର ଡଙ୍ଗା ଭସାଇବାକୁ ଆସିଥିବାବେଳେ ଶିଶୁମାନଙ୍କ ମଧରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା।

ମହାନଦୀରେ ଡଙ୍ଗା ଭସାଇବା ପରେ ମନ୍ଦିର ମନ୍ଦିର ବୁଲି ଠାକୁରଙ୍କୁ ଦର୍ଶନ କରୁଥିଲେ। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରଠାରୁ ଆରମ୍ଭ କରି ଛୋଟବଡ଼ ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ବିଭିନ୍ନ ସ୍ଥାନରେ ହେଉଥିବା ଅଷ୍ଟପ୍ରହରୀ, ଚବିଶ ପ୍ରହରୀ ନାମଯଜ୍ଞ ମଧ




ଶେଷ ହୋଇଛି। ସାରା ସମ୍ବଲପୁର ସହର ଯେପରି କେଉଁ ଏକ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା। ଅଁଳା ନବମୀ ପରଠାରୁ ଆରମ୍ଭ ହୋଇଥିବା ପଞ୍ଚୁକ ବ୍ରତ ଆଜି ଉଦ୍‌ଯାପିତ ହୋଇଛି। ହବିଷ୍ୟାଳିମାନେ ମାସକର ବ୍ରତପରେ ଆଜି ତାହାର ପୂର୍ଣ୍ଣାହୂତି ଦେଇଛନ୍ତି। ସବୁରି ମୁହଁରେ ଗୁଆପାନ ତୋର, ମାସକ ଧରମ ମୋର।

ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ମାଣବସା ଗୁରୁବାର। ଏଥିପାଇଁ ଘରେ ଘରେ ଲକ୍ଷ୍ମୀଙ୍କ ଆବାହନ ସକାଶେ ସମ୍ମୁଖରେ ଗୋବରଲିପା ଯାଇଛି। ଚଳିତବର୍ଷ ରାସ ପୂର୍ଣ୍ଣିମା ବା କାର୍ତ୍ତିକ ପୂର୍ଣ୍ଣିମା ନସରୁଣୁ ମାର୍ଗଶିର ମାସ ମାଣବସା ଗୁରୁବାର ପଡୁଥିବାରୁ ବଜାରରେ ମାଣବସା ଗୁରୁବାରର ସାମଗ୍ରୀ ମଧ ଉପଲବ୍ଧ ହେଉଛି। ସେଥିପାଇଁ ମଧ ଲୋକେ ଭିଡ଼ ଲଗାଇଛନ୍ତି।

**କୁଚିଣ୍ଡା:** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସାଧବପୁଅଙ୍କୁ ନୌବାଣିଜ୍ୟକୁ ମନେ ପକାଇବା ପାଇଁ ରିତିନୀତି ଅନୁସାରେ ନଦୀମାନଙ୍କରେ ବୋଇତ ବନ୍ଦାଣ କରାଯାଉଛି। କୁଚିଣ୍ଡାରେ ମଧ ବିଭିନ୍ନ ଜଳାଶ୍ରୟ ଓ ନଦୀ ଘାଟରେ ଶ୍ରଦ୍ଧାଳୁ ଭୋରରୁ ବୁଡ଼ ପକାଇ ପୂଜାର୍ଚ୍ଚନା କରି ବୋଇତ ବନ୍ଦାଣ କରିଛନ୍ତି। ବଡି ଭୋରରୁ ନଦୀ ଘାଟମାନଙ୍କରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

# ସେନ୍‌ପାର୍କ ସ୍ଥିତି ସମୀକ୍ଷା କଲେ ଆୟୁକ୍ତ

**ସମ୍ବଲପୁର, ୬।୧୧ (ସମିସ) :** ସମ୍ବଲପୁରର କେନ୍ଦ୍ରସ୍ଥଳୀରେ ରହିଛି ସେନପାର୍କ। ଏଠାକୁ ପ୍ରତିଦିନ ସକାଳ ସନ୍ଧ୍ୟାରେ ବହୁସଂଖ୍ୟାରେ ବରିଷ୍ଠ ନାଗରିକ ଓ ମହିଳା ପ୍ରାତଃଭ୍ରମଣ କରିବାକୁ ଆସନ୍ତି। ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମହାନଗର ନିଗମକୁ ହସ୍ତାନ୍ତର କରାଯାଇଛି। ବହୁ ସମୟରେ ପାର୍କରେ ସଫେଇ ହେଉନଥିବାବେଳେ ଶିଶୁମାନଙ୍କ ସକାଶେ ଥିବା ଖେଳ ଉପକରଣ ଗୁଡ଼ିକ ଭାଙ୍ଗିଯାଇଛି। ତାହାକୁ ମରାମତି ବା ବଦଳ କରାଯାଉନାହିଁ। ସେହିସ୍ଥାନରେ ନୂତନ ଅତ୍ୟାଧୁନିକ କ୍ରୀଡ଼ା ଉପକରଣ ଲଗାଇବା ପାଇଁ ଦାବି ହେଉଛି। ଏହାସହ ପାଥ୍‌ୱେ ଗୁଡ଼ିକର ସମ୍ପ୍ରସାରଣ ତଥା ଜିମ୍ ସକାଶେ ମଧ ଦାବି କରାଯାଉଛି। ଆଜି ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ସେନପାର୍କକୁ ଯାଇ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଥିଲେ। ଏହି ସମୟରେ ସେନପାର୍କ ସୁରକ୍ଷା ସମିତିର ମହମ୍ମଦ ସନାଉଲ୍ଲା ଓ ଅନ୍ୟମାନେ ଉପସ୍ଥିତ ରହି ସୁବିଧା ଅସୁବିଧା ବିଷୟରେ ଅବଗତ କରିଥିଲେ। ମହାନଗର ନିଗମ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ରେଷ୍ଟ ସେଡ୍ କରାଯିବାସହ ପାର୍କର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଜଣାପଡ଼ିଛି।



ଆୟୁକ୍ତଙ୍କ ସହ ଅତିରିକ୍ତ ଆୟୁକ୍ତ ସୁଶାନ୍ତ କୁମାର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ଆୟୁକ୍ତ ଶ୍ରୀ ଖତ୍ରୀ ହାୱା ମଇଦାନର ଗାନ୍ଧୀ ପାର୍କକୁ ମଧ ଯାଇ ସ୍ଥିତି ସମୀକ୍ଷା କରିଥିଲେ।

# ସମ୍ବଲପୁରରେ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପାଇଁ ୧୨୦ ଏକର ଚିହ୍ନଟ

**ସମ୍ବଲପୁର, ୬।୧୧ (ସମିସ)**

ସମ୍ବଲପୁରଠାରେ ହେବାକୁ ଯାଉଛି ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ। ଏଥିପାଇର୍ ରାଜ୍ୟ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମଞ୍ଜୁରୀ ଦେଇସାରିଛି। ସମ୍ବଲପୁର ଉପକଣ୍ଠରେ ୧୨୦ ଏକର ଜମି ଚିହ୍ନଟ ମଧ ହୋଇଛି। ଗୋଟିଏ ପରିସର ମଧରେ ଫୁଟବଲ, କ୍ରିକେଟ, ହକି, ଭଲିବଲ, କବାଡ଼ି ଆଦି ବିଭିନ୍ନ କ୍ରୀଡ଼ା ପାଇଁ ସ୍ୱତନ୍ତ୍ର ଓ ଅତ୍ୟାଧୁନିକ ଷ୍ଟାଡିଅମ ସହ ଆନୁସଙ୍ଗିକ ସୁବିଧା ଏଠାରେ ରହିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ସରିଥିବାବେଳେ ପଶ୍ଚିମ ଓଡ଼ିଶାର କ୍ରୀଡ଼ା ପ୍ରତିଭା ମାନଙ୍କ ପାଇଁ ଏହା ବରଦାନ ହେବ ବୋଲି ମତପ୍ରକାଶ ପାଉଛି। ସମ୍ବଲପୁରରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ମୁଖ୍ୟ ଉତ୍ତରାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟ ଓ ଉତ୍ତରାଞ୍ଚଳ ଆଇଜି କାର୍ଯ୍ୟାଳୟ ଥିବାବେଳେ ବହୁଦିନରୁ ଏକ ବହୁମୁଖୀ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ଦାବି ରହିଆସିଥିଲା। ଉଲ୍ଲେଖଯୋଗ୍ୟ ଯେ, ନିକଟ ଅତୀତରେ ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ବାହାରିନଠାରେ ଆୟୋଜିତ ଏସୀୟ ଯୁବକ୍ରୀଡ଼ାର ୧୮ ବର୍ଷରୁ କମ୍ ମହିଳା କବାଡ଼ି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାସହ ଦଳ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ସେହିଭଳି ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲା ମାନଙ୍କର କ୍ରୀଡ଼ା ପ୍ରତିଭା ରାଜ୍ୟ ତଥା ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାର ନଜିର ରହିଛି।

ପଶ୍ଚିମ ଓଡ଼ିଶାରେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଅନେକ ଅଭିଜ୍ଞ ଓ ନବୀନ ଖେଳାଳି ଅଛନ୍ତି। ସେମାନଙ୍କ ମଧରୁ ଅନେକେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ତେବେ, କ୍ରୀଡ଼ା ଭିତ୍ତିଭୂମିର ଅଭାବରୁ ବହୁ ନୂତନ ପ୍ରତିଭା ଲୋକଲୋଚନକୁ ଆସିନପାରି ମଉଳି ଯାଉଛନ୍ତି। ଏଭଳି କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରଠାରେ କଳିଙ୍ଗ ଷ୍ଟାଡିଅମ ଭଳି ଏକ ଅତ୍ୟାଧୁନିକ ଏବଂ ଆନ୍ତର୍ଜାତିକ ସୁବିଧା ଥିବା ସ୍ପୋର୍ଟସ କମ୍ପ୍ଲେକ୍ସ କ୍ରୀଡ଼ା ମହଲରେ ଉତ୍ସାହର ବାତାବରଣ ସୃଷ୍ଟି କରିଛି। ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାସହ ଯୁବ ପ୍ରତିଭାଙ୍କୁ ତାଲିମ ଦେଇ ଦକ୍ଷ କରାଯାଇପାରିବ।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ବିଭିନ୍ନ ଖେଳକୁ ନେଇ ସମ୍ବଲପୁରରେ ଏକ ମଲ୍ଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ କରିବା ଯୋଜନା ରହିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଜମି ଚିହ୍ନଟ ପାଇଁ ଏକ ଚିଠି ମଧ ଆସିଛି। ଏଥିପାଇଁ ଯୋଗୀପାଲି ଓ ଗୋଶାଳା ଅଞ୍ଚଳରେ ଜମି ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାକୁ ନଜରରେ ରଖି ଗୋଟିଏ ଜାଗା ଚିହ୍ନଟ କରାଯିବ। ପ୍ରାୟ ୧୦୦ ରୁ ୧୨୦ ଏକର ବିଶିଷ୍ଟ ଏହି ଷ୍ଟାଡିୟମ ତିଆରି ହେବ। ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନ୍ତର୍ଜାତୀୟସ୍ତରର ସ୍ପୋର୍ଟ୍ସ ଷ୍ଟାଡିୟମ, ଫୁଟବଲ ଷ୍ଟାଡିୟମ, ସନ୍ତରଣାଗାର ତଥା ସମସ୍ତ ପ୍ରକାର କ୍ରୀଡ଼ା ସକାଶେ ସୁବିଧା ଉପଲବ୍ଧ ହେବ। ରାଜ୍ୟରେ କଳିଙ୍ଗ ଷ୍ଟାଡିୟମ ପରେ ଏହା ଦ୍ୱିତୀୟ ବଡ଼ ଷ୍ଟାଡିୟମ ହେବ। ଜମି ଚିହ୍ନଟ ସରିଥିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ଏକ ଆର୍କିଟେକ୍ଟ ସଂସ୍ଥା ମଧ ନିୟୋଜିତ କରିଛନ୍ତି। ବର୍ତ୍ତମାନ ଏହି ଯୋଜନା ଜମି ଚିହ୍ନଟ ଓ ଡିପିଆର ପ୍ରସ୍ତୁତ ସ୍ତରରେ ରହିଥିବାବେଳେ କାମ ଆରମ୍ଭର ୩ ବର୍ଷ ମଧରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

୭ ତାରିଖ ଭାରତରେ ହକିର ୧୦୦ ବର୍ଷ ପୂର୍ତ୍ତି

# ମାଧୋ ସିଂ ହକି ଏକାଡେମୀ ପକ୍ଷରୁ ଖେଳାଯିବ ୪ ମ୍ୟାଚ୍

**ସମ୍ବଲପୁର, ୫ା୧୧ (ସମିସ) :** ଭାରତରେ ହକର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୭ ତାରିଖ ସାରା ଦେଶରେ ଏକକାଳୀନ ୧୦୦୦ଟି ପୁରୁଷ ଓ ମହିଳା ମ୍ୟାଚ୍ ସକାଳ ୮ଟାରୁ ୧୨ଟା ମଧ୍ୟରେ ଖେଳାଯିବ। ଏହି ଅବସରରେ ଯୁଯୋମୁରାସ୍ଥିତ ହକି ଷ୍ଟାଡିଅମ୍‌ରେ ଉଭୟ ପୁଅ ଓ ଝିଅ ହକି ଖେଳାଳୀଙ୍କ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସହିଦ ମାଧୋ ସିଂ ହକି ଏକାଡେମୀର ସମ୍ପାଦକ ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି ଜଣାଇଛନ୍ତି। ଏହାର ରେକର୍ଡିଂ ହକି ଇଣ୍ଡିଆ ୱେବ୍‌ସାଇଟ୍‌ରେ ସାରା ବିଶ୍ୱରେ ପ୍ରଦର୍ଶିତ ହେବ। ଏଥିରେ ହକି ପାଇଁ ଅବଦାନ ଥିବା ସ୍ଥାନୀୟ ବ୍ୟକ୍ତିବିଶେଷ ତଥା ଜାତୀୟସ୍ତରର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଆସନ୍ତା ୭ ତାରିଖ ସାରା ଦେଶରେ ହକି ତାର ୧୦୦ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଶହେ ବର୍ଷ ପୂର୍ବରୁ ଗ୍ୱାଲିଅରଠାରେ ପ୍ରଥମ ବୈଠକ ୧୯୨୫ ମସିହା ନଭେମ୍ବର ୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ସାରା ଦେଶରେ ୧୦୦୦ଟି ହକି ମ୍ୟାଚ୍ ଏକସଙ୍ଗରେ ଖେଳାଯାଇ 'ଗିନିଜ୍ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହଯୋଗରେ ଯୁଯୋମୁରାସ୍ଥିତ ହକି ଷ୍ଟାଡିଅମ୍‌ଠାରେ ସହିଦ ମାଧୋ ସିଂ ହକି ଏକାଡେମୀ ପକ୍ଷରୁ ଏହି ଉତ୍ସବ ଆଡ଼ମ୍ବର ସହ ପାଳନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ମାଧୋ ସିଂ ହକି ଏକାଡେମୀର ସମ୍ପାଦକ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ୨୨ତମ ବାଲିଯାତ୍ରା ମହୋତ୍ସବ

**କୁଚିଣ୍ଡା, ୫ ।୧୧(ସମିସ):** କୁଚିଣ୍ଡା ୱାର୍ଡ଼ ନଂ ୯ ଓ ୱାର୍ଡ଼ ନଂ୧୦ ସଇଡ଼ା ମଧ୍ୟରେ ପ୍ରବାହିତ ନଦୀର ବିସ୍ତୀର୍ଣ୍ଣ ବାଲି ଗଦା ଉପରେ ୨୨ ବର୍ଷ ଧରି ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ



ହେଉଛି। ୩ ତାରିଖ ସକାଳ ୧୦ ଟାରେ ବାଲିଯାତ୍ରା ପଡ଼ିଆରେ ଶୁଭ କଳସ ସ୍ଥାପନ ହୋଇଥିଲା। ୪ ତାରିଖ ସକାଳ ୯ ଟାରେ ବଡଓଷା ବ୍ରତ ପାଳନ ଓ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ଣ ୩ ଟାରେ କବିତା ଆସର ଓ ସନ୍ଧ୍ୟା ୫ ଟାରେ ପାଲା ପରିବେଷଣ କରାଯାଇଥିଲା।୫ ତାରିଖ ଭୋରୁ ବୋଇତ ବନ୍ଦାଣ ଡଙ୍ଗା ଭସା, କାର୍ତ୍ତିକ ମହାପ୍ରଭୁ ହରଗୌରୀ, ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୂତୀ ହୋଇଥିବା ବେଳେ ଦିନ ୧ ଟାରୁ ୩ ଟା ରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ୩ ଟାରୁ ୬ ଟା ଦଳଗତ ନୃତ୍ୟ ପ୍ରତିଯୋଗୀତା। ସନ୍ଧ୍ୟା ୬ ଟାରୁ ରାତ୍ରି ୮ଟା ସମ୍ବଲପୁରୀ ଆର୍କେଷ୍ଟ୍ରା। ରାତ୍ର ୮ ଟାରେ ସମ୍ବଲପୁରୀ ବସ୍ତ୍ରର ଫେସନ ସୋ ହୋଇଥିଲା।ବାଲିଯାତ୍ରା ମହୋତ୍ସବ ସଇଡ଼ା, କୁଣ୍ଡାପୋଷି ଗ୍ରାମବାସୀ ତଥା ବହୁ ଶୁଭେଚ୍ଛୁଙ୍କ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂଜାକମିଟୀ ସଭାପତି ବିଜୁ ସାହୁ, ବିଶ୍ୱନାଥ କଣ୍ଡାର, ଦିବ୍ୟରାଜ ବାରିକ, ପୁଲସ୍ତି ପାତ୍ର, ଲମ୍ବୋଦର ସାହୁଙ୍କ ସହଁ ବହୁ ବରିଷ୍ଠ ବ୍ୟକ୍ତିଙ୍କ ଅତୁଳନୀୟ ଅବଦାନ ଶାନ୍ତି ଶୃଙ୍ଖଳା ସହ ସମାପ୍ତ ହୋଇଛି।

# ମହେନ୍ଦ୍ର ବାରିକ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ସମ୍ବର୍ଦ୍ଧିତ



**ଝାରବନ୍ଧ, ୫ା୧୧(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟରରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିବସ ସାହୁଙ୍କ ତତ୍ତ୍ୱାବଧାନରେ ଅମଠି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ କ୍ଲଷ୍ଟର ସ୍ତରୀୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ସଂକ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସିଆରସିସି ଶ୍ରୀ ସାହୁଙ୍କ ସହ ଅମଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭୁଦାସ ମହାନନ୍ଦ ଏବଂ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ। ମାସିକ କ୍ଲଷ୍ଟର ସ୍ତରୀୟ ବୈଠକକୁ ରିଙ୍କୁ ମହାମଲ୍ଲିକ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ମାର୍ଗଦର୍ଶିକା ଅନୁସରଣ କରି ବୈଠକ ଅନୁଷ୍ଠିତ ହୋଇଥିଲା। ଅମଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୈକ୍ଷିକ ଏବଂ ଭୌତିକ ପରିବେଶକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଦର୍ଶନ କରିଥିଲେ। ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମହାନନ୍ଦଙ୍କ ହାତ ତିଆରି ସ୍ୱଳ୍ପ ମୂଲ୍ୟ ତଥା ବିନା ମୂଲ୍ୟର ଶିକ୍ଷଣ ସାମଗ୍ରୀ ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀ ଗୃହରେ ସିସିଟିଭି କ୍ୟାମେରା ସଂଯୋଗ କରାଯାଇଛି। ଯାହାକି ଅଭିଭାବକ ମାନଙ୍କ ମୋବାଇଲରେ ଦେଖିପାରିବେ, ବିଦ୍ୟାଳୟରେ ଇଣ୍ଟରନେଟ, ସାବୁନ ବ୍ୟାଙ୍କ, ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ, ପୋକ୍ସ ମତାମତ ବାକ୍ସ ଆଦି ଅନେକ କାର୍ଯ୍ୟକ୍ରମ ପ୍ରଶଂସିତ ହୋଇଥିଲା।ଶେଷରେ ସଂକ୍ରି ସେବାଶ୍ରମ ପ୍ରଧାନ ଶିକ୍ଷକ ଲଳିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ

ହେରିଟେଜ୍ ଆମ୍ବାସଡର୍ ଭାବେ ଯୁବପିଢ଼ି

# ରାଜାବଖ୍ରୀରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

**ସମ୍ବଲପୁର, ୫ା୧୧ (ସମିସ)**



ଛାତ୍ରଛାତ୍ରୀମାନେ ବୁଧବାର ସମ୍ବଲପୁରର ରାଜା ବଖରୀର ଇତିହାସ ଏବଂ ସଂରକ୍ଷଣ ଉପରେ ଜ୍ଞାନ ଆହରଣ କରିଥିଲେ। ସମ୍ବଲପୁରରେ ବହୁ ଐତିହାସିକ କିର୍ତ୍ତୀରାଜି ରହିଛି। ଏନେଇ ଯୁବପିଢ଼ି ଅବଗତ ହେବାସହ ଏହାର ସଂରକ୍ଷଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ ରହିଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ, ଜାତୀୟ ସେବା ଯୋଜନା ଏବଂ ଐତିହ୍ୟ କ୍ଲବ ଆନୁକୂଲ୍ୟରେ ଆଜି ସମ୍ବଲପୁରର ରାଜା ବଖରୀଠାରେ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ କିପରି ଐତିହ୍ୟ ଦୂତ (ହେରିଟେଜ୍ ଆମ୍ବାସଡର୍) ଭାବରେ ଆମର ପୂର୍ବଜ ମାନଙ୍କ କିର୍ତ୍ତୀରାଜିଗୁଡ଼ିକୁ ସଂରକ୍ଷଣ କରି ଆଗାମୀ ପିଢ଼ିକୁ ହସ୍ତାନ୍ତରିତ କରିପାରିବେ ତାହାହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏଥିରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଜିଏମ୍‌ୟୁ ଇତିହାସ ବିଭାଗ ମୁଖ୍ୟ ତଥା ବିକଶିତ ଭାରତ କାର୍ଯ୍ୟକ୍ରମର ସଂଯୋଜକ ଡଃ ଅତୁଲ ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ଇତିହାସ ଗବେଷକ ଦୀପକ କୁମାର ପଣ୍ଡା ଯୋଗଦେଇ ରାଜପ୍ରାସାଦର ନିର୍ମାଣ ଶୈଳୀ ଏବଂ ଇତିହାସରେ ଏହାର ଅବଦାନ ବିଷୟରେ ବୁଝାଇଥିଲେ। ଏହା ବହୁ ଐତିହାସିକ ଘଟଣାର ମୂକସାକ୍ଷୀ ହୋଇଥିବାବେଳେ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ବୋଲି କହିଥିଲେ। ପ୍ରତ୍ୟେକ ଐତିହ୍ୟ ସ୍ଥଳ ଗୁରୁତ୍ୱପୂର୍ଣ୍ଣ, ଏହିଭଳି ଭାବେ ଯୁବପିଢ଼ି ଆଗେଇ ଆସିଲେ ଆମ ଇତିହାସର ଏକ ପୁନଃଜାଗରଣ ହେଇପାରିପାରିବ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ଭୋଇ ଏବଂ ସ୍ୱେଚ୍ଛାସେବୀ ସନ୍ତୋଷ ବେହେରା ଛାତ୍ରଛାତ୍ରୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନେ ସ୍ଥାନୀୟ ଲୋକ ମାନଙ୍କୁ ଏହାର ଗୁରୁତ୍ୱ ବିଷୟରେ ବୁଝାଇବାସହ ଶ୍ରମଦାନ କରି ରାଜାବଖ୍ରୀ ଐତିହ୍ୟସ୍ଥଳକୁ ସଫା କରିଥିଲେ।

# ବିକାଶରେ ବିଜ୍ଞାନ ମେଳା 'ବିଦ୍ୟା ବିକାଶ ଇନୋଭିଜନ-୨୦୨୫'

**ସମ୍ବଲପୁର, ୫ା୧୧ (ସମିସ) :** ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପକ୍ଷରୁ ଶନିବାର ବିଜ୍ଞାନ ମେଳା 'ବିଦ୍ୟା ବିକାଶ ଇନୋଭିଜନ୍-୨୦୨୫' ଅନୁଷ୍ଠିତ



ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ରାମାୟଣ ଓ ଗୁରୁକୁଳ ଆଶ୍ରମ, ଗାଁ ହାଟ, ବିଭିନ୍ନ ବ୍ୟଞ୍ଜନ ଉପରେ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ଦେଖି ଆୟୁକ୍ତ ଖୁସିବ୍ୟକ୍ତ କରିଥିଲେ। ମେଳାରେ ଛାତ୍ରଛାତ୍ରୀମାନେ ନୂତନ କାରିଗରି କୌଶଳ, ଜୈବ ରସାୟନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ସୁପରିଚାଳନା, ଶିଳ୍ପାୟନ ଓ ଭବିଷ୍ୟତ ଗମନାଗମନର ବିକାଶ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ଓଡ଼ିଆ-ଇଂରାଜୀ-ସଂସ୍କୃତ ଓ ହିନ୍ଦୀ ଭାଷା ଓ ସାହିତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ଗୀତ, ନୃତ୍ୟ, ବାଦ୍ୟ, ପୋଷାକ, ଶିକ୍ଷଣ ସାମଗ୍ରୀ ଓ ଗାଣିତିକ ପ୍ରତିରୂପାୟନ ଆଦି ସୃଜନଶୀଳ ବିଷୟବସ୍ତୁ ଉପରେ ଆଧାରିତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା।



ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ପାଇଁ ଏପରି ବିଜ୍ଞାନ ମେଳା ଏକ ସେତୁ ବୋଲି ପ୍ରକାଶ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ ଛାତ୍ରଛାତ୍ରୀଙ୍କୁ ସାହସ, ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ଆବଶ୍ୟକତା ହିଁ ବ୍ୟକ୍ତିକୁ ଏକ ସଫଳ ବୈଜ୍ଞାନିକ କରିପାରେ ବୋଲି ମତ ରଖିଥିଲେ। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ସ୍ୱାଗତ ଭାଷଣ ସହ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏକାଡେମିକ୍ ଆଡ୍‌ଭାଇଜର ନବୀନ ଶର୍ମା, ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧକ୍ଷ ଈଶ୍ୱର ନାଗ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡଃ ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧକ୍ଷ ଯଶୱନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିକାଶ ସିନିଅର ସେକେଣ୍ଡାରୀ ସ୍କୁଲ ଅଧକ୍ଷା ଡଃ ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜୀବ ବିଶ୍ୱାସଙ୍କ ପରଲୋକ

**ସମ୍ବଲପୁର, ୫ା୧୧ (ସମିସ):** ସମ୍ବଲପୁରର ଜଣାଶୁଣା କ୍ରୀଡ଼ା ସଂଗଠକ ରାଜୀବ ବିଶ୍ୱାସ (୬୮)ଙ୍କ ମଙ୍ଗଳବାର ସକାଳେ ବାଙ୍ଗାଲୁରୁଠାରେ ପରଲୋକ ହୋଇଥିବା ବେଳେ ବୁଧବାର ପୂର୍ବାହ୍ଣରେ ସମ୍ବଲପୁର ମନ୍ଦଲିଆସ୍ଥିତ



ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବୁଢ଼ାରଜା ଶାନ୍ତିନଗରସ୍ଥିତ ବାସଭବନ ଓ ରାଜଘାଟରେ ପହଞ୍ଚି ବହୁସଂଖ୍ୟାରେ କ୍ରୀଡ଼ା ଓ ସାଂସ୍କୃତିକ ସଂଗଠକ, ବନ୍ଧୁ ତଥା ଜ୍ଞାତି ପରିଜନ ସ୍ୱର୍ଗତ ବିଶ୍ୱାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ପତ୍ନୀ ଅବସରପ୍ରାପ୍ତ ସିଡିପିଓ ମିତା ଶର୍ମାଙ୍କ ସହ ବାଙ୍ଗାଲୁରୁରେ କାର୍ଯ୍ୟରତ ପୁଅ ଅଭିଜିତଙ୍କ ପାଖକୁ ଯାଇଥିଲେ। ମଙ୍ଗଳବାର ସକାଳେ ପ୍ରାତଃଭ୍ରମଣ ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଗଙ୍ଗାଧର ମେହେର କଲେଜରେ ଛାତ୍ର ସମୟରୁ ଫୁଟବଲ ଖେଳାଳି ସହ ସେ କ୍ରୀଡ଼ା ସଂଗଠକ ଭାବେ ପରିଚିତି ଲାଭ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି, ସମ୍ବଲପୁର ମାଷ୍ଟର୍ସ ଆଥଲେଟିକ ଆସୋସିଏସନ ସମ୍ପାଦକ, ସମ୍ବଲପୁର ଫୁଟବଲ ଏକାଡେମୀର ସମ୍ପାଦକ ଆଦି ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଥିଲେ। 'ଉତ୍ସର୍ଗ'ର ଏବି ପଜିଟିଭ୍ ରକ୍ତଦାତା ସ୍ୱର୍ଗତ ବିଶ୍ୱାସ ସମ୍ବଲପୁର କଳା ପରିଷଦ ଏବଂ ଜିଲ୍ଲା ସନ୍ତରଣ ସଂଘର ମଧ୍ୟ ସଭ୍ୟ ଥିଲେ।

## ବିଟା ଛତ୍ରିଆଙ୍କ ପରଲୋକ

**ଥୁଆପାଲି, ୫ା୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଂକ୍ରିଡା ପଞ୍ଚାୟତର ଝରାପାଲି ମାର୍କେଟ କ୍ରାନ୍ତିପଡ଼ାର ବିଟା ଛତ୍ରିଆ ମଙ୍ଗଳବାର



୮୬ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ତାଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ଦର୍ଶନ କରିବା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶବାଧାରରେ ସାମିଲ ହୋଇଥିଲେ। ପୁଅ ରାମ ଛତ୍ରିଆ ମୁଖାଗ୍ନୀ ଦେଇଥିଲେ।

# ଡାକ୍ତର ଶଙ୍କର ରାମଚନ୍ଦାନିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୫ା୧୧(ସମିସ):** ଗୋବିନ୍ଦଟୋଲା ଦୁର୍ଗାପୂଜା କମିଟି ପକ୍ଷରୁ କାର୍ତ୍ତିକ ମାସରେ ଆଜି ଭଜନ ସମାରୋହ ଆୟୋଜିତ



ହୋଇଯାଇଛି। ପୂର୍ବାହ୍ଣରେ ଶ୍ରୀସତ୍ୟନାରାୟଣ ପୂଜା ପଣ୍ଡିତ ଜଗଦୀଶ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ସନ୍ଧ୍ୟାରେ ଦୁର୍ଗାପୂଜା କମିଟି ତତ୍ତ୍ୱାବଧାନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ, ତ୍ରିଲୋଚନ ପରିଡ଼ା, ଇପ୍‌ସିତା ପଣ୍ଡା, ତପସ୍ୱିନୀ ଦାସ ପ୍ରମୁଖ ଭକ୍ତିଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ମୁରଲୀଧର, ସନ୍ତୋଷ, ସୁରେନ୍ଦ୍ର, ଗଣେଶ, ଦିୱାନ ଓ ଅନିଲ ସହଯୋଗ କରିଥିଲେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ ଯୋଗ ଦେଇଥିଲେ। ଦୁର୍ଗାପୂଜା କମିଟି ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଅଜୟ ସାହୁ, କୋଷାଧକ୍ଷ ରମାକାନ୍ତ ବେରିହା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଟଙ୍କିକିଆ କ୍ଲିନିକ ଖୋଲି ସମାଜର ଅବହେଳିତ, ନିଷ୍ପେସିତ ଏବଂ ଅସହାୟ ରୋଗୀଙ୍କୁ ସେବା ଦେଉଥିବା ବୁର୍ଲା ଭିମସାର ଭେଷଜ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନିଙ୍କୁ ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାକୁ ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଆରାଧା'ଉନ୍ମୋଚନ କରଯାଇଥିଲା। ସମ୍ପାଦନା ମଣ୍ଡଳୀ ସଦସ୍ୟ ଡଃ ବସନ୍ତ ଦାସ, ଅଧାପକ ଜୟନାରାୟଣ ଶତପଥୀ, ପ୍ରଶାନ୍ତ ମାଝୀ, ରଞ୍ଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ



**ଜମନକିରା, ୫ ।୧୧(ସମିସ):** ଭାରତ ବର୍ଷ ବିଜ୍ଞାନ କେତେ ଆଗକୁ ଯାଇ ପହଞ୍ଚି ସାରି ଥିବା ବେଳେ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ବି କିପରି ଆଗକୁ ଯାଇ ପାରିବେ ସେ ଦିଗରେ ସରକାର ପଦକ୍ଷେପ ନେଇ ଜିଲ୍ଲାର ପ୍ରତି ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ହୋଇ ପାରିବ ଚିନ୍ତା କରିଛନ୍ତି।ଜମନକିରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍ ପହଞ୍ଚିଥିଲା। ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ବିଜ୍ଞାନ ସମ୍ବନ୍ଧିୟ ବିଷୟ ବସ୍ତୁ କୁ ଦେଖି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ବେହେରାଙ୍କ ପରାମର୍ଶକ୍ରମେ ଗାଇଡ ସଞ୍ଜୟ ସାହୁ ସବୁ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଉପରେ ନୂତନ ଜ୍ଞାନ ଦେଇ ବୁଝାଇଥିଲେ। ପରେ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାଟିଫିକେଟ ପ୍ରଦାନ କରାଯାଇଥିଲା।ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଜମନକିରା ଓ କଦଳୀମୁଣ୍ଡା ସିଆରସିସି ଯୋଗ ଦେଇଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ : ଫ୍ରେଣ୍ଡସ କ୍ଲବ୍ ଚାମ୍ପିଅନ



**ଜମନକିରା, ୫ ।୧୧(ସମିସ)**

ଜମନକିରା ବ୍ଲକ କେନାଡ଼ିପାଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଦୀନବନ୍ଧୁ ଯୁବକ ସଂଘର ସଭାପତି ରାଜନ ପଟେଲଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ବିହାରି ଚୌଧୁରୀ, ସମ୍ମାନିତ ଅତିଥି ଭାବରେ କେନାଡ଼ିପା ପଞ୍ଚାୟତ ସରପଞ୍ଚ କଲ୍ୟାଣୀ ନାଏକ, ସମିତି ସଭ୍ୟା ଶାନ୍ତି ଧରୁଆ, ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ନିରୀକ୍ଷକ ତ୍ରିଲୋଚନ ପଟେଲ, ପୂର୍ବତନ ଜମନକିରା ପଞ୍ଚାୟତ ସମିତି ଉପାଧକ୍ଷ। ତରୁଣୀ ନାଏକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ବରିହା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଥି ଧରୁଆ, ଦ୍ୱାରିକା ନାଥ ଧରୁଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ଲୋକାଲ ଇଲେଭେନ ଓ ପିଙ୍ଗୁଆ ସ୍ପୋର୍ଟି ସମ୍ବଲପୁର ମଧ୍ୟରେ ଆରମ୍ଭ ହୋଇଥିଲା। ଫାଇନାଲ ଖେଳ ସିନ୍ଦୂରପଙ୍କ ୟୁନାଇଟେଡ ଏଫସି ଓ ଫ୍ରେଣ୍ଡସ କ୍ଲବ୍ ମଧ୍ୟରେ ହୋଇଥିଲା। ସିନ୍ଦୂରପଙ୍କ ୟୁନାଇଟେଡ ଏଫସିକୁ ହରାଇ ଫ୍ରେଣ୍ଡସ କ୍ଲବ୍ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣି ସମୟରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ବିହାରି ଚୌଧୁରୀ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ୩୦ ହଜାର କରି ଥିବା ବେଳେ ଓ ସମ୍ମାନିତ ଅତିଥି ଭାବରେ ମନୋଜ ମାଝୀ ଓ ଦୁଷ୍ମନ୍ତ ନାୟକ ଯୋଗ ଦେଇ ରନଅପ ଟିମ୍‌କୁ ଟ୍ରଫି ସହ ୨୦ହଜାର ପ୍ରଦାନ କରିଥିଲେ। ଖେଳକୁ ପିଇଟି ରାଜକୁମାର ମହାପାତ୍ର, ସରୋଜ କିସାନ, ସୁବାଷ ମୁଣ୍ଡା, ପ୍ରଶାନ୍ତ ମୁଣ୍ଡା, ବାପି ବାଗ, ଶତାବ୍ଦୀ ଜୟପୁରିଆ ପରିଚାଳନା କରିଥିଲେ। କ୍ଲବ୍ ଉପସଭାପତି ତୁଷାର କାନ୍ତ ମହାପାତ୍ର, ସମ୍ପାଦକ ସମିଲ ସେଠ, ସହସମ୍ପାଦକ ରୋହନ ପାତ୍ର, କୋଷାଧକ୍ଷ ଅଞ୍ଜନ ପଶାୟତ ସହ ସମୀର ନାଏକ, ପପୁ ଧରୁଆ, ସାଗନ ଧରୁଆ, ସ୍ୱାଗତ ପଟେଲ, ଦିବ୍ୟାରାଜ୍ ଲରିଆ, ଅଙ୍କିତ ଭୋଇ, ରୋନିଟ ଭୋଇ, ଅମିତ ପଟେଲ, ସୁଧିର ଭୋଇ, ସୁଜିତ ଚୌଧୁରୀ, ଅଧିପ୍ ନାଏକ, ସ୍ୱାଗତ ଧରୁଆ, ରକି ରାଉତ, ରୋସନ ପଟେଲ, ଶାନ୍ତନୁ ନାଏକ, ଶରତ ଧରୁଆ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ 'ସୁରଭି' କୁଇଜରେ ରୂପେଶ ନାଏକ ପ୍ରଥମ



**ବରଗଡ଼, ୫ା୧୧(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ଅମଠି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ରୂପେଶ ନାଏକ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ବରିଷ୍ଠ ବିଭାଗ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଲଗାତାର ଭାବେ ଦ୍ୱିତୀୟ ବର୍ଷ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛନ୍ତି। ତିନିଦିନ ଧରି କମଗାଁରେ ଅନୁଷ୍ଠିତ ହେଉଥିବା ସାଇନ୍ସ ଷ୍ଟାର କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିଥିଲେ। ରୂପେଶଙ୍କ ଅନୁପସ୍ଥିତିରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଠାରୁ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁ ପ୍ରମାଣପତ୍ର ତଥା ମୋମେଣ୍ଟୋ ଗ୍ରହଣ କରିଥିଲେ। ଚଳିତ ବର୍ଷ ଆଉଜଣେ ଛାତ୍ରୀ ବିନ୍ଦିଆ ରଣା ମଧ୍ୟ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଭୟଙ୍କ ସଫଳତା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ବିଶିକେଶନ ଶତପଥୀ ପ୍ରମୁଖ ଶୁଭେଚ୍ଛା ଅର୍ପଣ କରିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ଭଦ୍ରକ/ବାସୁଦେବପୁର,୫ ।୧୧(ସମିସ): ବାସୁଦେବପୁର ବ୍ଲକ୍ ସାନକୃଷ୍ଣପୁର ପଞ୍ଚାୟତ ଭଞ୍ଜସାହିରେ ଆଜି ପୋଖରୀରୁ ଡଙ୍ଗା ବାହାର କରିବାକୁ ଯାଇ ଜଣେ ୧୮ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ମୃତକ ଶିଶୁ ହେଲେ ଗାଁର କାଳନ୍ଦୀ ପରିଡାଙ୍କ ପୁଅ ପାଗଳା। ସୂଚନାନୁଯାୟୀ, ବୁଧବାର ସକାଳେ କାଳନ୍ଦୀଙ୍କ ଘର ନିକଟରେ ଥିବା ପୋଖରୀରେ କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗା ଭସାଣ ହୋଇଥିଲା । ଗ୍ରାମବାସୀ ଓ କାଳନ୍ଦୀଙ୍କ ପରିବାର ଲୋକ ମଧ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରିଥିଲେ । ପୂର୍ବାହ୍ନ ୧୧ଟାରେ କାଳନ୍ଦୀ ପରିଡ଼ା ପୁଅ ପାଗଳାଙ୍କୁ ନ ପାଇ ଏଣେତେଣେ ଖୋଜାଖୋଜି କରିଥିଲେ। ସନ୍ଦେହ ବଢ଼ିବାରୁ ପୋଖରୀ ପାଖକୁ ଯାଇଥିଲେ ଖୋଜିଥିଲେ। ସେଠାରେ ପୁଅକୁ ସଂଜ୍ଞାହୀନ ଅବସ୍ଥାରେ ପାଇଥିଲେ । ତୁରନ୍ତ ତାଙ୍କୁ ବାସୁଦେବପୁର ଡାକ୍ତରଖାନା ନେଇଯାଇଥିଲେ । ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।

## କୀଟନାଶକ ଦୋକାନରୁ ମଦ ଜବତ; ଜଣେ ଗିରଫ



ଧାମନଗର,୫ ।୧୧(ସମିସ): ଧାମନଗର ଥାନା ହରିପୁର ବିନ୍ଧା ଅଞ୍ଚଳର ସନ୍ତୋଷ ମହାପାତ୍ର (୫୫) ନିଜର କୀଟ ନାଶକ ଦୋକାନ ଭିତରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିଲେ। ଏ ନେଇ ପୁଲିସ ଖବର ପାଇ ସୋମବାର ରାତିରେ ଧାମନଗରଥାନାଅଧିକାରୀରଞ୍ଜନସେଠୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏସଆଇ ରଶ୍ମିତା ମଲିକ, ଥାନା କର୍ମଚାରୀ ନୀଳମଣି ବିଳାସ ପ୍ରମୁଖ ଉକ୍ତ ଦୋକାନ ଉପରେ ଚଢ଼ଉ କରିଥିଲେ। ପରେ ବିପୁଳ ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ଜଣକୁ ଗିରଫ କରିଛନ୍ତି।

## କାଦୁଅ ପଚପଚ ରାସ୍ତା ମରାମତି ଦାବି



ଦୋଳସାହି,୫ ।୧୧(ସମିସ): ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତରେ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଅଭିଯୋଗ ହେଉଛି। ଏହି ପଞ୍ଚାୟତରେ କଂକ୍ରିଟ୍ ରାସ୍ତା ଉପରେ ପୁଣି ରାସ୍ତା ନିର୍ମାଣ ହେଉଛି। କିନ୍ତୁ କାଦୁଅ ରାସ୍ତାକୁ ମରାମତି କରାଯାଉନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟ ନିକଟରୁ ଗାଁ ଭିତରକୁ ଯାଇଥିବା ରାସ୍ତାଟି ଦୀର୍ଘଦିନରୁ କାଦୁଅ ପଚ ପଚ ଅବସ୍ଥାରେ ରହିଛି। ଫଳରେ ମସୁଆପାଳ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ତିହିଡ଼ି ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୫।୧୧(ସମିସ): ଭଣ୍ଡାରିପୋଖରୀ ରାମଦୟା ପରିଷଦ ପକ୍ଷରୁ ଦର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୪୧ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାରକାର୍ତ୍ତିକପୂର୍ଣ୍ଣିମାପାଳନଅବସରରେଉଦଯାପିତହୋଇଛି।ପ୍ରତ୍ୟହଦାଶଜୀମହାରାଜ ଓ ସାନଛତା ମଠ ସନ୍ନ୍ୟାସୀମାନଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ ପଠନ କରାଯାଇଥିଲା। ପ୍ରବଚକମାନେ ଶ୍ରୀରାମ ଚରିତ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ମୁରଲୀଧର ଦାଶ, ପୂଜକ ସନ୍ତୋଷ ଦାଶ, ପଣ୍ଡିତ ଜଗନ୍ନାଥ ପଣ୍ଡା ଓ ସାଥି ଯଜ୍ଞକାର୍ଯ୍ୟ ତୁଲାଇଥିଲେ।

## ବିଭିନ୍ନ ସ୍ଥାନରେ ରାହାସ ଉତ୍ସବ

ଦୋବଲ,୫ ।୧୧(ସମିସ): ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରାହାସ ପୂର୍ଣ୍ଣିମା ପାଳିତ ହୋଇଛି। ଏକ ମାସ ଧରି ହବିଷ୍ୟାଳିମାନେ ପଞ୍ଚୁକ ବ୍ରତ ରଖି ବୁଧବାର ବ୍ରତ ଶେଷ କରିଛନ୍ତି। ବୁଧବାର ଭୋରୁ ବୈତରଣୀ ନଦୀରେ ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ବ୍ରତଧାରୀ ଓ ଶ୍ରଦ୍ଧାଳୁ ପହଞ୍ଚି ନଦୀରେ ବୁଡ ପକାଇ ଡଙ୍ଗା ଭସାଇଥିଲେ। ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ପଣସମାହାରା, ମାନଲାପୁର ଓ ସୋହଡା ପଞ୍ଚାୟତ ଷେଣ୍ଢପୁର ଆଦି ନଦୀକୂଳରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା ହେଉଛି। ମାନଲାପୁର ଏ ଗ୍ରୁପ ପୂଜା କମିଟି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ନିର୍ମାଣ କରାଯାଇ ସେଠାରେ ଦୀର୍ଘ ୫୨ ବର୍ଷ ଧରି ପୂଜା କରାଯାଉଛି। ଆଜିଠାରୁ ୧୦ ଦିନ ଧରି ମାନଲାପୁର ପୂଜା ମଣ୍ଡପରେ ଭଜନ ପରିବେଷଣ ସହିତ ପ୍ରବଚନ, ମେଲୋଡି, ଭଜନସନ୍ଧ୍ୟା ଓ ଅପେରା ସହିତ ମୀନାବଜାର ମେଳା ଆଦି କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଷେଣ୍ଢପୁରସ୍ଥିତ ବୈତରଣୀଶ୍ୱରୀ ପାଲା କମିଟି ଆନୁକୂଲ୍ୟରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ହେଉଛି। ଚଳିତ ବର୍ଷ ଅନୁଷ୍ଠାନ ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ବିଭିନ୍ନ ଦିବସରେ ପ୍ରବଚନ, ବାଦୀପାଲା, ମେଲୋଡି ଆଦି କାର୍ଯ୍ୟକ୍ରମ ଦଶଦିନ ଧରି ଆୟୋଜନ କରାଯାଇଛି।

# ଆ-କା-ମା-ବୈ ଧ୍ୱନିରେ କମ୍ପିଲା ଜଳାଶୟ







ବନ୍ତ/ଆଗରପଡ଼ା,୫।୧୧(ସମିସ)

ସଂସ୍କୃତି ଓ ପରମ୍ପରାକୁ ବହନ କରୁଥିବା ଗଣପର୍ବ ଆ-କା-ମା-ବୈ ସାଙ୍ଗକୁ ପବିତ୍ର ରାହାସ ପୂର୍ଣ୍ଣମୀ ପାଇଁ ବନ୍ତ ବ୍ଲକସ୍ଥିତ ନିମପଡ଼ାର କପାଳୀକ୍ଷେତ୍ର ଶ୍ରଦ୍ଧାଳୁଙ୍କ ଭିଡ଼ରେ ଚଳଚଞ୍ଚଳ ହୋଇଉଠିଛି । ଏହି ଉପଲକ୍ଷେ ଆବାଳ ବୃଦ୍ଧବନିତା ରାତ୍ରରୁ ନଦୀ ପୁଷ୍କରିଣୀରେ ସ୍ନାନକରି ଉକ୍ତ ସ୍ଥାନରେ ଥିବା ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରିଥିଲେ। ଉକ୍ତ ଦିନ ଦେବାଦେବୀଙ୍କୁ ଦର୍ଶନକଲେ ମହାପାତକ ନାଶ ହେବାସହ ବହୁପୁଣ୍ୟର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅତୀତର ସାଧବମାନଙ୍କର ବଣିଜ ପରମ୍ପରାକୁ ସ୍ମରଣ କରିବା ପାଇଁ ବୋଇତ ବନ୍ଦାଣ ଉତ୍ସବ ଭକ୍ତି ଓ ଅନନ୍ଦର ସହ ପାଳିତ ହୋଉଛି। ଆବାଳବୃଦ୍ଧ ବନିତା ଏହି ପରମ୍ପରାକୁ ଉଦ୍‌ଜିବିତପାଇଁ ଛୋଟ ବଡ଼ ବୋଇତ ମାନ ଆଣି ନରେନ୍ଦ୍ର ପୁଷ୍କରିଣୀରେ ଭସାଇ ଗୀତ ଗାନକରିଥିଲେ 'ଆ-କା-ମା-ବୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର'। ଏହି ଉପଲକ୍ଷେ ମଙ୍ଗଳବାର ଭୋରୁ ଶ୍ରୀ ଜୀଉମାନଙ୍କ ପୂଜାନୀତି ସମ୍ପନ୍ନ କରାଯିବା ପରେ ରାତ୍ର ୪ଟାଠାରୁ ବୁଧବାର ସକାଳ ୯ଘଟିକା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଦର୍ଶର୍କଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଯୁବକସଂଘ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସଂଧାରେ ମଧ ଆକାଶ ଦୀପ ଉଠାଯାଇଥିଲା।

**ବନ୍ତ/ଆଗରପଡ଼ା:** ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ବିଟିପୁର ସ୍ଥିତ ହଜାରିସାହିଠାରେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସୋଲରେ ନିର୍ମିତ ୨ଟି ବଡ଼ ଡଙ୍ଗାକୁ ଗ୍ରାମର ମହିଳାମାନେ ବନ୍ଦାପନା କରି ପୋଖରୀରେ ଭସାଇଥିଲେ। ଏଥିସହିତ ଛୋଟ ଛୋଟ ଡଙ୍ଗାକୁ ମଧ ଶିଶୁମାନେ ଭସାଇଥିଲେ। ଆ-କା-ମା-ବୈ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସମାଜସେବୀ ବିଜ୍ଞାନଭୂଷଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ସିଂହ, ମନୋରଂଜନ ସିଂହ, ଅଜୟ ସିଂହ ପ୍ରମୁଖ ଯୋଗଦେଇ ଉତ୍ସବର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ସ୍ଥାନୀୟ ଜଗନ୍ନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ଅନନ୍ତ ମାଧବ ଜୀଉ ମନ୍ଦିର, ରଘୁନାଥ ଜୀଉ ମନ୍ଦିର ପ୍ରମୁଖ ସ୍ଥାନରେ ପ୍ରତ୍ୟୁଷରୁ ଶ୍ରୀଜୀଉମାନଙ୍କ ସ୍ୱତନ୍ତ୍ର ପୂଜାନୀତି କରାଯାଇଥିଲା। ଆଡ଼ଭୋକେଟ ଜଗତମୋହନ ସିଂହ, ଆଡ଼ଭୋକେଟ ମନୋଜ ରାୟ, ଯୁବନେତା ସପନ ସିଂହ, କଲ୍ୟାଣୀ ବିଲଡର୍ସ ତାପସ ରାୟ ପ୍ରମୁଖ ବିଭିନ୍ନ ମନ୍ଦିରର ପୃଷ୍ଠପୋଷକମାନେ ଉପସ୍ଥିତ ଥିଲେ।

**ବାସୁଦେବପୁର:** ବାସୁଦେବପୁର ବ୍ଲକ ଚୂଡାମଣି ପଞ୍ଚାୟତର ଚୂଡାମଣୀ ଘାଟ ପରିସରରେ ଅଷ୍ଟାଦଶ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ କୁମାର ସାମଲ ଯୋଗଦେଇ ଉଦଘାଟନ କରିଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଆମକୁ ଏକତା ଡୋରିରେ ବାନ୍ଧିବାର ସୁଯୋଗ ଆଣିଦେଇଛି। ଓଡ଼ିଆ ପୁଅ ସାଧବପୁଅମାନେ ଜାଭା ସୁମିତ୍ରା ପରି ବିଦେଶରେ ବାଣିଜ୍ୟ କାରବାର ପେଣ୍ଠସ୍ଥଳରେ ପରିଣତ କରିଥିଲେ। ଜଳପଥରେ ବାଣିଜ୍ୟ କାରବାର ଆମର ରୋଜଗାର ମାଧ୍ୟମ ପାଲଟିଥିଲା ବୋଲି ଶ୍ରୀ ସାମଲ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉତ୍କଳର ନୌବାଣିଜ୍ୟର ପରମ୍ପରାର ଆମକୁ ବିଶ୍ୱ ଦରବାରରେ ପରିଚିତ କରିଥିଲା। ସୁଦୂର ଜାଭା ସୁମିତ୍ରାକୁ ଜଳପଥରେ ବାଣିଜ୍ୟ କାରବାର କରି ଓଡ଼ିଆ ଜାତିର ଟେକ ରଖିଥିଲେ। କୋଦଳାର ଅତିରିକ୍ତ ଜିଲ୍ଲା ଦୌରାଜଜ ବିଶ୍ୱରଞ୍ଜନ ବେହେରା, ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା, ପୂର୍ବତନ ସମିତି ସଭ୍ୟ ଚିନ୍ମୟ କୁମାର ବାରିକ, ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବର ସଭାପତି ଶଶିକାନ୍ତ ନାୟକ, ଚୂଡାମଣୀ ପଞ୍ଚାୟତର ସରପଞ୍ଚ ଅଗଣୀ ପ୍ରସାଦ ଜେନା ଯୋଗଦେଇ ଉଦବୋଧନ ଦେଇଥିଲେ।

**ବନ୍ତ/ଆଗରପଡ଼ା:** ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଅନ୍ତର୍ଗତ ବସନ୍ତିଆ ଗ୍ରାମ୍ୟ ପୁଷ୍କରିଣୀର (ବଡ଼ହାଟ ପୋଖରୀ) ଉଭୟ ପାଶ୍ୱର୍ରେ ଚଳିତ ବର୍ଷ ଫ୍ରେଣ୍ଡସ ୟୁଥ୍ କ୍ଲବ ଓ ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ପାଳିତ ହୋଇଛି ପ୍ରସିଦ୍ଧ ବୋଇତ ବନ୍ଦାଣ ଉତ୍ସବ। ଏହି ଉତ୍ସବ ଭୋର ସମୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଖପାଖ ଗ୍ରାମର ଶତାଧିକ ଭକ୍ତ ଯୋଗଦାନ କରିଥିଲେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ଉଭୟ ପାଶ୍ୱର୍ରେ ବାରୁଆଳି ନିର୍ମାଣ ଓ ଆର୍କର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ଫ୍ରେଣ୍ଡସ ୟୁଥ୍ କ୍ଲବ ପକ୍ଷରୁ ଦୀର୍ଘ ୩୭ବର୍ଷ ଓ ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ଦୀର୍ଘ ୩୫ ବର୍ଷ ସମୟ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ଚଳିତ ବର୍ଷ ଚୋ÷ଧୁରୀ ପୁଷ୍କରିଣୀର ଉଭୟ ପାଶ୍ୱର୍ରେ ନିର୍ମିତ ଦୁଇ ସୁନ୍ଦର ବୋଇତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଯାଜପୁର, କୁଆଖିଆ, ଜାରକା, ପାଣିକୋଇଲି, ଚାନ୍ଦବାଲି ଆଦି ଅଞ୍ଚଳରୁ ଆସିଥିବା ବ୍ୟବସାୟୀ ନିଜର ପସରା ମେଲାଇଛନ୍ତି। ବିଶେଷକରି ଚାଟ, ଠୁଙ୍ଗାପୁରୀ, ଷ୍ଟେସନାରୀ, ଚଣାଉଖୁଡା ଆଦି ଦୋକାନ ମାନ ଖୋଲା ଯାଇଥିବାର ଦେଖାଯାଇଛି। ଏହି ଉତ୍ସବ ୭ ଦିନ ଧରି







ଚାଲିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ଉତ୍ସବକୁ ଉପଭୋଗ କରିବା ପାଇଁ ବନ୍ତ ସମେତ ପଡୋଶୀ ହାଟଡିହୀ ବ୍ଲକର ଶହସ୍ରାଧିକ ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଛି। ଉକ୍ତ ସ୍ଥାନରେ ଭଜନ ସମାରୋହ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ





ଧାମନଗର,୫ ।୧୧(ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନ ତଥା ବୈତରଣୀ ନଦୀ ଓ ସିଦ୍ଧେଶ୍ୱର ଘାଟରେ ଡ଼ଙ୍ଗା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣିମା ଉପଲକ୍ଷେ ଭଗବାନ ଶ୍ରୀକୃଷ୍ଣ ଓ ପରମ ବୈଷ୍ଣବୀ ପ୍ରେମମୟୀ ରାଧାରାଣୀଙ୍କ ଶରଦ ରାସ ଯାତ୍ରା ସମାପ୍ତ, ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଦୀର୍ଘ ଏକ ମାସ ଧରି ପଞ୍ଚୁକବ୍ରତ ପାଳନ ପୂର୍ବକ ପ୍ରାତ ସ୍ନାନ କରୁଥିବା ବ୍ରତଧାରିଙ୍କ ଧର୍ମୀୟ ବ୍ରତ ଉଦଯାପିତ ହୋଇଛି। ବହୁ ରାଧାକୃଷ୍ଣ ମନ୍ଦିରରେ ଦଶହରାଠାରୁ ଆରମ୍ଭ ମଙ୍ଗଳ ଆଳତି ଆଜି କାର୍ତ୍ତିକ ପୂର୍ଣ୍ଣିମାରେ ଉଦଯାପିତ ହୋଇଛି। କାର୍ତ୍ତିକ ବ୍ରତଧାରୀମାନେ ୧ମାସ ଧରି ହବିଷ ଭୋଜନ ସହ ଶ୍ରବଣ ଓ ପଠନ କରୁଥିବା କାର୍ତ୍ତିକ ମହାତ୍ମ୍ୟ ଓ ଆକାଶ ଦୀପ ଏବଂ ମୁରୁଜ ପକାଇବା ଆଦି ଆଧାତ୍ମିକ କାର୍ଯ୍ୟକ୍ରମର ସମାପ୍ତି ହୋଇଛି। ଏହି ଅବସରରେ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡାକ୍ତର ସଞ୍ଜୟ ଦାସ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ,ଉମେଶ ମହାନ୍ତି, ଅଶୋକ ପୁହାଣ, ଅରବିନ୍ଦ ପତି, ଚତୁର୍ଥଭୁଜ ନାୟକ,କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଉତ୍କଳୀୟ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

**ଅସୁରାଳି:** ଇତିହାସକୁ ଉଜ୍ଜୀବିତ କରେ ମହୋତ୍ସବ। ଏକତାର ସୂତ୍ରରେ ବାନ୍ଧି ରଖେ ସଂସ୍କୃତି ଓ ପରମ୍ପରା। କାର୍ତ୍ତିକ ପୂର୍ଣ୍ଣିମା ପରିପ୍ରେକ୍ଷୀରେ ବିଗତ ୭ ବର୍ଷ ଧରି ଧାମନଗର ଓ ଚାନ୍ଦବାଲି ବ୍ଲକର ମଧ୍ୟସ୍ଥଳୀ ସାହୁସାହି ଓ ସୁନ୍ଦରପୁରରେ ଥିବା ବାବା ରଘୁବର ଦାସ ମଠରେ ପାଳିତ ହୋଇଛି କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ମହୋତ୍ସବ। ୫ଦିନ ଧରି ଚାଲିଥିବା ମହୋତ୍ସବର ଉଦଯାପନୀ ଅବସରରେ ପ୍ରାତଃରେ ବୈତରଣୀ ଘାଟ ରେ ଓଡିଶାର ପୁରୁଣା ଐତିହ୍ୟର ସ୍ମୃତିକୁ ଅନୁସରଣ କରି ସପ୍ତ ସାଧବାଣୀ ରୂପକ ବୋହୂମାନେ ସାଧବମାନଙ୍କୁ ସିନ୍ଦୂର ଚନ୍ଦନ ଫୁଲ ଦେଇ ବନ୍ଦାଇବା ସହ ବୋଇତକୁ ମଧ ବନ୍ଦାପନା କରିଥିଲେ। ସାଧବମାନଙ୍କୁ ବିଦାୟ ଦେବା ପାଇଁ ଆବାଳବୃଦ୍ଧବନିତା ରୁଣ୍ଡ ହୋଇଥିଲେ। ବୋଇତ ବନ୍ଦାଣ କମିଟିର ସମସ୍ତ ସଦସ୍ୟ ତଥା ଧର୍ମେନ୍ଦ୍ର ସାହୁ,ସିଦ୍ଧାର୍ଥ ନାୟକ, ସିଦ୍ଧାର୍ଥ ସାହୁ, ମନୋଜ ସାହୁ, ଶ୍ୱେତାମ୍ବର ସାହୁ, ହରିଶ୍ଚନ୍ଦ୍ର ସାହୁ, ପୂଜକ ବ୍ରଜ କିଶୋର ପଣ୍ଡା, ସ୍ମୃତିରଞ୍ଜନ ସାହୁ, ମନ୍ମଥ ସେଠୀ, ନିମାଇଁ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଆଇନଜୀବୀ ଅଶୋକ ନାୟକ, ବାଟୁ ଦାସ,ଉପେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିଥି ଭାବେ ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, କଂଗ୍ରେସ ନେତା ରମେଶ ବେହେରା, ଭାରତ ବିଜୟ ଦଳାଇ, ଧୁଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ଗଜେନ୍ଦ୍ର ମହାନ୍ତି, ଅନିଲ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଶ୍ରଦ୍ଧାଳୁଙ୍କୁ କ୍ଷୀରି ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଓ ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର ବେହୁରିଆ ଉପସ୍ଥିତ ଥିଲେ।



**ଦୋବଲ:** ଧାମନଗର ବ୍ଲକ କରଦା ପଞ୍ଚାୟତରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବାବା ଖିଲାଟେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଏହି ଅବସରରେ ଓଡିଶାର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ଧାମନଗର ଅଞ୍ଚଳର ଲୋକେ ଡଙ୍ଗା ଭସାଇଛନ୍ତି। ଆଜି ପାହାନ୍ତି ସମୟରେ ବୈତରଣୀ, ଗେଙ୍ଗୁଟି, କୋଚିଲା ନଦୀର ବିଭିନ୍ନ ଘାଟ ସମେତ ପୁଷ୍କରିଣୀ, ନାଳ ସବୁଠି ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର ଗୀତ ଗାଇ ଡଙ୍ଗା ଭସାଇଥିଲେ। ଏଥିଲାଗି ଆଜି ସକାଳୁ ସକାଳୁ ବିଭିନ୍ନ ଜଳାଶୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସୁରକ୍ଷା ପାଇଁ ବିଭିନ୍ନ ନଦୀ ଓ ପୁଷ୍କରଣୀ କୂଳରେ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡଙ୍ଗା ଭସାଇବା ପରେ ବାବା ଖିଲାଟେଶ୍ୱରଙ୍କ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ମନ୍ଦିର ଯାଇ ଦର୍ଶନ କରି ପରିବାରର ମଙ୍ଗଳ ମନାସିଛନ୍ତି। ବିଶ୍ୱାସ ରହିଛି ବର୍ଷକରେ ଥରେ ଏହି ପଞ୍ଚୁକରେ ସ୍ନାନ କରି ଡଙ୍ଗା ଭସାଇଲେ ପୂଣ୍ୟ ମିଳିଥାଏ।

● ଏକତରଫା ପ୍ରେମର କରୁଣ ପରିଣତି

## ବିଫଳ ପ୍ରେମିକର ଛୁରୀ ମାଡ଼ରେ ନାବାଳିକା ବାପାର ବେକ କଟିଲା

ଭଦ୍ରକ/ବାସୁଦେବପୁର,୫ ।୧୧(ସମିସ): ଜଣେ ପ୍ରେମିକଙ୍କ ଏକତରଫା ପ୍ରେମରେ ଅଣନିଃଶ୍ୱାସୀ ହୋଇ ପଡିଛନ୍ତି ନାବାଳିକା ଛାତ୍ରୀ। ବିଫଳ ହେବାରୁ ପ୍ରେମିକ ଜଣକ ଛୁରୀରେ ନାବାଳିକା ବାପର ବେକ କାଟିଦେଇଛି। ଝିଅକୁ ସୁରକ୍ଷା ଦେବାକୁ ଜଗି ବସିଥିଲା ବାପା; ହେଲେ ଏବେ ଡାକ୍ତରଖାନାରରେ। ଏକ ଧାରୁଆ ଛୁରୀରେ ବେକ କାଟି ହତ୍ୟା କରିବାକୁ ଯୋଜନା କରିଥିଲା ପ୍ରେମିକ। ଝିଅକୁ ସୁରକ୍ଷା ଦେବାକୁ ଯାଇ ବାପା ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି ହୋଇଛନ୍ତି। ଏମିତି ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଆରୁହା ପଞ୍ଚାୟତରେ। ଆରୁହା ପଞ୍ଚାୟତ କୁଞ୍ଜଗଡିଆ ଛକରେ ରାଜେନ୍ଦ୍ର ରାଉତଙ୍କ ଘର। ତାଙ୍କର ଏକମାତ୍ର କନ୍ୟା ତୁଳମତୁଳା ସ୍କୁଲରେ ୮ମ ଶ୍ରେଣୀରେ ପଢୁଛନ୍ତି।



ବରଣ୍ଡୁଆ ପଞ୍ଚାୟତର କେନାଲ ଆଡିର ଆଲୋକ ବେହେରା ନାମକ ଯୁବକ ତାଙ୍କୁ ଏକତଫା ପ୍ରେମ କରୁଥିଲେ। ହେଲେ ନାବାଳିକା ଜଣକ ଯୁବକଙ୍କ ପ୍ରେମକୁ ବିରୋଧ କରୁଥିଲେ। ଏକଥା ବାପା ରାଜେନ୍ଦ୍ର ଜାଣିପାରି ଝିଅକୁ ବାପା ଟ୍ୟୁସନକୁ ନେବା ଆଣିବା କରୁଥିଲେ। ବୁଧବାର ଟ୍ୟୁସନରୁ ଝିଅକୁ ନେବାକୁ ବାପା ରାଜେନ୍ଦ୍ର ରାଉତ ଆସିଥିବା ବେଳେ ଉକ୍ତ ଯୁବକ ସହିତ ପାଟିତୁଣ୍ଡ ହୋଇଥିଲା। ହେଲେ ପ୍ରେମିକ ଉତ୍ତ୍ୟକ୍ତ ହୋଇ ରାଜେନ୍ଦ୍ର ରାଉତଙ୍କୁ ଏକ ଚାପୁଡା ମାରିଥିଲା। ପରେ ରାଜେନ୍ଦ୍ରଙ୍କୁ ପ୍ରେମିକ ଆଲୋକ ଛୁରୀରେ ଆକ୍ରମଣ କରିଥିଲା। ପାଟିଶୁଣି ପାଖ ପଡିଆର କ୍ରିକେଟ ଖେଳୁଥିବା ଯୁବକମାନେ ଦୌଡି ଆସିବାରୁ ବାଇକ ଛାଡି ଆଲୋକ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତ ଆଲୋକକୁ ଗିରଫ୍ କରିଛି।

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କର ୧୩୮ତମ ଶୁଭ ଜନ୍ମମହାମହୋତ୍ସବ ସ୍ମରଣେ ଜଳେଶ୍ୱରରେ "ଜାଗୃହି ମହାମଙ୍ଗଳ ଯଜ୍ଞ"

ଯୁଗପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କର ଅମିୟ ବାର୍ତ୍ତା— "ଗୁରୁଭକ୍ତିରୁହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ | ଏହି ଗୁରୁଙ୍କୁହିଁ ଇଷ୍ଟ କହନ୍ତି,— ଇଷ୍ଟ ମାନେ ମଙ୍ଗଳ, ଅର୍ଥାତ୍ ସଦ୍‌ଗୁରୁଙ୍କୁ ଅନୁସରଣ କଲେହିଁ ମଣିଷର ମଙ୍ଗଳ ଆସେ |" ପୁଣି ସେ ମହାଭାବାବସ୍ଥାରେ ପୁଣ୍ୟ-ପୋଥି ଗ୍ରନ୍ଥ ମାଧ୍ୟମରେ କହିଛନ୍ତି — "ସତ୍‌ସଙ୍ଗ ପ୍ରାଣର ଜିନିଷ, ଯେ କୌଣସି ସମ୍ପ୍ରଦାୟହିଁ ହେଉ ନା କାହିଁକି, ସେ ଯଦି ସତ୍ ହୁଏ, ତେବେ ତାକୁ ପ୍ରାଣ ଦେଇ ଭଲପାଇବୁ | ମରଜଗତରେ ଯଦି କେହି ଆତ୍ମୀୟ ଥାଏ ତ ସେହିମାନେହିଁ |" ଏତଦ୍‌ବ୍ୟତୀତ ସତ୍‌ସଙ୍ଗୀର ବ୍ୟାଖ୍ୟା କରିବାକୁ ଯାଇ ଜୀବନ-ବୃଦ୍ଧିର ପରମ ଉଦ୍ଧାତା ଦୟାଲ ଠାକୁର କହିଛନ୍ତି — "ଯେଉଁମାନେ ଜୀବନ ଓ ବୃଦ୍ଧିକୁ ଭଲ ପାଆନ୍ତି ପ୍ରକୃତ ପ୍ରସ୍ତାବରେ ସେହିମାନେହିଁ ସତ୍‌ସଙ୍ଗୀ" |

ପ୍ରତିଟି ଜୀବସତ୍ତାର ମଙ୍ଗଳ କାରୁଣିକ ଶ୍ରୀଶ୍ରୀଠାକୁରଙ୍କର ଆଶା ଥିଲା ଓ ସେ କହିଛନ୍ତି— "ଶିଷ୍ୟ ଓ ସନ୍ତାନ—ବଡ଼-ଖୋକାହିଁ ହେଉ, ମଣିହିଁ ହେଉ ବା କାଜଲହିଁ ହେଉ ବା ଅପଣମାନେହିଁ ହୁଅନ୍ତୁ— ଆପଣମାନଙ୍କ ପ୍ରତ୍ୟେକଙ୍କ ପାଖରୁ ମୁଁ ଆଶାକରେ ଯେ ଆପଣମାନେ ନିଜ-ନିଜର ଜୀବନ ଓ ଚରିତ୍ରରେ ମୋତେ ବହନ କରି ନେଇ ଚାଲିବେ ଏବଂ ଅନ୍ୟ ପାଖରେ ମଧ ମୋତେ ପହଞ୍ଚାଇ ଦେବେ ଅବିକୃତ ଭାବରେ, ଅବଶ୍ୟ ପ୍ରତ୍ୟେକେ ନିଜ-ନିଜର ବୈଶିଷ୍ଟ୍ୟ ଅନୁଯାୟୀ | ଆଉ, ମୋତେ ବହନ କରିବା ବା ପହଞ୍ଚାଇ ଦେବା ମାନେ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟକୁ) ବହନ କରିବା ଓ ପହଞ୍ଚାଇ ଦେବା, ପୁଣି ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ) ମାନେ ସମସ୍ତଙ୍କର mission (ଆଦର୍ଶ ଓ ଉଦ୍ଦେଶ୍ୟ) | **ଜୀବନୀୟ ପ୍ରତିଟି ଯାହାକିଛିର ଇଷ୍ଟାନୁଗ ସତ୍ତାସମ୍ବର୍ଦ୍ଧନାହିଁ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ)** |"

ଯୁଗାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କର ଏହି ଅମୋଘ ଇଚ୍ଛାକୁ ବାସ୍ତବାୟିତ କରିବା ଉଦ୍ଦେଶ୍ୟରେ ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଲଚନ୍ଦ୍ର ଚର୍ଯ୍ୟାଶ୍ରମ, ବିବେକ-ବିତାନ, ଦେଓଘର, ଝାଡ଼ଖଣ୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାଖାକେନ୍ଦ୍ର ଜଳେଶ୍ୱର ଚର୍ଯ୍ୟାଶ୍ରମ ଆନୁକୂଲ୍ୟରେ ଆଗାମୀ ୭, ୮, ୯ ନଭେମ୍ବର, ୨୦୨୫ (ଶୁକ୍ରବାର, ଶନିବାର, ରବିବାର) — ତିନିଦିନ ବ୍ୟାପି **"ଜାଗୃହି ମହାମଙ୍ଗଳ ଯଜ୍ଞ"** ଅନୁଷ୍ଠିତ ହେବାକୁ ଯାଉଅଛି |



ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ସ୍ଥାନ: ନନ୍ଦିକା ବାଇପାସ୍, ଜାତୀୟ ରାଜପଥ ୧୬, ଜଳେଶ୍ୱର-ପଶ୍ଚିମବାଡ଼ ରୋଡ଼, ଜଳେଶ୍ୱର, ବାଲେଶ୍ୱର |

ଆକର୍ଷଣୀୟ ଅନୁଷ୍ଠାନ: ବିଶ୍ୱଶାନ୍ତି ହୋମ ଯଜ୍ଞ, ଆହ୍ୱାନୀ ସହିତ ସମବେତ ପ୍ରାର୍ଥନା, ସଙ୍କୀର୍ତ୍ତନ ସହ ନଗର ପରିକ୍ରମା, ବେଦମାଙ୍ଗଳିକ, ଭାଗବତ ପାଠ, ଶ୍ରୀମଦ୍‌ଭଗବଦ୍‌ଗୀତା ପାଠ, ତଥା ସମସ୍ତ ପୂର୍ବବର୍ତ୍ତୀ ପ୍ରେରିତଗଣଙ୍କର ଧର୍ମଗ୍ରନ୍ଥ ପାଠ ଓ ଆଲୋଚନା, ରକ୍ତଦାନ ଶିବିର, ଶ୍ରେୟସମ୍ବର୍ଦ୍ଧନା, ପିଲାମାନଙ୍କୁ ନେଇ ବକ୍ତୃତା, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗୀତା, ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଉପରେ ଆଧାରିତ ନାଟକ ପରିବେଷଣ, ମାତୃସମ୍ମିଳନୀ ଓ ସତ୍‌ସଙ୍ଗ ସାଧାରଣ ଅଧିବେଶନ |

ଏହି ମହାମଙ୍ଗଳ ଯଜ୍ଞରେ ବହୁ ଗଣ୍ୟମାନ୍ୟ, ଜ୍ଞାନୀ ଗୁଣୀ ଓ ଈଶ୍ୱରପ୍ରେମୀ ବ୍ୟକ୍ତିଙ୍କର ଉପସ୍ଥିତି ସହିତ ସେହି ପ୍ରିୟପରମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୌତ୍ର ପୂଜ୍ୟପାଦ ଶ୍ରୀଯୁକ୍ତ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଡ. ବୁଦ୍ଧଦେବ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଶ୍ରୀଯୁକ୍ତ ବିନାୟକ ଚକ୍ରବର୍ତ୍ତୀ, ପ୍ରପୌତ୍ର ପୂଜନୀୟ ଶ୍ରୀଯୁକ୍ତ ବୌଧାୟନ ଚକ୍ରବର୍ତ୍ତୀ ଓ ପୂଜନୀୟ ବାଲାର୍କ ଚକ୍ରବର୍ତ୍ତୀ ଉପସ୍ଥିତ ରହିବାର ସହର୍ଷ ସମ୍ମତି ପ୍ରଦାନ କରିଛନ୍ତି | ଏଥିସହିତ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ସତ୍‌ସଙ୍ଗୀ ମାନେ ଉପସ୍ଥିତ ରହିବାର ସମ୍ମତି ପ୍ରଦାନ କରିଛନ୍ତି |

ଏଣୁ ସବିନୟ ଅନୁରୋଧ— ହେ ଅମୃତର ସନ୍ତାନ ! ଆସନ୍ତୁ, ଏହି ମହନୀୟ ପୂତ-ପରିମଣ୍ଡଳରେ ସପରିବାର ତଥା ସବାନ୍ଧବ ପ୍ରିୟପରିଜନଙ୍କ ସହିତ ସମବେତ ହୋଇ ଇଷ୍ଟୋଦ୍ଦୀପକ ଭାବଧାରାରେ ନିଜକୁ ବ୍ୟାପୃତ କରିବା ସହିତ ଇଷ୍ଟପ୍ରେରଣାଉଦ୍ଦୀପ୍ତ ଅନୁଷ୍ଠାନକୁ ସରସସୁନ୍ଦର କରିତୋଳିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା | ~ ବନ୍ଦେ ପୁରୁଷୋତ୍ତମମ୍ ~

ବିନୀତ
ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ
ଜଳେଶ୍ୱର ଶାଖାକେନ୍ଦ୍ରର କର୍ମୀବୃନ୍ଦ

# ଗଞ୍ଜେଇ ରାସ୍ତାରେ କଫ ସିରପ୍

ବଲାଙ୍ଗିର,୫ ।୧୧(ସମିସ)

ନିଶାଦ୍ରବ୍ୟ ଚାଲାଣ ପାଇଁ ଏବେ ସୁରକ୍ଷିତ ପାଲଟିଛି ଟ୍ରେନ୍। ଟ୍ରେନରେ ନିୟମିତ ବଲାଙ୍ଗିରରୁ ଜିଲ୍ଲା ତଥା ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅନ୍ୟ ଜିଲ୍ଲାରୁ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନକୁ କଫସିରପ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ପୂର୍ବରୁ ଅନେକ ଥର ଟ୍ରେନରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗଞ୍ଜେଇ ଧରାପଡିଛି। ବର୍ତ୍ତମାନ ବଲାଙ୍ଗିରକୁ କଫସିରପ ଚାଲାଣ ହୋଇଥିବା ବେଳେ ରେଳବାଇ ପୁଲିସ ଧରିଛି। ରାଜପଥରେ ଏବେ ଏହି ସବୁ ସାମଗ୍ରୀ ଚାଲାଣ କରିବା ସେତେଟା ସୁରକ୍ଷିତ ନ ଥିବା ବେଳେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଟ୍ରେନ୍ ସଂଯୋଗ ବ୍ୟବସ୍ଥା ସହଜ ରହିଥିବାରୁ ଏବେ ଚାଲାଣକାରୀ ଟ୍ରେନ୍‌ରେ ନିଶାଦ୍ରବ୍ୟ ଚାଲାଣ କରୁଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଟ୍ରେନ୍ ସଂଯୋଗ ରହିଛି। ନିୟମିତ ଭାବେ ବଲାଙ୍ଗିର ଜିଲ୍ଲା ଆସିବା ପାଇଁ ଦେହଜୀବୀମାନେ ନିର୍ଭର କରୁଥିବା ବେଳେ ଏବେ ଏଥିରେ ନିଶାଦ୍ରବ୍ୟ ବେପାରୀ ସାମିଲ ରହିଛନ୍ତି। ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ବଲାଙ୍ଗିର, ଟିଟିଲାଗଡ, କଣ୍ଟାବାଞ୍ଜି ଅଞ୍ଚଳରୁ ନିୟମିତ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସେହି ଅନୁସାରେ ଜିଲ୍ଲାକୁ ଏହି ସବୁ ରେଳଷ୍ଟେସନ ମାଧ୍ୟମରେ କଫସିରପ ଚାଲାଣ କରାଯାଉଥିବା



ଅଭିଯୋଗ ହୋଇଛି। ପୂର୍ବରୁ ଏହି ରେଳଷ୍ଟେସନରେ ଗଞ୍ଜେଇ ଚାଲାଣ ବେଳେ ପୁଲିସ ଓ ରେଳବାଇ ପୁଲିସ ଚଢଉ କରି ବହୁ ପରିମାଣର ଗଞ୍ଜେଇ ଓ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିସାରିଛି। ଜିଲ୍ଲାରୁ ଏହି ରେଳଷ୍ଟେସନକୁ ଚାଲାଣକାରୀମାନେ ଟ୍ରେନରେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ଚଢଉ ଘଟଣାରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ରାଜ୍ୟରେ କଫସିରପ ଚାଲାଣ ଉପରେ ପୁଲିସ ଚଢଉ କରୁଥିବା ବେଳେ ପଶ୍ଚିମଓଡିଶାର ବିଭିନ୍ନ ସ୍ଥାନରୁ କଫସିରପ ଜବତ ହେଉଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାକୁ ଭୁବନେଶ୍ୱର, କଟକ, କଲିକତାରୁ କଫସିରପ ଆସିଥାଏ। ଏହି କାରବାର କରୁଥିବା ମାଫିଆମାନେ ରାଜପଥରେ ପୂର୍ବରୁ ଆଣୁଥିବା ବେଳେ ଏହା ଉପରେ ପୁଲିସର ନଜର ରହିଛି। ଏହାଫଳରେ ସେମାନେ ଚାଲାଣ କରିବା କାଠିକର ପାଠ

**ରାଜପଥ ନୁହଁ; ରେଳପଥ ହିଁ ଭରସା**
**ରୋକିବାରେ କେତେ ସଫଳ ଜିଆରପି**
**ବଲାଙ୍ଗିର ଜିଲ୍ଲାରେ ସୁବିଧା ରେଳ ସଂଯୋଗ**
**ରାଜପଥରେ ବିପଦ, ଟ୍ରେନରେ ସୁରକ୍ଷିତ**
**ନିଶା ବେପାରୀଙ୍କ ନଜରରେ ଦ୍ରୁତଗାମୀ ଟ୍ରେନ୍**

ହୋଇଥିବା ବେଳେ ଏବେ ଏହି କଫସିରପ ମାଫିଆମାନେ ଟ୍ରେନ ଉପରେ ହିଁ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ବୁଧବାର ପୁଲିସ ବଲାଙ୍ଗିର ରେଳଷ୍ଟେସନରେ ୨୪ ପେଟି କଫସିରଫ ଜବତ କରିଛି। ତେବେ କେବଳ ବଲାଙ୍ଗିର ନୁହଁ; ଭୁବନେଶ୍ୱର ଓ କଟକରୁ ଆସୁଥିବା ଟ୍ରେନରେ ମଧ୍ୟ ଏହିଭଳି ନିୟମିତ କଫସିରପ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବ୍ୟାଗରେ ଭର୍ତ୍ତି କରି କଫସିରପ ଅଣାଯାଉଛି। ଏହା ବିଶେଷ କରି ଟିଟିଲାଗଡ, କଣ୍ଟାବାଞ୍ଜି, ବଲାଙ୍ଗିର ଓ ଲୋଇସିଂହାରେ ଓହ୍ଲାଇ ବିଭିନ୍ନ ସ୍ଥାନକୁ ପୁଣି ଗାଡିରେ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଟ୍ରେନରେ କଫସିରପ ଚାଲାଣ ଉପରେ ପୁଲିସର ନଜର ନ ଥିବା ସ୍ପଷ୍ଟ ହୋଇଛି। ତେବେ ବର୍ତ୍ତମାନ ପ୍ରଶ୍ନ ଏହାକୁ ରୋକିବାରେ ବଲାଙ୍ଗିର ପୁଲିସ କେତେ ସଫଳ ହେବ। ବଲାଙ୍ଗିର ତଥା ଅନ୍ୟ ରେଳଷ୍ଟେସନରେ ଥିବା ଜିଆରପି ଷ୍ଟେସନରେ ମାନବ ସମ୍ବଳ ଅଭାବ ରହିଛି। ହାତଗଣତି କିଛି ଅଧିକାରୀ ଓ କର୍ମଚାରୀଙ୍କ ଭରସାରେ ଜିଆରପି ଚାଲିଥିବା ବେଳେ ନିୟମିତ ଯାଞ୍ଚ ଓ ଚଢଉ କରିବା ସେମାନଙ୍କ ପାଇଁ କାଠିକର ପାଠ। ବଲାଙ୍ଗିର ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରେନ ଯାତାୟାତ କରୁଛି। କେତେବେଳେ କିଏ କେଉଁ ଟ୍ରେନରେ ଏହାକୁ ଚାଲାଣ କରିବ ଜିଆରପି ଜାଣିବା ବି କାଠିକର। ଜିଆରପି ଆବଶ୍ୟକତା ଅନୁସାରେ ସ୍ଥାନୀୟ ପୁଲିସର ସହାୟତା ନେଇପାରିବ; କିନ୍ତୁ ଉଭୟ ଅଧିକାରୀଙ୍କ ମଧ୍ୟରେ ସେହିଭଳି ସମନ୍ୱୟ ରହିବା କଥା; ଯାହାକି ବଲାଙ୍ଗିର ଜିଲ୍ଲାରେ ନ ଥିବା ଆଲୋଚନା ହେଉଛି। ତେଣୁ କାଁ ଭାଁ କିଛି ଚଢଉ ହେବା ସ୍ୱାଭାବିକ। ଏହାର ସୁଯୋଗ ନେଇ ଚାଲାଣକାରୀ ନିଜ ନିଶା କାରବାର ଚଳାଇବାରେ ସୁଯୋଗ ହାତେଇବେ।

**ବଲାଙ୍ଗିରରୁ ବେଆଇନ ବାଲି ଚାଲାଣ**

# ଅସହାୟ ଖଣି ବିଭାଗ

ବଲାଙ୍ଗିର,୫ ।୧୧(ସମିସ): ବଲାଙ୍ଗିର ଜିଲ୍ଲାରେ ଅନ୍ଧାର ରାତିରେ ବାଲି ଲୁଟ୍ ହେଉଛି। ଏହି ଚୋରା ବାଲି କେବଳ ଜିଲ୍ଲା କାହିଁକି; ରାଜ୍ୟ ବାହାରକୁ ମଧ୍ୟ ଚାଲାଣ କରାଯାଉଛି। ବାଲିଘାଟ ନିଲାମ କରି ରାଜସ୍ୱ ବିଭାଗ ବହୁ ପରିମାଣର ରାଜସ୍ୱ ଆୟ କରୁଥିଲା; କିନ୍ତୁ ଏହା ରାଜସ୍ୱ ବିଭାଗହାତରୁ ଯାଇ ଖଣି ବିଭାଗରେ ମିଶିବା ପରେ ସରକାର ପ୍ରତଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ରାଜସ୍ୱ ବିଭାଗ ତୁଳନାରେ ଖଣି ବିଭାଗରେ ସେତେ ପରିମାଣର ଅଧିକାରୀ, କର୍ମଚାରୀ ନ ଥିବାରୁ ବର୍ତ୍ତମାନ ସମୟରେ ବାଲିଚୋରା କାରବାର ବୃଦ୍ଧି ପାଇଛି। ନଦୀଗୁଡ଼ିକରେ ପାଣି କମିଯିବା ପରେ ଚୋରା ବାଲି ବେପାରୀ ପୁଣି ସକ୍ରିୟ ହୋଇ ନିଜ କାରବାର ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ସମୟରେ ଖଣି ବିଭାଗ ଚଢଉ କରୁଛି; କିନ୍ତୁ ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଚୋରା ବାଲି ବେପାରର ପେଣ୍ଠ ସାଜିଛି ବଲାଙ୍ଗିର ଜିଲ୍ଲା।

କିଛି ବର୍ଷ ପୂର୍ବରୁ ବାଲିଘାଟ ଗୁଡିକ ରାଜସ୍ୱ ବିଭାଗ ଅଧୀନରେ ରହିଥିଲା। ତହସିଲଦାର ଏହି ବାଲିଘାଟ ଗଡିକର ତଦାରଖ ଦାୟିତ୍ୱରେ ରହୁଥିବା ବେଳେ ତହସିଲ କାର୍ଯ୍ୟାଳୟରେ ହିଁ ବାଲିଘାଟ ନିଲାମ ଡକାଯାଉଥିଲା। ଜିଲ୍ଲା ଦେଇ ବହି ଯାଇଥିବା ନଦୀର ବିଭିନ୍ନ ଘାଟରୁ ଲିଜରେ ନେବା ପରେ ବାଲି ଉଠାଣ ହେଉଥିଲା; କିନ୍ତୁ ଏହି ବାଲିଘାଟ ସବୁ କିଛି ବର୍ଷ ପୂର୍ବରୁ ଖଣି ବିଭାଗ ହସ୍ତାନ୍ତର କରାଯାଇଥିଲା। ଏହା ଲଘୁ ଖଣିଜ ହୋଇଥିବାରୁ ଖଣି ବିଭାଗ ଏହାକୁ ପରିଚାଳନା କରିଥିଲା। ରାଜସ୍ୱ ବିଭାଗ ହାତରେ ଥିବା ସମୟରେ ବାଲିଘାଟଗୁଡିକରୁ ବହୁ ପରିମାଣର ରାଜସ୍ୱ ରାଜକୋଷକୁ ଯାଉଥିଲା। ଚୋରାଚାଲାଣ ପରିମାଣ ମଧ୍ୟ ବହୁତ କମ୍ ଥିଲା। ନିୟମିତ ପ୍ରତି ତହସିଲରେ ତହସିଲଦାରମାନଙ୍କ



**● ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର**
**● ରାଜସ୍ୱ ବିଭାଗ ହାତରୁ ଗଲା ପରେ ଲୁଟ୍ ହେଉଛି ରାଜସ୍ୱ**
**● ଚଢାଉ ପାଇଁ ନାହାନ୍ତି ଖଣି ବିଭାଗ ଅଧିକାରୀ**
**● ନଦୀରେ ପାଣି କମିବା ପରେ ଆରମ୍ଭ ହେଲାଣି ବାଲି ଚୋରାଚାଲାଣ**

ନେତୃତ୍ୱରେ ଚଢଉ କରାଯାଉଥିଲା। ବେଆଇନ ଚାଲାଣକାରୀଙ୍କ ଗାଡି ଜବତ କରି ଜରିମାନା କରାଯାଉଥିଲା। ଆବଶ୍ୟକ ହେଲେ ସେମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ କରାଯାଉଥିଲା; କିନ୍ତୁ ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରେ ବେଆଇନ ବାଲି ଚାଲାଣ ଉପରେ ଲଗାମ ନ ଥିବା ଅଭିଯୋଗ ହୋଇଛି। ଖଣି ବିଭାଗ ହାତକୁ ଯିବା ପରେ ଜିଲ୍ଲାରେ ଥିବା ପ୍ରାୟ ୭୦ରୁ ଅଧିକ ବାଲିଘାଟରୁ ବେଆଇନ ବାଲି ଉଠାଣ ଓ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ୭୦ ବାଲିଘାଟରୁ ପ୍ରାୟ ୩୫ଟି ବାଲିଘାଟ ଲିଜ୍ ଦିଆଯାଇଥିବା ବେଳେ ଅନ୍ୟ ବାଲିଘାଟ ପାଇଁ କୌଣସି ଲିଜ୍ ଦିଆଯାଇନାହିଁ; କିନ୍ତୁ ବେଆଇନ ବାଲି ଚୋରାଚାଲାଣକାରୀ ଯେଉଁଠୁ ପାଇଲେ ସେଇଠୁ ବାଲି ଉଠାଇ ଜିଲ୍ଲା ତଥା ରାଜ୍ୟ ବାହାରକୁ ରାତି ଅଧିଆ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ତେବେ ଜିଲ୍ଲାରୁ ବେଆଇନ ବାଲି ଚାଲାଣକୁ ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ ସ୍ୱୀକାର କରିଛନ୍ତି। ବେଆଇନ ଭାବେ ଚାଲାଣ ହେଉଥିବା ବାଲିଚୋରଙ୍କୁ ଧରିବା ପାଇଁ ଖଣି ବିଭାଗରେ ଆବଶ୍ୟକ ପରିମାଣର ଅଧିକାରୀ ଓ କର୍ମଚାରୀ ନାହାନ୍ତି। ଜିଲ୍ଲାରେ କେବଳ ଜଣେ ଖଣି ଅଧିକାରୀ, ଜଣେ ଅତିରିକ୍ତ ଖଣି ଅଧିକାରୀ ଓ ଜଣେ କନିଷ୍ଠ ଖଣି ଅଧିକାରୀ ରହିଛନ୍ତି। ଏମିତିରେ ଚଢଉ କରିବା ପାଇଁ ଅନେକ ସମସ୍ୟା ରହିଛି। ଆବଶ୍ୟକ ହେଲେ ବିଭିନ୍ନ ସମୟରେ ପୁଲିସ, ପରିବହନ ଓ ଅନ୍ୟ ବିଭାଗର ସହାୟତା ନିଆଯାଉଛି। କର୍ମଚାରୀ ଅଭାବ ପୂରଣ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଚାଲିଥିବା କହି ବେଆଇନ ବାଲି ଚାଲାଣ ଉପରେ ଚଢଉ ନେଇ ସେ ନିଜର ଅସହାୟତା ପ୍ରକାଶ କରିଛନ୍ତି।

ଏଥିରୁ ସ୍ପଷ୍ଟ ଯେ, ବଲାଙ୍ଗିର ଜିଲ୍ଲାରୁ ଖୋଲାଖୋଲି ବେଆଇନ ଭାବେ ବାଲିଚାଲାଣ ହେଉଛି। ଏହାକୁ ରୋକିବାରେ ଖଣି ବିଭାଗ ଅସହାୟ ହୋଇ ପଡିଚି। ନା ହାତରେ କର୍ମଚାରୀ ଅଛନ୍ତି ନା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା ରହିଛି। ଏମିତିରେ ପ୍ରଶାସନ ଆଖିରେ ଧୂଳି ଦେଇ ବାଲି ଆଫିଆ ନିଜ କାରବାର ଚଳାଇଛନ୍ତି। ଖଣି ବିଭାଗ ଏ ସବୁ ଜାଣି ମଧ୍ୟ ନୀରବ ରହିବାକୁ ବାଧ ହେଉଛି।

## ଯାଦବ ସମାଜ ଥାନାର ଦ୍ୱାରସ୍ଥ



ସଇଁତଲା,୫ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ପରିସରରେ ଗତ ୧ ତାରିଖରେ ହୋଇଥିବା ବିକ୍ଷୋଭ ସଭାରେ ବଳଦେବ କୁମ୍ଭାର ବଲାଙ୍ଗିର ଜିଲ୍ଲା ଯାଦବ ସମାଜର ସଭାପତି ଲକ୍ଷ୍ମଣ ବାଗ ଏବଂ ସମଗ୍ର ଗଉଡ ସାମାଜକୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଭେଦ ଭାବ ସୃଷ୍ଟି କରିବା ସହ ଗଉଡ ସାମାଜର ଲୋକଙ୍କୁ ମାନସିକସ୍ତରରେ ଆଘାତ ଦେଇଥିବା ଅଭିଯୋଗ ହୋଇଛି।

ଏଥିସହ ଯାଦବ ସମାଜର ଚରିତ୍ର ଉପରେ କଟୁ କଥା କହିବା ସହ ଦଙ୍ଗା ସୃଷ୍ଟି କଲାଭଳି ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବଲାଙ୍ଗିର ଜିଲ୍ଲାରେ ବସବାସ କରୁଥିବା ଗଉଡ ସାମାଜର ମା' ଭଉଣୀଙ୍କ ସମ୍ମାନ ହାନି ହେବା ସହ ମର୍ଯ୍ୟଦା କ୍ଷୁର୍ଣ୍ଣ ହେଉଛି। ଏଣୁ ବଲାଙ୍ଗିର ଜିଲ୍ଲା ଯାଦବ ସମାଜ ବଳଦେବ କୁମ୍ଭାରଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛି। ଏ ନେଇ ଜିଲ୍ଲା ଯୁବ ଯାଦବ ସଭାପତି ସୁବ୍ରତ ନାଗ, ଜିଲ୍ଲା ଯାଦବ ମହାସଭା ଉପସଭାପତି ବିଜୟ ବିଶି, ଜିଲ୍ଲା ସାଧାରଣ ସମ୍ପାଦକ ଖୁସିରାମ ଦୀପ, ବଲାଙ୍ଗୀର ପୌରଞ୍ଚଳ ସଭାପତି ସଂଜୀବ ବାଗ, ଯୁବଯାଦବ ସଂଗଠକ ଗିରିଧାରୀ ଚନ୍ଦନ, ଗବର ପ୍ରସାଦ ବଗର୍ତ୍ତୀ, ସଂଜୀବ ବାଗ, ଧ୍ରୁବା ଜାଲ, ସରୋଜ ଥପା, ବୁଢ଼ାବାହାଲ ଯାଦବ ସମ୍ପାଦକ ଗଜିନ୍ଦ୍ର ବାଗ, ସଭାପତି ପରାମନନ୍ଦ ହେର୍ଣ୍ଣାଙ୍କ ସହ ବଲାଙ୍ଗୀର ଜିଲ୍ଲାର ବହୁ ଯାଦବ ସମାଜ ସଦସ୍ୟ ସଇଁତଲା ଥାନାରେ ନ୍ୟାୟ ପ୍ରଦାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ

ଲୋଇସିଂହା,୫ ।୧୧( ସମିସ) : ବଲାଙ୍ଗୀର ଜିଲା ଆଗଲପୁର ଥାନା ଅଧୀନ ଭରସୁଜା ଛେଲିଆପାଟ ମନ୍ଦିର ଆଗରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟଇଛି। ମୃତକମାନେ ହେଲେ ଆଗଲପୁର ବ୍ଲକ ବଡ଼ଟୀକା ପଞ୍ଚାୟତ ସହାଜଛାପର ଗ୍ରାମର ଚେରୁ ବେହେରା (୫୨) ଓ ସୁରେଶ ପଧାନ (୨୬)। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଘଟଣା ସ୍ଥଳରୁ ଫେରାର ମାରିଥିବାରୁ ସେଠାରେ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

**ବାଟବଣା ଆବାସ ଯୋଜନା**

# ମୈଥିଲି, ସୁରୁସୂତାଙ୍କ ପରିବାରକୁ ଭଙ୍ଗାଘର ସାହା

ଦେଓଗାଁ,୫ ।୧୧(ସମିସ): ଗରିବ ପରିବାରଙ୍କ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ୟତମ। ଏହି ଯୋଜନାରେ କଚ୍ଚା ଘର ବା ବାସହୀନ ପରିବାରକୁ ଅନ୍ତର୍ଭୁକ୍ତ କରି ପକ୍କାଘର ଯୋଗାଇଦେବା ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ମୂଳ ଲକ୍ଷ୍ୟ ରହିଛି; ହେଲେ କିଛି ଅଧିକାରୀଙ୍କ ପାଇଁ ଏହି ଯୋଜନା ବାଟବଣା ହେବାକୁ ଲାଗିଛି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ମୁଖ୍ୟାଳୟରେ।

ଏଠାରେ ମୈଥିଲି ନାଗ ଓ ସୁରୁସୂତା ବାଗଙ୍କ ପରିବାର ଏଭଳି ଅବହେଳାର ଶିକାର ହୋଇଛନ୍ତି। ଏ ଦୁହିଁଙ୍କ ପରିବାର ଲୋକ ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରିଥାନ୍ତି। ଉଭୟଙ୍କ ପରିବାର

**● ବାରମ୍ବାର ପଞ୍ଚାୟତ, ବ୍ଲକ୍‌ରେ ଆବେଦନ କରୁଛନ୍ତି**
**● କେହି ଶୁଣୁ ନାହାନ୍ତି ଗୁହାରି**
**● ସରକାରୀ ବ୍ୟବସ୍ଥା ଉପରୁ ଭରସା ତୁଟି ଯାଉଛି**

ଝାଟିମାଟି ଭଙ୍ଗା ଦଦରା ଘରେ ଅସୁରକ୍ଷିତ ଭାବେ ରହିଆସୁଛନ୍ତି। ଏମାନେ ବାରମ୍ବାର ପଞ୍ଚାୟତ ଓ ବ୍ଲକକୁ ଯାଇ ଆବାସ ଘର ପାଇଁ ଆବେଦନ କରୁଛନ୍ତି। କେହି କିନ୍ତୁ ଏମାନଙ୍କ ଗୁହାରି ଶୁଣୁ ନ ଥିବା ଏମାନେ ଅଭିଯୋଗ କରିଛନ୍ତି। ସରକାର ଅତ୍ୟନ୍ତ ଅସହାୟ ଓ ବାସହୀନ ପରିବାରକୁ ଅଗ୍ରାଧିକାରଭିତ୍ତିରେ ପକ୍କା ଘର ଯୋଗାଇ ଦେବା ପାଇଁ କଡା ନିର୍ଦ୍ଦେଶ ଦେଉଛନ୍ତି; ହେଲେ ପଞ୍ଚାୟତ ମୁଖ୍ୟାଳୟରେ ଏଭଳି ଅବସ୍ଥା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି। ଆବାସ ଘର ପାଇଁ ପଞ୍ଚାୟତକୁ ଗଲେ ବ୍ଲକକୁ ପଠା ଯାଉଛି। ବ୍ଲକକୁ





ଗଲେ ପଞ୍ଚାୟରେ କୁହ ବୋଲି କୁହାଯାଉଛି। ଏପରିସ୍ଥଳେ ଏମାନେ ପ୍ରକୃତରେ କାହାକୁ ଗୁହାରି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏଣୁ ପକ୍କା ଘର ପାଇଁ ସହଯୋଗ ନ ମିଳୁ ପଛେ ସେମାନେ ଆଉ ଏ ଅଫିସରୁ ସେ ଅଫିସ ଧାଇଁ ପାରିବେନି ବୋଲି ଅସନ୍ତୋଷର ସହ କହିଛନ୍ତି। ସେଥିପାଇଁ ଭାଗ୍ୟକୁ ଆଦରି ସେହି ଭଙ୍ଗା ଘରେ ପଡି ରହିଥିବା କ୍ଷୋଭର ସହ କହିଛନ୍ତି। ତେବେ ସୁରୁସୂତା ବାଗଙ୍କ ସ୍ୱାମୀ ଧ୍ରୁବା ବାଗଙ୍କ କହିବାନୁସାରେ ଖରା ଓ ଶୀତ ମାସରେ କଷ୍ଟେମଷ୍ଟେ ଚଳିଯାଉଥିବା ବେଳେ ବର୍ଷାମାସରେ ସେମାନେ ବିପଦଶଙ୍କୁଳ ଅବସ୍ଥାରେ ରହୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ଯଶୋବନ୍ତୀ ନାଏକଙ୍କୁ ପଚାରିବାରୁ ଜଣକ ନିଜ ଘର ଡିହ ନାହିଁ। ଏଣୁ ସମସ୍ୟା ହେଉଛି। ଅନ୍ୟ ଜଣକର ଅଧିକ ଚାଷଜମି ରହିଥିବା ସର୍ଭେରେ ଆସିଛି। ଏଣୁ ଉଭୟ ତାଲିକାରୁ ବାଦପଡିଛନ୍ତି। ଏହା ସତ୍ତ୍ୱେ ସେମାନେ କେମିତି ଘର ନିର୍ମାଣ ଲାଗି ପ୍ରଶାସନର ସହଯୋଗ ପାଇପାରିବେ ସେ ନେଇ ଚେଷ୍ଟା କରିବେ ବୋଲି ସେ କଥା ଦେଇଛନ୍ତି। ବାକି ରହିଲା ସରପଞ୍ଚ ସତରେ ଏଥିଲାଗି ଉଦ୍ୟମ କରିବେ ନା ଭୁଲିଯିବେ।

## ଦେଓଗାଁ ଅଞ୍ଚଳରେ ଅଶାନ୍ତିକୁ ନେଇ ନରସିଂହ କ୍ଷୁବ୍ଧ

ବଲାଙ୍ଗିର,୫ ।୧୧(ସମିସ): ଗତ କିଛି ସପ୍ତାହ ହେଲା ଶାନ୍ତିପୂର୍ଣ୍ଣ ଦେଓଗାଁ ଅଶାନ୍ତ ହୋଇ ପଡିଛି। ପ୍ରତ୍ୟେକ ଦିନ କୌଣସି ନା କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ସଦ୍ୟ ସଦ୍ୟ ଦେଓଗାଁରେ ଘଟିଯାଇଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୁଲିସ ଏ କ୍ଷେତ୍ରରେ ବହୁତ ଯତ୍ନବାଦ ହେବା ଦରକାର। ଯାହା କିଛି ବି ଘଟିଯାଇଛି ତାହାର ଠିକ୍ ତଦନ୍ତ ନିହାତି ହେବା ଦରକାର। ଏହି ଘଟଣାରେ ନିରୀହଙ୍କୁ ଗିରଫ ନ କରି ପ୍ରକୃତ ଦୋଷୀ ଯିଏ ତାକୁ ପୁଲିସ ଗିରଫ କରିବା ଆବଶ୍ୟକ। ଏକ ପ୍ରେସ୍‌ବିବୃତ୍ତି ମାଧ୍ୟମରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏହା କହିଛନ୍ତି। ସେ ଏହି ପ୍ରେସ୍ ବିବୃତ୍ତିରେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ଥାନୀୟ ଆଇଆଇସି ବିନା ତଦନ୍ତରେ ନିରିହ ଲୋକଙ୍କୁ ଉଠାଇ ଆଣଛନ୍ତି। ଏହା ଦେଓଗାଁ ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି କରିଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏପରିକି କାର୍ତ୍ତିକ ପୂର୍ଣ୍ଣମୀ ଦିନ ମଧ୍ୟ ଲୋକେ ମନ୍ଦିର ଦର୍ଶନ କରି ଯିବାରେ ଭୟ କରିଛନ୍ତି। ଏହା ଫଳରେ ପୂର୍ଣ୍ଣମୀ ଦିନ ଦେଓଗାଁର ପ୍ରାୟ ମନ୍ଦିର ଜନଶୂନ୍ୟ ଥିଲା। ଶ୍ରୀ ମିଶ୍ର ଏହି ବିବୃତ୍ତିରେ ଏହା ମଧ୍ୟ କହିଛନ୍ତି ଯେ, ଗାଁ ଲୋକେ ସ୍ଥାନୀୟ ପୋଲିସ ଉପରେ ଭରସା କରୁନାହାନ୍ତି। ତେଣୁ ସ୍ଥାନୀୟ ଆଇଆଇସିଙ୍କୁ ସେହି ଜାଗାରୁ ତୁରନ୍ତ ବଦଳି କରି ଜଣେ ଦକ୍ଷ ପୁଲିସ ଅଧିକାରୀଙ୍କୁ ଦେଓଗାଁରେ ସରକାର ନିଯୁକ୍ତି ଦେବା ଆବଶ୍ୟକ। ଏହାସହ ଲୋକଙ୍କ ମନରେ ଥିବା କୋକୁଆ ଭୟ ଦୂର କରିବା ପାଇଁ ପୁଲିସ ଶୀଘ୍ର ପଦକ୍ଷେପ ନେଉ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଗତ ମାସ ୧୩ ତାରିଖରେ କିଛି ସଂଖ୍ୟା ଲଘୁ ଯୁବକ ଦେଓଗାଁ ଅଞ୍ଚଳରେ ଖଣ୍ଡା ତଥା ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭିତ କରିଥିଲେ। ସାମ୍ପ୍ରଦାୟିକ ତିକ୍ତତା ଆଣିବା ପାଇଁ କିଛି ଲୋକ ବିଭ୍ରାନ୍ତିକର ଅପପ୍ରଚାର କରୁଛନ୍ତି। ଏହା ଯେପରି ଆଗକୁ ଉଗ୍ର ରୂପ ନ ନିଏ ସେ ଦିଗରେ ପୁଲିସ ଯତ୍ନବାନ ତଥା ସମ୍ବେଦନଶୀଳ ହୋଇ ପଦକ୍ଷେପ ଗ୍ରହଣ କରିବା ଜରୁରି। ଏସ୍‌ପି ମଧ୍ୟ ଯେତେ ଶୀଘ୍ର ଏହି ଘଟଣାରେ ହସ୍ତକ୍ଷେପ କରି ଦେଓଗାଁ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଶାନ୍ତି କମିଟି ଗଠନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ନରସିଂହ କହିଛନ୍ତି।

## କାହାରି ଦୃଷ୍ଟି ପଡୁନି

**୫୦ ବର୍ଷ ତଳର ପୁରୁଣା ଶୈବପୀଠ**

ମୁରିବାହାଲ,୫ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ମାଲିଶିରା ଗାଁ ନିକଟରେ ଏକ ଛୋଟ ଗାଁ ରହିଛି; ଯାହା ମନ୍ଦିରପଡା ଗାଁ ଭାବରେ ପରିଚିତ। ଏଠାରେ ଏକ ପୁରାତନ ଶୈବପୀଠ ରହିଛି; ଯାହା ପାତାଳେଶ୍ୱର ବାବା ମନ୍ଦିର ଭାବରେ ବେଶ୍ ପରିଚିତ। ଶିବ, ମାଁ ଚଣ୍ଡୀ, ଓ ମାଁ ଦୁର୍ଗା ପୂଜା ପାଇଆସୁଛନ୍ତି। ଏଠି ପ୍ରତ୍ୟେକ ବର୍ଷ ଶିବରାତ୍ରି ଦିନ ଯାତ୍ରା ଅନୁଷ୍ଠିତ ହୋଇଥାଏ; ଯାହା "ଚଣ୍ଡୀ ପୂଜା' ନାମରେ ବେଶ୍ ପ୍ରସିଦ୍ଧ। ପ୍ରତ୍ୟେକ ସୋମବାର ଦିନ ଏଠି ଭଗବାନଙ୍କ ପୂଜା ହୋଇଥାଏ। ବହୁ ଦୂରରୁ ବହୁତ ଶ୍ରଦ୍ଧାଳୁ ଆସିଥାନ୍ତି। ମନସ୍କାମନା ପୂରଣ ହେଲେ ମନ୍ଦିରରେ ଉଜାଗର ରହିଥାନ୍ତି; କିନ୍ତୁ ଏହି ମନ୍ଦିରଟି ଅବହେଳିତ ହୋଇ ରହିଛି। ଏହି ମନ୍ଦିରଟି ପ୍ରତି କାହାରି ଦୃଷ୍ଟି ପଡୁନି। ମନ୍ଦିରକୁ ଯିବା ଆସିବା ପାଇଁ ଭଲ ରାସ୍ତାଟିଏ ନାହିଁ। ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବା ପାଇଁ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ଏହା ଫଳରେ ମନ୍ଦିରକୁ ଆସୁଥିବା ଭକ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



**କ୍ଷତିପୂରଣ ପ୍ରାପ୍ୟ ଲାଳସା**

# ଅଧିଗୃହୀତ ଜମିରେ ପକ୍କାଘର

ଟିଟିଲାଗଡ଼,୫ ।୧୧(ସମିସ)

ଟିଟିଲାଗଡ଼ ରେଳ ଜଙ୍କସନକୁ ପ୍ରବେଶ କରୁଥିବା ମାଲବୁହା ଟ୍ରେନ୍‌ଗୁଡିକର ବାଇପାସ୍ ନେଇ ପ୍ରାୟ ୮୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏନେଇ ଭୂମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି; ହେଲେ ରେଳ ବିଭାଗ ଅଧିକାରୀଙ୍କ ସମେତ ଜିଲ୍ଲା ଭୂ-ଅଧିଗ୍ରହଣ ଅଧିକାରୀଙ୍କ ଭୂମିକାକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ପୂର୍ବତଟ ରେଳବାଇ ଅଧୀନରେ ଥିବା ଟିଟିଲାଗଡ଼ ରେଳ ଜଙ୍କସନର ଟିଟିଲାଗଡ଼ ସହର ନିକଟସ୍ଥ ଶିକେର ଏବଂ ରହେନଭଟା ରେଳଷ୍ଟେସନ ମଧ୍ୟରେ ୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏ ନେଇ ଏବେ ସ୍ଥାନୀୟ ଖଜୁରପଡ଼ା ଅଞ୍ଚଳରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ଶିକେର ଷ୍ଟେସନରୁ ରହେନଭଟା ଷ୍ଟେସନକୁ ବାଇପାସ୍ ରେଳ ଲାଇନ ନିର୍ମାଣ କାମ ସାଙ୍ଗକୁ ଦୀର୍ଘ ୮ କିଲୋମିଟର ବିଶିଷ୍ଟ ଓଭରବ୍ରିଜ ନିର୍ମାଣ ସହ ଭୂତଳ ଗ୍ୟାସ୍ ପାଇପ୍ ନେଇ ଯୋଜନା ରହିଛି; ହେଲେ କେତେକ ଅସାଧୁ ବ୍ୟକ୍ତି ରାତାରାତି କୋଟିପତି



ହେବା ନେଇ ଏକ ବଡ଼ ଧରଣର ଫନ୍ଦିକତା କରୁଥିବା ଦେଖିବାକୁ ମିଳିଛି। ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବରଗଡ଼ ଅଞ୍ଚଳର କିଛି ବ୍ୟକ୍ତି ଆସି ଅଧିଗୃହିତ ହେବାକୁ ଥିବା ଜମି ଉପରେ ଆଖି ପକାଇବା ଚର୍ଚ୍ଚା ଜୋର ଧରିଛି। ରାତାରାତି ଅଧିଗୃହିତ ଜମି ଉପରେ ନାମକୁ ମାତ୍ର ପକ୍କା ଘର ନିର୍ମାଣ କରୁଛନ୍ତି। ଏହାଦ୍ୱାରା କୋଟି କୋଟି ଟଙ୍କା କ୍ଷତିପୂରଣ ପାଇବାକୁ ଏମାନେ ଯୋଜନା କରିଛନ୍ତି। ଅଧିଗୃହିତ ଜମି ଉପରେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲୁଥିବା ଦେଖାଯାଇଛି। ବର୍ଷେ ପୂର୍ବରୁ ଝାରସୁଗୁଡା ଅଞ୍ଚଳର ଜଣେ ବ୍ୟବସାୟୀ ଖଜୁରପଡା ଏବଂ ଟିଟିଲାଗଡ଼ ସହରର ମଦଭାଟି ପଡାକୁ ସଂଯୋଗ କରୁଥିବା ରେଳ ଫାଟକ ନିକଟରେ ଅଧିଗ୍ରହଣ ହୋଇଥିବା ଜମିରେ ପକ୍କାଘର ନିର୍ମାଣ କରିଥଲେ। ସେ ପ୍ରାୟ ୧୨ଟି ଛୋଟ ଛୋଟ କୋଠରୀ ନିର୍ମାଣ କରିଥିଲେ। ଏହି ଜମି ଦେଇ ବାଇପାସ୍ ରେଳ ଲାଇନ ଯାଉଥିବାରୁ ମାତ୍ର ୨ ମାସ ମଧ୍ୟରେ ସେ ୩ କୋଟିରୁ ଅଧିକ ଟଙ୍କା କ୍ଷତିପୂରଣ ପାଇଥିବା ଆଲୋଚନା ହୋଇଛି। ଏହି ବ୍ୟବସାୟୀ ଜଣକ ବର୍ତ୍ତମାନ ଖଜୁରପଡ଼ା ଅଞ୍ଚଳର କିଛି ଜମି ମାଲିକଙ୍କୁ ଆଗୁଆ ଟଙ୍କା ଦେଇ ରେଳ ଲାଇନ କଡ଼ରେ ନାମକୁ ମାତ୍ର ପକ୍କାଘର ନିର୍ମାଣ କରୁଛନ୍ତି। ଏହାଫଳରେ ଜମି ମାଲିକ ରାତାରାତି ଘର ନିର୍ମାଣ କରିବା ପାଇଁ ଲାଗି ପଡିଛନ୍ତି। ଏମିତିକି ବିଭିନ୍ନ କିସମର ଚାରା ଆଣି ଅଧିଗୃହିତ ଜମିରେ ରୋପଣ କରଯାଉଥିବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏହାଫଳରେ ପକ୍କାଘର ଏବଂ ଗଛ ବାବଦକୁ ଅଧିକ ଟଙ୍କା ଯେଭଳି ଦାବି କରି ପାରିବେ ସେନେଇ ସମସ୍ତ ପ୍ରକାର ଯୋଜନା ପ୍ରସ୍ତୁତ ହୋଇ ସାରିଛି। ଏହି ପ୍ରକାର ଠକେଇ ପାଇଁ ରେଳ ବିଭାଗର କିଛି ଅଧିକାରୀ ମଧ୍ୟ ସମ୍ପୃକ୍ତ ଠକମାନଙ୍କୁ ସହଯୋଗ କରୁଥିବା ସହ ଚର୍ଚ୍ଚା ହେଉଛି। ତେବେ ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ପୂର୍ବରୁ ବଲାଙ୍ଗୀର ଜିଲାରେ ଶୁକତେଲ ପ୍ରକଳ୍ପ କେଲେଙ୍କାରୀ ଭଳି ବର୍ତ୍ତମାନ ଏଭଳି ମାଫିଆମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିବା ଅଭିଯୋଗ ହୋଇଛି। ରେଳ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମ ରହିଛି। ତେବେ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶିତ ହେବା ପୂର୍ବରୁ କେଉଁଠି ବ୍ୟକ୍ତିଗତ ଘର, ଗଛ, ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ଏବଂ ଜମିର କିସମ, ଜମି ଉପରେ କ'ଣ ରହିଛି ସେ ସବୁ ପୂର୍ଣ୍ଣାଙ୍ଗ ରିପୋର୍ଟ ଜମି ଅଧିଗ୍ରହଣ ବିଭାଗ ଏବଂ ରେଳ ବିଭାଗ ମିଳିତ ଭାବରେ ଯାଞ୍ଚ କରି ରିପୋର୍ଟ ଦେଇଥାନ୍ତି। ତାହା ପରେ ଅଧିଗ୍ରହଣ ହୋଇଥିବା ଜମିର କ୍ଷତିପୂରଣ ସମେତ ସମସ୍ତ ବ୍ୟୟ ଅଟକଳ ହୋଇଥାଏ; ହେଲେ ଏଠାରେ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାତିଅଧିଆ ପକ୍କା ଘର ନିର୍ମାଣ ଜାରି ରହିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପୂର୍ବରୁ ଶୁକତେଲ ପ୍ରକଳ୍ପ କ୍ଷତିପୂରଣ ରାଶି ଲୁଟ୍‌ରେ ସାମିଲ ଜିଲ୍ଲା ଭୂ ଅଧିଗ୍ରହଣ ଅଧିକାରୀଙ୍କ ଭୂମିକା ଏବେ ସନ୍ଦେହ ଘେରରେ।

ଏନେଇ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ରେଳ ବିଭାଗର ପ୍ରକଳ୍ପ ନିର୍ମାଣ ନେଇ ଅଧିଗ୍ରହଣ ହୋଇଥିବା ଜମିରେ ରାତାରାତି ପକ୍କା ଗୃହ ନିର୍ମାଣ ଅଭିଯୋଗ ନେଇ ସେ ବଲାଙ୍ଗୀର ଜିଲାପାଳଙ୍କୁ ଅବଗତ ସହ ସରଜମିନ ତଦନ୍ତ କରିବେ ବୋଲି କହିଛନ୍ତି।

# ବୁଢ଼ାବଳଙ୍ଗରେ ଡଙ୍ଗା ଭସାଇଲେ ସହସ୍ରାଧିକ ଶ୍ରଦ୍ଧାଳୁ





ବାଲେଶ୍ୱର, ୫ ।୧୧(ସମିସ)

ବୁଢାବଳଙ୍ଗ ନଦୀ କୂଳ ବାଲିଘାଟ ନୌବାଣିଜ୍ୟ ପରମ୍ପରାର ଅନ୍ୟତମ ମୂକସାକ୍ଷୀ । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଉଦ୍ଦେଶ୍ୟରେ ଓଡିଆ ଘରର ଆବାଳ ବୃଦ୍ଧ ବନିତା ଡଙ୍ଗା ଭସାଇଥିଲେ । ଡଙ୍ଗାରେ ଧୂପ, ଦୀପ, ଫଳ ରଖି ବନ୍ଦାପନା କରିବା ପରେ ଆ-କା-ମା-ବୈ, ପାନ ଗୁଆ ଥୋଇ ଗୀତ ବୋଲିବା ସହ ଡଙ୍ଗା ଭସାଇ ପୁରୁଣା ପରମ୍ପରା ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବାଲିଘାଟ ଓ ଏହାର ଆଖପାଖ ଅଂଚଳ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଥିଲା । କାର୍ତ୍ତିକ ପୂର୍ଣ୍ଣମା ଠାରୁ ବାଲିଘାଟ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଉଡା ପଡିଆରେ ଆରମ୍ଭ ହୋଇଛି ବାଲିଯାତ୍ରା । ତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଖୋଲିଛି ଶତାଧିକ ଷ୍ଟଲ । ଶ୍ରଦ୍ଧାଳୁମାନେ ନଦୀ ଘାଟରେ ବୁଡ ପକାଇବା ପରେ ଦିଅଁ ଦର୍ଶନ କରି ବିଭିନ୍ନ ମନ୍ଦିରରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ପରିବାରର ଶୁଭ ମନାସିଥିଲେ । କାର୍ତିକ ପୂର୍ଣ୍ଣିମାକୁ ରାହାସ ପୂର୍ଣ୍ଣିମା ଭାବେ ମଧ ପାଳନ କରାଯାଉଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ମଧ ଭୋର ସମୟରେ ନଗର ସଂକୀର୍ତ୍ତନରେ ବାହାରି ସହର ପରିକ୍ରମା କରିଥିଲେ । ଘରେ ଘରେ ତୁଳସୀ ଚଉରା ମୂଳରେ ଝୋଟି ଚିତା ଏବଂ ମୁରୁଜ ଆଙ୍କିବା ସହିତ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ ।

**'ଆ.କା.ମା.ବୈ'ର ବୋଇତ ବନ୍ଦାଣ:** ଉତ୍ସବ ଭୋଇସାହିଠାରେ ଆ.କା.ମା.ବୈ ସାଂସ୍କୃତିକ ଅନୁଷ୍ଠାନର ଷୋଡଶ ବୋଇତ ଉତ୍ସବ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଭିଜିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧକ୍ଷା ସବିତା ସାହୁ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମନ୍ମଥ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ସଞ୍ଜୀବ ଦାସ, ପ୍ରିତିଲତା ସେଠୀ, ମାନସ ରଞ୍ଜନ ଦାସ, ସୁମନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିକାଶ ପାଢ଼ୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଉପଦେଷ୍ଟା ମୁରଲୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଗିରିଧାରୀ ବେହେରା, ଲକ୍ଷ୍ମୀଧର ସେଠୀ, ପ୍ରବୀର କୁମାର ଦାସ, ଜଗଜିତ ଆଚାର୍ଯ୍ୟ, ବିଶ୍ୱଜିତ ଭୋଇ, ମନୋଜ ଭୋଇ, ପ୍ରଦୀପ ମହନ୍ତ, ରାକେଶ ଭୋଇ, ସନ୍ତୋଷ ଭୋଇ, ବିରେନ୍ଦ୍ର ସେଠୀ, କମଳ ଲୋଚନ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବେଙ୍ଗାଲୁରୁରେ ବୋଇତ ବନ୍ଦାଣ ଉତ୍ସବ :** ଉତ୍କଳ ଦିବସଠୁ ଆରମ୍ଭ କରି ପଖାଳ ଦିବସ, ରଥଯାତ୍ରା, ରଜ ସହ ସମସ୍ତ ଓଡ଼ିଆ ପର୍ବକୁ ବେଙ୍ଗାଲୁରୁରେ ଥିବା ଓଡ଼ିଆ ପରିବାର ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଛି । ସେହିପରି ଏସ୍‌ଏଲ୍‌ଭି ସେଣ୍ଟ୍ରାଲ୍ ପାର୍କ ଆପାର୍ଟମେଣ୍ଟ ଓଡ଼ିଆ ପରିବାର ଦ୍ୱାରା ବେଙ୍ଗାଲୁରୁରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ପ୍ରାୟ ୬୦ ଓଡିଆ ପରିବାର ଏକାଠି ହୋଇ ଏହି ଉତ୍ସବ ପାଳିଥିଲେ ।

**ବ୍ୟାସବିହାରରେ ବୋଇତ ବନ୍ଦାଣ ଉତ୍ସବ:** ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାର ପରିସର ଆଜି ଉତ୍ସବ ମୁଖର ହୋଇଥିଲା । ବିଶ୍ୱବିଦ୍ୟାଳୟର ଧାନ କେନ୍ଦ୍ର ଓ ନୂତନ ଉଦ୍ଭିଦ ବିଜ୍ଞାନ ବଗିଚା ସଂଲଗ୍ନ ପୁଷ୍କରିଣୀ ପାଖରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିମାନଙ୍କ ଉପସ୍ଥିତିରେ ଉଲ୍ଲାସପୂର୍ଣ୍ଣ ପରିବେଶରେ ପାଳିତ ହୋଇଥିଲା । ବିଶେଷକରି ପରିବେଶ ସୁରକ୍ଷା ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ପ୍ଲାଷ୍ଟିକ ବିହୀନ ଭାବେ କପଡ଼ା, ବାଉଁଶ ଓ କଦଳୀପଟୁଆ ଦ୍ୱାରା ତିଆରି ଏକ ବୋଇତକୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସୁନ୍ଦର ଭାବେ



ସଜାଇଥିଲେ । ପ୍ରାତଃ ସମୟରେ ଓଡ଼ିଆ ପାରମ୍ପରିକ ରୀତିରେ "ଆ କା ମା ବୈ ଆ' ଗୀତ ଗାଇ, ଘଣ୍ଟ ଓ ଶଂଖ ଧ୍ୱନି ସହ ବୋଇତଟିକୁ ପୁଷ୍କରିଣୀରେ ଭସାଇଥିଲେ । ଉତ୍ସବରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସମେତ ବିଭିନ୍ନ ବିଭାଗମୁଖ୍ୟ, ଅଣଶିକ୍ଷକ କର୍ମଚାରୀ ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଉତ୍ସବର ଆୟୋଜନ ଓ ସମନ୍ୱୟ ଦାୟିତ୍ୱ ଭୂବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ନିର୍ବାହ କରିଥିଲେ ।

**ରେମୁଣା ସାଂସ୍କୃତିକ ପରିଷଦ:** ରେମୁଣା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୨ତମ ବୋଇତ ବନ୍ଦାଣ ଉତ୍ସବ ରେମୁଣା ବଜାର ଠାରେ ସମାଜସେବୀ ପ୍ରଭାତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର ଡ କବିତା ବାରିକ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଏନଏସି ଚେୟାରମ୍ୟାନ ତନୁଜା ଗିରି, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ନରୋତମ ପରିଡା, ଭାଗବତ ପ୍ରସାଦ ଦାସ, ସନ୍ତୋଷ ବେହେରା,ଗୌରାଙ୍ଗ ଦାସ, ଏନଏସି ଉପାଧକ୍ଷ ଆୟୁସାନ ଖାଁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ । ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଦୁଷ୍ମନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷକ ପ୍ରଭାକର ପାଣିଗ୍ରାହୀ, ରୁକ୍ମଣୀ ନାୟକ, ବିଶ୍ୱନାଥ ରାଉଳ, ସେଖ ଖଲିଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।






## ରାଣୀପାଟଣା ଦୃଷ୍ଟିହୀନ ଛାତ୍ରଙ୍କ ବେଙ୍ଗାଲୁରୁ ଗସ୍ତ

ବାଲେଶ୍ୱର, ୫।୧୧(ସମିସ): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଘାସିରାମ ମୁର୍ମୁ ଓ ଅଷ୍ଟମ ଶ୍ରେଣୀର ଛାତ୍ର ବଂଶୀଧର ଦାସ ଏବଂ ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ ବେଙ୍ଗାଲୁରୁଠାରେ ଭିଜନ ଏମ୍ପାୱାର୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହେଉଥିବା ଗଣିତ, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଯାନ୍ତ୍ରିକ ଅଭିକଳ୍ପ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ ନିମନ୍ତେ ସେଠାକୁ ଗସ୍ତ କରିଛନ୍ତି । ଏହା ନଭେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଶୁଭେଚ୍ଛା ଜଣାଇଛନ୍ତି ।

## ଜଗନ୍ନାଥ ସେବା ସଂସ୍ଥାର ପରିଚାଳନା ବୈଠକ

ବାଲିଆପାଳ, ୫।୧୧ (ସମିସ): ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥାର ଉପଦେଷ୍ଟା କମିଟିର ସ୍ୱତନ୍ତ୍ର ବୈଠକ ଜଗନ୍ନାଥ ସେବା ସଂସ୍ଥାର ସଭାପତି ଜଗନ୍ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ପତ୍ରିକା ପାଇଁ ଲେଖା ସଂଗ୍ରହ କରାଯିବାର ସିଦ୍ଧାନ୍ତ ନିଆଗଲା । "ମୋ ଜୀବନ ଓ ମୋ ସାହିତ୍ୟ' ବିଷୟକ ପ୍ରବନ୍ଧ ସଂଗ୍ରହ କରିବାକୁ ଉଚ୍ଚାଙ୍ଗ ସାହିତ୍ୟିକଙ୍କ ସହିତ ଯୋଗାଯୋଗ କରିବାକୁ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, ଅଧ୍ୟାପକ ଦୟାନିଧି ସାହୁ ଓ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ପରିଶେଷରେ ସଦସ୍ୟ ଭୁବନ ମୋହନ ପିଲା କୃତଜ୍ଞତା ଜ୍ଞାପନ କରିଥିଲେ । ରଶ୍ମିତା ପାଣିଗ୍ରାହୀ, ଶଙ୍କରିମଣି ପ୍ରଧାନ, ଯତୀନ୍ଦ୍ର ନାଥ ଜେନା, ରାଜ କୃଷ୍ଣ ପାତ୍ର ଉପସ୍ଥିତ ଥିଲେ ।

## ମହଙ୍ଗା ପଡ଼ିଲା କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡିବା

**ଅଭିଯୁକ୍ତକୁ ଧରିଲା ପୁଲିସ**

ବାଲେଶ୍ୱର, ୫।୧୧(ସମିସ): ମୃତ କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି । ପାତ୍ରପଡା ଅଞ୍ଚଳରେ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ଦଉଡ଼ିରେ କୁକୁରକୁ ବାନ୍ଧି ଟାଣି ନେଉଥିବାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା । ପୁଲିସ ବାଇକ ନମ୍ବର ଟ୍ରାକ କରି ବାଇକ ମାଲିକଙ୍କୁ ଟ୍ରାଫିକ ଥାନା ଡକାଇଥିଲେ । କୁକୁରଟି ଦୁଇଦିନ ଧରି ମରି ଯାଇଥିବା ବେଳେ ପଚା ଗନ୍ଧାଉଥିବା ଯୋଗୁଁ ଫିଙ୍ଗିବା ପାଇଁ ନେବା ବେଳେ ଏମିତି ଘଟଣା ଘଟିଥିବା କଥା କହିଥିଲେ । ପରେ ସମସ୍ତେ ଥାନାରେ କ୍ଷମା ପ୍ରାର୍ଥନା କରିବା ସହ ଏମିତି ଆଉ କେବେ କରିବେ ନାହିଁ ବୋଲି ଏକ ଲିଖିତ ରାଜିନାମା କରିଥିଲେ । ଅନ୍ୟପଟେ ଏହି ଘଟଣାକୁ ନେଇ ଆନିମାଲ ୱେଲଫେୟାର ବୋର୍ଡର ସଦସ୍ୟା ସଂଗୀତା ମହାନ୍ତି ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଏହାର ତଦନ୍ତ କରାଯାଇ ଆଗାମୀ ୧୫ ଦିନ ମଧରେ ଏକ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ମହୋଦଧିରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



ବାଲିଆପାଳ, ୫।୧୧ (ସମିସ): ପୂର୍ଣ୍ୟମାସ କାର୍ତ୍ତିକର ଶେଷ ଦିନରେ ବାଲିଆପାଳର ବଙ୍ଗୋପସାଗର ଉପକୂଳ ଯମୁନାଶୂଳ ଡଗରା ଓ ଚାନ୍ଦମଣି ବେଳାଭୂମିରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ ପକାଇବା ସହ ଅତୀତର ପରମ୍ପରାକୁ ମନେ ପକାଇ ଡଙ୍ଗା ଭସେଇଛନ୍ତି । ଶଙ୍ଖ ହୁଳହୁଳି ସାଙ୍ଗକୁ ମୃଦଙ୍ଗ, ଝାଲ ଘଣ୍ଟାରେ ବେଳାଭୂମି ପରିସର ପ୍ରକମ୍ପିତ ହୋଇଉଠିଥିଲା । ସେହିପରି ସୁବର୍ଣ୍ଣରେଖା ନଦୀର ପନ୍ତେଇଘାଟ, କୁଦମାନସିଂ, ବଡାପାଳ, ଅସ୍ତି, ପାଳପଡା ପ୍ରଭୃତି ନଦୀଘାଟରେ ସ୍ନାନ ଓ ଡଙ୍ଗା ଭସାଇବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ଆଜି ସକାଳଠାରୁ ରାତ୍ରୀ ପର୍ଯ୍ୟନ୍ତ ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ ଜମାଇଥିଲେ । ସେହିପରି କାଳରୋହୀ, କୁଦମାନସିଂ ଏବଂ ମଧୁପୁରାଠାରେ ଅନୁଷ୍ଠିତ ରାହାସ ମେଳାରେ ମଧ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ପକ୍ଷରୁ ସୋଲ ଡଙ୍ଗା ଭସାଇବା ପାଇଁ ବାରଣ କରାଯାଇଥିଲା ବେଳେ ବାଲିଆପାଳ ଅଞ୍ଚଳରେ ସର୍ବତ୍ର ଏହି ସୋଲ ଡଙ୍ଗା ବହୁଳଭାବେ ଦେଖିବାକୁ ମିଳିଥିଲା ।

## ଜଳେଶ୍ୱର ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ

ଜଳେଶ୍ୱର, ୫।୧୧ (ସମିସ): ହିତାଧିକାରୀଙ୍କ ପୁଅ ଓ ବହୁ ଡାକ୍ତର, ୫ ମହଲା ବିଶିଷ୍ଟ ଅଟ୍ଟାଳିକା, ୨୫/୩୦ ମାଣ ଜମି ଥାଇ ସ୍ୱାମୀ ସ୍ତ୍ରୀ ଭତ୍ତା ହାତେଇ ଥିବା ଅଭିଯୋଗ ପରେ ପ୍ରଶାସନ ତଦନ୍ତ କରି ଭତ୍ତା ବନ୍ଦ କରିଛନ୍ତି । ନାମ୍ପୋ ଗ୍ରାମ ପଞ୍ଚାୟତର ଅଜିତ ଦାସ ଅଧିକାରୀ ଓ ସ୍ତ୍ରୀ ଲିଲିମା ଅଧିକାରୀଙ୍କ ପୁଅ ବୋହୂ ଉଭୟେ ଡାକ୍ତର, ୪ ମହଲା ବିଶିଷ୍ଟ ବିରାଟ ଅଟ୍ଟାଳିକା ସହ ୨୫/୩୦ ମାଣ ଚାଷ ଅଛି । ଏପରି ସ୍ଥଳେ ହିତାଧିକାରୀ ବିରାଟ ଧନୀ ଲୋକ ହୋଇଥିବା ବେଳେ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି, ସେମାନଙ୍କୁ ନାମ୍ପୋ ରାଜସ୍ୱ ନିରୀକ୍ଷକ ବାର୍ଷିକ ୬୦ ହଜାର ଟଙ୍କା ଆୟ ବୋଲି ଲେଖିଛନ୍ତି । ଏ ବାବଦରେ ବହୁଦିନ ଧରି ନାମ୍ପୋରେ ଭତ୍ତା ଜାଲିଆତି ବିଷୟରେ ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ହେବା ପରେ ପ୍ରଶାସନ ଦ୍ୱାରା ତଦନ୍ତ ହୋଇଥିଲା ଓ ସେମାନଙ୍କ ଭତ୍ତା ବନ୍ଦ ହୋଇଥିଲା । ସରକାରଙ୍କ ତହବିଲରୁ ଅନ୍ୟାୟ ଭାବେ ହଡ଼ପ ହୋଇଥିବା ଅର୍ଥ ଅଦ୍ୟାବଧି ଆଦାୟ ହୋଇ ନ ଥିବା ଜଣା ପଡ଼ିଛି । ଏହି ଅର୍ଥ କେବେ ଆଦାୟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର କେନ୍ଦ୍ରର ବୈଠକ

ବାଲେଶ୍ୱର, ୫।୧୧(ସମିସ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର କେନ୍ଦ୍ରର ଏକ ଜରୁରୀ ବୈଠକ ସ୍ୱର୍ଗତ ଅରୁଣ ଦେଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ଆବାହକ ଜିତେନ୍ଦ୍ର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଳେଶ୍ୱର ଥାନା ପାଇକସିଦା ପଞ୍ଚାୟତର କେଶପୁର ଗ୍ରାମର ମଧୁସାହୁଙ୍କ ପୁତ୍ର ନିତ୍ୟଗୋପାଳ ସାହୁ ଏକ ୫ ବର୍ଷର ଶିଶୁକନ୍ୟାକୁ ତା'ର ବାପା ମା' ଘରେ ନଥିବାର ସୁଯୋଗ ନେଇ ନିଜଘରକୁ ଡାକି ଚାକିନେଇ ଅତ୍ୟାଚାର ଓ ଅସଦାଚରଣ କରିଥିଲେ । ପିଲାଠାରୁ ସବୁ କଥା ଶୁଣି ତା'ର ବାପା ମା' ଜଳେଶ୍ୱର ଥାନାରେ ଏତାଲା ଦେଇଥିଲେ । ଅଭିଯୁକ୍ତ ଖୋଲାଖୋଲି ବୁଲୁଥିଲେ ମଧ ପୁଲିସ୍ ତାକୁ ଅଦ୍ୟାବଧି ଗିରଫ କରିନଥିବାରୁ ବୈଠକରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ । ଗତ ଅକ୍ଟୋବର ୧୦ ତାରିଖରେ କେନ୍ଦ୍ର ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳର ସରଜମିନ୍ ତଦନ୍ତ କରିବା ସହ ଉଭୟ ପକ୍ଷଙ୍କ ସମସ୍ତ ଘଟଣା ଶୁଣି ଥାନାଧିକାରୀଙ୍କୁ ଆସାମୀର ଗିରଫ ପାଇଁ ଦାବି କରିଥିଲେ । ପୁଲିସ୍‌ର ନିଷ୍କ୍ରିୟତାକୁ ବିରୋଧ କରି ଏବଂ ଅତ୍ୟାଚାରିତ କନ୍ୟାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ୭ ତାରିଖ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ସମୟ ପର୍ଯ୍ୟନ୍ତ ଏକ ନୀରବ ପ୍ରତୀକ ଧାରଣା ବାଲେଶ୍ୱର ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ସୁରେନ୍ଦ୍ର ପଣ୍ଡା, ପୁରୁଷୋତ୍ତମ କମିଳା, ଆବାହକ ମହମ୍ମଦ ଇସ୍‌ଲାମ, ସୁଶାନ୍ତ ମହାନ୍ତି, ସତ୍ୟେନ୍ଦ୍ର ଦାସ, ପ୍ରତିମା ପଣ୍ଡା, କବିତାରାଣୀ ଦାସ, ଆଶ୍ରିତା ତରେଇ, ସାକିଲା ବାନୋ, ସେକ୍ ନଜିମ୍ ଅଲ୍ଲୀ, ସେକ୍ ଅସଗର ଅଲ୍ଲୀ, ସଂଯୁକ୍ତା ବେହେରା, ଇନ୍ତେକାବ୍ ଅଲ୍ଲି ଖାଁ, ପ୍ରଜ୍ଞା ପାରମିତା ବିଶ୍ୱାଳ, ରାମେଶ୍ୱର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଶୁଭ ଜନ୍ମମହାମହୋତ୍ସବ ସ୍ମରଣେ ଜଳେଶ୍ୱରରେ "ଜାଗୃହି ମହାମଙ୍ଗଳ ଯଜ୍ଞ"

ଯୁଗପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଅମିୟ ବାର୍ତ୍ତା— "ଗୁରୁଭକ୍ତିରୁହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ | ଏହି ଗୁରୁଙ୍କୁହିଁ ଇଷ୍ଟ କହନ୍ତି,— ଇଷ୍ଟ ମାନେ ମଙ୍ଗଳ, ଅର୍ଥାତ୍ ସଦ୍‌ଗୁରୁଙ୍କୁ ଅନୁସରଣ କଲେହିଁ ମଣିଷର ମଙ୍ଗଳ ଆସେ |" ପୁଣି ସେ ମହାଭାବାବସ୍ଥାରେ ପୁଣ୍ୟ-ପୋଥି ଗ୍ରନ୍ଥ ମାଧମରେ କହିଛନ୍ତି — "ସତ୍‌ସଙ୍ଗ ପ୍ରାଣର ଜିନିଷ, ଯେ କୌଣସି ସମ୍ପ୍ରଦାୟହିଁ ହେଉ ନା କାହିଁକି, ସେ ଯଦି ସତ୍ ହୁଏ, ତେବେ ତାକୁ ପ୍ରାଣ ଦେଇ ଭଲପାଇବୁ | ମରଜଗତରେ ଯଦି କେହି ଆତ୍ମୀୟ ଥାଏ ତ ସେହିମାନେହିଁ |" ଏତଦ୍‌ବ୍ୟତୀତ ସତ୍‌ସଙ୍ଗୀର ବ୍ୟାଖ୍ୟା କରିବାକୁ ଯାଇ ଜୀବନ-ବୃଦ୍ଧିର ପରମ ଉଦ୍ଧାତା ଦୟାଲ ଠାକୁର କହିଛନ୍ତି — "ଯେଉଁମାନେ ଜୀବନ ଓ ବୃଦ୍ଧିକୁ ଭଲ ପାଆନ୍ତି ପ୍ରକୃତ ପ୍ରସ୍ତାବରେ ସେହିମାନେହିଁ ସତ୍‌ସଙ୍ଗୀ" |

ପ୍ରତିଟି ଜୀବସତ୍ତାର ମଙ୍ଗଳ କାରୁଣିକ ଶ୍ରୀଶ୍ରୀଠାକୁରଙ୍କର ଆଶା ଥିଲା ଓ ସେ କହିଛନ୍ତି— "ଶିଷ୍ୟ ଓ ସନ୍ତାନ—ବଡ଼-ଖୋକାହିଁ ହେଉ, ମଣିହିଁ ହେଉ ବା କାଜଲହିଁ ହେଉ ବା ଅପଣମାନେହିଁ ହୁଅନ୍ତୁ— ଆପଣମାନଙ୍କ ପ୍ରତ୍ୟେକଙ୍କ ପାଖରୁ ମୁଁ ଆଶାକରେ ଯେ ଆପଣମାନେ ନିଜ-ନିଜର ଜୀବନ ଓ ଚରିତ୍ରରେ ମୋତେ ବହନ କରି ନେଇ ଚାଲିବେ ଏବଂ ଅନ୍ୟ ପାଖରେ ମଧ ମୋତେ ପହଞ୍ଚାଇ ଦେବେ ଅବିକୃତ ଭାବରେ, ଅବଶ୍ୟ ପ୍ରତ୍ୟେକେ ନିଜ-ନିଜର ବୈଶିଷ୍ଟ୍ୟ ଅନୁଯାୟୀ | ଆଉ, ମୋତେ ବହନ କରିବା ବା ପହଞ୍ଚାଇ ଦେବା ମାନେ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟକୁ) ବହନ କରିବା ଓ ପହଞ୍ଚାଇ ଦେବା, ପୁଣି ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ) ମାନେ ସମସ୍ତଙ୍କର mission (ଆଦର୍ଶ ଓ ଉଦ୍ଦେଶ୍ୟ) | **ଜୀବନୀୟ ପ୍ରତିଟି ଯାହାକିଛିର ଇଷ୍ଟାନୁଗ ସତ୍ତାସମ୍ବର୍ଦ୍ଧନାହିଁ ମୋର mission (ଆଦର୍ଶ ଓ ଉଦ୍ଦେଶ୍ୟ) |"**

ଯୁଗାଚାର୍ଯ୍ୟ ଶ୍ରୀଶ୍ରୀଠାକୁରଙ୍କର ଏହି ଅମୋଘ ଇଚ୍ଛାକୁ ବାସ୍ତବାୟିତ କରିବା ଉଦ୍ଦେଶ୍ୟରେ ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର



ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ଚର୍ଯ୍ୟାଶ୍ରମ, ବିବେକ-ବିତାନ, ଦେଓଘର, ଝାଡ଼ଖଣ୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାଖାକେନ୍ଦ୍ର ଜଳେଶ୍ୱର ଚର୍ଯ୍ୟାଶ୍ରମ ଆନୁକୂଲ୍ୟରେ ଆଗାମୀ ୭, ୮, ୯ ନଭେମ୍ବର, ୨୦୨୫ (ଶୁକ୍ରବାର, ଶନିବାର, ରବିବାର) — ତିନିଦିନ ବ୍ୟାପି **"ଜାଗୃହି ମହାମଙ୍ଗଳ ଯଜ୍ଞ"** ଅନୁଷ୍ଠିତ ହେବାକୁ ଯାଉଅଛି |

ସ୍ଥାନ: ନନ୍ଦିକା ବାଇପାସ୍, ଜାତୀୟ ରାଜପଥ ୧୬, ଜଳେଶ୍ୱର-ପଶ୍ଚିମବାଡ଼ ରୋଡ଼, ଜଳେଶ୍ୱର, ବାଲେଶ୍ୱର |

ଆକର୍ଷଣୀୟ ଅନୁଷ୍ଠାନ: ବିଶ୍ୱଶାନ୍ତି ହୋମ ଯଜ୍ଞ, ଆହ୍ୱାନୀ ସହିତ ସମବେତ ପ୍ରାର୍ଥନା, ସଙ୍କୀର୍ତ୍ତନ ସହ ନଗର ପରିକ୍ରମା, ବେଦମାଙ୍ଗଳିକ, ଭାଗବତ ପାଠ, ଶ୍ରୀମଦ୍‌ଭଗବଦ୍‌ଗୀତା ପାଠ, ତଥା ସମସ୍ତ ପୂର୍ବବର୍ତ୍ତୀ ପ୍ରେରିତଗଣଙ୍କର ଧର୍ମଗ୍ରନ୍ଥ ପାଠ ଓ ଆଲୋଚନା, ରକ୍ତଦାନ ଶିବିର, ଶ୍ରେୟସମ୍ବର୍ଦ୍ଧନା, ପିଲାମାନଙ୍କୁ ନେଇ ବକ୍ତୃତା, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗୀତା, ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଉପରେ ଆଧାରିତ ନାଟକ ପରିବେଷଣ, ମାତୃସମ୍ମିଳନୀ ଓ ସତ୍‌ସଙ୍ଗ ସାଧାରଣ ଅଧିବେଶନ |

ଏହି ମହାମଙ୍ଗଳ ଯଜ୍ଞରେ ବହୁ ଗଣ୍ୟମାନ୍ୟ, ଜ୍ଞାନୀ ଗୁଣୀ ଓ ଈଶ୍ୱରପ୍ରେମୀ ବ୍ୟକ୍ତିଙ୍କର ଉପସ୍ଥିତି ସହିତ ସେହି ପ୍ରିୟପରମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୌତ୍ର ପୂଜ୍ୟପାଦ ଶ୍ରୀଯୁକ୍ତ ବିଦ୍ୟୁତ୍ ରଞ୍ଜନ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଡ. ବୁଦ୍ଧଦେବ ଚକ୍ରବର୍ତ୍ତୀ, ପୂଜ୍ୟପାଦ ଶ୍ରୀଯୁକ୍ତ ବିନାୟକ ଚକ୍ରବର୍ତ୍ତୀ, ପ୍ରପୌତ୍ର ପୂଜନୀୟ ଶ୍ରୀଯୁକ୍ତ ବୌଧାୟନ ଚକ୍ରବର୍ତ୍ତୀ ଓ ପୂଜନୀୟ ବାଲାର୍କ ଚକ୍ରବର୍ତ୍ତୀ ଉପସ୍ଥିତ ରହିବାର ସହର୍ଷ ସମ୍ମତି ପ୍ରଦାନ କରିଛନ୍ତି | ଏଥିସହିତ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ସତ୍‌ସଙ୍ଗୀ ମାନେ ଉପସ୍ଥିତ ରହିବାର ସମ୍ମତି ପ୍ରଦାନ କରିଛନ୍ତି |

ଏଣୁ ସବିନୟ ଅନୁରୋଧ— ହେ ଅମୃତର ସନ୍ତାନ ! ଆସନ୍ତୁ, ଏହି ମହନୀୟ ପୂତ-ପରିମଣ୍ଡଳରେ ସପରିବାର ତଥା ସବାନ୍ଧବ ପ୍ରିୟପରିଜନଙ୍କ ସହିତ ସମବେତ ହୋଇ ଇଷ୍ଟୋଦ୍ଦୀପକ ଭାବଧାରାରେ ନିଜକୁ ବ୍ୟାପୃତ କରିବା ସହିତ ଇଷ୍ଟପ୍ରେରଣାଉଦ୍ଦୀପ୍ତ ଅନୁଷ୍ଠାନକୁ ସରସସୁନ୍ଦର କରିତୋଳିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା | ~ ବନ୍ଦେ ପୁରୁଷୋତ୍ତମମ୍ ~

ବିନୀତ
ପ୍ରିୟପରମ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ
ଜଳେଶ୍ୱର ଶାଖାକେନ୍ଦ୍ରର କର୍ମୀବୃନ୍ଦ


୧୪୩ କ୍ଲବ, ରାଜନଗର


କିଙ୍ଗସ କ୍ଲବ, ରାଜନଗର


କ୍ରିଶନା ରୟାଲ କ୍ଲବ ରାଜନଗର


ବଡ଼ଦାଣ୍ଡ, ରାଜନଗର


ଲାୟନ୍ସ କ୍ଲବ, ଗଳିଦାଣ୍ଡ ରାଜନଗର


ସପନେଶ୍ୱର କ୍ଲବ, ବଡ଼ଦାଣ୍ଡ, ରାଜନଗର

### ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

# ‘ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଚିତ୍’


ରାଜନଗର


ପଟ୍ଟାମୁଣ୍ଡାଇ

ରାଜନଗର, ୫।୧୧(ସମିସ)

ରାଜନଗର ବ୍ଲକ୍‌ର ପ୍ରସିଦ୍ଧ ଶକ୍ତିପୀଠ ବାରଗାଁର ମା’ ମାଟିଆମଙ୍ଗଳା ପୀଠରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରଗାଁ ମାଟିଆ ମଙ୍ଗଳା ଯୁବ ପରିଷଦ ଆନୁକୂଲ୍ୟରେ ମାନସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାନସଭାର ପ୍ରାକ୍ତନ ସଚିବ ଡ. ଦାଶରଥି ଶତପଥି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ନୌବାଣିଜ୍ୟ ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମନେପକାଇ ଦେଉଛି ବୋଲି କହିଥିଲେ ଶ୍ରୀ ଶତପଥି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରେଣ୍ୟ ଅତିଥି ଭାବେ ଡ. ଧରଣୀଧର ରାଉତ, ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଶାସନିକ ଅଧିକାରୀ ଜୀବନ ପଣ୍ଡା, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବ୍ରାହ୍ମଣୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବପୁଅ ଭାବେ ନିର୍ମଳ ରାଉତ, ସହଦେବ ରାଉତ, ପ୍ରଭାତ ରାଉତ, ଶଙ୍କର୍ଷଣ ପାତ୍ର, କୁବେର ରାଉଳ, ଆଶିଷ ରାଉଳ ଓ ମେଘୁ ରାଉଳ ଯାତ୍ରା କରିଥିଲେ। ତଅପୋଇ ଭାବେ ମଧୁସ୍ମିତା ରାଉତ ଯୋଗଦେଇଥିଲେ। ପରିଷଦ ପକ୍ଷରୁ ଓଏଏସ୍ ପାଇଥିବା ରାଜେନ୍ଦ୍ର ମାଝୀ, ସୁଧିରଞ୍ଜନ ଦାଶ, ସାମ୍ବାଦିକ ଜଗନ୍ନାଥ ଦାସ, କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ, ବସନ୍ତ ପାଣି ମେମୋରିଆଲ ଟ୍ରଷ୍ଟ, ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ପ୍ରଭୃତି ଅନୁଷ୍ଠାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ରାଉଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ମହେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ୍ ରାମନଗର ବାହାକୁଦ ମହାନଦୀ ଘାଟ ନିକଟରେ ମା’ ରାମଚଣ୍ଡୀ ମତ୍ସ୍ୟ ଉତ୍ପାଦକ ସମବାୟ ସମିତି ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଜମ୍ବୁଦ୍ୱୀପ ବୋଇତ ବନ୍ଦାଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରାଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜସେବୀ ଡ. ଗନ୍ଧର୍ବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ କୈବର୍ତ୍ତ ସଂଗଠନର ଡ. ଦେବେନ୍ଦ୍ର ପ୍ରସାଦ ବେହେରା, ଅଧ୍ୟାପକ ଶୁଭ୍ରାଂଶୁ ବେହେରା, ଇଂ ବିଷ୍ଣୁ ଚରଣ ବେହେରା, ମଞ୍ଜୁବାଳା ରାୟ, କଟକ ଲିଙ୍କ ରୋଡ୍‌ସ୍ଥିତ ଅର୍ବାନ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ବେହେରା, ସରୋଜକାନ୍ତ ସାହୁ, ବରକନ୍ଧା ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଚୌଧୁରୀ, ପ୍ରଶାନ୍ତ ସେଠୀ, ପେଟଛେଲା ପଞ୍ଚାୟତ ସରପଞ୍ଚ ପ୍ରସନ୍ନ ବେହେରା, ନାରାୟଣ ପ୍ରସାଦ ବେହେରା, ଫକୀର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ବେହେରା, ଭାବଗ୍ରାହୀ ବେହେରା, ନିରଞ୍ଜନ ତରାଇ, ଅନନ୍ତ ବେହେରା, କୈଳାସ ବେହେରା, ହାବା ବେହେରା, ଗନ୍ଧର୍ବ ବେହେରା, ଶୁକଦେବ ମାହାଳି, ଅଶୋକ ବେହେରା, ମଣ୍ଟୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଗୋବିନ୍ଦପୁର:** ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ସାରା ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ପାଳନ ହେଉଥିବାବେଳେ ଆଳି ବ୍ଲକ୍ ଅନ୍ତର୍ଗତ ଗିରିବନ୍ଦ ଗ୍ରାମର ଆରାଧ୍ୟ ଦେବୀ ଲକ୍ଷ୍ମୀ ନାରାୟଣଙ୍କ ପୀଠରେ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ମହୋତ୍ସବ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ବୋଇତ ଭସାଣ ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ବରିଷ୍ଠ କୃଷି ଉପନିର୍ଦ୍ଦେଶକ ଧରଣୀଧର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକୀୟ ପାଠ କରିଥିଲେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ନରହରି ପାତ୍ର। ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ରାଉତ, ଶିକ୍ଷାବିତ୍ କରୁଣାକର ସାମଲ ପ୍ରମୁଖ ଯୋଗଦେଇଥିଲେ। ଚନ୍ଦନ ପରିଡ଼ା, କୃଷ୍ଣଚନ୍ଦ୍ର ସାମଲ, ପ୍ରହ୍ଲାଦ ପାତ୍ର, ଅକ୍ରୁର ବେହେରା, ସାଧୁ ଚରଣ ବେହେରା, ଦଶରଥ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ଚରଣ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ନୌବାଣିଜ୍ୟ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଉତ୍ସବ ବ୍ରାହ୍ମଣୀ ସେତୁ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ସାଧବ-ସାଧବାଣୀ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନ୍‌ସିଲର ଗୋପୀବଲ୍ଲଭ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ଟେଟ୍ରାହେଡ୍ରନ ଗ୍ରୁପ୍ ଚେୟାରମ୍ୟାନ୍ ତ୍ରିଦେବ ବେହେରା ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ବେଦମନ୍ତ୍ର ପାଠ କରିଥିଲେ ଏବଂ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଶ୍ରୀଧର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଆରତୀ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ରମେଶ ଚନ୍ଦ୍ର ଜେନା, କସ୍ତୁରୀ ଚରଣ ସ୍ୱାଇଁ, ସୁରେଶ ଚନ୍ଦ୍ର ଜେନା, କବି ସଚିତ୍ର ବେହୁରା, ପରିବେଶବିତ୍ ବିଜୟ କବି, ଆଡ୍‌ଭୋକେଟ ପ୍ରମୋଦ ସାହୁ, ମିଟୁ ମନୋଜ ନାୟକ, ନବକିଶୋର ପଣ୍ଡା, ବିପିନ ବିହାରୀ ପରିଡ଼ା, କୃପାସିନ୍ଧୁ ନାୟକ, କବି ମନୋଜ ଶତପଥୀ, କବୟିତ୍ରୀ ଆରାଧନା ଦାଶ, ମଳୟ ଓଝା, ବାରେଣୀ ସେଠୀ, ଧନେଶ୍ୱର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଅର୍ଥ ଠକେଇ ନେଇ ଥାନାର ଦ୍ୱାରସ୍ଥ ମହିଳା

**ମହାକାଳପଡ଼ା, ୫।୧୧(ସମିସ):** ଜଣେ ମହିଳା ତାଙ୍କର ଟଙ୍କା ମାଗି ନିରାଶ ହେବା ସହ ଯେଉଁ ବ୍ୟକ୍ତିଙ୍କୁ ଟଙ୍କା ମାଗିଛନ୍ତି ସେ ବ୍ୟକ୍ତି ଜଣକ ଟଙ୍କା ନ ଦେଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ଓ ଜୀବନରୁ ମାରିଦେବା ଘଟଣା ନେଇ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ମହାକାଳପଡ଼ା ଥାନା ଅଧୀନ ବାରଡାଙ୍ଗ ଗ୍ରାମର ଚରଣ ମଳିକଙ୍କ ପତ୍ନୀ କନକ ମଳିକ (୬୦) ୨୦୧୭ରେ ବାରଡାଙ୍ଗ ପୋଷ୍ଟ ଅଫିସକୁ ୨୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ପୋଷ୍ଟାଲରେ ଥିବା ପିଅନ ଶ୍ୟାମଘନ ଦାସ ତାଙ୍କଠାରୁ ଟଙ୍କା ରଖିବା ସହିତ ଡିପୋଜିଟ୍ ପରେ ଘରେ ନେଇ ରସିଦ୍ ଦେବାକୁ କହିବା ସହ ତାଙ୍କୁ ଘରକୁ ପଳାଇବାକୁ କହିଥିଲେ। ୫ଦିନ ପରେ ପିଅନ ଜଣକ ଏକ ଆଲ୍‌କେମିଷ୍ଟ ନାମକ ଏକ ଘରୋଇ ସଂସ୍ଥାର ଡିପୋଜିଟ୍ ରସିଦ୍ ଦେବା ପରେ କନକ ପିଅନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ୫ ବର୍ଷ ପରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି କହିଥିଲେ। ହେଲେ ୫ ବର୍ଷ ପରେ ମହିଳା ଜଣକ ଟଙ୍କା ମାଗିବାରୁ ଆଜିକାଲି କହି ଟଙ୍କା ଦେଉନାହାନ୍ତି। ବୁଧବାର ସକାଳୁ ମହିଳା ଓ ତାଙ୍କ ପୁଅ ପିଅନଙ୍କ ଘରକୁ ଯାଇ ଟଙ୍କା ମାଗିବାରୁ ଶ୍ୟାମ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ, ଜାତିଆଣ ଆକ୍ଷେପ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

● ପ୍ରଭୁ ବଳଦେବଜୀଉ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା

## ସେବକଙ୍କ ଅଣ୍ଟାରେ ବ୍ଲେଡ୍ ମାରି ଲୁଟ୍

**କେନ୍ଦ୍ରାପଡ଼ା, ୫।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରଭୁ ବଳଦେବଜୀଉଙ୍କ ଦିବ୍ୟ ପଦ୍ମ ବେଶ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅସମ୍ଭାଳ ଭିଡ଼ ମଧ୍ୟରେ ଏକ ଲୁଟ୍ ଘଟଣା ଘଟିଛି। ଠାକୁରଙ୍କ ସେବକ ଭଗବାନ ସୁଆରଙ୍କ ଅଣ୍ଟାରେ କେହି ଦୁର୍ବୃତ୍ତ ବ୍ଲେଡ୍ ମାରି ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ତାଙ୍କ ଦିନର ସମସ୍ତ ପାଉଣା ରାଶି ଥିବା କୁହାଯାଉଛି। ଘଟଣା ପରେ ସେବକ ଭଗବାନ ସୁଆର ଅନ୍ୟ ସେବକମାନଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ବ୍ଲେଡ୍‌ରେ ଲୁଗା କଟିଯାଇଥିବା ଦେଖିବାକୁ ମିଳିଛି। ଏପରି ଅଞ୍ଚଳରେ ଭକ୍ତଙ୍କ ଅପାର ଭିଡ଼ ଥିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁଁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁଳସୀକ୍ଷେତ୍ର ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି ଉଠିଛି।

## ମାଛଧରା ବୋଟ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ରାଜକନିକା, ୫।୧୧(ସମିସ):** ଆଜି ଯେତେବେଳେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସାଧବମାନଙ୍କ କୃତୀକୁ ସ୍ମରଣ କରି ବୋଇତ ବନ୍ଦାଣ କରାଯାଉଛି ଠିକ୍ ସେତିକିବେଳେ ଡାଳିକାଏନ୍ଦାର ଏକ ମାଛଧରା ବୋଟ୍‌ରେ ଦୁର୍ବୃତ୍ତ ନିଆଁ ଲଗାଇବା ଘଟଣା ବେଶ୍ ସମ୍ବେଦନଶୀଳ ହୋଇପଡ଼ିଛି। ଅଭିଯୋଗ ମୁତାବକ, ବୁଧବାର ଭୋର୍‌ରୁ ସମୁଦ୍ରରେ ମାଛ ଧରା ପାଇଁ ବ୍ୟବହୃତ ହେଉଥିବା ଏକ ବୋଟ୍‌କୁ ନଦୀରେ କେହି ନିଆଁ ଲଗାଇ ଦେଇଥିବା ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଡାଳିକାଏନ୍ଦା ଗାଁର ଜିତେନ୍ଦ୍ର ଦଳାଇଙ୍କ ଏହି ବୋଟ୍‌ଟି ବାତ୍ୟା ପୂର୍ବରୁ ନଦୀରୁ ଆସି ଗଡ଼ଗଡ଼ି ପୋଲ ନିକଟରେ ଲଙ୍ଗର କରି ରଖାଯାଇଥିଲା। ଭୋର୍‌ରୁ ଏହି ବୋଟ୍‌ଟି ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ମା’ ତାରିଣୀ ନାମକ ଏହି ବୋଟ୍‌ଟିର ଆନୁମାନିକ ୩୦ ଲକ୍ଷ ଟଙ୍କା ମୂଲ୍ୟର ହୋଇଥିବାବେଳେ ପୁଲିସ ପକ୍ଷରୁ ଏହି ବୋଟ୍ ପୋଡ଼ି ଘଟଣାର ଖୋଳତାଡ଼ କରାଗଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିବ ବୋଲି ଆଶା କରାଯାଏ।

## ଥାନା ସମ୍ମୁଖ ଦୋକାନ କାନ୍ଥ ଭାଙ୍ଗି ଲୁଟ୍

**ରାଜନଗର, ୫।୧୧(ସମିସ):** ରାଜନଗର ଥାନା ସମ୍ମୁଖରେ ଥିବା କଂସା ପିତ୍ତଳ ଦୋକାନର କାନ୍ଥ ଭାଙ୍ଗି ଦୁର୍ବୃତ୍ତ ବାସନକୁସନ ଲୁଟି ନେଇଛନ୍ତି। ଥାନା ସମ୍ମୁଖରୁ ଲୁଟ୍ ହେବା ଘଟଣା ସାଧାରଣରେ ଚିନ୍ତାର ବିଷୟ ହୋଇଛି। ରାଜନଗର ଥାନା ସମ୍ମୁଖରେ ରାଜନଗର ଗାଁର ବିଜୟ ମହାପାତ୍ର ଦୀର୍ଘବର୍ଷ ହେଲା କଂସା, ପିତ୍ତଳ ଓ ଲୁହା ସାମଗ୍ରୀ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ଦୋକାନରୁ ଘରକୁ ଯାଇଥିଲେ। ବୁଧବାର ସକାଳ ୭ଟାରେ ଆସି ଦୋକାନ ଖୋଲିବା ବେଳକୁ ଦୋକାନର ପଛପଟ ଇଟା କାନ୍ଥକୁ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ପଶି ୪୦ ହଜାର ଟଙ୍କାର ପିତ୍ତଳ ବାସନ ଲୁଟି ନେଇଥିବା ଦେଖି ବିଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଗରେ ଥିବା ବ୍ୟାବସାୟିକ ପ୍ରତିଷ୍ଠାନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ଆଇନଶୃଙ୍ଖଳା କିପରି ତାହାକୁ ନେଇ ପ୍ରଶ୍ନ ଉଠିଛି। ୪ ମାସ ତଳେ ଲଗାତାର ଚୋରି ରାଜନଗର ଅଞ୍ଚଳରେ ଚିନ୍ତା ବଢ଼ାଇଛି। ମନ୍ଦିର ଓ ବିଦ୍ୟାଳୟରୁ ଲଗାତାର ଚୋରି ହେଉଥିଲେ ହେଁ ପୁଲିସ ଚୋର ଧରିବାରେ ବିଫଳ ହୋଇଛି। ଏପରିକି ଲୋକେ ଚୋରର ଫଟୋ, ଗାଡ଼ି ନମ୍ବର ଓ ସିସିଟିଭି ଫୁଟେଜ୍ ଥାନାରେ ଦାଖଲ କରିଥିଲେ ମଧ୍ୟ ପୁଲିସ ଚୋରଙ୍କୁ ଧରିପାରୁନି।

## ପ୍ରଭୁ ବଳଦେବଜୀଉଙ୍କ ପଦ୍ମ ବେଶ

**କେନ୍ଦ୍ରାପଡ଼ା, ୫।୧୧(ସମିସ):** ପବିତ୍ର ରାସ ପୂର୍ଣ୍ଣିମା ଅବସରରେ ବୁଧବାର ତୁଳସୀକ୍ଷେତ୍ର ମନ୍ଦିରରେ ବଳଦେବଜୀଉଙ୍କ ସୁସଜ୍ଜିତ ପଦ୍ମ ବେଶ ଦର୍ଶନ ମିଳିଛି। ପଞ୍ଚୁକ ବେଶ ନୀତି ସମ୍ପନ୍ନ ହେବା ସହିତ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ବଡ଼ଠାକୁରଙ୍କ ଦ୍ୱାର ଉନ୍ମୁକ୍ତ କରାଯାଇ “ଜୟ ମଙ୍ଗଳା ଆଳତି’ ହୋଇଥିଲା। ପରେ ସ୍ନାନ, ବଲ୍ଲଭ ଏବଂ ସାହାଣମେଲା ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ବଳଦେବଜୀଉଙ୍କ ସ୍ୱତନ୍ତ୍ର ସୁସଜ୍ଜିତ ପଦ୍ମ ବେଶ ଦର୍ଶନ ହୋଇଥିଲା।



## ନରସିଂହପୁର ପଞ୍ଚାୟତରେ ରାହାସ ଉତ୍ସବ ଉଦ୍‌ଯାପିତ

**ଡେରାବିଶ, ୫।୧୧(ସମିସ):** ଡେରାବିଶ ବ୍ଲକ୍ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦଶମୀ ତିଥିରୁ ରାଧାକୃଷ୍ଣଙ୍କ ରାହାସ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଉପଲକ୍ଷେ ଗତ ୫ ଦିନ ହେବ ଏହି ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପଞ୍ଚାୟତ ଅନ୍ତର୍ଗତ ବେଲରପା, ଖମାର ବେଲରପା, ମୁଣ୍ଡିଲେ, ନରସିଂହପୁର ଓ ବଘାଲୋ ଗ୍ରାମରେ ମୋଟ୍ ୧୫ଟି ମଣ୍ଡପରେ ଶ୍ରୀରାଧାକୃଷ୍ଣଙ୍କ ସମେତ ଗୋପୀଙ୍କ ମୃଣ୍ମୟ ମୂର୍ତ୍ତି ଷୋଡ଼ଶ ଉପଚାରରେ ପୂଜା ପାଇଆସୁଛି। ଏଥିପାଇଁ ପ୍ରତ୍ୟେକ ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ପୂଜା ମଣ୍ଡପ ନିକଟରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟାକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଛି। ମଙ୍ଗଳବାର ସନ୍ଧ୍ୟାରେ ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ ପ୍ରତ୍ୟେକ ପୂଜାମଣ୍ଡପକୁ ଯାଇ ଶ୍ରୀରାଧାକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଗୋଷ୍ଠୀ ସଂଘର୍ଷରେ ୧୨ ଆହତ, ୪ ଗୁରୁତର

**ଆଳି, ୫।୧୧(ସମିସ):** ଆଳି ଥାନା ବାଳକାଟୀ ପଞ୍ଚାୟତ ରାଣୀପୋଖରୀରେ ବୁଧବାର ମଧ୍ୟାହ୍ନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉକ୍ତ ଗ୍ରାମରେ ନଗର କୀର୍ତ୍ତନ ଚାଲିଥିବା ବେଳେ ଦିଗାମ୍ବର ମଳିକ ମଦ୍ୟ ପାନ କରି ରାଧାକୃଷ୍ଣ ବେଶରେ ସଜ୍ଜିତ ଦୁଇ ଜଣଙ୍କୁ ଧକ୍କା ମାରି ନାଚିବାକୁ ଦେଇ ନଥିଲେ। ପ୍ରତିବାଦ କରିବାରୁ ଦିଗାମ୍ବର ଓ ତାଙ୍କ ଘର ଲୋକ ଅର୍ଜୁନ ମଳିକଙ୍କ ସାନଭାଇଙ୍କୁ ମାଡ଼ ମାରିଥିଲେ। ପରେ ଦିଗାମ୍ବର ସହ ମୋଟ ୨୮ ଜଣ ମିଶି ଅର୍ଜୁନଙ୍କ ପରିବାରବର୍ଗଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରାଯାଇଛି। ଏଥିରେ ଅର୍ଜୁନ ମଳିକଙ୍କ ପରିବାରର ଦୁଇ ଜଣଙ୍କ ମୁଣ୍ଡ ଫାଟିବା ସହ ଜଣଙ୍କ ହାତ ଭାଙ୍ଗିଯାଇଛି। ଜଣଙ୍କ ହାତକୁ ହାଣିଥିବା ସ୍ଥଳେ ବାକି ତିନି ଜଣଙ୍କ ଉପରେ ଇଟା ପଥର ମାଡ଼ରେ କ୍ଷତାକ୍ତ ହୋଇଥିବା ଏତଲାରେ ଦର୍ଶାଯାଇଛି। ଅପରପକ୍ଷେ ରାଣୀପୋଖରୀ ଗ୍ରାମର ଦିଗାମ୍ବର ମଳିକ ଏକ ପାଲଟା ଅଭିଯୋଗ କରିଛନ୍ତି। ନଗର କୀର୍ତ୍ତନ ଚାଲିଥିଲା ବେଳେ ତାଙ୍କ ଘର ନିକଟରେ ପୂଜା କରିବା ନିମନ୍ତେ ରାଧାକୃଷ୍ଣଙ୍କୁ ଅଟକାଇଥିଲେ ଯେ ଠାକୁର ପଛରେ ଅଛନ୍ତି ଟିକେ ଅଟକି ଯାଅ ଠାକୁର ଆସିଲେ ଭୋଗ ହେବ ତା ପରେ ତୁମେମାନେ ଯିବ। ସେହି ସମୟରେ ଅରୁଣ ମଳିକଙ୍କ ସମେତ ମୋଟ ୧୮ ଜଣ ମିଶି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଆହତ ୧୨ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ

## ଦୁଇ ବାଇକ୍ ଚୋରି; ଗୋଡ଼ାଇ ଧରିଲେ ଲୋକେ

**ରାଜନଗର, ୫।୧୧(ସମିସ):** ରାଜନଗରରେ ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ। ଗୋଟିଏ ଦିନରେ ରାଜନଗର ଥାନା ଅଞ୍ଚଳରୁ ଦୁଇଟି ବାଇକ୍‌କୁ ଲୁଟିନେଇଛନ୍ତି। କିନ୍ତୁ ଚୋରଙ୍କୁ ପିଛା କରି ଲୋକେ କାବୁ କରିବା ସହ ଚୋରି ହୋଇଥିବା ବାଇକ୍‌କୁ ଜବତ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଚୋର ଓ ଚୋରି ହୋଇଥିବା ବାଇକ୍‌କୁ ଥାନାକୁ ଆଣି ରାଜନଗର ପୁଲିସକୁ ହସ୍ତାନ୍ତର କରିଛି।

ସୂଚନା ମୁତବକ, ରାଜନଗର ବଜାର ଭିତରେ କୋଇଲିପୁର ପଞ୍ଚାୟତ ବରୁଣୀପଲା ଗ୍ରାମର ବିଭୂତିଭୂଷଣ ପ୍ରଧାନ ବାଇକ୍ ରଖି ଦୋକାନରୁ ଜିନିଷ କିଣୁଥିବାବେଳେ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ସେହିପରି ଉକ୍ତ ଥାନା ଅନ୍ତର୍ଗତ ସାନବଡ଼ଗୋପାଳପୁର ପଞ୍ଚାୟତ ଗର୍ଜନପୁର ଗ୍ରାମର ସୁଶାନ୍ତ ଦାସ ନିଜ ଘର ନିକଟରେ ବାଇକ୍ ରଖି ଘର ଭିତରକୁ ଯାଇଥିବାବେଳେ ବାଇକ୍‌ଟି ଚୋରି ହୋଇଯାଇଥିଲା। ସୁଶାନ୍ତ ଘର ଭିତରୁ ଆସି ବାଇକ୍ ନ ପାଇ ଅନ୍ୟ ଏକ ବାଇକ୍ ଯୋଗେ ଚୋରଙ୍କୁ ପିଛା କରି ପଟ୍ଟାମୁଣ୍ଡାଇ ବଜାର ପର୍ଯ୍ୟନ୍ତ ଯାଇଥିଲେ। ସେମାନଙ୍କ ସନ୍ଧାନ ନ ପାଇ ମୁଖ୍ୟ ରାସ୍ତାରେ ଘରକୁ ଫେରୁଥିବାବେଳେ ଅଢ଼ାଯୋଡ଼ି ବଜାରରେ ନିଜ ବାଇକ୍ ରାସ୍ତା ଉପରେ ଥୁଆ ହୋଇଥିବା ଦେଖିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବା ସହିତ କଖାରୁଣୀ ଗ୍ରାମର ଜଣେ ନାବାଳକ ସହ ଖଡ଼ିଅଣ୍ଟା ଗ୍ରାମର ସୁବ୍ରତ ମଳିକଙ୍କୁ ଅଟକ ରଖି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ପଚରାଉଚରା ପରେ ଦୁଇ ଜଣ ଦୁଇଟି ବାଇକ୍ ରାଜନଗର ଥାନା ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ବାଟରେ ଆସିବାବେଳେ ରାଜନଗର ବଜାରରୁ ଚୋରି କରିଥିବା ବାଇକ୍‌ଟି ଖରାପ ହୋଇଯାଇଥିଲା। ଅଢ଼ାଯୋଡ଼ି ବଜାରରେ ବାଇକ୍ ସଜାଡୁଥିବାବେଳେ ଧରାପଡ଼ିଯାଇଥିଲେ। ପୁଲିସ ତଦନ୍ତ ଜାରି ରଖିବା ସହ ଦୁହେଁ ନିଜ ଗାଡ଼ି ଫେରିପାଇଛନ୍ତି।

# ଜିଲ୍ଲା ବୋଇତ ବନ୍ଦାଣ ସମିତିର ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା, ୫।୧୧(ସମିସ)



କେନ୍ଦ୍ରାପଡ଼ା ପୌର ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ବୋଇତ ବନ୍ଦାଣ ସମିତିର ୫୭ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ କେହି ମନରେ ଅହଙ୍କାର ରଖିବା ଉଚିତ୍ ନୁହେଁ। ଜିଲ୍ଲା ବୋଇତ ବନ୍ଦାଣ ସମିତି ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତଟ ରେଳବାଇର ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ନୌବାଣିଜ୍ୟର ଇତିହାସ ସମ୍ପର୍କରେ ଅବତାରଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ସୁଧିର କୁମାର ବ୍ରହ୍ମା, ସମିତି ସଭାପତି ଚିନ୍ମୟ ପ୍ରସାଦ ବେହୁରା, ତଅପୋଇ ଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶାଶ୍ୱତୀ ମହାପାତ୍ର, ରାଜେନ୍ଦ୍ର ମାଝୀ, ସୁପ୍ରଭାତ ମଲ୍ଲିକ, ସୁଧିରଞ୍ଜନ ଦେବଶର୍ମା ଦାଶ ଓ ଜୟ ପ୍ରକାଶ ବେହେରାଙ୍କୁ ‘ମହେଶ କର ସ୍ମୃତି ସମ୍ମାନ’, ଦୈନିକ ଶୃତିର ସମ୍ପାଦକ ସର୍ବେଶ୍ୱର ମିଶ୍ରଙ୍କୁ ‘ସ୍ୱର୍ଗତ ଇନ୍ଦ୍ରମଣୀ ରାଉତ ସ୍ମୃତି ସମ୍ମାନ’, ବରିଷ୍ଠ ଆଇନଜୀବୀ ଅକ୍ଷୟ ମହାନ୍ତିଙ୍କୁ ‘ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ’, କୁଞ୍ଜବିହାରୀ ପୃଷ୍ଟିଙ୍କୁ ‘ସ୍ୱର୍ଗତ ଗୟାଚାନ୍ଦ ଭୂୟାଁ ସ୍ମୃତି ସମ୍ମାନ’, ଡାକ୍ତର ବୈକୁଣ୍ଠନାଥ ପଣ୍ଡାଙ୍କୁ ‘ସ୍ୱର୍ଗତ ଡା. ସରୋଜକାନ୍ତ କାନୁନ୍‌ଗୋ ସ୍ମୃତି ସମ୍ମାନ’, ଡା. ରଶ୍ମୀରଞ୍ଜନ ମହାନ୍ତିଙ୍କୁ ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ, ସୁଶ୍ରୀ ମିତାଲି ବାରିକଙ୍କୁ ମୀନକେତନ ଦାସ ସ୍ମୃତି ସମ୍ମାନ, ଆଇନଜୀବୀ ନୃସିଂହ ଚରଣ ରାଉତଙ୍କୁ ସ୍ୱର୍ଗତ ଦୋଳଗୋବିନ୍ଦ ଜେନା ସ୍ମୃତି ସମ୍ମାନ, ମିତାରାଣୀ ମହାନ୍ତିଙ୍କୁ ନନ୍ଦିତା ବ୍ରହ୍ମା ସ୍ମୃତି ସମ୍ମାନ ଏବଂ ସୁଶ୍ରୀ ଲକ୍ଷ୍ମୀପ୍ରିୟା ଶତପଥୀଙ୍କୁ ଶରତ ପ୍ରସାଦ ସିଂ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗିତାରେ ୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଲୋହିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାପ-ପୁଅଙ୍କୁ ଛୁରାମାଡ଼

**ଆଳି, ୫।୧୧(ସମିସ):** ଆଳି ଥାନା ମେଣ୍ଢପୁର ପଞ୍ଚାୟତ କଣ୍ଟିପୁରରେ ବୁଧବାର ମଧ୍ୟାହ୍ନ ସମୟରେ ସାମାନ୍ୟ ବଚସାକୁ ନେଇ ବାପପୁଅ ଉପରେ ଛୁରା ମାଡ଼ ହୋଇଛି। ଏଥିରେ ମନୋଜ ମଲ୍ଲିକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିଲା ବେଳେ ତାଙ୍କ ପୁଅ ଶିବସୁନ୍ଦର ମଧ୍ୟ ଖଣ୍ଡିଆଖାବରା ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମରେ ଏକ ଭୋଜିସ୍ଥଳରେ ଜଣେ ଯୁବକ ଚପଲ ପିନ୍ଧି ଚାଲିଯିବାରୁ ମଙ୍ଗଳ ମଳିକ ମାରଧର ଆରମ୍ଭ କରି ଦେଇଥିଲେ। ମନୋଜ ମଳିକ ମଙ୍ଗଳଙ୍କୁ ବୁଝାସୁଝା କରିବାରୁ ସେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲା। ଏକ ଛୁରି ଆଘାତରେ ମନୋଜଙ୍କ ଛାତି ଗଭୀର ଭାବେ କ୍ଷତାକ୍ତ ହୋଇଛି। ଶିବସୁନ୍ଦର ମଧ୍ୟ ଖଣ୍ଡିଆ ହୋଇଛନ୍ତି। ମନୋଜଙ୍କ ସ୍ତ୍ରୀ ସଞ୍ଜୁକ୍ତାଙ୍କ ଅଭିଯୋଗ ଆଧାରରେ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରଜ ଲେଙ୍କା ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ସକାଳ THE SAKALA



www.sakalaepaper.com

# ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ୩ ସହର

କେନ୍ଦୁଝର, ୫।୧୧(ସମିସ)



ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ୩ଟି ସହରକୁ ସାମିଲ କରାଯାଇଛି। ଏହି ଯୋଜନାରେ ରାଜ୍ୟର ୧୨ଟି ସହରକୁ ସାମିଲ କରାଯାଇଛି। କେନ୍ଦୁଝର ଜିଲ୍ଲାର କେନ୍ଦୁଝର ସହର, ଯୋଡା, ବଡବିଲ ସମେତ ବ୍ରହ୍ମପୁର, ବେଲପାହାଡ, ବଣାଇ, ବ୍ରଜରାଜନଗର, ଝାରସୁଗୁଡା, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହର ସାମିଲ କରାଯାଇଛି। ଏହି ସହରଗୁଡ଼ିକରେ ବାୟୁର ପ୍ରଦୂଷଣ ମାତ୍ରା ଅଧିକ ରହୁଥିବାରୁ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏହି ସହରଗୁଡିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ବାୟୁ ଗଣବତ୍ତା ମନିଟରିଂ କରାଯାଇ ବାୟୁ ପ୍ରଦୂଷଣ ମାତ୍ରା ୪୦ପ୍ରତିଶତ କମାଇବା ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆଗାମୀ ୫ ବର୍ଷ ମଧ୍ୟରେ ପିଏମ ୧୦ ଏବଂ ପିଏମ ୨.୫କୁ ୪୦ ପ୍ରତିଶତ ହ୍ରାସ କରିବା। ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ। ନଗର ଉନ୍ନୟନ ବିଭାଗର ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। କେନ୍ଦୁଝର ଜିଲ୍ଲାର ଏହି ୩ଟି ସହରରେ ପିଏମ୍-୧୦ ଏବଂ ପିଏମ ୨.୫ ର ସାନ୍ଦ୍ରତା ଅଧିକ ରହୁଥିବାରୁ ସ୍ୱାସ୍ଥ୍ୟ ପାଇଁ ହାନୀକାରକ। ପ୍ରଦୂଷିତ ବାୟୁର ଦୀର୍ଘକାଳୀନ ପ୍ରଭାବ ରହିଛି। ଏହା ହୃଦ୍ ସମସ୍ୟା, ଶ୍ୱାସ ରୋଗ, କର୍କଟ ରୋଗ, ଡିମେନସିଆ, ପାର୍କିନସନସ ଭଳି ରୋଗର କାରଣ ବୋଲି ଡାକ୍ତରମାନେ କହିଛନ୍ତି। ବାୟୁମଣ୍ଡଳ ପ୍ରଦୂଷିତ ହେଲେ ଶ୍ୱାସରୋଗୀ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଏହି ଯୋଜନା ସଫଳ ହେଲେ ଏହି ୩ ସହରରେ ବସବାସ କରୁଥିବା ଲୋକମାନେ ସ୍ୱଚ୍ଛ ବାୟୁ ପାଇପାରିବେ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି। ଏହି ଯୋଜନାରେ ସହରସ୍ତରୀୟ କାର୍ଯ୍ୟ ଯୋଜନାର ବିକାଶ କରିବା, ରାସ୍ତା ପରିଷ୍କାର ପାଇଁ ଯନ୍ତ୍ର ବ୍ୟବହାର କରିବା ଏବଂ ନୂତନ ରାସ୍ତା ନିର୍ମାଣ କରିବା, ମନିଟରିଂ ଭିତ୍ତିଭୂମିକୁ ସୁଦୃଢ଼ କରିବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସହର ମଧ୍ୟରେ ଥିବା ଡମ୍ପିଂୟାର୍ଡ ହଟାଇବା,ସହର ଭିତରେ ବ୍ୟାପକ ବୃକ୍ଷରୋପଣ, ପଲିଥିନ ବ୍ୟବହାର ରୋକିବା, ମାଟି କପର ବହୁଳ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପୋଡ଼ି ରୋକିବା ଓ ଶିଳ୍ପ ନିର୍ଗମନ ହ୍ରାସ କରିବା ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ଅନ୍ତର୍ଭୁକ୍ତ।

## ହାତୀ ଓ ଗଜସାଥୀଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ



ତୁରୁମୁଙ୍ଗା, ୫।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଖିରେଇଟାଙ୍ଗିରୀ ଟୋଲ ଗେଟ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ୨୯ ଟିକିଆ ହାତୀପଲ ଥିବା ବେଳେ ଖିରେଇଟାଙ୍ଗିରୀ ଗ୍ରାମର ହୃଦାନନ୍ଦ ନାଏକ ହାତୀଙ୍କୁ ମାଡ଼ ମାରିଥିଲେ। ଏହାକୁ ଗଜସାଥୀ ରାହୁଲ ବେହେରା ବାରଣ କରିବାରୁ ହୃଦାନନ୍ଦ ରାହୁଲଙ୍କୁ ମାଡ଼ ମାରିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ପୁଲିସ ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି।

## ମେଟ୍ରୋନ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

କେନ୍ଦୁଝର, ୫।୧୧(ସମିସ): ନିଖିଳ ଓଡ଼ିଶା ମେଟ୍ରୋନ ମହାସଂଘ କେନ୍ଦୁଝର ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଛାତ୍ରାବାସରେ ଦୀର୍ଘବର୍ଷ ହେବ ସେମାନେ କମ ଦରମାରେ କାମ କରୁଛନ୍ତି। ସେମାନେ ମାତ୍ର ୧୫ ହଜାର ଟଙ୍କାରେ ଛାତ୍ରାବାସରେ ୨୪ ଘଣ୍ଟା ଧରି କାମ କରୁଛନ୍ତି। ଛାତ୍ରାବାସରେ ପିଲାମାନଙ୍କ ଦେହ ଖରାପ ହେଲେ ତାଙ୍କୁ ମେଡିକାଲ ନେବା ଏବଂ ସମସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଉଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ କୌଣସି ପିଲାର ମୃତ୍ୟୁ ହେଲେ ସେମାନଙ୍କୁ ଅନ୍ୟାୟ ଭାବେ ଚାକିରିରୁ ବହିଷ୍କାର କରାଯାଉଛି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କଲେ ମଧ୍ୟ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କିମ୍ବା ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ବହୁ ବର୍ଷ ଧରି ମେଟ୍ରୋନମାନେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଉନାହିଁ। ବର୍ତ୍ତମାନ ସରକାର ମହିଳାମାନଙ୍କ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରୁଥିବାବେଳେ ହଷ୍ଟେଲରେ ୨୪ ଘଣ୍ଟା କାର୍ଯ୍ୟରତ ମେଟ୍ରୋନଙ୍କ ଦୁଃଖ ବୁଝନ୍ତୁ ଓ ସେମାନଙ୍କ ଚାକିରିର ସର୍ତ୍ତାବଳୀ ପ୍ରସ୍ତୁତ କରି ସମସ୍ତଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବାକୁ ସଂଘ ଦାବି କରିଛି।

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ

ହାଟଡ଼ିହୀ,୫।୧୧(ସମିସ): ପବିତ୍ର ପଞ୍ଚୁକ ପୂର୍ଣ୍ଣିମା ଉପଲକ୍ଷେ ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ନଦୀ ଓ ପୋଖରୀ କଡ଼ରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜାବିଧି ଅନୁଷ୍ଠିତ ହୋଇଛି। ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଆଜକୁ ପ୍ରାୟ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ହାବଳେଶ୍ୱର ଗାଁଠାରେ ବିରାଜମାନ କରିଥିବା ବାବା ନାୟକ, ରମେଶ ସିଂ, ହାବଳେଶ୍ୱର ଗ୍ରାମର ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ହାବଳେଶ୍ୱର ପଞ୍ଚାୟତ ସହ ଗେଡ଼ମା, ଆଇତିପୁର, ଡଅଁର, ଶାଳଣିଆଁ ଆଦି ପଞ୍ଚାୟତର ଗାଁରୁ ଝିଅ-ବୋହୂ, ବୃଦ୍ଧ-ବୃଦ୍ଧା, ଯୁବଗୋଷ୍ଠୀଙ୍କ ଭିଡ଼ ଦେଖାଯାଇଥିଲା। ସୋସୋ ଗ୍ରାମସ୍ଥିତ ପାଞ୍ଚଶହ ବର୍ଷରୁ ଉର୍ଦ୍ଧ୍ୱ ନାଗସରୋବର ନିକଟରେ ବାବା ଅନନ୍ତ



ହାବଳେଶ୍ୱର ମହେଶ ବିଜେଙ୍କ ମନ୍ଦିରରେ ଭୋର ସମୟରୁ ସହସ୍ରାଧିକ ହବିଷ୍ୟାଳିଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜକ ଚନ୍ଦନ ପାଢ଼ୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା ବେଳେ ମନ୍ଦିର କମିଟିର ସଭାପତି ପଦ୍ମନାଭ ମହାନ୍ତି, ସମ୍ପାଦକ ଗୋବର୍ଦ୍ଧନ ଦତ୍ତ, କୋଠ ତହସିଲଦାର ଲମ୍ବୋଦର ସିଂ, ସଭ୍ୟ ପର୍ଶୁରାମ ଧଳ, ରଶ୍ମିରଞ୍ଜନ ବର୍ଦ୍ଧନ, ବାବି ବ୍ରହ୍ମଙ୍କ ସଂଯୋଜନାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବଟି ଖୁବ ଆକର୍ଷଣୀୟ ହୋଇଥିଲା। ଏଥିରେ ଗ୍ରାମର ଦୀପକ ମହାନ୍ତି, ବୁନ ବ୍ରହ୍ମ, ନିକୁଞ୍ଜ ବିହାରୀ ଦାସ, ଗୁରୁଚରଣ ସାହୁ, ପୀତବାସ ସାହୁ, କାର୍ତ୍ତିକେଶ୍ୱର ନାରାୟଣ ପୂଜା ପାଇ ଆସୁଥିଲା ବେଳେ ଆଜି ଶତାଧିକ ହବିଷ୍ୟାଳି ବୋଇତ ଭସାଇ ବାବାଙ୍କ ଦର୍ଶନ କରିଥିଲେ। ଏହିପରି ହାଟଡ଼ିହୀ, ମରୈଗାଁ, ବଞ୍ଚୋ, ବଡ଼ରମ୍ପାସ, ମିଠିଗାଁ, ସଡ଼ା, ଶାସଙ୍ଗ, ପଦାଡୋ, ଓରାଳି, ଅଁରା, ଜାମିତୀରା, କଳିଗାଁ, ଶାଳଣିଆଁ, ନସିରପୁର, ସମଣା, ଗିରିଗାଁ, ଆମ୍ବୋ, ପଞ୍ଚୁଗୋଛିଆ, ସୁଲଣ, ବଣିଆଁପଙ୍କ, ମହୁଲପଙ୍ଖା, ଜଡ଼ାବାଙ୍କ, ବଉଳା, ବାଙ୍ଗୋର, ବାଲିବରେଇ, ଡେଙ୍ଗା, ହଦଗଡ଼ ଆଦି ସ୍ଥାନରେ ବୋଇତ ବନ୍ଦାଣ ଉପଲକ୍ଷେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜାବିଧି ଖୁବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି।

## ବିଦ୍ୟୁତ ଆଘାତରେ ମହିଳାଙ୍କ ମୃତ୍ୟୁ

ହାଟଡ଼ିହୀ,୫।୧୧(ସମିସ): ନନ୍ଦିପଦା ଥାନା ନନ୍ଦିପଦା ଗ୍ରାମର ଜଣେ ମହିଳା ବିଦ୍ୟୁତ ଚାଳିତ ୱାଟର ହିଟର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ବୁଧବାର ପଞ୍ଚୁକ ପୂର୍ଣ୍ଣିମା ଯୋଗୁଁ ଗ୍ରାମର ଅଭିମନ୍ୟୁ ରାଉଳଙ୍କ ପତ୍ନୀ ମନ୍ଦାକିନୀ ରାଉଳ(୪୨) ସକାଳ ପ୍ରାୟ ୬ଟା ସମୟରେ ଗାଧୋଇବା ପାଇଁ ୱାଟର ହିଟର ଯୋଗେ ପାଣି ଗରମ କରୁଥିଲେ। ଅସାବଧାନତା ବଶତଃ ଘର ଚଟାଣରେ ପଡ଼ିଥିବା ପାଣିରେ ମନ୍ଦାକିନୀଙ୍କ ଗୋଡ଼ ଖସିଯିବାରୁ ସେ ୱାଟର ହିଟରରେ ଗରମ ହେଉଥିବା ପାଣି ବାଲଟି ଉପରେ ପଡ଼ିଯାଇଥିଲେ। ଫଳରେ ବାଲଟିରେ ଲାଗିଥିବା ବିଦ୍ୟୁତ ଚାଳିତ ୱାଟର ହିଟର ସଂସ୍ପର୍ଶରେ ଆସି ଅଚେତ୍ ହୋଇପଡିଥିଲେ। ପରିବାର ଲୋକେ ଅବିଳମ୍ବେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଯାଇଥିଲେ ସୁଦ୍ଧା ସେଠାରେ ଡ଼ାକ୍ତର ମନ୍ଦାକିନୀଙ୍କୁ ମୃତ ଘୋଷଣା କରିଥିଲେ। ପବିତ୍ର ଦିନରେ ମହିଳାଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ରାଜନଗର ଶୈବ୍ୟା କାବେରୀ ପୀଠରେ ବୋଇତ ବନ୍ଦାଣ

# ବୁଡ଼ ପକାଇ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ



ତୁରୁମୁଙ୍ଗା, ୫।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ଐତିହ୍ୟ ସଂସ୍କୃତି ହେଉଛି କାର୍ତ୍ତିକ ପୂର୍ଣ୍ଣିମା ବା ବୋଇତ ବନ୍ଦାଣ ଉତ୍ସବ। ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଓ ପରମ୍ପରାକୁ ସାରା ରାଜ୍ୟ ମନେ ପକାଉଛି। ଏଥିରୁ ବାଦ ପଡିନି କେନ୍ଦୁଝର ଜିଲ୍ଲାର ରାଜନଗର ଗ୍ରାମ। ଦୀର୍ଘ ୨୫ ବର୍ଷ ଧରି ରାଜନଗର ଗ୍ରାମର ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଥିବା ଶୈବ୍ୟାକାବେରୀ ପୀଠରେ ଏହି ଗୌରବମୟ ଉତ୍ସବର ସ୍ମୃତି ଚାରଣ କରିଛନ୍ତି ରାଜନଗର ଗ୍ରାମବାସୀ। ଏବର୍ଷ ମହା ଆଡ଼ମ୍ବରରେ ପାଳିତ ହୋଇଛି ବଇତ ବନ୍ଦାଣ ଉତ୍ସବ। ରାଜନଗର ବୈତରଣୀ ନଦୀକୂଳରେ ବର୍ଣ୍ଣାଢ୍ୟ ପରିବେଶରେ ବଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ତରଫରୁ ଏଠାରେ ୪୦ ଫୁଟ ଲମ୍ବ ଓ ୫ ଫୁଟ ଓସାରର ଏକ ସୁସଜ୍ଜିତ ବଇତକୁ ବନ୍ଦାଣ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଯୋଗଦେଇ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଡଙ୍ଗାକୁ ନଦୀ ଗର୍ଭରେ ଭସା ଯାଇଥିଲା। କାର୍ଯ୍ୟକ୍ରମରେ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଡଙ୍ଗା ଭସାଇବା ସହ ଗୌରବମୟ ଉତ୍ସବର ସ୍ମୃତି ଚାରଣ କରିଥିଲେ। ପବିତ୍ର କାର୍ତ୍ତିକ ମାସ ଅବସରରେ ଚଳଚଞ୍ଚଳ ହୋଇ ପଡିଥିବା ରାଜନଗରର ଶୈବ୍ୟା କାବେରୀ ପୀଠରେ ପୋଡ଼ଶୀ ରାଜ୍ୟ ଝାରଖଣ୍ଡ ଓ ପଡ଼ୋଶୀ ଜିଲ୍ଲା ମୟୂରଭଞ୍ଜର ହଜାର ହଜାର ଶ୍ରଦ୍ଧାଳୁ ବଡି ଭୋରରୁ ବୁଡ଼ ପକାଇ ଗୁଆ ପାନ ଥୋଇ ଡ଼ଙ୍ଗା ଭସାଇବା ପରେ ରାଜନଗରର ଆରାଧ୍ୟ ଦେବତା ଦଧିବାମନଜୀଉଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ତୁରୁମୁଙ୍ଗା ପୁଲିସ କର୍ମଚାରୀ ନିୟୋଜିତ ଥିଲେ। ଏଥିସହ ଡଙ୍ଗା ଭସାଇବା ପାଇଁ ପାଟଣା ବୈତରଣୀ ନଦୀ ଏବଂ ଭୀମକୁଣ୍ଡରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ବଡ଼ବିଲ:** ବଡ଼ବିଲ କାରୋ ନଦୀକୂଳରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ 'ନିଳାଦ୍ରୀ' ଆନୁକୁଲ୍ୟରେ ଏହି ପର୍ବ ପାଳିତ ହୋଇଯାଇଛି। ଭୋର ସମୟରୁ ଅନୁଷ୍ଠାନର ସମସ୍ତ ସଭ୍ୟ ସପରିବାରେ କାରୋ ନଦୀ





କୂଳରେ ସମବେତ ହୋଇ ପ୍ରାୟ ୧୫ ଫୁଟ ଲମ୍ବର ଏକ ବୋଇତ ନିର୍ମାଣ କରି ରଙ୍ଗ ବେରଙ୍ଗ ଚିତ୍ରଣସହ ଫୁଲରେ ସଜା ଯାଇଥିଲା। ବୋଇତ ଚାରିପଟେ ଉତ୍କଳୀୟ ପରମ୍ପରାର ବିଭିନ୍ନ ଚିତ୍ର ଅଙ୍କନ ଯାଇଥିଲା। ଶତାଧିକ ମହିଳା ଶଙ୍ଖ ହୁଳହୁଳି ସହ ଦୀପ ଜଳାଇ ଡଙ୍ଗାକୁ ବନ୍ଦାପନା କରିବା ପରେ ପାନପତ୍ର, ଗୁଆ, ଅକ୍ଷତ, ରାଶି ଆଦି ପୁଡ଼ିଆ କରାଯାଇ ଡଙ୍ଗା ମଧ୍ୟରେ ସ୍ଥାପନା କରାଯାଇଥିଲା। ତାପରେ ଆ,କା,ମା, ପାନ ଗୁଆ ଖାଇ ଗୀତ ବୋଲାଯାଇ ଡଙ୍ଗାକୁ ନଦୀ ପାଣିରେ ଭସା ଯାଇଥିଲା। ସେହିପରି ବଡ଼ବିଲ ଅଞ୍ଚଳର ବିଭିନ୍ନ ଧର୍ମାକୁ ମାନୁଥିବା ଶତାଧିକ ମହିଳା ଓ ପୁରୁଷ ନଦୀକୂଳରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଥିଲା।

## ଦର୍ଶନୀୟ ସ୍ଥଳୀ ଧକୋଠାର ଗଡ଼ ଜଳଭଣ୍ଡାର

# ଉନ୍ନତୀକରଣ ସହ ପର୍ଯ୍ୟଟକଙ୍କ ସୁରକ୍ଷା ଦାବି

ଆନନ୍ଦପୁର, ୫।୧୧(ସମିସ)



ଶୀତଋତୁର ଆଗମନରେ ବଣପାହାଡ଼ ଘେରା କେନ୍ଦୁଝର ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତ ଗଡ଼ ଜଳଭଣ୍ଡାର ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଯାଇଛି। ହେଲେ ସତର୍କତା ଅବଲମ୍ବନ କରାଯାଉ ନଥିବାରୁ ଅନେକ ସମୟରେ ବିଭିନ୍ନ ଜଳଭଣ୍ଡାର ଜୀବନ ହାନି ହେଉଛି। ଏସବୁ ଦୃଷ୍ଟିରୁ ଦର୍ଶନୀୟ ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବା ଜରୁରୀ ହୋଇ ପଡିଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ବିକାଶ ପାଇଁ ଦୁଇ କୋଟି ଟଙ୍କା ଖର୍ଚ୍ଚ କରା ଯାଇଥିବାବେଳେ ଏବେ ଏହାର ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଛି। ଆନନ୍ଦପୁର ବ୍ଲକ୍ ଧକୋଠା ୨୦ନମ୍ବର ଜାତୀୟ ରାଜପଥରୁ ମାତ୍ର ୩କିମି ଦୂରରେ ରହିଛି। ଏହା ଏକ ମନୋରମ ସ୍ଥାନ। ଆଦିବାସୀବହୁଳ ଅଞ୍ଚଳରେ ଜଳସେଚନ ପାଇଁ ୧୯୮୦ରେ ଗଡ଼ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ଚାଷୀମାନଙ୍କ ପାଇଁ ଆଶା ସଞ୍ଚାର କରିଥିଲା। ଦୀର୍ଘଦିନ ହେଲା ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଇ ନଥିବାରୁ ଜଳସେଚନରେ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ କ୍ରମାଗତ ଭାବେ ଖବର ପ୍ରକାଶ ପାଇବା ପରେ ପରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ କୋଟି ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି ଅଟକଳ ଅନୁସାରେ ଡ୍ୟାମରର ଉନ୍ନତୀକରଣ, ଉପର ରାସ୍ତା ନିର୍ମାଣ, ପଥର ପ୍ୟାକିଂ ଆଦି ବିଭିନ୍ନ କାମ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ ଡିସେମ୍ବର ୧୭ରୁ ନିର୍ମାଣ ଆରମ୍ଭ କରାଯାଇ ଚଳିତ ସେପ୍ଟେମ୍ବର ୧୨ ତାରିଖରେ ନିର୍ମାଣ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଅନେକ କାର୍ଯ୍ୟ ଏବେବି ଅସମ୍ପୂର୍ଣ୍ଣ ରହିଛି। ମାତ୍ର କିଛିମାସ ପୂର୍ବରୁ କ୍ୟାପେକ୍ସ ଅନୁଦାନରେ ୮୦ଲକ୍ଷ ଟଙ୍କା ବ୍ୟୟରେ ଏହାର ପିଚୁରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଏବେ ମାଟିରେ ମିଶି ଯାଇଥିବାବେଳେ ଡ୍ୟାମ୍ ନିକଟକୁ ଯିବା କଷ୍ଟସାଧ୍ୟ ହୋଇଛି। ଏହାର ପୁନଃନିର୍ମାଣ କରାଯିବା ସହିତ ଭୋଜିଭାତ କରିବା ପାଇଁ ପିଣ୍ଡିର ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ବଡ଼ ଏକତାଳି ଗ୍ରାମର ସୁଜିତ କୁମାର ସାହୁ କହିଛନ୍ତି। ଚଳିତ ପର୍ଯ୍ୟଟନ ଋତୁରେ ଏଠାରେ ଭୋଜିଭାତ ଜମିବ ବୋଲି ଘସିପୁରାର ସାଜନ କୁମାର ସାହୁ, ଭୋଳନୂଆଗାଁର ଅମର ଶତପଥୀ କହିଛନ୍ତି।

## ନିକଲ୍‌ସନ ବନବିଦ୍ୟାଳୟର ୧୧୨ତମ ସମାବର୍ତ୍ତନ ଉତ୍ସବ

# ପ୍ରଶିକ୍ଷଣ କର୍ମଚାରୀଙ୍କୁ ସଶକ୍ତ ସହ ଅନ୍ୟକୁ ନ୍ୟାୟ ଦେଇଥାଏ: ବନଖଣ୍ଡ ଅଧିକାରୀ

ଚମ୍ପୁଆ,୫।୧୧(ସମିସ)



ଚମ୍ପୁଆ ନିକଲସନ ବନବିଦ୍ୟାଳୟର ୧୧୨ତମ ସମାବର୍ତ୍ତନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଓଏଫଡିସି ମ୍ୟାନେଜର ଏନଏସ ଜେପି ସିଂ, ଡିସିଏଫ ରାମଚନ୍ଦ୍ର ମୁର୍ମୁ, ଏସିଏଫ ମୋହନ ହେମ୍ବ୍ରମ, ରବିନ କିସ୍କୁ ଓ ଅକ୍ଷୟ ଛତ୍ରିଆ ପ୍ରମୁଖ ଦୀକ୍ଷାନ୍ତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ପରେ ବନବିଦ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କହିଥିଲେ, ଜିଜ୍ଞାସାହିଁ କର୍ମଦକ୍ଷତାର ପରିଚୟ। ପ୍ରଶିକ୍ଷଣ କର୍ମଚାରୀଙ୍କୁ ସଶକ୍ତ କରିବା ସହିତ ଅନ୍ୟକୁ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ଷେତ୍ରରେ ସାଧୁତାକୁ ଗୁରୁତ୍ୱ ଦେଇ ଲୋକସମ୍ପର୍କ, ଗଣମାଧ୍ୟମ ସହ ସମ୍ପର୍କରେ ରହିବାକୁ ପରାମର୍ଶ ପ୍ରଦାନ କରିଥିଲେ। ବନକର୍ମଚାରୀମାନେ ବନ ସୁରକ୍ଷା ସମିତି ସହ ଜଡିତ ହୋଇ ଜଙ୍ଗଲ ଜାତ ଦ୍ରବ୍ୟର ସୁବିନିଯୋଗ କରିବା ସହିତ ଜୀବନ ଜୀବିକାକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ପୂର୍ବରୁ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ଭାବେ ଶ୍ରେଷ୍ଠ ଫରେଷ୍ଟର ପ୍ରଶିକ୍ଷାର୍ଥୀ ଭାବେ ଏମଡି ଜାଫର ଇକବାଲ, ଅଲରାଉଣ୍ଡର ଫରେଷ୍ଟର ପ୍ରଶିକ୍ଷାର୍ଥୀ ଭାବେ ପ୍ରଦୀପ ସାହୁ, ଇଂଜିନିୟରିଂ ଏବଂ ସର୍ଭେ ପାଇଁ ଏମଡି ଜାଫର ଇକବାଲ, ଫରେଷ୍ଟ ୟୁଟିଲାଇଜସନ ପାଇଁ ଅବନି କୁମାର ଜେନା, ଫରେଷ୍ଟ ନିୟମ କାନୁନ ପାଇଁ ପଦ୍ମଲୋଚନ ବଡଗୋଛିଆ ଓ ଶ୍ରେଷ୍ଠ ଲୋକସମ୍ପର୍କ ପାଇଁ ଅବନି କୁମାର ଜେନାଙ୍କୁ ନିକଲସନ ମେଡାଲରେ ସମ୍ମାନିତ କରାଯାଇଥିଲା। ୨୧ଟି ଡିଭିଜନରୁ ୪୦ ଜଣ ପଦୋନ୍ନତି ପାଇଥିବା ବନପାଳ ଏଠାରେ ପ୍ରଶିକ୍ଷଣ ନେଉଥିଲେ।

## ନାରଦପୁର ଓଭରବ୍ରିଜ୍ ଷ୍ଟ୍ରିଟ ଲାଇଟ୍ ଅଚଳ



ନାରଦପୁର,୫।୧୧(ସମିସ): ଦିନେ କି ଦୁଇ ଦିନ ନୁହେଁ ଆଜକୁ ପ୍ରାୟ ମାସେ ଧରି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଓଭର୍‌ବ୍ରିଜ୍ ଷ୍ଟ୍ରିଟଲାଇଟ୍ ଅଚଳ ହୋଇପଡ଼ିଛି। ଏହାଯୋଗୁଁ ଅନ୍ଧାରରେ ରହୁଛନ୍ତି ଗ୍ରାମବାସୀ। ଟୋଲ୍ ଫ୍ରି ନଂରେ ବାରମ୍ବାର ଜଣାଇଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି

**କାମରେ ଆସୁନି ଟୋଲ୍ ଫ୍ରି ନଂ**

ସୁଫଳ ମିଳି ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫୨୦ ନଂ ଜାତୀୟ ରାଜପଥ ନାରଦପୁର ଓଭର୍‌ବ୍ରିଜ୍ ଷ୍ଟ୍ରିଟଲାଇଟ୍ ଦୀର୍ଘ ଦିନ ହେବ ଅଚଳ ଅବସ୍ଥାରେ ରହିଛି। ଫଳରେ ସଂଧ୍ୟା ହେଲେ ଅନ୍ଧାରେରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକେ କହିଛନ୍ତି। ଏହାର ରକ୍ଷଣାବେକ୍ଷଣ ପ୍ରତି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଷ୍ଟ୍ରିଟଲାଇଟ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଅଚଳ ହୋଇ ପଡ଼ିଛି। ଆଜି ପର୍ଯ୍ୟନ୍ତ ବିଭାଗୀୟ କୌଣସି ପଦକ୍ଷେପ ନେଉ ନ ଥିବା ନାରଦପୁର ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଷ୍ଟ୍ରିଟ ଲାଇଟ୍‌କୁ ମରାମତି କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ପଞ୍ଚୁକ ମହାବ୍ରତ ପାଇଁ ହିନ୍ଦୋଳ ଚଳଚଞ୍ଚଳ



**ଖଜୁରିଆକଟା, ୫ ।୧୧(ସମିସ):** ପଞ୍ଚୁକ ମହାବ୍ରତ ପାଇଁ ହିନ୍ଦୋଳ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି । ନୂଆବଗ ପଞ୍ଚାୟତ ବାହାଲୁଣ୍ଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୁମଧାମରେ ପଞ୍ଚୁକ ବ୍ରତ ପାଳନ କରାଯାଇଛି । ପଞ୍ଚୁକ ଆରମ୍ଭ ଦିନ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଆରାଧ ଦେବୀ ମା' ବୁଢୀ ଠାକୁରାଣୀଙ୍କ ପୀଠରୁ ନୂତନ ପୋଷାକ ପିନ୍ଧି କଳସ ନେଇ ଭଗବାନପୁରସ୍ଥିତ ବଡ଼ଯୋରା ନଦୀର ରାମେଶ୍ୱର ମନ୍ଦିରର ଘାଟରୁ ପବିତ୍ର ଜଳ ଧାରଣ କରି ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ସ୍ଥାପନ କରିଥିଲେ । ପଞ୍ଚୁକ ବ୍ରତର ପ୍ରତେକ ଦିନ ସନ୍ଧ୍ୟାରେ ଭଜନ ସମାରୋହ ସହ ପ୍ରଭୁ ରାଧାମୋହନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପୂଜକ ହରିହର ଦାଶ ଏବଂ କର୍ତ୍ତା ପିନୁ ପଟ୍ଟନାୟକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମକୁ ଅଶୋକ ଦାଶ, ଦେବରାଜ ପଟ୍ଟନାୟକ, ଶକ୍ତି ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ, ପିନୁ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ବୁଧବାର ଅନ୍ତିମ ଦିବସରେ ପଞ୍ଚୁକ ବ୍ରତ ଉଦଯାପିତ ହୋଇଛି । ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

## ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ

**ଖଜୁରିଆକଟା, ୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ । ଲୋକଙ୍କୁ ଘର ପାଖରେ ସମସ୍ତ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ନିକଟରେ ଗ୍ରାମୀଣ ନ୍ୟାୟାଳୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ ଜମି ରେଜିଷ୍ଟ୍ରେସନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ ଅଫିସ ଖୋଲିଛନ୍ତି । ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ନ ଥିବାରୁ ତହସିଲ ଅଫିସରେ ଏହା ଖୋଲାଯାଇଛି । ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଏବିଡିଓ ସୁରେଶ କୁମାର ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।

## ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ



**ଢେଙ୍କାନାଳ, ୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବାଇସିଙ୍ଗା ପଞ୍ଚାୟତ ତେନ୍ତୁଳିସିଙ୍ଗା ଗ୍ରାମ ଦେଇ ପ୍ରବାହିତ ରାମିଆଳ ନଦୀ ତଟରେ ପୂଜା ପାଇଆସୁଥିବା ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଜୀଉ ମନ୍ଦିର ପରିସରରେ ୨୯ତମ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ପବିତ୍ର ଅଁଳାନବମୀଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରେ ଉଦଯାପିତ ହୋଇଛି । ବିଭିନ୍ନ ଦିନରେ କଳସଯାତ୍ରା, ଯଜ୍ଞାଧିବାସ, ସ୍ତମ୍ଭ ତୋରଣାଦି ପୂଜନ, ଅଖଣ୍ଡ ଦୀପ ସ୍ଥାପନ, ଶ୍ରୀ ବିଷ୍ଣୁ ସହସ୍ରାର୍ଚ୍ଚନ, ମହାବିଷ୍ଣୁ ଯାଗ, ମହାରୁଦ୍ର ଯାଗ, ବାରୁଣୀ ମଣ୍ଡଳ ପୂଜନ, ତଥା ମହାଚଣ୍ଡୀ ଯାଗ ସହ ଦୈନିକ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ କାର୍ଯ୍ୟକ୍ରମ ହୋଇଥିଲା । ଗ୍ରାମ ସଭାପତି ଉଦୟଭାନୁ ପଟ୍ଟନାୟକ, ସମ୍ପାଦକ ଅଭୟ କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଭାସ୍କର ରାଉଳ ଯଜ୍ଞ ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ବୀରବର ରାଉତ, ବିମ୍ବାଧର ସାମଲ, ଅକ୍ଷୟ କୁମାର ବିଶ୍ୱାଳ, ପୁଣ୍ୟଶ୍ଳୋକ ମହାନ୍ତି, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ପଣ୍ଡିତ ଅମର ଚନ୍ଦ୍ର ନନ୍ଦଶର୍ମା, ପଣ୍ଡିତ ବିଷ୍ଣୁପ୍ରସାଦ କର, ରାମଚନ୍ଦ୍ର କର, ମୁରଲୀଧର ତ୍ରିପାଠୀ, ପ୍ରମୁଖଙ୍କ ନେତୃତ୍ୱରେ ୧୫ ଜଣ ପଣ୍ଡିତ ବେଦମନ୍ତ୍ର ପାଠ କରିଥିଲେ । ଦୈନିକ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ହରିହାଟରେ ଯୋଗଦେଇଥିଲେ ।

### କପିଳାସ ମହୋତ୍ସବ ଉଦଘାଟିତ

# ପର୍ବତାରୋହଣ କଲେ ଶତାଧିକ ଛାତ୍ରଛାତ୍ରୀ



**ଢେଙ୍କାନାଳ, ୫ ।୧୧(ସମିସ)**

ମାଇକ୍ରୋମିଡିଆ ଆୱାରନେସ ଅନୁଷ୍ଠାନର ୨୭ତମ ପ୍ରତିଷ୍ଠା ଦିବସ ତଥା ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ୨୩ବର୍ଷ ପୂର୍ତ୍ତି ଅବସରରେ କପିଳାସ ମହୋତ୍ସବ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଦଘାଟିତ ହୋଇଛି । ଏହି ଉପଲକ୍ଷେ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ଓ ମା' ପାର୍ବତୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଅତିଥିମାନେ ବାରବାଙ୍କ ସନ୍ତୋଷୀ ମା' ମନ୍ଦିର ନିକଟରେ ପୂଜା କରି ପତାକା ଦେଖାଇବା ପରେ ପର୍ବତାରୋହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀ ପ୍ରଥମେ ୧୩୫୨ ପାହାଚ ଏବଂ ପରେ ଦେବସଭା ପର୍ଯ୍ୟନ୍ତ ପର୍ବତ ଆରୋହଣ କରିଥିଲେ । ଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରା, ଗଁଦିଆ ଥାନା ଅଧିକାରୀ ସାନ୍ତନୁ କୁମାର ପ୍ରଧାନ, ସମାଜସେବୀ ସୁକାନ୍ତ ମିଶ୍ର, ବରିଷ୍ଠ କଳାକାର ପରେଶ ଚନ୍ଦ୍ର ପଟ୍ଟନାୟକ, ସମାଜସେବୀ ଶେଷଦେବ

**ଭକ୍ତିଭରା ଭଜନରେ ବିଭୋର ଶ୍ରଦ୍ଧାଳୁ**

ରାଉତ, ଯୁବ ଉଦ୍ୟୋଗୀ ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏଭରେଷ୍ଟ ଆରୋହିଣୀ ସ୍ୱର୍ଗତ କଳ୍ପନା ଦାଶଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା । ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ । ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଭୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କପିଳାସ ମହୋତ୍ସବ ଆବାହକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଏନସିସି, ଏନଏସଏସ, ଯୁବ ରେଡକ୍ରସ, ତାଏକ୍ୱୋଣ୍ଡୋ, ସ୍କେଟିଂ, ସ୍ଥାନୀୟଯୁବକଯୁବତୀ, କ୍ରୀଡ଼ାବିତ ଓ ଆଇଆଇଏମସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କପିଳାସ ପୀଠର ସେବାୟତ, ପୂଜକ ଓ ସମସ୍ତ ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଚଳିତ ବର୍ଷ ଢେଙ୍କାନାଳର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଆସନ୍ତା ୧୩ ତାରିଖ ରକ୍ତଦାନ ଶିବିର ଓ ଚାରାରୋପଣ, ୧୪, ୧୫ ଓ ୧୬ ତାରିଖ ୩ ଦିନ ଧରି ଗୋପବନ୍ଧୁ ଟାଉନ ହଲରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସହ ରାଜ୍ୟର ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

### ● ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

## ଭାସ୍କର୍ଯ୍ୟଶିଳ୍ପୀ ଟୁଗୁଲୀ ସାହୁଙ୍କୁ ଭୁବନ ଗୌରବ ସମ୍ମାନ



**ଭୁବନ, ୫ ।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୁଦ୍ଧେଶ୍ୱର ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ସହ ଆ-କା-ମା-ବୈ ଗୀତ ଗାଇ ଡଙ୍ଗା ଭସାଇ ସୂର୍ଯ୍ୟନାରାୟଣଙ୍କୁ ଦର୍ଶନ କରିଛନ୍ତି । ପ୍ରାଚୀନ ପରମ୍ପରା ପାଳନ ପୂର୍ବକ ବୁଧବାର ଭୋର ୪ଟାରୁ କାଗଜ ଡଙ୍ଗା, କଦଳୀ ପାଟୁଆରେ ନିର୍ମିତ ଡଙ୍ଗା ଧରି ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ପୂଜାର୍ଚ୍ଚନା ସହ ଡଙ୍ଗା ଭସାଇଥିଲେ । ଏହି ଅବସରରେ ଭୁବନ ତୈଳିକ ବୈଶ୍ୟ ସମାଜ ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତାରେ ୨୩ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ଆମ୍ବା କମିଟି ସଭାପତି ଜଗବନ୍ଧୁ ପୃଷ୍ଟି, ସାମ୍ମାନିତ ଅତିଥି ଭାବେ ତେରଥାନ ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟି ଯୋଗଦେଇଥିଲେ । ଭାସ୍କର୍ଯ୍ୟଶିଳ୍ପୀ ଟୁଗୁଲୀ ସାହୁଙ୍କୁ ଭୁବନ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସନ୍ତୋଷ ସାହୁ, ତ୍ରିଲୋଚନ ସାହୁ, ବାପିନ ସାହୁ, ପ୍ରଫୁଲ୍ଲ ସାହୁ, ଧନେଶ୍ୱର ପୃଷ୍ଟି, ସୁନାକାର ସାହୁ, ମାନସ ପୃଷ୍ଟି ସାଧବ ପୁଅ ଭୂମିକା ତୁଲାଇଥିଲେ । ନାମ ସଂକୀର୍ତ୍ତନ ଓ ହୁଳହୁଳି ଶବ୍ଦରେ ନଦୀ ତୁଠରେ ବେଶ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ



**ଢେଙ୍କାନାଳ, ୫ ।୧୧(ସମିସ):** ସଦର ଥାନା ଦେଙ୍ଗବୋରେଇ ଗ୍ରାମରେ ମଙ୍ଗଳବାର ଆରମ୍ଭ ହୋଇଥିବା ୩୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୪ଟି ଟିମ୍ ଅଂଶଗ୍ରହଣ କରିଥିଲେ । ମହିଳା ବର୍ଗରେ ଭୁବନେଶ୍ୱର କିସ୍ ଓ କଟକ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । କିସ୍ ଟିମ୍ ୨୦-୭ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ସେହିପରି ପୁରୁଷ ବର୍ଗରେ କଟକ ୱାରିଓର ଓ ଭୁବନେଶ୍ୱର କଳିଙ୍ଗ ଟିମ ମଧ୍ୟରେ ଫାଇନାଲ ଖେଳାଯାଇଥିଲା । କଟକ ଟିମ ୩୦-୨୯ ପଏଣ୍ଟରେ ଚାମ୍ପିଅନ ହୋଇଛି । ଉଦଘାଟନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ଉତ୍କଳ ଅଜବେଷ୍ଟସର ପରିଚାଳନା ନିର୍ଦ୍ଦେଶକ କ୍ଷୀରୋଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାର୍ଭେରମ ଷ୍ଟିଲର ପରିଚାଳକ ନିର୍ଦ୍ଦେଶକ ଅନନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସମାଜସେବୀ ବିଷ୍ଣୁପ୍ରସାଦ ସାମଲ, ଶ୍ରମିକ ନେତା ବିଜୟ ଦାସ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା କବାଡ଼ି ଆସୋସିଏସନର ରେଫରି କେ ମାଧବରାଓ, ପ୍ରକାଶ କୁମାର ସାହୁ, ସତ୍ୟପ୍ରକାଶ ଦାସ, ପ୍ରଶାନ୍ତ ପରିଡ଼ା, ପାପୁନ ମଲ୍ଲିକ, ବିଭୁଭୂଷଣ ପାଲ, ପ୍ରକାଶଚନ୍ଦ୍ର ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ● ଆମ୍ବପଲାଶ ଗ୍ରାମ ଡକାୟତି ଘଟଣାକୁ ୩ ଦିନ ବିତିଲା

## ଦୁର୍ବୃତ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୁଲିସ

**ପରଜଙ୍ଗ, ୫ ।୧୧(ସମିସ):** ପରଜଙ୍ଗ ଥାନା ଆମ୍ବପଲାଶ ଗ୍ରାମରେ ସୋମବାର ସନ୍ଧ୍ୟାରେ ସଶସ୍ତ୍ର ମୁଖାପିନ୍ଧା ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରି ଦୁଇ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିଲେ । ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଦୁର୍ବୃତ୍ତମାନଙ୍କ ପାଖରେ ପହଞ୍ଚି ପାରିନାହିଁ ।

ସୋମବାର ସନ୍ଧ୍ୟା ସାଢ଼େ ୭ଟାରେ ୮ରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ ମାରଣାସ୍ତ୍ର ଧରି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅଢ଼େଇ ଲକ୍ଷ ଟଙ୍କା ଏବଂ ୫ ଭରି ସୁନା ଅଳଙ୍କାର ଲୁଟ୍ କରିଥିଲେ । ପରେ ପାଖରେ ଥିବା ଗଗନ ମହାପାତ୍ରଙ୍କ ଘରେ ପଶିଥିଲେ । ଗଗନଙ୍କ ପରିବାର ଲୋକେ ଏହା ଜାଣିପାରି ଗୋଟିଏ ଘର ଭିତରେ ରହି କବାଟ ବନ୍ଦ କରିଦେଇଥିଲେ । ଦୁର୍ବୃତ୍ତମାନେ କବାଟକୁ ଗୁଳିମାଡ଼ କରିବି ସହ ଗଗନଙ୍କ ମା'ଙ୍କଠାରୁ ସୁନା କାନଫୁଲ ନେଇ ପାଖ ଜଙ୍ଗଲ ଆଡ଼କୁ ପଳାଇଥିଲେ । ଗଗନଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ସମସ୍ତ ଘଟଣା କଏଦ ହୋଇଥିଲା । ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ସାଇଣ୍ଟିଫିକ ଦଳ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି । ପୁଲିସ ସିସିଟିଭି ଫୁଟେଜ୍ ଜବତ କରି ଛାନଭିନ୍ କରୁଛି । ଅନ୍ୟପଟେ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଯାଉଛି ଓ ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି ।

## ଅନନ୍ତଶୟନ ବାଲିଯାତ୍ରା ଓ ୯ମ ଲୋକ ମହୋତ୍ସବ



**ପରଜଙ୍ଗ, ୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ଦେଇ ଯାଇଥିବା ନଦୀ ପଠାରେ ଭଗବାନ ବିଷ୍ଣୁଙ୍କ ବିଶାଳ ଅନନ୍ତଶୟନ ମୂର୍ତ୍ତି ନିକଟରେ ବାଲିଯାତ୍ରା ଓ ନବମ ଲୋକ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଅନନ୍ତ ଶୟନ ମୂର୍ତ୍ତିକୁ ଗ୍ରାମବାସୀ ପୂଜାର୍ଚ୍ଚନା କରିବା ବୋଇତ ବନ୍ଦାଣ ଉତ୍ସବ ଓ ଲୋକ ମହୋତ୍ସବ କରିଆସୁଛନ୍ତି । ଗତ ୯ ବର୍ଷ ଧରି ଅନନ୍ତ ଶୟନ ବାଲିଯାତ୍ରା ଓ ଲୋକ ମହୋତ୍ସବ ଭାବେ ପାଳିତ ହୋଇଆସୁଛି । ଯାତ୍ରାରେ ଏଠାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ଭଜନ ସମାରୋହ ସାଙ୍ଗକୁ ବିଭିନ୍ନ ଦୋକାନ ଏବଂ ଦୋଳି ଲାଗିଥିଲା । ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଲୋକ ମହୋତ୍ସବ କମିଟି ସଭାପତି ସୁଶାନ୍ତ କୁମାର ସିଂ, ସରାଙ୍ଗ ସମିତିସଭ୍ୟ ବାସୁଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ । ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ସଂସ୍କୃତି ମଧ୍ୟରେ ଅପସଂସ୍କୃତିର ଅନୁପ୍ରବେଶ

# ଢେଙ୍କାନାଳ ସଂସ୍କୃତି ବିଭାଗ ପୁନର୍ଗଠନ ନେଇ ପ୍ରଶ୍ନବାଚୀ

**ଢେଙ୍କାନାଳ, ୫ ।୧୧(ସମିସ):** ଓଡ଼ିଶାରେ ବୋଧହୁଏ ଢେଙ୍କାନାଳ ଏକମାତ୍ର ଜିଲ୍ଲା ଯେଉଁଠାରେ ଜିଲ୍ଲା ସଂସ୍କୃତି ପରିଷଦର ବିଭାଗୀୟ ଉପବିଧି ଅନୁଯାୟୀ ଗତ ୯ବର୍ଷ ଧରି ସଂସ୍କୃତି ପରିଷଦର ପୁନର୍ଗଠନ ହୋଇନାହିଁ । ଜିଲ୍ଲା ଲୋକକଳା ସଂଘ ଉପସଭାପତି କୁହାଯାଉଥିବା ଜଣେମାତ୍ର ବ୍ୟକ୍ତି ଗତ ୯ବର୍ଷ ଧରି ସକ୍ରିୟ ଅଛନ୍ତି । ତାଙ୍କୁ ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ବୋଲି ମଧ୍ୟ କୁହାଯାଉଛି । ଜିଲ୍ଲାରେ ଗତ ୨ବର୍ଷ ଧରି ସଂସ୍କୃତି ଅଧିକାରୀ ନାହାନ୍ତି । ୨୦୨୩ ଡିସେମ୍ବରରେ ତତ୍କାଳୀନ ଜିଲ୍ଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ବିୟୋଗ ପରଠାରୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ଏବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂସ୍କୃତି ଅଧିକାରୀ ଦାୟିତ୍ୱରେ ରହିଛନ୍ତି । ତଥ୍ୟାଭିଜ୍ଞ ମହଲରୁ ପ୍ରକାଶ ଯେ ଲୋକକଳା ସଂଘ ସଭ୍ୟ ଭାବେ କେବଳ ଲୋକ କଳାକାର ହିଁ ରହିପାରିବେ । କେଉଁଗୁଡ଼ିକ ରାଜ୍ୟର ଲୋକକଳା ତାହା ମଧ୍ୟ ସଂସ୍କୃତି ବିଭାଗରେ ସ୍ପଷ୍ଟ ଉଲ୍ଲେଖ ରହିଛି । କୌଣସି ଗୀତିକାର ବା ମଞ୍ଚ ସଂଯୋଜକ ଏଥିପାଇଁ ଯୋଗ୍ୟ ନୁହନ୍ତି । ବିଜେଡି ସରକାର ଯାଇ ବିଜେପି ସରକାର ଆସିଲା । ଯିଏ କରିତ୍‌କର୍ମା ସେ ବିଜେଡି ମନ୍ତ୍ରୀଙ୍କୁ ଧରି ପଦବୀ ସମ୍ଭାଳୁଥିଲେ ଏବଂ ଏବେ ସେ ବିଜେପି ମନ୍ତ୍ରୀଙ୍କୁ ଧରି ନିଜ ପଦ ସମ୍ଭାଳିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଜିଲ୍ଲା ଲୋକକଳା ସଂଘ ଉପଦେଷ୍ଟା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଆଦିଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ କୌଣସି ବିଷୟରେ ପଚାରୁ ନାହାନ୍ତି କି ଆୟୋଜିତ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣପତ୍ରଟିଏ ବି ଦେଉନାହିଁ । ସରକାରୀ ଭାବେ ଜଣକୁ ଛାଡ଼ି ଯଦି ଆଉ କାହାର କିଛି ଭୂମିକା ନାହିଁ, ସେହିଭଳି ବ୍ୟକ୍ତିବିଶେଷ ଯାହାଙ୍କ ନାମ ସରକାରୀ ନଥିରେ ସରକାରୀ ଅଧିକାରୀଙ୍କ ସ୍ୱାକ୍ଷର ଅନୁମୋଦନ କ୍ରମେ ଲିପିବଦ୍ଧ ହୋଇଛି ସେମାନଙ୍କୁ ସରକାରୀ ଭାବେ ଦାୟିତ୍ୱମୁକ୍ତ କରାଗଲା ବୋଲି ପତ୍ର ଦିଆଯାଉ ନାହିଁ କାହିଁକି । ରାଜ୍ୟ ସଂସ୍କୃତି ସଚିବ ଏ ସବୁ ବିଷୟରେ ଅନୁସନ୍ଧାନ କରି ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଦାବି ହେଉଛି । ନିଜ ପଦବୀର ଉପଯୋଗ କରି ଏବେ କିଛି ବ୍ୟକ୍ତି ଢେଙ୍କାନାଳକୁ ସିଦ୍ଧ ଶ୍ରୀକ୍ଷେତ୍ର ନାମରେ ନାମିତ କରୁଛନ୍ତି । କିନ୍ତୁ ଢେଙ୍କାନାଳର ପରମାରାଧ୍ୟ ଦେବତା ହେଉଛନ୍ତି ଦ୍ୱାପରଯୁଗାବତାର ଶ୍ରୀ ସିଦ୍ଧ ବଳରାମ, ଯାହାଙ୍କ ଆବିର୍ଭାବ ଓ ପୂଜନ ଢେଙ୍କାନାଳର ପ୍ରତିଷ୍ଠାତା ରାଜା ହରି ସିଂହ ବିଦ୍ୟାଧରଙ୍କ ସମୟରୁ ଏ ଯାବତ ୪୪୫ ବର୍ଷ ଧରି ଚାଲି ଆସିଛି । ଏହା ପୂର୍ବରୁ ଶ୍ରୀ ସିଦ୍ଧବଳରାମ ପ୍ରାଚୀନ ଭୀମନଗ୍ରୀ ଗଡ଼ରୁ ଦ୍ୱାଦଶ ଶତାବ୍ଦୀରେ ଗଜପତିଙ୍କ ଯୁବରାଜ ଅନଙ୍ଗ ଭୀମଦେବଙ୍କ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇ ପୁରୀ ନିଆଯାଉଥିବା ଅବସରରେ ପ୍ରଭୁଙ୍କ ସ୍ୱପ୍ନାଦେଶ ମତେ ଏହି ବିଗ୍ରହଙ୍କୁ ହିନ୍ଦୋଳ ରାଜ୍ୟର ଚିତ୍ତଳପୁର ଗ୍ରାମରେ ଦଶଖମ୍ବ ମଣ୍ଡପ ତୋଳାଯାଇ ସେଠାରେ ବିଜେ କରାଯାଇଥିଲା । ଷୋଡ଼ଶ ଶତାବ୍ଦୀରେ କଳାପାହାଡ଼ ଆକ୍ରମଣରୁ ଏହି ବିଗ୍ରହଙ୍କୁ ରକ୍ଷା କରିବା ପାଇଁ ବର୍ତ୍ତମାନର ଓଡାପଡ଼ା ବ୍ଲକ୍ ଅନ୍ତର୍ଗତ ଡେଙ୍ଗବୋରେଇ ଗ୍ରାମର ଠାକୁରା ପୋଖରୀ ହୁଡ଼ାରେ ପାତାଳି କରିଦିଆଯାଇଥିଲା । ପରବର୍ତ୍ତୀ ସମୟରେ ବେଣାଳିଆ ଗଡ଼ର ରାଜା ଶ୍ରୀଧର ଭଞ୍ଜଙ୍କ ରାଜତ୍ୱରେ ଜଣେ ଶବର ପୋଖରୀ ହୁଡ଼ାରେ ଟୁଙ୍ଗା ବା ମାଟିଆଳୁ ଖୋଳିବାକୁ ଯାଇ ପ୍ରଭୁଙ୍କ ସନ୍ଧାନ ପାଇ ରାଜାଙ୍କୁ ଜଣାଇଥିଲେ । ଏହା ବଳରାମ ବୋଲି ଢେଙ୍କାନାଳ ଇତିହାସରେ ଉଲ୍ଲେଖ ରହିଛି । ସେ ସମୟରେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଆଜିର ଢେଙ୍କାନାଳ ଜିଲ୍ଲା ବା ତତ୍କାଳୀନ ଝାଡ଼ଖଣ୍ଡ ମୁଲକରେ ଆରମ୍ଭ ହୋଇ ନ ଥିଲା । ତାଳବନ ଅଧ୍ୟୁଷିତ ଝାଡ଼ଖଣ୍ଡ ମୁଲକ ଛାଡ଼ି ପୁରୀ ଯିବାକୁ ମହାପ୍ରଭୁ ଶ୍ରୀ ବଳରାମ ରାଜି ନ ହୋଇ ଅନଙ୍ଗ ଭୀମଦେବଙ୍କୁ ସ୍ୱପ୍ନାଦେଶ କରିଥିଲେ । ଏଣୁ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ଢେଙ୍କାନାଳକୁ ସିଦ୍ଧ ଶ୍ରୀକ୍ଷେତ୍ର ବୋଲି ଚିତ୍ରଣ କରିବା କେବଳ ନିଜ ଅହମିକାର ହିଁ ପରିଚୟ ବୋଲି ତଥ୍ୟାଭିଜ୍ଞ ମହଲର ମତ । ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସମ୍ପାଦକ ଅଶୋକ କୁମାର ନନ୍ଦ, ଉପସଭାପତି ଅଖିଳ ମହାପାତ୍ର, ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦର ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, କ୍ଷେତ୍ରବାସୀ ସାହୁ, ଶିବପ୍ରସାଦ କର, ପ୍ରଦୀପ କୁମାର ଧଳ ଓ ଭୁବନର ଇତିହାସକାର ପଣ୍ଡିତ ପ୍ରମୋଦ ମିଶ୍ର ପ୍ରମୁଖ ଜିଲ୍ଲା ସଂସ୍କୃତି ପରିଷଦର ତୁରନ୍ତ ପୁନର୍ଗଠନ ସହ ଢେଙ୍କାନାଳ ଇତିହାସକୁ ବିକୃତ କରା ନ ଯାଉ ବୋଲି ଦାବି କରିଛନ୍ତି । ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଥିବା ତତ୍କାଳୀନ ଜିଲ୍ଲାପାଳ ତାଙ୍କ ପତ୍ର ସଂଖ୍ୟା ୩୫୨, ତା୨୭.୦୯.୨୦୧୮ରେ ବ୍ଲକ କଳା ସଂସ୍କୃତି ସଂଘର ପୁନର୍ଗଠନ ସମ୍ବନ୍ଧେ ୨୦୧୧ର ଅଧିନିୟମ ଆଧାରରେ କାର୍ଯ୍ୟ କରିବାକୁ ସମସ୍ତ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତାଙ୍କ ବଦଳି ହେବା ପରେ ଏହି ନିର୍ଦ୍ଦେଶନାମା ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ଚାପରେ କାର୍ଯ୍ୟକାରୀ କରାଯାଇ ନ ଥିଲା ବୋଲି କୁହାଯାଏ । ବର୍ତ୍ତମାନର ଜିଲ୍ଲାପାଳ ଏ ସମସ୍ତ ବିଷୟରେ ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲାର କଳାପ୍ରେମୀ ଜନସାଧାରଣ ଆଶାପ୍ରକଟ କରିଛନ୍ତି ।

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ କପିଳାସରେ ଭକ୍ତଙ୍କ ଭିଡ଼



**ଗଁଦିଆ, ୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆସ୍ଥିତ ପବିତ୍ର ଶୈବ୍ୟପୀଠ କପିଳାସ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କଜୀଉଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପଞ୍ଚୁକର ଶେଷଦିନ ଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ମହିଳାଙ୍କଠାରୁ ଆରମ୍ଭ କରି ପୁରୁଷ ତଥା ଯୁବକ ଯୁବତୀମାନେ ଡଙ୍ଗାଭସା କାର୍ଯ୍ୟ ସମାପନ କରି ପ୍ରାତଃ ସମୟରୁ ବାବାଙ୍କ ଦର୍ଶନ ନିମନ୍ତେ ଛୁଟି ଆସିଥିଲେ । ଠାକୁରଙ୍କ ପ୍ରାତଃ ନୀତି ସମ୍ପନ୍ନ ପରେ ସକାଳ ସାଢ଼େ ୬ଟାରେ ମନ୍ଦିର ମୁଖ୍ୟଦ୍ୱାର ଭକ୍ତଙ୍କ ନିମନ୍ତେ ଖୋଲାଯାଇଥିଲା । ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ଲମ୍ବା ଧାଡ଼ିରେ ଠିଆହୋଇ ବାବାଙ୍କ ଦର୍ଶନ କରିଥିଲେ । ଛୁଟିଦିନ ଥିବାରୁ ପାଖରେ ଥିବା ମୃଗବିହାର, ବିଜ୍ଞାନ ପାର୍କରେ ମଧ୍ୟ ଅହେତୁକ ଭିଡ଼ ଲାଗିଥିଲା । ସେହିପରି ଗଁଦିଆ ବ୍ଲକର ଅନ୍ନକୋଟେଶ୍ୱର, ବାବା ଦୌଡ଼େଶ୍ୱର, ସ୍ୱପ୍ନେଶ୍ୱର ଆଦି ମନ୍ଦିରରେ ମଧ୍ୟ ସକାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

